



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-246 ◆TUESDAY ◆03 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୪୬ ◆ମଙ୍ଗଳବାର ◆୦୩ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**'ସକାଳ'ର ଛୁଟି**

ପବିତ୍ର ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ମାର୍ଚ୍ଚ ୩ ଓ ୪ ତାରିଖ ଛୁଟି ରହୁଥିବାରୁ 'ସକାଳ'ର ମାର୍ଚ୍ଚ ୪ ଓ ୫ ତାରିଖ ସଂସ୍କରଣ ବନ୍ଦ ରହିବ । ପରବର୍ତ୍ତୀ ସଂସ୍କରଣ ୬ ତାରିଖ (ଶୁକ୍ରବାର) ପ୍ରକାଶ ପାଇବ ।

- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ


# ଭୟଙ୍କର ଯୁଦ୍ଧ

## ୧୭ ଦେଶ ଉପରେ ଇରାନର ଆକ୍ରମଣ ■ ଥରୁଛି ଦୁବାଇ, ଦୋହା, ଆବୁଧାବୀ



### ଆୟାତୁଲ୍ଲା ଅଲିରେଜା ମୃତ!

ନୂଆଦିଲ୍ଲୀ, ୨।୩(ଏଜେନ୍ସି): ଇରାନ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ପରେ ତାଙ୍କ ସ୍ଥାନ ନେଇଥିବା ଅନ୍ତରୀଣ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲିରେଜା ଆରାଫିଙ୍କୁ ନେଇ ସସ୍ପେନ୍ସ ଜାରି ରହିଛି । ଆମେରିକା-ଇସ୍ରାଏଲ ଏୟାର ଷ୍ଟ୍ରାଇକ୍‌ରେ ସେ ପ୍ରାଣ ହରାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି । ତେବେ ଏହି ଖବରକୁ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟୀକରଣ ମିଳିନାହିଁ ।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସାକ୍ଷାତକାରରେ କହିଛନ୍ତି ଯେ, ଶନିବାର ହୋଇଥିବା ଆକ୍ରମଣ ଏତେ ସଫଳ ଥିଲା ଯେ ଏଥିରେ ଇରାନର ସର୍ବୋଚ୍ଚ ନେତା ହେବାକୁ ଥିବା ପ୍ରାୟ ସମସ୍ତ ସମ୍ଭାବ୍ୟ ପ୍ରାର୍ଥୀ ପ୍ରାଣ ହରାଇଛନ୍ତି । ଆମେ ଯେଉଁମାନଙ୍କ କଥା ଭାବୁଥିଲୁ, ସେମାନେ ▶ପୃଷ୍ଠା-୭

■ ତେହରାନ, ୨।୩ (ଏଜେନ୍ସି): ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ତୃତୀୟ ଦିନରେ ଆହୁରି ଭୟଙ୍କର ରୂପ ଧାରଣ କରିଛି । ଇରାନ ରକ୍ତମୁଖା ହୋଇ ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟ ଉପରେ ଆକ୍ରମଣ ଚଳାଇଛି । ଏହି ଆକ୍ରମଣରେ ଇରାନକୁ ଆତଙ୍କବାଦୀ ଗୋଷ୍ଠୀ ମଧ୍ୟ ସମର୍ଥନ ଦେଇଛନ୍ତି । ଏହା ଯୁଦ୍ଧର ପରିସରକୁ ବଢ଼ାଇ ଦେଇଛି । କୁଏତ ଘାଟୀରୁ ଉଡ଼ାଣ ଆରମ୍ଭ କରୁଥିବା ଆମେରିକାର ଅନେକ ଯୁଦ୍ଧ ବିମାନକୁ ଇରାନ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରି ଧ୍ୱଂସ କରିଦେଇଛି । ପରେ ସାଉଦି ଆରବର ତୈଳ ଠିକଣାରେ ଆକ୍ରମଣ କରିଛି । ଏହି ଆକ୍ରମଣରେ ସାଉଦିର ତନୁରା ରିଫାଇନାରିକୁ ନିଶାଣ କରାଯାଇଛି । ଏଠାରୁ ହିଁ ଆରାମକୋ କମ୍ପାନୀ ପରିଚାଳିତ ହୋଇଥାଏ । ଏହି ଆକ୍ରମଣ ବିଶ୍ୱର ତୈଳ ବଜାରକୁ ଅସ୍ଥିର କରିଦେଇଛି । ତୁର୍କୀ, କାତାର ଭଳି ଦେଶରେ ଥିବା ଆମେରିକା ଠିକଣାକୁ ମଧ୍ୟ ଇରାନ ଛାଡ଼ି ନାହିଁ । ସବୁ ଦେଶ ଉପରେ ଡ୍ରୋନ/କ୍ଷେପଣାସ୍ତ୍ର ମାଡ଼ କରି ଭୟଙ୍କର ସ୍ଥିତି ସୃଷ୍ଟି କରିଛି । ଆଜି ମୋଟ ୧୭ ଦେଶ ଏବଂ ଠିକଣାରେ ଇରାନ ଆକ୍ରମଣ କରିଛି । ଆକ୍ରମଣରେ ଅବୁଧାବି, ଦୋହା, ଦୁବାଇ ଥରହର । ସେହିପରି ଇରାନ ସମର୍ଥିତ ଆତଙ୍କବାଦୀ ଗୋଷ୍ଠୀ ହିଜବୁଲ୍ଲା ଇସ୍ରାଏଲରେ ଆକ୍ରମଣ କରି ଆତଙ୍କ ସୃଷ୍ଟି କରିଛି । ପାକିସ୍ତାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଥିବା ଇରାନ ଆଜି ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ ତେଲ ଆଭିଭ ଅଫିସ ଉପରେ ଭୀଷଣ ଆକ୍ରମଣ କରିଛି । ଏହାର ଜବାବ ଦେଇ ଇସ୍ରାଏଲ ବେରୁଟର ସଦର୍ଣ୍ଣ ସୁବୁର୍ବ୍ସ ଏବଂ ଦକ୍ଷିଣ ଲେବାନନରେ ବୋମା ମାଡ଼ କରିଛି । ଏଥିରେ ହିଜବୁଲ୍ଲାର ଗୁଇନ୍ଦା ମୁଖ୍ୟଙ୍କ ସମେତ ୩୧ ଜଣ ପ୍ରାଣ ହରାଇଛନ୍ତି । ଯୁଦ୍ଧର ▶ପୃଷ୍ଠା-୭

- ■ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ଅଫିସ ଉପରେ କ୍ଷେପଣାସ୍ତ୍ର ମାଡ଼
- ■ ସାଉଦିର ତନୁରା ତୈଳ ବିଶୋଧନାଗାରକୁ ନିଶାଣ
- ■ ଇରାନରେ ୩ ହଜାର ବୋମା ମାଡ଼; ୫୫୫ ମୃତ, ୭୦୦ ଆହତ

## ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ଅନୁରୋଧ କଲେ ନବୀନ


# ଓଡ଼ିଆଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ପଦକ୍ଷେପ ନିଅନ୍ତୁ

■ ଭୁବନେଶ୍ୱର,୨।୩(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବ୍ୟାପକ ହେଉଥିବା ବେଳେ ବିଭିନ୍ନ ଦେଶରେ ବହୁ ସଂଖ୍ୟାରେ ଓଡ଼ିଆ ଫସି ରହିଛନ୍ତି । ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଯୁଦ୍ଧ କ୍ଷେତ୍ର ଅଞ୍ଚଳରେ ଫସି ରହିଥିବା ଓଡ଼ିଆଙ୍କ ତୁରନ୍ତ ଉଦ୍ଧାର ସହ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ନବୀନ କେନ୍ଦ୍ର ସରକାର ତଥା ବୈଦେଶିକ



ବ୍ୟାପାର ମନ୍ତ୍ରୀ ଡ. ଏସ୍ ଜୟଶଙ୍କରଙ୍କୁ ଅନୁରୋଧ କରିଛନ୍ତି ।

ସାମାଜିକ ଗଣମାଧ୍ୟମ ଏକ୍ସରେ କରି ନବୀନ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ କ୍ରମାଗତ ଭାବେ ବଢ଼ୁଥିବା ସଂଘର୍ଷ ଯୋଗୁଁ ଓଡ଼ିଶାର ଅନେକ ନାଗରିକ ବର୍ତ୍ତମାନ ସେଠାରେ ଅଟକି ରହିଛନ୍ତି । ଏଥିରେ ପ୍ରବାସୀ ଶ୍ରମିକ, ବୃତ୍ତିଜୀବୀ, ଛାତ୍ରଛାତ୍ରୀ ଏବଂ ପର୍ଯ୍ୟଟକମାନେ ଅନ୍ତର୍ଭୁକ୍ତ । ବିମାନ ଯାତାୟତରେ ବ୍ୟାପକ ବ୍ୟାଘାତ ସୃଷ୍ଟି ▶ପୃଷ୍ଠା-୭


सत्यमेव जयते



**ପବିତ୍ର ହୋଲି ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/25-26/0005

15001/5/2526

ଓଡ଼ିଶା ଶାସନ

**ହୋଲି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**



ରଙ୍ଗ ଓ ଆନନ୍ଦର ଉତ୍ସବ ହୋଲି ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ ଏବଂ ଭାଇଚାରା ଓ ସାମାଜିକ ସଦ୍‌ଭାବକୁ ଆହୁରି ସୁଦୃଢ଼ କରୁ, ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ମହିଳାଙ୍କୁ ଜେଏସ୍‌ଡବ୍ଲ୍ୟୁ ଦେଇଛି ସ୍ୱତନ୍ତ୍ର ପରିଚୟ

ପାରାଦୀପ,୨।୩(ସମିସ)



ପାରାଦୀପରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲର ବିକାଶ ମୂଳକ ପଦକ୍ଷେପ ପ୍ରକଳ୍ପ ସ୍ଥାପନ ପୂର୍ବରୁ ବିଭିନ୍ନ ଯୋଜନାରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। ମହିଳାଙ୍କୁ ଆତ୍ମ ନିର୍ଭରଶୀଳତା ଠାରୁ ଆରମ୍ଭ କରି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଆଲୋକୀକରଣ କ୍ଷେତ୍ରରେ ସାର୍ବଜନୀନ ସ୍ଥାନରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ କମ୍ପାନୀ ପହଞ୍ଚି ପାରିଛି। ସ୍ଥାନୀୟ ଅଞ୍ଚଳରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ପରିଚୟ ସ୍ୱତନ୍ତ୍ର। ମହିଳାମାନଙ୍କୁ ଜେଏସଡବ୍ଲ୍ୟୁ ସ୍ୱତନ୍ତ୍ର ପରିଚୟ ଦେଇଛି।

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ୨୪୬ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ଛତୁ ଚାଷରେ ୯୮,୪୦୦ ବେଡ୍ ତିଆରି କରିଛନ୍ତି। ସେମାନେ ମାସକୁ ୫ ହଜାର ଟଙ୍କା ଲେଖାଏଁ ରୋଜଗାର କରି ପାରୁଛନ୍ତି। ଜୀବିକା ନିର୍ବାହ ପାଇଁ ୧,୯୦୯ ଜଣ ଚାଷୀଙ୍କୁ ଦକ୍ଷତା ପ୍ରଦାନ କରାଯାଇଛି। ଯାହାଦ୍ୱାରା କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ଆଗକୁ ବଢିଛନ୍ତି। ଧୂପକାଠି, କୁକୁଡ଼ା ପାଳନ, ଛତୁ ଚାଷରେ ନିୟୋଜିତ ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକ ବିଶେଷ ଭାବେ ଲାଭବାନ ହୋଇପାରିଛନ୍ତି। ସେହିପରି ୬୧୨ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା କୁକୁଡ଼ା ଚାଷ କରୁଛନ୍ତି। ସେମାନଙ୍କର ଆଭେରେଜ ମାସିକ ଆୟ ୩,୫୦୦ ଟଙ୍କାରେ ପହଞ୍ଚିଛି। ବିରି ବଡ଼ି ତିଆରି ପାଇଁ ୪୩ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ପ୍ରତି ମାସରେ ୩ ଶହ କିଗ୍ରା ବଡ଼ି ତିଆରି କରୁଛନ୍ତି। ପ୍ରତି ମାସରେ ୧୫ ଶହ ଟଙ୍କା ଆୟ କରୁଛନ୍ତି। ମାଆ ଶାରଳା ସ୍ୱୟଂ ସହାୟିକା ଗୋଷ୍ଠୀର ୮ ଜଣ ସଦସ୍ୟା ବ୍ୟାଗ ତିଆରି କରି ପ୍ରତି ମାସରେ ୧୫ ଶହ ଟଙ୍କା ରୋଜଗାର କରୁଛନ୍ତି। ସମ୍ଭାବନା ପିଜିର ୧୦ ଜଣ ସଦସ୍ୟା ପ୍ରତି ମାସରେ ୨୫୦ କିଗ୍ରା ମସଲା ତିଆରି କରୁଛନ୍ତି। ପ୍ରତି ମାସରେ ପ୍ରତ୍ୟେକ ସଦସ୍ୟା ୧୫ ଶହ ଟଙ୍କା ରୋଜଗାର କରୁଛନ୍ତି। ସେହିପରି ମାଆ ଅନ୍ନପୂର୍ଣ୍ଣା ପିଜିର ୧୪ ଜଣ ସଦସ୍ୟା ଝୋଟ ବ୍ୟାଗ ତିଆରି କରି ପ୍ରତି ମାସରେ ୨,୫୦୦ ଟଙ୍କା ଲେଖାଏଁ ରୋଜଗାର କରି ପାରୁଛନ୍ତି। ଧୂପକାଠି ଟିଆରି କରି ୪୫ଟିର ସ୍ୱୟଂସହାୟିକା ଗୋଷ୍ଠୀର ମହିଳା ମାନେ ମାସକୁ ସର୍ବନିମ୍ନ ୧,୭୫୦ ଟଙ୍କା ଲେଖାଏଁ ରୋଜଗାର କରୁଛନ୍ତି। ସେହିପରି ନୋଳିଆ ସାହିରେ ଶୁଖୁଆ ଶୁଖାଇବା ପାଇଁ ମା' ଚର୍ଚ୍ଚିକା ପିଜିର ୨୦ ଜଣ ମହିଳା ମାନଙ୍କୁ ୨ଟି ଉଚ୍ଚ କ୍ଷମତା ସମ୍ପନ୍ନ ଶୌର ଶକ୍ତି ଚାଳିତ ମାଛ ଶୁଖାଇବା ଯନ୍ତ୍ର ପ୍ରଦାନ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା। ଏହି ମାଛ ଶୁଖାଇବା ଯନ୍ତ୍ର ସାହାଯ୍ୟରେ ୩ ଘଣ୍ଟାକୁ ୨୦ କିଗ୍ରା ଶୁଖୁଆ ଉତ୍ପାଦନ ହୋଇପାରୁଛି। ବିଶେଷ କରି ବର୍ଷା ଦିନ ମାନଙ୍କରେ ଏମାନଙ୍କ ପାଇଁ ଏହି ମେସିନ ବରଦାନ ପାଲଟିଛି। ଯାହାଦ୍ୱାରା ଉନ୍ନତ ମାନର ଶୁଖୁଆ ଉତ୍ପାଦନ ହୋଇ ପାରୁଛି। ମୋଟାମୋଟି ଭାବରେ ୩,୦୪୩ଟି ଘର ପରିବାରଙ୍କ ଅତିରିକ୍ତ ଆୟ ବୃଦ୍ଧି ପାଇଛି। ଏ ନେଇ ନୂଆଗାଁର ସୁବାସିତ ପ୍ରଦ୍ୟୁମ୍ନସର ଗ୍ରୁପର ସଭ୍ୟା ଶର୍ମିଷ୍ଠା ଜେନା କହିଛନ୍ତି ପୂର୍ବରୁ ଧୂପକାଠି ତିଆରି କରୁଥିଲୁ। କିନ୍ତୁ ଆଗକୁ ଯାଇ ପାରୁ ନ ଥିଲୁ। ଜେଏସ୍‌ବ୍ଲ୍ୟୁ ପକ୍ଷରୁ ସାହାଯ୍ୟ ସହଯୋଗ ମିଳିବା ପରେ ଏବେ ଆମ ଗ୍ରୁପର ୩୦ ଜଣ ସଦସ୍ୟା ଧୂପକାଠି ତିଆରି କରି ପରିବାର ପ୍ରତିପୋଷଣ କରିପାରୁଛୁ। ସେହିପରି ମିନାକ୍ଷୀ ଦାସ କହିଛନ୍ତି କମ୍ପାନୀ ନିର୍ମାଣରେ ଆମର ୨ଟି ପାନ ବରଜ ପଳେଇ ଯାଇଛି। ପାନ ଚାଲିଯିବା ପରେ ଆମେ ଜୀବିକା ହରାଇ ବସିଥିଲୁ। ସେହି ସମୟରେ ଜେଏସଡବ୍ଲ୍ୟୁ ଉତ୍କଳ ପକ୍ଷରୁ ସହଯୋଗର ହାତ ବଢାଇଲେ। ଆମେ ଏକାଠି ହୋଇ ଛତୁ ଚାଷ କରିବା ପାଇଁ ନିଷ୍ପତ୍ତି କଲୁ। ଜେଏସଡବ୍ଲ୍ୟୁ ପକ୍ଷରୁ ମ୍ୟାଟେରିଆଲ ଯୋଗାଇ ଦିଆଗଲା। ୨ ଶହ ବେଡ ତିଆରି କରି ଛତୁଚାଷ କରି ପରିବାର ପ୍ରତିପୋଷଣ କରିପାରୁଛୁ। ଆଗକୁ ଆହୁରି ଅଧିକ ପରିମାଣରେ ଛତୁ ଚାଷ କରିବୁ ବୋଲି ଶର୍ମିଷ୍ଠା ଦାସ କହିଛନ୍ତି। ଗୋବିନ୍ଦପୁର ଅନ୍ନପୂର୍ଣ୍ଣା ପିଜିର ସଭ୍ୟା ସନ୍ଧ୍ୟାରାଣୀ ଦଳାଇ କହିଛନ୍ତି ଝୋଟରୁ ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରି ପ୍ରତି ମାସରେ ମୁଣ୍ଡପିଛା ହାରାହାରି ୧,୫୦୦ ଟଙ୍କା ଆୟ କରୁଛୁ। ଜଗନ୍ନାଥ ସ୍ୱୟଂ ସହାୟିକା ଗୋଷ୍ଠୀର ଅନିତା ନାୟକଙ୍କ ନେତୃତ୍ୱରେ ଛତୁ ଚାଷକୁ ଏକ ସ୍ଥାୟୀ ଆୟ ଭାବରେ ଗ୍ରହଣ କରି ୨ ଶହ ଶଯ୍ୟା ବିଶିଷ୍ଟ ଛତୁ ଚାଷକୁ ଏକ କ୍ଷୁଦ୍ର ଉଦ୍ୟୋଗରେ ପରିଣତ କରି ସ୍ୱାବଲମ୍ବୀ ହୋଇଥିବା କହିଛନ୍ତି। ପୋଲାଙ୍ଗରେ କୃଷ୍ଣ ସ୍ୱୟଂ ସହାୟିକା ଗୋଷ୍ଠୀ ଏକ ବୃହତ ସ୍ତରରେ କୁକୁଡ଼ା ଚାଷ କରି ଯଥେଷ୍ଟ ଲାଭ କରିବା ସହ ଗ୍ରାମୀଣ ଅର୍ଥନୀତିକୁ ବୃଦ୍ଧି କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିବା କହିଛନ୍ତି।

## କୁଜଙ୍ଗରେ ସାମାଜିକ ସଦ୍‌ଭାବନ କାର୍ଯ୍ୟକ୍ରମ

କୁଜଙ୍ଗ,୨।୩(ସମିସ): କୁଜଙ୍ଗ ବ୍ଲକସ୍ତରୀୟ ସାମାଜିକ ସଦ୍‌ଭାବନା କାର୍ଯ୍ୟକ୍ରମ ଓ ସାମାଜିକ ନେତୃତ୍ୱ ସମ୍ମିଳନୀ ସ୍ଥାନୀୟ ବିଦ୍ୟୁଲତା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ସଂସ୍କୃତ ଭାରତୀର ପୂର୍ବକ୍ଷେତ୍ର ମନ୍ତ୍ରୀ ନୃସିଂହ ପ୍ରସାଦ ପଣ୍ଡା ଯୋଗ ଦେଇଥବଲେ। ଜିଲ୍ଲା ପ୍ରଚାର ପ୍ରମୁଖ ତାପସ କୁମାର ଦାଶ ସ୍ୱାଗତ ଭାଷଣ ଓ ସାମୂହିକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ବିଭୂତି ଭୂଷଣ ଦାସ ପୌରୋହିତ୍ୟରେ କୈବର୍ତ୍ତ ନେତା ବଂଶୀଧର ଦାସ, ଯାଦବ ନେତା ଏଏନ୍‌ଡି ଯାଦବ, ଅଲେଖ ପଲାଇ, ସରୋଜ ସେଠୀ, ପାଇକ ଗୁରୁ ଗୋଲଖ ଜୟସିଂହ, ଡା ଗଙ୍ଗାଧର ସାମନ୍ତରାୟ, ଡ. ରଘୁ ସାହୁ, ତୈଳକ ସମାଜ ନେତା ଶିବ କୁମାର ସାହୁ, ମାଦକ ଦ୍ରବ୍ୟ ବିରୋଧୀ ସଂଗଠନ ପ୍ରମୁଖ ଆଇନଜୀବୀ ଗତିକୃଷ ଶତପଥୀ, ବାବାଜୀ ମହାପାତ୍ର, ଶ୍ରୀନିବାସ ମହାନ୍ତି, ସରୋଜ କୁମାର ବେହେରା ପ୍ରମୁଖ ସାମାଜିକ ନେତୃତ୍ୱ ଓ ସଦ୍‌ଭାବନା କାର୍ଯ୍ୟକ୍ରମରେ ନିଜର ମତ ବ୍ୟକ୍ତ କରିଥିଲେ। ସହ ଖଣ୍ଡ କାର୍ଯ୍ୟବାହା ପ୍ରତ୍ୟୁଷ ମହାନ୍ତି ଡ଼ନ୍ୟବାଦ ପ୍ରଦାନ କରିଥିଲେ। ରମାକାନ୍ତ ସାହୁ, ବିଚିତ୍ରାନନ୍ଦ ସୁତାର, ନୃସିଂହ ଚରଣ ଦାସ, କରୁଣାକର ସାହୁ, ଟିକନ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ଶ୍ରୀମା ଉପ୍ରା ବିଦ୍ୟାଳୟରେ କ୍ଲଷ୍ଟର ବୈଠକ

ମହାକାଳପଡ଼ା,୨।୩(ସମିସ): ମହାକାଳପଡ଼ା ବ୍ଲକ୍ ଗଡରୋମିତ ପଞ୍ଚାୟତ ଅନ୍ତର୍ଗତ ଛନ୍ଦା-ପୁରୁଷୋତ୍ତମପୁରର ଶ୍ରୀମା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ମାସିକ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ ସିଆରସିସି ଶୁଭକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ଶିକ୍ଷା ନୀତି ଆଧାରରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ୍ ଫେଲ୍ ବ୍ୟବସ୍ଥା, ପ୍ରତିକାରାତ୍ମକ ଶିକ୍ଷା, ନିପୁଣ ଓଡିଶା, ଯାଦୁ ପେଡିର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ସହକାରୀ ଶିକ୍ଷକ ସର୍ବେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲାବେଳେ ଭଗବାନ ବେହେରା, ସୁଶାନ୍ତ ମଳୟ ଜେନା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ମଙ୍ଗତ ମାଝୀ, ଆଭାରାଣୀ ସ୍ୱାଇଁ, ମିନତୀ ମଳିକ, ସଲୀଳା ଦାଶ, ନିମାଇଁ ରାଉତ, ପ୍ରଦୀପ୍ତ ମହାପାତ୍ର ଉପସ୍ଥିତ ଥିଲେ।

## ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ରାଜନଗର, ୨।୩(ସମିସ): ଘଡ଼ିଆମାଳସ୍ଥ ସିଦ୍ଧେଶ୍ୱର ଉଚ୍ଚବିଦ୍ୟାଳୟ ୨୦୦୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଞ୍ଜୟ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀ ଶିକ୍ଷକଙ୍କୁ ପୂଜା କରି ଆଶୀର୍ବାଦ ନେଇଥିଲେ। ଏ ଅବସରରେ ବିଦ୍ୟାଳୟ ପରିସର ସଫେଇ କରିବା ସହ ବୃକ୍ଷରୋପଣ କରାଯାଇଥିଲା। ରାମଚନ୍ଦ୍ର ବଳ, ବିରଞ୍ଚିନାରାୟଣ ଖଟୁଆ, ଅଞ୍ଜନ ସାହୁ, ପାର୍ଥସାରଥି ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିରେ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ।

## ପାଣିଓଳାରେ ଆଖଣ୍ଡଳମଣି ମେଳା

ଡେରାବିଶ, ୨।୩(ସମିସ): ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପାଣିଓଳାଠାରେ ୩୬ତମ ଆଖଣ୍ଡଳମଣିଙ୍କ ମେଳା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ମଣିଙ୍କ ମେଳା ରୀତିନୀତି ଅନୁଯାୟୀ ପାଳନ କରାଯାଇଥିଲା। ଏ ଅବସରରେ ଏକ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବଚକ ମନୋଜ ପ୍ରଧାନ ଯୋଗଦେଇ ପ୍ରଭୁ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଅବଗତ କରିଥିଲେ। ଏଥିସହିତ ଭଜନସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଏହି ମେଳାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମର ଶ୍ରୋତା ଉପସ୍ଥିତ ଥିଲେ। ମେଳାର କର୍ତ୍ତା ଓ କର୍ତ୍ତୀ ଭାବେ ଲକ୍ଷ୍ମୀଧର ମଲିକ ଓ ପୂଜା ମଲିକ କାର୍ଯ୍ୟ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମକୁ ପୁରିଆ ମଲିକ, ରାଜୁ ମଲିକ, ଟୁକୁ ମଲିକ, ମଙ୍ଗୁ ମଲିକ, ବାଇନ ମଲିକ, ନାଣ୍ଟୁ ମଲିକ, ଶରତ ମଲିକ ପ୍ରମୁଖ ପରିଚାଳନା କରିଥିଲେ।

## ବାଲିଆ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ଡେରାବିଶ, ୨।୩(ସମିସ): କେନ୍ଦ୍ରାପଡ଼ା ଶିକ୍ଷା ସର୍କଲ ଅନ୍ତର୍ଗତ ବାଲିଆ ହାଇସ୍କୁଲ ୧୯୮୧ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ରାଜମଣି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜମଧର ପଞ୍ଚାୟତ ଅନ୍ତର୍ଗତ ସନ୍ଥରାମଦାସ ମଠ ପରିସରରେ ଅନୁଷ୍ଠିତ ବୈଠକରେ ରାଜକିଶୋର ଲେଙ୍କା, ଅମୀୟ ନାୟକ, ରାମନାରାୟଣ ତ୍ରିପାଠୀ, ସୁବାସ ନାୟକ, ଅଭୟ ନାୟକ, ଅରକ୍ଷିତ ସେଠୀ, ମନୋଜ ବାରିକ, କିଶୋର ସ୍ୱାଇଁ, ସଂଜୟ ମଲ୍ଲ, ଶ୍ରୀକାନ୍ତ ସାମଲ, ପ୍ରଦୀପ ସାହୁ, ଶ୍ରୀକାନ୍ତ ବାରିକ, ଜୟଦେବ ନାୟକ, ଲଳିତ ମୋହନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଗଙ୍ଗାଧର ସେଠୀ, ପ୍ରଭାକର ସ୍ୱାଇଁ, ଧନେଶ୍ୱର ସ୍ୱାଇଁ, ସମରେନ୍ଦ୍ର ମହାପାତ୍ର, ରାଜକିଶୋର ସାହୁ, ସନ୍ତୋଷ ମୁଦୁଲି, ପ୍ରଭାତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲିଆରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଡେରାବିଶ, ୨।୩(ସମିସ): ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟର ବରିଷ୍ଠ କିରାଣି ଦିଲ୍ଲୀପ କୁମାର ସାମଲଙ୍କୁ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆଠାରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ପୂର୍ବତନ ବରିଷ୍ଠ ସହାୟକ ରାଜକିଶୋର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମାନସ ମହାନ୍ତି ଯୋଗ ଦେଇଥିଲେ। ସଭାରେ ଧିରେନ୍ଦ୍ର ବେହେରା, ପ୍ରଭାକର ବେହେରା, ବ୍ରହ୍ମାନନ୍ଦ ସ୍ୱାଇଁ, ଗଣେଶ ରାଉତ, ନିରଞ୍ଜନ ସାହୁ, କିଶୋର ସାହୁ, ପ୍ରିୟରଞ୍ଜନ ବିଶ୍ୱାଳ, ସନ୍ଦୀପ ଲେଙ୍କା, ପ୍ରିୟଦର୍ଶିନୀ ବାରିକ ଓ ରଜତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ କିରାଣି ଶ୍ରୀ ସାମଲଙ୍କ କାର୍ଯ୍ୟଦକ୍ଷତା, ଲୋକପ୍ରିୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ତପନ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀ ସାମଲ ରତ୍ନାକର ହାଇସ୍କୁଲରୁ କିରାଣି ଭାବେ ଚାକିରି ଜୀବନ ଆରମ୍ଭ କରି ପରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ, ମହାକାଳପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରି ବରିଷ୍ଠ ସହାୟକ ଭାବେ ପଦୋନ୍ନତି ପାଇ ଶେଷରେ ଡେରାବିଶ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଅବସର ଗ୍ରହଣ କରିଛନ୍ତି।

## ତୁଳସୀ ଆଇଡିଆଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



ରାଜନଗର, ୨।୩(ସମିସ): ରାଜନଗର ବ୍ଲକ ଅନ୍ତର୍ଗତ ସାନବଡ଼ଗୋପାଳପୁର ପଞ୍ଚାୟତର ଗର୍ଜନପୁରସ୍ଥ ତୁଳସୀ ଆଇଡିଆଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦିବ୍ୟସିଂହ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ୩୦ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଆଦର୍ଶ ଜୀବନ ଗଠନ ଉପରେ ଆଲୋକପାତ କରିଥିଲେ। ବ୍ରଜବନ୍ଧୁ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ ରାଉତ, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଜଗନ୍ନାଥ ଦାସ ଯୋଗ ଦେଇଥିଲେ। ସ୍କୁଲର ମୁଖ୍ୟ ଉପଦେଷ୍ଟା ପ୍ରଭାକର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଅନୀତା ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ବିଦ୍ୟାଳୟର ୨୦୨୫-୨୬ ଶିକ୍ଷାବର୍ଷରେ ବୃତ୍ତି, ନବୋଦୟ, ଓଡିଶା ଆଦର୍ଶ ଓ ରତପଲ୍ଲି ପ୍ରବେଶିକା ପରୀକ୍ଷାରେ ସଫଳତା ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଆଲୋକ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ସଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ/ଶିକ୍ଷୟିତ୍ରୀ ସୋନାଲି ପରିଡା, ସୋନାଲି ଲେଙ୍କା, ପ୍ରଭାତୀ ବିଶ୍ୱାଳ, ସ୍ୱପ୍ନା ମହାନ୍ତି, ସ୍ୱପ୍ନାସୁଦ୍ଧା ରାଉତ, ବର୍ଷାରାଣୀ ଭୂୟାଁ, ଅର୍ଚ୍ଚନା ରାଉତ, ଅର୍ଚ୍ଚନା ଦାସ, ମୋନାଲି ଦାସ, ସବିତା ସାହୁ, ସଂଘମିତ୍ରା ପରିଡା, ଅର୍ଚ୍ଚନା ସ୍ୱାଇଁ, କାରୁବାକୀ ପ୍ରିୟଦର୍ଶିନୀ, ଶଶାଙ୍କ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ



ଡେରାବିଶ, ୨।୩(ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଭଣଗାଁ ସରକାରୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପରାଗ ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ବସନ୍ତା ସାମଲ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ମହାରଣା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜ୍ୟୋତିର୍ମୟୀ ତ୍ରିପାଠୀ ଓ ସାଗରିକା ରାଉତ ପରିଚାଳନା କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଡେରାବିଶ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ଡେରାବିଶ,୨।୩(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଉତ୍ସବରେ ଭାରପ୍ରାପ୍ତ ଅଧ୍ୟକ୍ଷ ନଗେନ୍ଦ୍ର ନାଥ ପାଣି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ପ୍ରଭାକର ସାମଲ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଚନ୍ଦ୍ରଶେଖର ନାୟକ, ସମ୍ମାନିତ ଅତିଥି ପ୍ରାଧ୍ୟାପିକା ଲୋକନାଥ ଗିରି, ପ୍ରାଧ୍ୟାପିକା ରେଖା ଦେବୀ ଓ କଲେଜ ପରିଚାଳନା କମିଟିର ପୂର୍ବତନ ସଭ୍ୟ ବ୍ରହ୍ମାନନ୍ଦ ମଲିକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ପାଠ୍ୟକ୍ରମ ସହ ଅଧ୍ୟାପକ ଅଧ୍ୟାପିକା ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦେବାର ଆବଶ୍ୟତା ନେଇ ମତବ୍ୟକ୍ତ କରିଥିଲେ। ଆଇକ୍ୟୁଏସି ସଂଯୋଜକ ବିଶ୍ୱଜିତ ସାହୁ ଓ ଅଧ୍ୟାପିକା ସୁଭାସିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟାପିକା ଡ. ପ୍ରଜ୍ଞା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ଗୁରୁଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ, ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ବ୍ରହ୍ମାକୁମାରୀଙ୍କ ପକ୍ଷରୁ ଶାନ୍ତି ଶୋଭାଯାତ୍ରା

ଡେରାବିଶ, ୨।୩(ସମିସ): ଚାନ୍ଦୋଳସ୍ଥ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ତତ୍ତ୍ୱାବଧାରିକା ରାଜଯୋଗିନୀ ବିକେ ପିଙ୍କି ଶାନ୍ତିଯାତ୍ରାକୁ ଉଦ୍‌ଘାଟନ କରି କଳିଯୁଗର ଅନ୍ତ ସମୟରେ ଦୁଃଖ ଓ ଅଶାନ୍ତିର ବାତାବରଣକୁ ହଟାଇ ମାନବ ସମାଜ କିପରି ସୁଖଶାନ୍ତିପ୍ରାପ୍ତ କରିପାରିବ ଓ ପରମପିତା ପରମାତ୍ମା ଶିବ ଜ୍ୟୋତିର୍ବିନ୍ଦୁଙ୍କୁ ହିଁ ଆଲୋକ ପଥ ଦେଖାଇପାରିବ ବୋଲି କହିଥିଲେ। ଏହି ଶାନ୍ତିଯାତ୍ରାରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଆଶ୍ରମର ବ୍ରହ୍ମାକୁମାରୀମାନେ ପରିଚାଳନା କରିଥିଲେ।

## ସୁସଜ୍ଜିତ ଦୋଳ ବିମାନରେ ରାଧାକୃଷ୍ଣଙ୍କୁ ଦର୍ଶନ

ତିର୍ତ୍ତୋଲ,୨।୩(ସମିସ): ପବିତ୍ର ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥିରେ ତିନି ଦୋଳ ବିଭିନ୍ନ ପୀଠ ରୁ ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସୁସଜ୍ଜିତ ଦୋଳ ବିମାନ ରେ ବସି ତେନ୍ତୁଳିପଦା ଗ୍ରାମର ଭକ୍ତ ମାନଙ୍କ ଘର ଘର ପୂଜାର୍ଚ୍ଚନା ଓ ଭୋଗ ସହ ଭକ୍ତ ମାନଙ୍କୁ ଦର୍ଶନ ଦେଉଛନ୍ତି କ୍ଷ କନକପୁର ଗୋବିନ୍ଦ ଜୀଉ, ତେନ୍ତୁଳିପଦାର ଗୋପୀ ନାଥ ଜୀଉ, ମା' ବିଲ ଶାରଳାଙ୍କ ବିଜେ ପ୍ରତିମା ବିଭିନ୍ନ ଗ୍ରାମକୁ ପାଞ୍ଚ ଦିନ ଦୋଳ ବିମାନ ରେ ଭକ୍ତ ମାନଙ୍କୁ ଦର୍ଶନ ଦେବେ। ଆଜି ତ୍ରୟୋଦଶୀ ତିଥିରୁ ଦୋଳ ପୂର୍ଣ୍ଣିମା ଯମୁନା ସ୍ନାନ ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ କରାଯିବାର ବିଧି ରହିଛି। ଆଜିର ପବିତ୍ର ଫଗୁ ତ୍ରୟୋଦଶୀ ତିଥିରେ ଭକ୍ତ ମାନଙ୍କ ଗ୍ରହଣରେ ରାଧାମୋହନ ପରିଜା,ଦେବୀଦତ୍ତ ପରିଜା, ପ୍ରଭୁଦତ୍ତ ପରିଜା, ତିଳକ ପରିଜା, କମଳାକାନ୍ତ ପରିଜା, ତପନ ପରିଜା ଓ ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଦର୍ଶନ ସହ ଆଶ୍ରିବାଦ ଭିକ୍ଷା କରିଥିଲେ। ଦୋଳ ପୂର୍ଣ୍ଣିମା ରାତି ୮ ଟାରେ ପାଞ୍ଜି ପାଠ ସହ ଦୋଳ ଝୁଲଣ ଅନୁଷ୍ଠିତ ହେବ।

● ଗଙ୍ଗାଧରପ୍ରସାଦଡିଆ ପ୍ରାଥମିକ ବିଦ୍ୟାଳୟ

## ଅଧା ରଙ୍ଗ ମାରି ବିଲ୍ କରାଇନେବାକୁ ମସୁଧା

ରାଜକନିକା,୨।୩(ସମିସ): ରାଜକନିକା ବ୍ଲକ ତ୍ରୈଲୋକ୍ୟପୁର ପଞ୍ଚାୟତ ଗଙ୍ଗାଧରପ୍ରସାଦଡିଆ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହ ମରାମତି ଆଳରେ ସ୍କୁଲର ଥିବା ୬ଟି କୋଠରୀ ମଧ୍ୟରୁ ମାତ୍ର ୨ଟି କୋଠରୀରେ ରଙ୍ଗ ଦେଇ ବିଲ କରିବାର ମସୁଧା ହେଉଥିବା ଜଣାପଡିଛି। ଏ ସମ୍ପର୍କରେ ଜେଇ ନିହାର ପରିଡାଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ନଦୀ ଘେରରେ ରହିଥିବା ଗଙ୍ଗାଧରପ୍ରସାଦଡିଆ ଗ୍ରାମରେ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୯୩ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ୬ଟି ଶ୍ରେଣୀ ଗୃହ ରହିଛି। ତେବେ ଏହି ବିଦ୍ୟାଳୟରେ କରାଯାଉଥିବା କାମ କେଉଁ ଯୋଜନାରେ କେତେ ଟଙ୍କାର ଅଟକଳ ରହିଛି, ତାହା ଜାଣିବା ମଧ୍ୟ ସମ୍ଭବ ହୋଇନାହିଁ। ଦ୍ୱୀପାଞ୍ଚଳର ଏହି ଗାଁ ସ୍କୁଲରେ ନାମକୁ ମାତ୍ର ରଙ୍ଗ ଘଷି ବିଲ କରିବାର ମସୁଧା ଚାଲିଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।



## କେଶରପୁରରେ ହିନ୍ଦୁ ସମ୍ମିଳନୀ

ଡେରାବିଶ, ୨।୩(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ କଟକ ବିଡ଼ାନାସୀସ୍ଥ ଚହଟା ଆଶ୍ରମର ସ୍ୱାମିଜୀ ସତ୍ୟ ଚୈତନ୍ୟ ବ୍ରହ୍ମଚାରୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୁ ସମାଜର କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପର୍କ ପ୍ରମୁଖ ସରୋଜ ବିଶ୍ୱାଳ ଓ କଥାକାର ମାତୃଦତ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମାତୃଭୂମିର ସମ୍ମାନ ରକ୍ଷା କରିବା ସହିତ ସନାତନ ଧର୍ମକୁ ଉଜ୍ଜୀବିତ କରିବା ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଗୋ-ପୂଜନ, କନ୍ୟା-ପୂଜନ ଓ ଗୀତାପାଠ କରାଯାଇଥିଲା। ସ୍ମାରକ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିଶୁ ବିଦ୍ୟାମନ୍ଦିର ଗୁରୁଜୀ ଗୁରୁମା, ସ୍ଥାନୀୟ ୧୦ଟି ପଞ୍ଚାୟତର ସମଗ୍ର ହିନ୍ଦୁ ସମାଜ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଖମୋଳ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା




ଡେରାବିଶ, ୨।୩(ସମିସ): ଡାଳିଜୀସ୍ଥ ବାଗ୍‌ଦେବୀ ବିଦ୍ୟାପୀଠରେ ଖମୋଳ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ବିଥିକା ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଆଚାର୍ଯ୍ୟ, ମୁଖ୍ୟବକ୍ତା ଶିକ୍ଷାବିତ ଲଲାଟକେଶରୀ ଭୂୟାଁ ଓ ସମ୍ମାନିତ ଅତିଥି ଖମୋଳ ୟୁପି ସ୍କୁଲର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମଣ୍ଡଳ ସହ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ମୁଖ୍ୟବକ୍ତା ଲଲାଟ କେଶରୀ ଭୂୟାଁ, ସମ୍ମାନିତ ଅତିଥି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷିକା ମୋନାଲିସା ସେଠୀ ଓ ଶ୍ରଦ୍ଧାଳି ମାହୁନ୍ତ ଯୋଗଦେଇ ସାଧନକେନ୍ଦ୍ର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ କରିବା ସହ ଏହାର ଆବଶ୍ୟକତା ଓ ଉପଯୋଗିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ନିର୍ମଳ ଜେନା, ବିଶ୍ୱଜିତ ମୁଦୁଲି, ତ୍ରିଲୋଚନ ମଲିକ ପ୍ରମୁଖ ପରିଚାଳନା କରିଥିଲେ।

## ଆଶୁତୋଷ ସ୍ମାରକୀ; କୁଜଙ୍ଗ ଚାମ୍ପିଅନ୍

କୁଜଙ୍ଗ,୨।୩(ସମିସ)



କୁଜଙ୍ଗ ବ୍ଲକ ମଙ୍ଗରାଜପୁର ପଞ୍ଚାୟତର ସନ୍ତରା ସାଇ ମନ୍ଦିର ଖେଳପଡ଼ିଆରେ ଆୟୋଜିତ ଆଶୁତୋଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରୋମାଞ୍ଚକ ଭାବେ ଶେଷହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୮ଟି ପଞ୍ଚାୟତ ଭାଗନେଇଥିଲେ। ଫାଇନାଲ ମ୍ୟାଚରେ ବଡ଼ଘାଇ ପଞ୍ଚାୟତ ସହ କୁଜଙ୍ଗ ପଞ୍ଚାୟତ ମୁକାବିଲା କରିଥିଲା। ତିନିଟି ସିରିଜ୍‌ରେ ଆୟୋଜିତ ଫାଇନାଲର ପ୍ରଥମ ମ୍ୟାଚ୍‌ରେ କୁଜଙ୍ଗ ବିଜୟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ କୁଜଙ୍ଗ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ଟି ୱିକେଟ ହରାଇ ୧୯୫ ରନ୍ ସଂଗ୍ରହ କରିଥିଲା। ଜବାବରେ ବଡ଼ଘାଇ ଦଳ ୯.୩ ଓଭରରେ ସମସ୍ତ ୱିକେଟ ହରାଇ ୯୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଏହା ସହିତ କୁଜଙ୍ଗ ଦଳ ଚାମ୍ପିଅନ ହୋଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲା ବିଜେପି ଉପସଭାପତି ଦିପ୍ତୀରେଖା ନାୟକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରୀତିରଞ୍ଜନ ମହାପାତ୍ର, ସମାଜସେବୀ ଇଂ. ତ୍ରିଲୋଚନ ତରାଇ, ବାବାଜୀ ମହାପାତ୍ର ଓ ବାବୁଲି ଚରଣ ବାରିକ ଉପସ୍ଥିତ ଥିଲେ। ଅମ୍ପାୟର ଭାବେ ବିଶ୍ୱଜିତ ସାମନ୍ତରାୟ ଓ ତାପସ ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ଜଟିୟା ବାବା କ୍ଲବର ସମସ୍ତ ସଦସ୍ୟଙ୍କ ସହଯୋଗରେ ଖେଳଟି ସଫଳ ଭାବେ ଆୟୋଜିତ ହୋଇଥିଲା।

## କେମିକାଲ୍ ନୁହେଁ, ହର୍ବାଲ ହୋଲି

# ପନିପରିବାରୁ ଫଗୁ ପ୍ରସ୍ତୁତ କରୁଛନ୍ତି ଏସ୍ଏଚ୍‌ଜି ମହିଳା




କୋରାପୁଟ,୨।୩(ସମିସ): ଆସୁଛି ରଙ୍ଗର ପର୍ବ ହୋଲି। ମାର୍କେଟରେ ବିକ୍ରି ହେଲାଣି ରଙ୍ଗ ବେରଙ୍ଗର ଫଗୁ। ଉଡିବ ଫଗୁ, ଅବିରରେ ରଙ୍ଗୀନ ହେବେ ପିଲାଠୁ ବୃଦ୍ଧ। ବଜାରରେ ରାସାୟନିକ ପଦାର୍ଥ ମିଶ୍ରିତ ରଙ୍ଗ ବିକ୍ରି ହେଉଥିବା ବେଳେ ଏହାକୁ ମୁହାଁ ଫେରାଉଛନ୍ତି ଲୋକେ। ତେଣୁ ଡୁମୁରିପୁଟର ତୁଳସୀ ମହିଳା ମା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଅଭିନବ ପ୍ରୟାସ କରିଛନ୍ତି। ପନିପରିବାରୁ ପ୍ରସ୍ତୁତ କରିଛନ୍ତି ହର୍ବାଲ ହୋଲି। ପ୍ରାକୃତିକ ରଙ୍ଗକୁ ବ୍ୟବହାର କରି ବିଭିନ୍ନ ପନିପରିବାକୁ ନେଇ ସେଥିରୁ ରଙ୍ଗ ବାହାର କରି ଭଲିକି ଭଲି ରଙ୍ଗର ଫଗୁ ପ୍ରସ୍ତୁତ କରୁଛନ୍ତି ଡୁମୁରିପୁଟର ତୁଳସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା। ସୁରକ୍ଷିତ ହୋଲି ପାଳିବାକୁ ମହିଳାଙ୍କ ଏହି ପ୍ରୟାସକୁ ଚାରିଆଡେ ପ୍ରଶଂସା କରାଯାଇଛି। ଡୁମୁରିପୁଟର ଏକ ଛୋଟ ଘରେ ବାଡିରୁ ବାହାରୁ ଥିବା ଫଳ ଯଥା ଗାଜର, ବିଟ୍ ରୁଟ, ଶାଗ ଏବଂ ଗେଣ୍ଡୁ ଫୁଲ ଆଦିକୁ ଗ୍ରାଇଣ୍ଡିଂ କରି ସେଥିରୁ ପ୍ରାକୃତିକ ରଙ୍ଗ ବାହାର କରି, ଚାଉଳ ଗୁଣ୍ଡ କିମ୍ବା ମଇଦା ମିଶାଇ ପ୍ରସ୍ତୁତ କରାଯାଉଛି ପ୍ରାକୃତିକ ରଙ୍ଗର ଫଗୁ। ଏହାପରେ ତାହାକୁ ଖରାରେ ଶୁଖେଇ ଛୋଟ ଛୋଟ ପ୍ୟାକେଟ୍ କରି ଓରମାସ ସହାୟତାରେ ବିକ୍ରି କରୁଛନ୍ତି ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ। ତୁଳସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସିପ୍ରା ରାଉତ କହିଛନ୍ତି ଯେ ବର୍ତ୍ତମାନ ଆମ ଏସଏଚଜିରେ ଦଶ ଜଣ ସଭ୍ୟା ରହିଛନ୍ତି। ଆଗକୁ ହୋଲି ଆସୁଥିବାରୁ ମାଆଙ୍କ ଚିନ୍ତାଧାରା ଟିକିଏ ବଦଳିଲା। ଆମେ ସମସ୍ତେ ହର୍ବାଲ ହୋଲି ପ୍ରସ୍ତୁତ କରିବା ପାଇଁ ନିଷ୍ପତ୍ତି ନେଇଥିଲୁ। ଏବେ ସମସ୍ତେ କେମିକାଲ ହୋଲି ବ୍ୟବହାର କରୁଛନ୍ତି, ଯାହା ଛୋଟ ଛୋଟ ଛୁଆଙ୍କ ଆଖି, ନାକ ଏବଂ ପାଟିରେ ପଶି ଯାଉଛି। ତେଣୁ ମାଆମାନେ ଚିନ୍ତା କରିଲେ ଯଦି ପ୍ରାକୃତିକ ରଙ୍ଗରୁ ହୋଲି ପ୍ରସ୍ତୁତ କରାଯାଏ, ତେବେ ସମସ୍ତେ ସୁରକ୍ଷିତ ହୋଲି ଖେଳି ପାରିବେ। ସେ ଆହୁରି ମଧ୍ୟ କହିଛନ୍ତି ବିଟ୍, ଗାଜର ଏବଂ ପାଳଙ୍ଗ ସାଗ ଭଳି ଅନେକ ପନିପରିବା ରସକୁ ବାହାର କରି ଆମେ ସେଥିରେ ଚାଉଳ ଗୁଣ୍ଡ, ମଇଦା, ହଳଦିଗୁଣ୍ଡ, ବେସନ ଏବଂ ଲେମନ୍ ଗ୍ରାସ୍ ତେଲକୁ ବ୍ୟବହାର କରି ଏକ ମିଶ୍ରଣ ପ୍ରସ୍ତୁତ କରୁଛୁ। ଲେମନ୍ ଗ୍ରାସ୍ ତେଲ ବ୍ୟବହାର କରିବା ଦ୍ୱାରା ଏହାର ବାସ୍ନା ଭଲ ଆସୁଛି। ଏହି ହର୍ବାଲ ରଙ୍ଗ ଆମେ ଗତ ତିନି ବର୍ଷ ହେଲା ପ୍ରସ୍ତୁତ କରୁଛୁ। ଏଥିପାଇଁ ଆମ ଏସଏଚଜିର ଦୁଇ ଜଣ ସଦସ୍ୟ ସ୍ୱତନ୍ତ୍ର ତାଲିମ ମଧ୍ୟ ପାଇଛନ୍ତି। ଓଡ଼ିଶା ଜୀବିକା ମିଶନର ସହାୟତାରେ ଗତ ଦୁଇ ବର୍ଷ ପୂର୍ବେ ତୁଳସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଦୁଇ ଜଣ ସଦସ୍ୟା ଭୁବନେଶ୍ୱର ଯାଇ ସେଠାରେ ତାଲିମ ନେବା ପରେ ଏହି ବ୍ୟବସାୟ ଆରମ୍ଭ କରିଥିଲେ। ଏହି ରଙ୍ଗ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ବେଳେ ଭୁବନେଶ୍ୱରକୁ ମଧ୍ୟ ପଠାଇବାର ଯୋଜନା ଥିବା ଜଣେ ମହିଳା କହିଛନ୍ତି। ଲାଭ କ୍ଷତିର ବିଚାର ନ କରି ଲୋକଙ୍କୁ ଏକ ସୁରକ୍ଷିତ ଫଗୁରେ ହୋଲି ଖେଳିବାର ସୁଯୋଗ ଦେଉଥିବାରୁ ବେଶ୍ ଖୁସି ଅଛନ୍ତି ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ। ତୁଳସୀ ଏସଏଚଜିର ତାଲିମ୍ ପ୍ରାପ୍ତ ଜଣେ ସଦସ୍ୟା ଜସ୍ମିନ ବେନ୍ୟା କହିଛନ୍ତି ଏହି ହର୍ବାଲ୍ ହୋଲିକୁ ଦେହରେ ଲଗାଇଲେ କୌଣସି ପାଶ୍ୱର୍ ପ୍ରତିକ୍ରିୟା ହେବ ନାହିଁ। କେମିକାଲ୍ ହୋଲି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ଅଟେ। ଆମେ ମଧ୍ୟ ଏହି ଫଗୁକୁ ଘରେ ବ୍ୟବହାର କରୁ। ଏହି ରଙ୍ଗକୁ ପ୍ରସ୍ତୁତ କରିବା ପାଇଁ ଅଧିକ ଖର୍ଚ୍ଚ ଲାଗିଥାଏ ବୋଲି ସେ କହିଛନ୍ତି।

# ୭ ହୋଟେଲ,ବେକେରୀ ଉପରେ ଚଢ଼ଉ



ଜୟପୁର ୨।୩, (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ୭ଟି ହୋଟେଲ ଏବଂ ବେକେରୀ ଉପରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଏବଂ ପୌରସଂସ୍ଥା ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ଏହି ଅବସରରେ ପ୍ରିନସେସ୍ସ ବେକେରୀ, ହୋଟେଲ ଗାଙ୍ଗୁରାମ, ଦୁଇଟି ବାଙ୍ଗାଲୋର ବେକେରୀ, ପ୍ରେସ ବ୍ୟାଙ୍କ ବେକେରୀ, ସାହୁ ହୋଟେଲ ଏବଂ ବସଷ୍ଟାଣ୍ଡ ନିକଟରେ ଅନ୍ୟ ଏକ ହୋଟେଲ ଉପରେ ଚଢଉ କରାଯାଇ। ଖାଦ୍ୟର ନମୁନା, ଖାଦ୍ୟର ଅବଧି ଏବଂ ରେଫ୍ରିଜେଟର ରଖାଯାଇଥିବା ଦୀର୍ଘଦିନରେ ଖାଦ୍ୟର ଯାଞ୍ଚ କରାଯାଇଥିଲେ। ଏହି ଅବସରରେ ସମସ୍ତ ୭ଟି ଦୋକାନରେ ବିଭିନ୍ନ ଖାଦ୍ୟ ବିକ୍ରିର

### ୯ ହଜାର ୫ଶହ ଟଙ୍କା ଜରିମାନା ଆଦାୟ

ବିଭିନ୍ନ ଅନିୟମତା ରହିଥିବା ନେଇ ଜଣା ପଡିବା ପରେ ସମସ୍ତ ଦୋକାନୀଙ୍କ ଠାରୁ ସମୁଦାୟ ୯ ହଜାର ୫ ଶହ ଟଙ୍କା ଜରିମାନା ବାବଦକୁ ଆଦାୟ କରାଯାଇଥିଲା। ଏହିପରି ଚଢଉ ହୋଇଥିବା ଦୋକାନ ଓ ବେକେରୀ ମାଲିକଙ୍କୁ ତାଗିଦ କରାଯାଇ ଛଡାଯାଇଛି ଆଗାମୀ ଦିନରେ ଏହିପରି ଅନିୟମତା ଜାରୀ ରହିଲେ ଦୋକାନକୁ ସିଲ୍ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଚଢଉରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପଙ୍କଜୀନି ଦେହୁରୀ, ପୌର ସ୍ୱାସ୍ଥ୍ୟ ନିରୀକ୍ଷକ ଭୁବନୀ ହାଲବା, ପରିମଳ ବିଶେଷଜ୍ଞ୍ୟ ସତ୍ୟନାରାୟଣ ପାତ୍ର, କର୍ମଚାରୀ ଜଗଦିଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ଗତକାଲି ଜୟପୁର ସହରର ବାସିନ୍ଦା ରାଜା ସାନା ହୋଟେଲ ପ୍ରିନ୍ସସର ବେକେରୀରେ ଖାଦ୍ୟ ଖାଉଥିବା ବେଳେ ଏହା ଦୀର୍ଘଦିନରେ ହୋଇଥିବା ବେଳେ ଫଗସ୍ ହୋଇଥିବା ନେଇ ଉପଜିଲ୍ଲାପାଳଙ୍କୁ ନିକଟରେ ଅଭିଯୋଗ କରିଥିଲେ। ଏଥିନେଇ ଉପଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଏ.ଶଶ୍ୟା ରେଡ୍ଡିଙ୍କୁ ନିର୍ଦ୍ଦେଶକ୍ରମେ ଚଢଉ କରାଯାଇଥିବା ନେଇ ଚର୍ଚ୍ଚା ଧରିଛି।

# ଗଞ୍ଜେଇ ଜବତ, ଦୁଇ ଗିରଫ




ବୈପାରିଗୁଡ଼ା,୨।୩(ସମିସ): ବୈପାରୀଗୁଡା ପୋଲିସକୁ ମିଳୁଛି ସଫଳତା କ୍ଷ ଗଞ୍ଜେଇ ବୋଝେଇ ପିକ୍ଅପ୍ ଭ୍ୟାନ ସହ ଗଞ୍ଜେଇ ଜବତ ଓ ଦୁଇ ଗିରଫ କ୍ଷ ପୋଲିସ ସୂଚନା ଅନୁଯାଇ, (ଓଡି ୩୦ ୮୪୪୦) ନମ୍ବର ବିଶିଷ୍ଟ ଏକ ପିକ୍ଅପ୍ ଭ୍ୟାନରେ ଗଞ୍ଜେଇ ବୋଝେଇ ହୋଇ ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ଆଡୁ ବୈପାରିଗୁଡା ପଟେ ଆସୁଥିବା ଖବର ପାଇଥିଲା ବୈପାରିଗୁଡା ପୁଲିସ। ଖବର ପାଇବା ପରେ ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆଙ୍କ ନିର୍ଦ୍ଦେଶକ୍ରମେ ଧିରେନ୍ଦ୍ର ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ପେଟ୍ରୋଲିଂ ପାଇଁ ବାହାରିଥିଲେ। କାମିଡିପଦର ଛକ ନିକଟରେ ଉକ୍ତ ପିକ୍ଅପ୍ ଭ୍ୟାନକୁ ସନ୍ଦେହରେ ଅଟକାଇ ତଲାସି କରାଯାଇଥିଲା। ଆଗକୁ ପରିବା ବୋଝେଇ ଖାଲି ଟ୍ରେ ଭିତରେ ଗଞ୍ଜେଇ ଥିବା ଜଣାପଡିଥିଲା। ଚାଲାଣକାରୀ ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଏମଭି ୯୦ ଗ୍ରାମର ଡାନେଲ୍ ହରିଜନ ଏବଂ ମାଲକାନଗିରି ଆଶିର୍ବାଦ କୋଲନୀର ରମେଶ ବାଗ୍ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୈପାରିଗୁଡା ପୋଲିସ। ପିକ୍ଅପ୍ ଭ୍ୟାନକୁ ଥାନାକୁ ଆଣି ଜବତ ଗଞ୍ଜେଇ ଓଜନ କରିବାରୁ ସେଥିରେ ୭ କୁଇଣ୍ଟାଲ ୬୩ କିଲୋ ୪ ଶହ ଗ୍ରାମ ଥିବା ଜଣାପଡ଼ିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ କୋଟି ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଜଣାପଡ଼ିଛି। ଗଞ୍ଜେଇ ଆନ୍ଧ୍ରପ୍ରଦେଶକୁ ଚାଲାଣ କରାଯିବାର ଯୋଜନା ଥିଲା। ଏସଆଇ ସଞ୍ଜୀବ କୁମାର ବେହେରାଙ୍କୁ ଅଧିକ ତଦନ୍ତ ପାଇଁ ଦାୟିତ୍ୱ ଦିଆଯାଇଥିବା ଓଆଇସି ଡମ୍ବରୁଧର ବାତ୍ରିଆ ସୂଚନା ଦେଇଛନ୍ତି।

# ଜିଲ୍ଲା ଚିକିତ୍ସାଳୟରେ ସିଟିସ୍କାନ୍ ସ୍ଥାପନ ଓ କାର୍ଯ୍ୟକାରୀ ଦାବି

ଜୟପୁର,୨।୩(ସମିସ): ଜୟପୁର ଜିଲ୍ଲା ଚିକିତ୍ସାଳୟରେ ସିଟିସ୍କାନ ସ୍ଥାପନ ଏବଂ କାର୍ଯ୍ୟକାରୀ ନେଇ ଏକ ଦାବିପତ୍ର ଜିଲ୍ଲା ଚିକିତ୍ସାଳୟର



ଅଧିକ୍ଷକଙ୍କୁ ପ୍ରଦାନ କରାଯାଇଛି। ଜୟପୁର ପୌର ସଂସ୍ଥାର ୫ ନମ୍ବର ୱାର୍ଡ କାଉନସିଲର ପ୍ରଣବ କିଶୋର ନାୟକଙ୍କ ନେତୃତ୍ୱରେ ଯୁବକ ମାନେ ଚିକିତ୍ସାଳୟ ଅଧିକ୍ଷକଙ୍କୁ ଘେରାଉ କରିବା ସହିତ ଅକ୍ଷୟ କୁମାର ରଥଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କୋରାପୁଟ ଠାରେ ଏକ ନୂତନ ସିଟିସ୍କାନ ମେସିନ ରହିଥିଲେ ସୁଦ୍ଧା ଏହାକୁ ଅବ୍ୟବହୃତ ଭାବେ ପକାଇ ରଖାଯାଇଛି। ତେଣୁ ତୁରନ୍ତ ଉକ୍ତ ସିଟିସ୍କାନ ମେସିନକୁ ଜୟପୁର ଚିକିତ୍ସାଳୟରେ ଅଣାଯାଇ ରୋହି ଓ ସାଧାରଣ ଲୋକଙ୍କ ସେବାରେ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ଏହିପରି ସରକାରଙ୍କ ପକ୍ଷରୁ ମାଗଣା ସିଟିସ୍କାନ ମ୍ୟାସନ ସେବା ଯୋଗାଇ ଦେବାପାଇଁ ନିୟମ ଥିବା ବେଳେ ଜିଲ୍ଲା ଚିକିତ୍ସାଳୟରେ ଏହାର ଅଭାବ ରହିଛି। ତେଣୁ ଗରିବ ଓ ସାଧାରଣ ଲୋକମାନେ ଘରୋଇ କ୍ଲିନିକ ଏବଂ ଚିକିତ୍ସାଳୟକୁ ଯାଇ ହଜାର ହଜାର ଟଙ୍କା ଖର୍ଚ୍ଚ କରିବା ସହି ସିଟସ୍କାନ କରୁଛନ୍ତି। ଏହିପରି ସମସ୍ୟାର ସମାଧାନ କରା ନଗଲେ ଆଇନକୁ ହାତକୁ ନେବେ ଏବଂ ଚିକିତ୍ସାଳୟର ମୁଖ୍ୟଫାଟକରେ ତାଲା ଦିଆଯିବ ବୋଲି କାଉନସିଲର ଶ୍ରୀ ନାୟକ ବିଭାଗକୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲା ଚିକିତ୍ସାଳୟର ଅବ୍ୟବସ୍ଥାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଗତ ୨୭ ତାରିଖରେ ସକାଳ ଖବରକାଗଜରେ ପ୍ରସୁତି ଓ ନବଜାତ ଶିଶୁ ମାନେ ବେଡର ଅଭାବ ଯୋଗୁଁ ଚିକିତ୍ସାଳୟ ବିଭାଗର ୱାର୍ଡର ତଳେ ଶୋଉଥିବା ନେଇ ଖବର ପ୍ରକାଶିତ ହୋଇଥିଲା। ଏଥିନେଇ ଜିଲ୍ଲାପାଳ ଜିଲ୍ଲା ଚିକିତ୍ସାଳୟର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଏକ ଜରୁରୀକାଳୀନ ବୈଠକ ମାଧ୍ୟମରେ ସମସ୍ୟାର ସମାଧାନ ନେଇ ତାଗିଦ କରିଥିଲେ।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୈପାରୀଗୁଡ଼ା,୨।୩(ସମିସ): ବୈପାରୀଗୁଡା ସଦର ମହକୁମା ସ୍ଥିତ ବିରଖମ୍ବ ସାହି ହନୁମାନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିଷ୍ଠା ଉତ୍ସବ ନିମନ୍ତେ ଉତ୍ସବମୁଖର ହୋଇ ଉଠିଛି ପୁରା ବୈପାରୀଗୁଡା ସହର। ପୂଜାମଣ୍ଡପ ସାଜଶଯ୍ୟା ଶେଷ ପର୍ଯ୍ୟୟରେ। ମନ୍ଦିର ମରାମତି କାର୍ଯ୍ୟ ଶେଷ ହୋଇଥିବା ବେଳେ ରଙ୍ଗ ମରା କାମ ଚାଲିଛି । ବିଗ୍ରହ ପହଞ୍ଚି ସାରିଥିବା ବେଳେ ସହରର ପ୍ରତିଟି ଘର ଏବଂ ଦୋକାନ ସମ୍ମୁଖରେ ପତିତପବନ ବାନା ଉଡୁଛି । ଆଜି ତଥା ମଙ୍ଗଳବାର ଠାରୁ ରବିବାର ପର୍ଯ୍ୟନ୍ତ ସାତ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଜି ସନ୍ଧ୍ୟା ସାତୋଟାରେ ଅଙ୍କୁରା ରୋପଣ କାର୍ଯ୍ୟକ୍ରମ ରହିଥିବା ବେଳେ ବୁଧୁବାର ପୂଜା ମଣ୍ଡପରେ ଶାଳା ସଂସ୍କାର, ମଣ୍ଡଳ କରଣ, କଳସ ସ୍ଥାପନ ଆଦି କାର୍ଯ୍ୟକ୍ରମ ରହିଛି । ସେହିପରି ଗୁରୁବାର ଦିନ କଳସ ପୂଜା, ଷୋଡ଼ଶ ସ୍ତମ୍ଭ ପୂଜନ, ମଣ୍ଡପ ଦେବତା ପୂଜନ, ସୂର୍ଯ୍ୟ ପୂଜା, ପାଶ୍ୱର୍ ଦେବତା ପୂଜନ ଏବଂ ଶୁକ୍ରବାର ଦିନ ରତ୍ନମୁଦ, ୧୦୮ ହନୁମାନ ଚଳିଶା ପାଠ ଅନୁଷ୍ଠିତ ହେବ। ଏଥିସହ ଶନିବାର ଅଷ୍ଟପ୍ରହରୀ ନାମ ଯଜ୍ଞ ଆରମ୍ଭ, ବିଗ୍ରହ ମହାସ୍ନାନ, ବିଗ୍ରହ ଜୀବନନ୍ୟାସ, ହୋମ ଅରୋତୀ ଏବଂ ଶେଷ ଦିନ ରବିବାର ନବଯୌବନ ଦର୍ଶନ, ସିଂହାସନ ପ୍ରତିଷ୍ଠା, ପୂର୍ଣ୍ଣାହୂତି, ପୁଷ୍ପାଜଳି, ସାମହିକ ପ୍ରସାଦ ସେବନ ଓ ବୌଷ୍ଣବବିଦାୟ ହେବ ବୋଲି ସୂଚନା ରହିଛ।

# କୁନ୍ଦୁରାରେ ଆରମ୍ଭ ହେଲା ଏଚ୍‌ପିଭି ଟୀକାକରଣ



କୁନ୍ଦୁରା,୨।୩ (ସମିସ): କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏଚପିଭି ଜରାୟୁ ଗ୍ରୀବା କର୍କଟ ଟୀକାକରଣର ଶୁଭାରମ୍ଭ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଗଣେଶ ପ୍ରସାଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଜି କୁନ୍ଦୁରା ଠାରେ ବ୍ଲକ ସ୍ତରୀୟ ଟୀକାକରଣ ଆରମ୍ଭ କରାଯାଇଛି । ଏହି କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ, ଉପାଧ୍ୟକ୍ଷ ତରୁଣୀସେନ ବିଶୋୟୀ,ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ,ସରପଞ୍ଚ ଲବ ପରଜା, ସମିତିସଭ୍ୟ ଦାମୋଦର ଗଣ୍ଡା,ସାଂସଦ ପ୍ରତିନିଧି ଅମ୍ବୁ ପାତ୍ର,ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଭାରପ୍ରାପ୍ତ ସିଡିପିଓ ରଞ୍ଜିତା ପଟ୍ଟନାୟକ,ବିପିଏମଓ ଦୀପାନ୍ୱିତା ପଟ୍ଟନାୟକ,ବିଏଏମ କାଜଲ କୁମାର ତରାସିଆ, ଆଇସିଡିଏସ ସୁପରଭାଇଜର ଲକ୍ଷ୍ମୀ ପ୍ରଧାନୀ ଏବଂ ବିଭାଗୀୟ କର୍ମଚାରୀ ମାନଙ୍କ ଉପସ୍ଥିତିରେ ଶୁଭ ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଘାଟନ ପରେ ପ୍ରଥମ ଦିନରେ କୁନ୍ଦୁରା ଏବଂ ପଖନାଗୁଡ଼ା ପଞ୍ଚାୟତରୁ ପାଞ୍ଚ ପାଞ୍ଚ କରି ଦଶ ଜଣ ୧୪ ବର୍ଷର ବାଳିକାଙ୍କୁ ଟୀକାକରଣ କରାଯାଇଛି । ସର୍ଭେକ୍ଷଣ ତଥ୍ୟ ପ୍ରକାରେ ପର୍ଯ୍ୟାୟ କ୍ରମେ ଏହି ଦୁଇ ମାସରେ ପ୍ରାୟ ୮ଶହ ଯୁବତୀଙ୍କୁ ଟୀକାକରଣ କରାଯିବ ବୋଲି କହିଛନ୍ତି ବିପିଏମଓ ଶ୍ରୀମତୀ ପଟ୍ଟନାୟକ ଓ ଏଏନ୍ଏମ୍ ସ୍ୱର୍ଣ୍ଣଲତା ବେଉରିଆ ଏବଂ ସରସ୍ୱତୀ ନାୟକ।

# ଈଶାନେଶ୍ୱର ମନ୍ଦିର କମିଟି ପକ୍ଷରୁ ବାହାରିଲା ବିମାନ

ଉମରକୋଟ,୨।୩ (ସମିସ) "ଉମରକୋଟ ସହର ଡିଏନକେ ଇଶାନେଶ୍?ର ମନ୍ଦିର କମିଟି ପକ୍ଷରୁ ଈଶାନେଶ୍ୱର ମନ୍ଦିର ଠାରୁ ବିମାନ ବାହାରି ଡିଏନକେର ପ୍ରତ୍ୟେକ ଘରେ ଘରେ ବୁଲିଥିଲେ। ଫାଲଗୁନ ପୂର୍ଣ୍ଣିମା ତିଥିରେ ଦୋଳ ପୂର୍ଣ୍ଣିମା ପାଳିତ ହୋଇଥାଏ। ଏହା ହେଉଛି ରଙ୍ଗର ପର୍ବ ହୋଲି। ସଂସ୍କୃତି ଓ ପରମ୍ପରାର ଓଡିଶାରେ ୧୨ ମାସରେ ୧୩ ପର୍ବ ପାଳନ କରା ଯାଇଥାଏ। ଏହା ମଧ୍ୟରୁ ହୋଲି ଏକ ପ୍ରମୁଖ ପର୍ବ ଅଟେ। ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ମଧ୍ୟ ଦୋଳ ପୂର୍ଣ୍ଣିମାରେ ରାଧାକୃଷ୍ଣଙ୍କୁ ଅବିର ଅର୍ପଣ କରାଯାଇ ରାଧା କୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ବିମାନରେ ସଜାଇ ଆମ୍ବକଷି ଲଗାଇ ଡିଏନକେର ପ୍ରତ୍ୟେକ ଘରେ ଘରେ ବୁଲାଯାଇଥିଲା। ଦୋଳ ପୂର୍ଣ୍ଣିମାର ଠିକ୍ ପରଦିନ ହିଁ ହୋଲି ଖେଳ ଅନୁଷ୍ଠିତ ହୁଏ। ଭିନ୍ନ ଭିନ୍ନ ରଙ୍ଗକୁ ଲୋକମାନେ ପରସ୍ପରକୁ ଲଗାଇ ଖେଳ ଖେଳିଥିଲେ। ପୂର୍ଣ୍ଣିମା ରେ ଗ୍ରହଣ ପଡୁଥିବାରୁ ରବିବାର ସନ୍ଧ୍ୟାରେ ଈଶାନେଶ୍ୱର ମନ୍ଦିର କମିଟି ପକ୍ଷରୁ ଦଳ ବିମାନ ବାହାରିଥିଲା। ପ୍ରଥମ ଦିନରେ ଦୋଳ ଓ ଦ୍ୱିତୀୟ ଦିନରେ ହୋଲି ପର୍ବ ପାଳନ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର



ସେମିଳିଗୁଡ଼ା, ୨।୩ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ କୋରାପୁଟ ଏସପି ରୋହିତ ବର୍ମା ଉପସ୍ଥିତ ରହି ସମୁଦାୟ ୬୦ ଗୋଟି ଅଭିଯୋଗ ଶୁଣାଣୀ କରିଥିଲେ। ସେଥି ମଧ୍ୟରୁ ବ୍ୟକ୍ତିଗତ ୨୦ ଏବଂ ଗୋଷ୍ଠୀଗତ ୪୦ ଟି ଅଭିଯୋଗ ଆସିଥିଲା ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ କହିଛନ୍ତି। ଯେଉଁ ଯେଉଁ ଗ୍ରାମରେ ନଳକୂପ ଖରାପ ରହିଛି ସେଗୁଡିକୁ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ଖଣିଜ ପାଣ୍ଠି ଏବଂ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରୁ ରାସ୍ତା ନିର୍ମାଣ କରାଯିବ। ଯେଉଁଠି ମରାମତି ଦରକାର ଅଛି ସେଗୁଡିକ ମରାମତି କରିବାକୁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ବନଖଣ୍ଡ ଅଧିକାରୀ କେ ଭି ଭାସ୍କର ରାଓ,ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରୀ,ଡାକ୍ତର ଶିବ ସାଇ ସ୍ୱରୂପ, କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ,ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରାଙ୍କ ସହ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ଦ୍ୱାରା ତିନି ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି।

# ମାରୱାଡି ଯୁବ ମଞ୍ଚର କୃତ୍ରିମ ଅଙ୍ଗ ବଣ୍ଟନ ଶିବିର

ଜୟପୁର୨ ।୩, (ସମିସ): କୋରାପୁଟ ଜିଲ୍ଲା ଜୟପୁର ଠାରେ ମାରୱାଡି ଯୁବ ମଞ୍ଚ ପକ୍ଷରୁ ମାଗଣା କୃତ୍ରିମ ଅଙ୍ଗ ବଣ୍ଟନ କାର୍ଯ୍ୟକ୍ରମ ଗତ ରବିବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ରାଞ୍ଚିର ଶ୍ରୀ ଭଗବାନ ମହାବୀର ବିକଲାଙ୍ଗ ସହାୟତା ସମିତିର ସହଯୋଗରେ ଯୁବ ମଞ୍ଚ ଦ୍ୱାରା ମାଗଣା କୃତ୍ରିମ ଅଙ୍ଗ ଶିବିର ପାଇଁ ପ୍ରାକ୍-ପଞ୍ଜିକରଣ ଗତ ୨୫ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ ଜଣ ହିତାଧିକାରୀ ପଞ୍ଜିକୃତ କରିଥିବା ବେଳେ ଶିବିରରେ ୨୦ ଜଣ ହିତାଧିକାରୀ ଘଟଣାସ୍ଥଳରେ କରାଯାଇଥିଲା। ତିନିଦିନିଆ ଶିବିରରେ, ହିତାଧିକାରୀମାନଙ୍କୁ ୮୦ଟି କୃତ୍ରିମ ଅଙ୍ଗ, ୪୦ଟି ଶ୍ରବଣ ଯନ୍ତ୍ର ୫୦ଟି କନି ବାଡ଼ି, ୫୦ଟି ବୈଶାଖୀ, ୨୦ଟି ବଣ୍ଟନ କରାଯାଇଛି। ଶିବିର ଆୟୋଜନରେ ସଭାପତି କାହ୍ନା ଅଗ୍ରୱାଲ, ସମ୍ପାଦକ ଭିକି ଅଗ୍ରୱାଲ କାର୍ଯ୍ୟକ୍ରମ ଅଧ୍ୟକ୍ଷ ମୟଙ୍କ ଅଗ୍ରୱାଲ ସଂଯୋଜକ ବରୁଣ ଜୈନ, ଅଙ୍କୁର ସୋନି, ପ୍ରଭାତ ଗୋୟଲ, ବିବେକ ଜୈନ ଏବଂ ସମସ୍ତ ଯୁବ ସଦସ୍ୟ ମାନେ ଉପସ୍ଥିତ ସହିତ ସହାୟତା କରିଥିଲେ। ଏହିପରି ଆଗାମୀ ଦିନରେ ଅନ୍ୟାନ୍ୟ ଜନହୀତକର କାର୍ଯ୍ୟ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଇରାନ ଉପରେ ଆକ୍ରମଣ ବିରୋଧରେ ପ୍ରତିବାଦ ସଭା

ବୈପାରିଗୁଡ଼ା,୨।୩(ସମିସ): ଇରାନ ଉପରେ ଇସ୍ରାଏଲର ବର୍ବର ଆକ୍ରମଣ ବିରୋଧରେ ଏସୟୁସିଆଇ (କମ୍ୟୁନିଷ୍ଟ)ର ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ରାଜ୍ୟବାଦି ଆମେରିକାର ମଦତ୍ ପୁଷ୍ଟ ଇସ୍ରାଏଲ ଦ୍ୱାରା ନିଜର ପ୍ରତିରକ୍ଷା ମୂଳକ ଆକ୍ରମଣ ନାମରେ ଇରାନ ଉପରେ ବର୍ବର୍ ଆକ୍ରମଣ କରି ହଜାର ହଜାର ଇରାନ ବାସୀଙ୍କୁ ହତ୍ୟା କରିବା ବିରୋଧରେ ଆଜି ସାରା ଦେଶରେ ଏସୟୁସିଆଇ (କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ଡାକରାରେ ପାଳିତ ହେଉଥିବା ପ୍ରତିବାଦ ଦିବସ ପରିପ୍ରେକ୍ଷୀରେ କୋରାପୁଟ ଜିଲ୍ଲା ବୈପାରିଗୁଡାର ସହିଦ ଲକ୍ଷ୍ମଣ ନାୟକ ଛକ ଠାରେ ବ୍ଲକ ସମ୍ପାଦକ ସୂର୍ଯ୍ୟ ନାରାୟଣ ବିଷୋୟୀଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସାମ୍ରାଜ୍ୟ ବାଦି ଆମେରିକା ଓ ନରହନ୍ତା ଇସ୍ରାଏଲ ଇରାନ ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ଇରାନ ଉପରେ ଆକ୍ରମଣକୁ ତୁରନ୍ତ ବନ୍ଦ ପାଇଁ ଦାବି କରାଯାଇଥିଲା। ଏଥିସହ ଭାରତ ସରକାରଙ୍କୁ ଆମେରିକା ଓ ଇସ୍ରାଏଲ ସହ କୁଟନୈତିକ ସମ୍ପର୍କ ଉଚ୍ଛେଦ ପାଇଁ ଆହ୍ୱାନ ଦେଇଥିଲେ। ଏହି ସଭାରେ ଜିଲ୍ଲା ସମ୍ପାଦକ କାହ୍ନୁ ବିଶ୍ୱାଳ ଓ ରାମ ବାରିକ ମଧ୍ୟ ବକ୍ତବ୍ୟ ରଖିଥିଲେ।

# କେଏମ୍ଆରଏସ୍ ପ୍ରବେଶିକା ପରୀକ୍ଷାରେ ଚନ୍ଦାହାଣ୍ଡି ଆଶ୍ରମରୁ ୪ ଉତ୍ତୀର୍ଣ୍ଣ

ଚନ୍ଦାହାଣ୍ଡି,୨।୩(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ସଦର ସ୍ଥିତ ଆଶ୍ରମ ବିଦ୍ୟାଳୟର ଛାତ୍ର ଛାତ୍ରୀ ଜିଲ୍ଲା ମଙ୍ଗଳ ବିଭାଗର ଅଧିନସ୍ତ ଜିଲ୍ଲାର ଗୋଟିଏ ମାତ୍ର କଳିଙ୍ଗ ମଡେଲ ରେସିଡେନ୍ସିଆଲ ସ୍କୁଲରେ ମୋଟ ସିଟ ୬୦ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । କେଏମଆରଏସ ପ୍ରବେଶିକା ପରୀକ୍ଷା ପାଇଁ ମୋଟ ୪୫୭ ଛାତ୍ରଛାତ୍ରୀଙ୍କ ପ୍ରବେଶିକା ପରୀକ୍ଷା ହୋଇଥିବା ବେଳେ ଚନ୍ଦାହାଣ୍ଡି ଆଶ୍ରମରୁ ମୋଟ ୪ ଜଣ ଛାତ୍ର ଛାତ୍ରୀ ଉତୀର୍ଣ୍ଣ ହୋଇଥିବା ଜଣାପଡିଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷକ ହୃଦାନନ୍ଦ ଗହୀର, ହରଲାଲ ନାୟକ ଏବଂ ଶିକ୍ଷୟିତ୍ରୀ ବବିତା ମାଝୀଙ୍କ ସହଯୋଗ କ୍ରମେ ଏହି କେଏମଆରଏସ ପାଇଁ ୪ ଜଣ ଜିତେନ୍ଦ୍ର ଗଣ୍ଡ ରେଙ୍କ-୩, ଜଗତସିଂ ଗଣ୍ଡ ରେଙ୍କ-୧୧,ଡିଲେଶ୍ୱର ପୂଜାରୀ ରେଙ୍କ -୧୯,ଗାୟତ୍ରୀ ପୂଜାରୀ ରେଙ୍କ-୨୨ରେ ଏହି ଛାତ୍ର ଛାତ୍ରୀ କୃତ କାର୍ଯ୍ୟ ହୋଇଛନ୍ତି।



# ମା' ଭଣ୍ଡାରୁଣୀ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ; ଫଟାମୁଣ୍ଡା ଦଳ ଚାମ୍ପିଅନ୍

ଚନ୍ଦାହାଣ୍ଡି,୨।୩(ସମିସ), ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସନ୍ଧିମୁଣ୍ଡା ଠାରେ ମା ଭଣ୍ଡାରୁଣୀ କ୍ରିକେଟ ସମିତି ଆନୁକୂଲ୍ୟରେ ଚାଲିଥିବା ମା ଭଣ୍ଡାରୁଣୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ଗୌରୀ ନାଗ,ବରିଷ୍ଠ ନେତା ଗୌରହରି ନାୟକ,ପୂର୍ବତନ ସରପଞ୍ଚ ହର ପୂଜାରୀ,ସମାଜସେବୀ ଯୁଗେଶ୍ୱର ନାଗ, ପୁରୁନ ସିଂ ସିହ୍ନା, ଦୀନବନ୍ଧୁ ମାଝୀ,ନିର୍ଭୟ ସିଂ ଠାକୁର,ସମବାରୁ ନାଗେଶ, ପବିତ୍ର କଟିମ, ଅଶେଶ୍ୱର ଗଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ ଫଟାମୁଣ୍ଡା ବନାମ ଅନକାବେଡା ଦଳ ମଧ୍ୟରେ ଖେଳା ଯାଇଥିଲା। ଅନକାବେଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଫଟାମୁଣ୍ଡା ଦଳ ୭ ଓଭୋରରେ ୨ ଉଇକେଟ ବିନିମୟରେ




ଆବଶ୍ୟକୀୟ ରନ ପୁରା କରି ବିଜୟୀ ଲାଭ କରିଥିଲା। ବିଜେତା ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୨୦ ହଜାର ସହ ଟ୍ରଫି, ମ୍ୟାନ ଅଫ ଦି ସିରିଜ ଭାବେ ବବଲୁ ଓ ମ୍ୟାନ ଅଫ ଦି ମ୍ୟାଚ ଭାବେ ଶ୍ୟାମଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ସମୁଦାୟ ୨୮ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଆଜିର ମ୍ୟାଚରେ ଭଅଁର ସିଂ ମନହିରା ଓ ନରେଶ ସିହ୍ନା ଅମ୍ପାୟାର ଭାବେ କାମିନୀ ପାଣ୍ଡେ ସ୍କୋରର ଭାବେ ଓ ନରୋତ୍ତମ ସିହ୍ନା,କୁଲେସ ଶ୍ରୀବାସ୍ତବ,ଉମାଶଙ୍କର ନାଗେଶ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇ ଥିଲେ। କ୍ରିକେଟ କମିଟି ସଭାପତି ହେମନ୍ତ ସିହ୍ନା,ସମ୍ପାଦକ କୁଞ୍ଜ ବିହାରୀ ମନହିରା, ବିଜୟ ନାଗ, କାର୍ତ୍ତିକ ମର୍କାମ, ପପୁ ସିହ୍ନା, ଜଗନ୍ନାଥ ମନହିରା,ବଇଦ ନାଗ,ନେପାଳ ମନହିରା ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ଆନ୍ତଃରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗର ଦୁଇ ଗିରଫ



କେନ୍ଦୁଝର, ୨।୩(ସମିସ): କେନ୍ଦୁଝର ସଦର ପୁଲିସ ଏକ ଆନ୍ତଃରାଜ୍ୟ ଅନଲାଇନ ଠକେଇ ଗ୍ୟାଙ୍ଗର ଦୁଇ ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଉଛନ୍ତି କଳ୍ପତରୁ ପଲେଇ (୩୬), ଅଭିନନ୍ଦନ ପୁହାଣ (୩୦) । କେନ୍ଦୁଝର ସଦର ଥାନା ଇନ୍ସପେକ୍ଟର ଅମିତ ଭୂୟାଁ ସୂଚନା ଦେଇଛନ୍ତି ଯେ ଅଭିଯୁକ୍ତମାନେ ବିଭିନ୍ନ ରାଜ୍ୟରେ ସାଇବର ଠକେଇ ମାଧ୍ୟମରେ ଅର୍ଜନ କରାଯାଇଥିବା ଠକେଇ ଟଙ୍କାକୁ ଚାଲାଣ କରିବା ପାଇଁ ବ୍ୟବହୃତ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରୁଥିଲେ । ଆର୍ଥିକ ବିଶ୍ଳେଷଣ କରାଯିବାରୁ ଏପର୍ଯ୍ୟନ୍ତ ୩୯ଟି ଅନଲାଇନ୍ ଠକେଇ ଅଭିଯୋଗ ସହିତ ଜଡିତ ଦୁଇଟି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରାୟ ୪ କୋଟି ୯୭ ଲକ୍ଷ ଟଙ୍କାର ସନ୍ଦେହଜନକ କାରବାର ଚିହ୍ନଟ କରିଛି । ଅଭିଯୁକ୍ତଙ୍କୁ ରବିବାର ଗିରଫ କରାଯାଇ କୋର୍ଟକୁ ପଠାଯାଇଥିଲା । ସମ୍ପୃକ୍ତ ଅନ୍ୟ ସହଯୋଗୀ ଏବଂ ଅତିରିକ୍ତ ଆକାଉଣ୍ଟଗୁଡ଼ିକୁ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି । ସାଇବର ଠକେଇ ବିରୋଧରେ ସତର୍କ ରହିବାକୁ ଏବଂ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ କିମ୍ବା ନିକଟତମ ପୁଲିସ ଷ୍ଟେସନ ମାଧ୍ୟମରେ ଘଟଣାଗୁଡ଼ିକ ତୁରନ୍ତ ରିପୋର୍ଟ କରିବା ପାଇଁ ଶ୍ରୀ ଭୂୟାଁ ନିବେଦନ କରିଛନ୍ତି ।

# ବୋଲେରୋ ଓଲଟି ୨୦ରୁ ଅଧିକ ଆହତ



ତେଲକୋଇ, ୨।୩(ସମିସ): ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥ ବାରହା ଦେବତା ଛକ ରେ ଏକ ବୋଲେରୋ କ୍ୟାମ୍ପର ଓଲଟି ୨୦ ଜଣରୁ ଅଧିକ ଯାତ୍ରୀ ଗୁରୁତର ହୋଇଥିବା ଜଣାପଡ଼ିଛି । ସମସ୍ତ ଗୁରୁତର ସୁନ୍ଦରଗଡ଼ ଜିଲ୍ଲା ରାଜାମୁଣ୍ଡା ଥାନା ସରେଇକଳା ଗ୍ରାମର ହୋଇଥିବା ସୂଚନା ରହିଛି । ସମସ୍ତ ଗୁରୁତର ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ସୂଚନା ମୁତାବକ, ସରେଇକଳା ଗ୍ରାମର ୨୫ ରୁ ଅଧିକ ପୁରୁଷ ଓ ମହିଳା ବିବାହ କାର୍ଯ୍ୟରେ ତେଲକୋଇ ଥାନା ବାରହା ଦେବତା ଗ୍ରାମକୁ ଏକ ବୋଲେରୋ କ୍ୟାମ୍ପର ଗାଡ଼ିରେ ଆସୁଥିଲେ । ବାରହା ଦେବତା ଛକ ବୁଲଣି ରେ ଗାଡି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଗାଡ଼ିରେ ଥିବା ଯାତ୍ରୀ ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ତ ଯାତ୍ରୀଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ଗୁରୁତରଙ୍କ ମଧ୍ୟରେ ଶିଶୁ ଥିବା ମଧ୍ୟ ଜଣାପଡ଼ିଛି ।

# ବନ୍ଧଗ୍ରାମରେ ଶ୍ରୀମହାବୀର ନାଇଟ୍ କ୍ରିକେଟ




ଆନନ୍ଦପୁର, ୨।୩ (ସମିସ):

ଆନନ୍ଦପୁର ବ୍ଲକ ଧକୋଠା ବନ୍ଧଗ୍ରାମରେ ଶ୍ରୀ ମହାବୀର ହନୁମାନ କ୍ଲବ୍‌ର ପ୍ରଥମ ବାର୍ଷିକ ଦିନିକିଆ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଖପାଖ ଅଞ୍ଚଳରୁ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ରଙ୍ଗମାଟିଆ ଟିମକୁ ହରାଇ କବିତ୍ରା ଏକାଦଶ ବିଜୟୀ ହେଇଥିଲା । ଖେଳର ମୁଖ୍ୟ ପରିଚାଳକ ସୁନନ୍ଦ କୁମାର ପାତ୍ରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ତିଣ୍ଟି ପାତ୍ର ଓ କପିନ୍ଦ୍ର ପାତ୍ର ଯୋଗ ଦେଇଥିଲେ । ଅମ୍ପାୟାର ଭାବେ ସୁଶାନ୍ତ ପଣ୍ଡା ଓ ବିଜୟ ବାବୁ ଖେଳ ପରି ପରିଚାଳନା କରିଥିଲେ । ସ୍କୋରର ଦାୟିତ୍ୱରେ ସୁବାସ ଖିଲାର ସହିତ ବିକାଶ ପାତ୍ର ରହିଥିଲା ବେଳେ ଅଜୟ ବେଜ, ମାଇକେଲ ଡେବିଶ ବେଜ ଧାରା ବିବରଣୀ ଦେଇଥିଲେ । କ୍ଲବ୍‌ର ସମସ୍ତ ସହଯୋଗୀ ସଦସ୍ୟ ସାମିଲ ଥିଲେ ।

## ଆନନ୍ଦପୁର ବ୍ୟାରେଜ୍ ରାସ୍ତା ଶୋଚନୀୟ

# ଟେଣ୍ଡରର ପ୍ରକ୍ରିୟାରେ ଅଂଶଗ୍ରହଣ କରୁନାହାନ୍ତି ଠିକାଦାର



ଆନନ୍ଦପୁର, ୩।୨ (ସମିସ): ଆନନ୍ଦପୁର ବ୍ୟାରେଜ୍ ନିର୍ମାଣ ପରେ ଏହାକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥାରେ କୌଣସି ସୁଧାର ଆସୁ ନଥିବାରୁ ସାଧାରଣ ଯାତାୟାତରେ ବିଶେଷ ଅସୁବିଧା ହେଉଛି । ଉଦ୍‌ଘାଟନକୁ ୬ ବର୍ଷ ବିତିଥିଲେ ମଧ ଅଦ୍ୟାବଧି ମୁଖ୍ୟରାସ୍ତା ନିର୍ମାଣ ହୋଇପାରୁ ନାହିଁ । ଯାହାଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପଟେ ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ବାରମ୍ବାର ଟେଣ୍ଡର ଆହ୍ୱାନ କରାଯାଉଥିଲେ ବି କୌଣସି ଠିକାଦାର ଅଂଶଗ୍ରହଣ କରୁ ନଥିବା ଜଣାପଡ଼ିଛି ।

୨୦ ନମ୍ବର ଜାତୀୟ ରାଜପଥର ପ୍ରାଣବଲ୍ଲଭପବ୍ଲିକ ସ୍କୁଲ୍ ନିକଟରୁ ୫୩ ନମ୍ବର ରାଜ୍ୟ ରାଜପଥରେ ଥିବା ଜେଲ୍ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଛି । ଅନେକ ସ୍ଥାନରେ ବଡ଼ବଡ଼ ଖାଲ ହୋଇଥିବାରୁ ଗାଡ଼ିମୋଟର ଯିବାରେ ସମସ୍ୟା ହେଉଛି । ସହିଦ ସୁଶାନ୍ତ ଖୁଣ୍ଟିଆ ଶିଶୁ ଉଦ୍ୟାନ ସମ୍ମୁଖରେ ପାଣିଜମି ପୋଖରୀର ଭ୍ରମ ସୃଷ୍ଟି କରୁଛି । ଏଠାକୁ ଛୋଟପିଲାଙ୍କ ଯାତାୟାତ ରହିଥିବା ବେଳେ ଅନେକ ସମୟରେ ପାଣିକାଦୁଅରେ ପଡ଼ି ହଟହଟା ହେଉଛନ୍ତି । ଦୁଇବର୍ଷ ହେଲା ଏଭଳି ଅବସ୍ଥା ଲାଗି ରହିଥିବାବେଳେ ରାସ୍ତା ମରାମତି କରାଯାଉ ନାହିଁ । ତେବେ, ବ୍ୟାରେଜ୍ ନିର୍ମାଣ ହେବା ପରଠାରୁ ତିନିଥର ରାସ୍ତା ମରାମତି ହେଲାଣି । ନିମ୍ନମାନର କାମ ଯୋଗୁଁ ରାସ୍ତା ପୁଣି ପୂର୍ବ ଅବସ୍ଥାକୁ ଚାଲିଆସୁଛି । ଏପଟେ ରାସ୍ତା ନିର୍ମାଣପାଇଁ ବିଭାଗ ପକ୍ଷରୁ ତିନିଥର ଟେଣ୍ଡର ଆହ୍ୱାନ କରାଯାଇଛି । ଆଜି ମଧ ୬.୯ କୋଟି ଟଙ୍କାର ବ୍ୟୟରେ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ କେହି ଠିକାଦାର ଅଂଶଗ୍ରହଣ କରୁ ନଥିବା ଜଣାପଡ଼ିଛି । ବ୍ୟୟଅଟକଳରେ ୧୦ବର୍ଷ ତଳର ମୂଲ୍ୟରେ ଆକଳନ ହୋଇଥିବାରୁ ବର୍ତ୍ତମାନ ଦର ଅନୁସାରେ କାମ କରିବା ସମ୍ଭବ ନୁହେଁ ବୋଲି ଆନନ୍ଦପୁରର ଠିକାଦାରମାନେ ଟେଣ୍ଡରରେ ସାମିଲ ହେଉ ଥିବା ଜଣାପଡ଼ିଛି ।

# ନାବାଳକର ମୃତ୍ୟୁ; ହତ୍ୟା ଅଭିଯୋଗ

ତୁରୁମୁଙ୍ଗା, ୨।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଫୁଲପାହାଡ଼ି ଗ୍ରାମର ଗୋପୀନାଥ ମୁଣ୍ଡାଙ୍କ ପୁଅ ରାଜେଶ ମୁଣ୍ଡା (୧୬)ର ଶବକୁ ଝୁଲନ୍ତା ଅବସ୍ଥାରେ ପୁଲିସ ସୋମବାର ଉଦ୍ଧାର କରିଛି । ଘର ପଛ ପଟ ଏକ ଗଛରୁ ଜବତ କରି ପୁଲିସ ଶବ ବ୍ୟବଚ୍ଛେଦ କରାଇଥିବା ବେଳେ ଏନେଇ ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରଖଇଛି । ଅନ୍ୟପଟେ, ମୃତକର ବାପା ଗୋପୀନାଥ ପୁଲିସ ନିକଟରେ ନାବାଳକ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ପୁଲିସ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ପରେ ଶବକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି । ରବିବାର ଅପରାହ୍ନରୁ ରାଜେଶ ନିଖୋଜ ଥିବା ବେଳେ ମୃତଦେହ ହୁଡ଼ିର ଏକ କେନ୍ଦୁ ଗଛରେ ଦେଖି ଗୋପୀନାଥ ପାଟଣା ପୁଲିସକୁ ସୂଚନା ଦେଇଥିଲେ । ଅଭିଯୋଗ ଆଧାରରେ ତଦନ୍ତ ଚାଲିଥିବା ଏଏସଆଇ ଗୌରହରି ଗରଡିଆ କହିଛନ୍ତି ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



କେନ୍ଦୁଝର, ୨।୩(ସମିସ):

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ । ଆଜିର ଏହି ଶିବିରରେ ମୋଟ ୧୮୩ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି । ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ୧୫୧ଟି, ସାମୂହିକଅଭିଯୋଗ୩୨ଟି, ରେଡକ୍ରସ ସହାୟତା ପାଇଁ ୧୬ଟି ଆବେଦନ ଗ୍ରହଣ କରାଯାଇଛି । ୩୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଶିବିରରେ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବିନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଯୋଗ ଦେଇଥିଲେ ।

ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ମାର୍ଚ୍ଚ ମାସର ପରବର୍ତ୍ତୀ ଅଭିଯୋଗ ଶୁଣାଣିଗୁଡ଼ିକ ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ନିମ୍ନମତେ ଅନୁଷ୍ଠିତ ହେବ । ୦୯।୦୩।୨୦୨୬ (ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସାହାରପଡା, ୧୬।୦୩।୨୦୨୬ (ସୋମବାର) ପଞ୍ଚାୟତସମିତି କାର୍ଯ୍ୟାଳୟ ଆନନ୍ଦପୁର, ୨୩।୦୩।୨୦୨୬ (ସୋମବାର) ପଞ୍ଚାୟତସମିତି କାର୍ଯ୍ୟାଳୟ, ଝୁମ୍ପୁରା ଏବଂ ୩୦।୦୩।୨୦୨୬ (ସୋମବାର) ପଞ୍ଚାୟତସମିତି କାର୍ଯ୍ୟାଳୟ ବାଂଶପାଳରେ ଏହି କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ଅଞ୍ଚଳବାସୀ ଏହି ସୁଯୋଗର ସଦୁପଯୋଗ କରି ନିଜ ନିଜର ସମସ୍ୟା ପ୍ରଶାସନ ନିକଟରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି ।

# ଛେନାପଦି ଶାଖା ଡାକପାଳ ପୁରସ୍କୃତ

ହାଟଡ଼ିହୀ, ୨।୩(ସମିସ): ରବିବାର କେନ୍ଦୁଝର ମୁଖ୍ୟ ଡାକଘରଠାରେ ଡ଼ିଭିଜନର ୬୦ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ହାଟଡିହୀ ଉପଡ଼ାକଘର ଅଧୀନରେ ଥିବା ଛେନାପଦି ଶାଖାଟି ସମଗ୍ର ଡ଼ିଭିଜନରେ ନୂଆ ଆକାଉଣ୍ଟ ଖୋଲିବା କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଛି । ଏନେଇ ଶାଖା ଡାକପାଳ ସନ୍ତୋଷ ମଲ୍ଲିକଙ୍କୁ ଡ଼ିଭିଜନ ପକ୍ଷରୁ ଶ୍ରେଷ୍ଠ ଡାକପାଳ ଭାବେ ବିବେଚିତ କରାଯାଇ ପୁରସ୍କୃତ କରାଯାଇଛି । ହାଟଡିହୀ ଉପଡାକପାଳଙ୍କ ସମେତ ସମସ୍ତ ସାଥୀଙ୍କ ପ୍ରେରଣାକୁ ଶ୍ରୀ ମଲ୍ଲିକ ନିଜର ଶ୍ରେୟ ଦେଇଛନ୍ତି । ସେଥିପାଇଁ ସେ ମଣ୍ଡଳ ଅଧୀକ୍ଷକ, ଉପଖଣ୍ଡ ନିରୀକ୍ଷକ ଏବଂ ହାଟଡିହୀ ଉପଡାକପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ତରୁଆଁ ଗ୍ରାମରେ ପଞ୍ଚୁଦୋଳ ଉତ୍ସବ

ଆନନ୍ଦପୁର, ୨।୩(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ତରୁଆଁ ଗ୍ରାମର ଦଧିବାମନଜୀଉଙ୍କ ଚଳନ୍ତି ପ୍ରତିମା ରାଧାକୃଷ୍ଣଙ୍କୁ ନେଇ ଦୋଳ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି । ଦୋଳ ପୂର୍ଣ୍ଣିମା ଅବସରରେ ରାଧାକୃଷ୍ଣ ଦୋଳ ବିମାନରେ ବିରାଜମାନ କରି ସାହି ପରିକ୍ରମା କରିଥିଲେ । ଭକ୍ତମାନେ ଅବିର ବୋଳାବୋଳି ହୋଇ ସଙ୍କୀର୍ତ୍ତନର ତାଳେ ତାଳେ ରାଧାକୃଷ୍ଣଙ୍କ ଭକ୍ତିରେ ମସଗୁଲ ରହିଥିଲେ ।



ପ୍ରତି ସାହିରେ ଦୋଳ ବିମାନ ପହଞ୍ଚିବା ପରେ ଠାକୁରଙ୍କୁ ଭୋଗ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦଧିବାମନଜୀଉ ମନ୍ଦିରର ପୂଜକ ଦୁର୍ଯ୍ୟୋଧନ ପାଢ଼ୀ, ସୁଶାନ୍ତ ପାଢ଼ୀଙ୍କ ସଂକଳ୍ପରେ ମନ୍ଦିର କମିଟି ସେବକ ପ୍ରାଣକୃଷ୍ଣ ଭଞ୍ଜ, ନାରାୟଣ ରାଉତ, ଶରତ କୁମାର ରାଉତ, କଳାକାର ଜେନା, ମାୟାଧର ମଲ୍ଲିକ, ଜନାର୍ଦ୍ଦନ ବେହେରା, ମକରଧ୍ୱଜ ଜେନା, ଖଗେଶ୍ୱର ରାଉତ, ଲକ୍ଷ୍ମୀଧର ଭଞ୍ଜ, ଚନ୍ଦ୍ରମଣି ରାଉତ ସହଯୋଗ କରିଥିବା ବେଳେ ରାଧାକୃଷ୍ଣଙ୍କ ବେଶରେ ସାଇଦିକ୍ଷିତା ରାଉତ, ପରମିତା ଭଞ୍ଜ, ସଂପୂର୍ଣ୍ଣା ନାୟକ, ମଧୁମିତା ଜେନା ନୃତ୍ୟ ପରିବେଷଣ କରିଥିଲେ ।

■ ଇଣ୍ଟରକ୍ଲବ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟର ସିଲଭର ଜୁବିଲି

# ଆଜାଦବସ୍ତି କ୍ଲବ୍ ଚାମ୍ପିଅନ

ଯୋଡ଼ା, ୨।୩(ସମିସ): ରବିବାର କେନ୍ଦ୍ରିୟ ଖେଳପଡ଼ିଆରେ କାର୍ଲ ଲୁଇସ୍ କ୍ଲବ୍ ଯୋଡ଼ା ପକ୍ଷରୁ ଆୟୋଜିତ ଏକ ତିନି ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଅନ୍ତିମ ଦିବସରେ ଓଡ଼ିଶା ଅଲମ୍ପିକ ଆସୋସିଏସନ୍‌ର ସଭାପତି ତଥା ବିଜେପି ବରିଷ୍ଠ ନେତା ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଶ୍ୱ ଓଡ଼ିଆ ସମ୍ମିଳନୀର ଅନ୍ତର୍ଜାତୀୟ ସଭାପତି ଡ. ମୁରଲୀ ମନୋହର ଶର୍ମା, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପୂର୍ବତନ ଯୋଡ଼ା ନଗରପାଳ ରବୀନ୍ଦ୍ର କୁମାର ଦାସ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଦିଲୀପ ମହାକୁଡ଼ ଓ କାଉନସିଲର ଦିପ୍ତୀରଞ୍ଜନ ବେହେରା ପରିଚାଳନା କରିଥିଲେ । ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଯୋଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରୁ ୩୨ଟି ଦଳ ଭାଗ ନେଇଥିବାବେଳେ ସେମାନଙ୍କ ମଧ୍ୟରେ ଅତ୍ୟନ୍ତ ରୋମାଞ୍ଚକର କ୍ରୀଡା ଦେଖିବାକୁ ମିଳିଥିଲା । ଆଜାଦବସ୍ତି କ୍ଲବ୍ ପେନାଲଟି ସଟ୍‌ରେ ବିଜୟ ହାସଲ କରିଥିଲା । ସେହିପରି ବିଛାକୁଣ୍ଡି ଏ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ମର୍ଣ୍ଣିଂଷ୍ଟାର ତୃତୀୟ ଓ ବିଛାକୁଣ୍ଡି ବି ଚତୁର୍ଥସ୍ଥାନ ଅଧିକାର କରିଥିଲେ । ବିଜେତା ଦଳକୁ ୫୧ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟକୁ କ୍ଲବ୍ ତରଫରୁ ରାମଚନ୍ଦ୍ର ପାତ୍ର, ପୂର୍ଣ୍ଣଚନ୍ଦ୍ର ଓଝା, ଗୋପାଳ ବେହେରା ଏବଂ ସନ୍ତୋଷ ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟବୃନ୍ଦ ପରିଚାଳନା କରିଥିଲେ ।

# ଆନନ୍ଦପୁର ରେଳପଥ ପାଇଁ ମୁଣ୍ଡ ଟେକୁଛି ଆନ୍ଦୋଳନ



ଆନନ୍ଦପୁର, ୨।୩(ସମିସ):

ରେଳ ବଜେଟ୍‌ରେ ଓଡ଼ିଶା ପାଇଁ ୧୦,୯୨୮ କୋଟି ଟଙ୍କାର ଅନୁଦାନ ଘୋଷଣା ହୋଇଛି । ହେଲେ କେନ୍ଦୁଝର ଜିଲ୍ଲା ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ଦୀର୍ଘ ଦିନର ପ୍ରସ୍ତାବକୁ ପୁଣି ଅଣଦେଖା କରାଯାଉଛି । ଏନେଇ କେନ୍ଦୁଝର ସାଂସଦଙ୍କ ପ୍ରତିଶ୍ରୁତି ଓ ଲୋକସଭାରେ ଉଠାଇଥିବା ଦାବି ମଧ୍ୟ ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ । ଯାହାକୁ ନେଇ ଆନନ୍ଦପୁରର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଜିଲ୍ଲାର ପ୍ରମୁଖ ଅଞ୍ଚଳ ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ପାଇଁ ଦୀର୍ଘ ୧୫ବର୍ଷ ହେଲା ଆନ୍ଦୋଳନ ହୋଇଆସୁଛି । ଯାଜପୁର-କେନ୍ଦୁଝରରୋଡ ଷ୍ଟେସନଠାରୁ ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ଯଶୀପୁରକୁ ନୂତନ ରେଳପଥ ସଂଯୋଗ ପାଇଁ ଦିଆଯାଇଥିବା ପ୍ରସ୍ତାବ ଏବେ ବି ରାଜ୍ୟ ସରକାରଙ୍କ ଫାଇଲ୍ ତଳେ ରହିଛି । ୨୦୧୩-୧୪ ବର୍ଷରେ ରେଳବାର ବୋର୍ଡ ଏହି ପ୍ରକଳ୍ପପାଇଁ ମଞ୍ଜୁରି ପ୍ରଦାନ କରିଥିଲେ । ଜିଲ୍ଲାପାଳମାନଙ୍କଠାରୁ ରିପୋର୍ଟ ମିଳିବା ପରେ ରେଳପଥ ସଂଯୋଗ ପାଇଁ ସର୍ଭେ ଆରମ୍ଭ ହୋଇଥିଲା । ଆନନ୍ଦପୁର ଉପଖଣ୍ଡର ଲୁଣହାର, ଆନନ୍ଦପୁର ଓ କଣ୍ଟିପାଳରେ ଷ୍ଟେସନ ନିର୍ମାଣ ନେଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ରୁଟ୍‌ରେ ଖଣିଜ ପରିବହନ, ଯାତ୍ରୀ ପରିବହନ ଓ ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଏହି ପ୍ରସ୍ତାବ ଏବେ ଫାଇଲ୍ ତଳେ ରହିଯାଇଛି । ଆନନ୍ଦପୁରକୁ ରେଳ ସଂଯୋଗ ହେଲେ ଉପଖଣ୍ଡର ବିକାଶ ହୋଇପାରିବ ବୋଲି ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ଆନନ୍ଦପୁର ବାଣିଜ୍ୟ ମହୋତ୍ସବରେ ଯୋଗଦେବା ଅବସରରେ କହିଥିଲେ । ବିଜେପି ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ । କେନ୍ଦୁଝର ସାଂସଦ ଅନନ୍ତ ନାୟକ ବାଣିଜ୍ୟ ମହୋତ୍ସବରେ ଆନନ୍ଦପୁରକୁ ରେଳପଥ ସଂଯୋଗ ନେଇ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଏହାସତ୍ତ୍ୱେ ଚଳିତ ରେଳ ବଜେଟ୍‌ରେ ଆନନ୍ଦପୁରବାସୀଙ୍କୁ ପୁଣି ନିରାଶ ହେବାକୁ ପଡ଼ିଛି । ଛାତ୍ର ବିଜେଡି ଜିଲ୍ଲା ସଭାପତି ଅମରେନ୍ଦ୍ର ଧଳ କହିଛନ୍ତି, ଆନନ୍ଦପୁରକୁ ରେଳପଥ ସଂଯୋଗ ସ୍ଥାନୀୟ ଲୋକଙ୍କ ଭାବାବେଗ ସହିତ ଜଡ଼ିତ । ଉପଖଣ୍ଡର ଜନସାଧାରଣ ଏଥିପାଇଁ ବଡ଼ ଧରଣର ଆନ୍ଦୋଳନକୁ ଓହ୍ଲାଇବାକୁ ସୁରେନ୍ଦ୍ର ନାଥ ନାହାକ, ପଞ୍ଚାନନ ରଣା ପ୍ରମୁଖ ମତ ଦେଇଛନ୍ତି । ଆନନ୍ଦପୁରର ଯୁବନେତା ସତ୍ୟବ୍ରତ ଜେନା, ଶୈଲଙ୍ଗର ଛାତ୍ରନେତା ମତ୍ୟନାରାୟଣ ସାହୁ, ଶାଳପଡ଼ାର ବ୍ୟବସାୟୀ ଗୋବିନ୍ଦ ଚନ୍ଦ୍ର ପତି, ଆଇନଜୀବୀ ଭାଗୀରଥି ଦାଶ, ସମର ସିଂହ, ବରିଷ୍ଠ ନେତା ମାର୍କଣ୍ଡ ଓଝା, ପ୍ରଦ୍ୟୁତ୍ ବିଶ୍ୱାଳ ପ୍ରମୁଖ ସମାଲୋଚନା କରିଛନ୍ତି ।

# ଭାଲୁକାରେ ହନୁମାନ ଚାଳିଶା ପାଠ ମହାଯଜ୍ଞ



ଆନନ୍ଦପୁର, ୨।୩ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡା ପଞ୍ଚାୟତ ଭାଲୁକା ଗ୍ରାମର ମହାବୀର କମିଟି ତରଫରୁ ହନୁମାନ ମନ୍ଦିର ପରିସରରେ ବିଶ୍ୱ କଲ୍ୟାଣ ନିର୍ମିତ ଶ୍ରୀ ଶ୍ରୀ ହନୁମାନଙ୍କର ତୃତୀୟ ବାର୍ଷିକ ୧୦୮ ହନୁମାନ ଚାଳିଶା ପାଠ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃରୁ ଗ୍ରାମର ପୁଷ୍କରିଣୀରୁ କଳସ ବୁଡ଼ା ଯିବାପରେ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଯଜ୍ଞ ମଣ୍ଡପରେ କଳସ ରଖାଯାଇଥିଲା । ପୁରୀ ଜଗନ୍ନାଥ ଧାମର ଗୋବର୍ଦ୍ଧନ ପୀଠର ବିଦ୍ୟାର୍ଥୀ ମୁଖ୍ୟ ପୂଜକ ଲିଙ୍ଗରାଜ ରଥ, ସହଯୋଗୀ ବିମଳ ପାଢ଼ୀ, ରୁଦ୍ର ପାଢ଼ୀ, ମନୋରଞ୍ଜନ ତ୍ରିପାଠୀ, ସତ୍ୟସୁନ୍ଦର ମିଶ୍ରଙ୍କ ଦ୍ୱାରା ସୂର୍ଯ୍ୟପୂଜା, କଳସ ପୂଜା, ମଣ୍ଡଳ ପୂଜା ସହିତ ହନୁମାନଜୀଙ୍କ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା । ଏହି ଯଜ୍ଞରେ ମୁଖ୍ୟକର୍ତ୍ତା ଅନ୍ତର୍ଯ୍ୟାମୀ ଭଞ୍ଜ, ସହଧର୍ମିଣୀ ଲିପ୍ସାରାଣୀ ଭଞ୍ଜ, ଲାଲପ୍ରସାଦ ଭଞ୍ଜ, ସହଧର୍ମିଣୀ ରଶ୍ମିତା ଭଞ୍ଜ, ପ୍ରଫୁଲ୍ଲ ଜେନା, ସହଧର୍ମିଣୀ ରଞ୍ଜିତା ଜେନା, ସୁଭାଶିଷ ଜେନା ସହଧର୍ମିଣୀ ପ୍ରଭାତଲକ୍ଷ୍ମୀ ଜେନା, ଜଗନ୍ନାଥ ଜେନା, ସହଧର୍ମିଣୀ ଝରଣା ଜେନା ପୂଜା ସଂକଳ୍ପରେ ରହିଥିଲେ । ମହାବୀରଙ୍କ ନିକଟରେ ବିଭିନ୍ନ ଭୋଗରାଗ ଲାଗି କରାଯାଇ ୧୦୮ ହନୁମାନ ଚାଳିଶା ପାଠ ସହ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ପୂର୍ଣ୍ଣାହୁତିରେ ସୁଆଁଳ ଭାଲୁକା, କଇଁସିଆରୀ ତଥା ଆଖପାଖ ଗ୍ରାମର ଶହଶହ ଭକ୍ତମାନେ ଯଜ୍ଞକୁଣ୍ଡରେ ପୂର୍ଣ୍ଣାହୁତି ଦେଇଥିଲେ । ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ପଞ୍ଚସଖା ଭଜନ ପରିଷଦ ଧୋନିମଠ ଅଣା ହାଟଡିହିର କଳାକାରଙ୍କ ଦ୍ୱାରା ପରିବେଷିତ ଭଜନ ସନ୍ଧ୍ୟା ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ଏହି କାର୍ଯ୍ୟକ୍ରମକୁ ଭାଲୁକା ଯୁବକ ସଂଘ, ମହାବୀର ମନ୍ଦିର କମିଟିର ସମସ୍ତ ସଦସ୍ୟ ଓ ଭାଲୁକା ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ ।



# ହାତପାଆନ୍ତାରେ ମାରାତ୍ମକ ସିନ୍ଥେଟିକ୍ ରଙ୍ଗ

**● ଏଥର ହେଲାନି ଚଢ଼ଉ: ପୁଲିସ ସାଜିଛି ନିରବଦ୍ରଷ୍ଟା**
**● ହର୍ବାଲ୍ ରଂଗର ଚାହିଦା ବଢ଼ିବା ବଦଳରେ କମୁଛି**





କଟକ,୨।୩(ସମିସ): ଦିନକ ପରେ ସହରବାସୀ ହୋଲି ପାଳିବେ। ସାରା ସହରରେ ଅସ୍ଥାୟୀ ଭାବେ ଖୋଲିଥିବା ରଂଗ ଦୋକାନରେ ଏବେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ସମୟ ସାଙ୍ଗରେ ତାଳ ଦେଇ ବଦଳୁଛି ସହରବାସୀଙ୍କ ପସନ୍ଦ। ନୂଆ ନୂଆ ଟ୍ରେଣ୍ଡକୁ ଫଲୋ କରୁଛନ୍ତି ଯୁବବର୍ଗ। ଦିନଥିଲା ହର୍ବାଲ୍ ରଙ୍ଗ ପିଚକାରୀ ମାରି ସଭିଏଁ ହୋଲି ଉତ୍ସବ ମନାଉଥିଲେ। ଏବେ କିନ୍ତୁ ଉତ୍ସବ ମନାଇବାର ଶୈଳୀ ବଦଳିଯାଇଛି। ରଙ୍ଗର ପର୍ବକୁ ଅଧିକରୁ ଅଧିକ ରଙ୍ଗୀନ କରିବାକୁ କିଏ ମୁହଁରେ ବିକୃତ ମୁଖା ପିନ୍ଧି ମାରାତ୍ମକ ସିନ୍ଥେଟିକ୍ ରଂଗ ଖେଳୁଛି ତ ଆଉ କିଏ ଚର୍ମରେ ବିପଦ ସୃଷ୍ଟି କରୁଥିବା ଭଳି ନକଲି ଚୁଟି ଲଗାଉଛନ୍ତି। ପୁଣି କିଏ କେବଳ ଧଳା ରଙ୍ଗ ଡ୍ରେସ ପିନ୍ଧି ହୋଲି ଖେଳିବାକୁ ପସନ୍ଦ କରୁଛନ୍ତି। ଏଥିପାଇଁ କଟକର ହୋଲି ବଜାର ସରଗରମ ହୋଇଉଠିଛି। ମନ ପସନ୍ଦର ରଙ୍ଗ କିଣିବାକୁ କଟକର ଗଳି କନ୍ଦିରେ ଥିବା ସମସ୍ତ ରଙ୍ଗ ଦୋକାନରେ ଭିଡ଼। ଏହାର ସୁବିଧା ନେଇ ରଂଗ ଦୋକାନୀମାନେ ବିପଦପୂର୍ଣ୍ଣ ସିନ୍ଥେଟିକ୍ ରଂଗ ବିକ୍ରୟ କରୁଛନ୍ତି। ଜିଲ୍ଲା ପ୍ରଶାସନ, ମହାନଗର ନିଗମର ସ୍ୱାସ୍ଥ୍ୟ ବିଭାଗ ଏବଂ କମିସନରେଟ୍ ପୁଲିସ ଏହା ଜାଣି ମଧ୍ୟ ନିରବଦ୍ରଷ୍ଟା ସାଜିଛନ୍ତି। ପୂର୍ବ ବର୍ଷଗୁଡ଼ିକରେ ଚଢ଼ଉ କରାଯାଇ ବିପୁଳ ପରିମାଣର ରଂଗ ଜବତ କରାଯାଇଥିବା ବେଳେ ଏଥର ଆଦୌ ଚଢ଼ଉ କରାଯାଇ ନାହିଁ। ଯାହାଫଳରେ ବିଭିନ୍ନ ପ୍ରକାର ସିନ୍ଥେଟିକ୍ ଗୁଲାଲ୍, ଲାଲ, ଗୋଲାପୀ, ସବୁଜ, ନୀଳ ଓ ହଳଦିଆ ରଂଗ ଏବେ ସମସ୍ତ ରଂଗ ଦୋକାନରେ ସହଜରେ ଉପଲବ୍ଧ ହେଉଛି। ଖୁଲମ୍‌ଖୁଲା ନିର୍ଭୟରେ ରଂଗ ବ୍ୟବସାୟୀମାନେ ମାରାତ୍ମକ ରଂଗଗୁଡ଼ିକୁ ବିକ୍ରୟ କରୁଛନ୍ତି। ଏହି ସିନ୍ଥେଟିକ ରଂଗ ଚର୍ମରେ ଜ୍ୱାଳା ଓ ଆଲର୍ଜି ଭଳି ରୋଗ ସହଜରେ ସୃଷ୍ଟି କରିବାର କ୍ଷମତା ରଖିଛି। ଏହି ରଂଗ ବ୍ୟବହାର କରିବା ଦ୍ୱାରା ସିଧାସଳଖ ଆଖିରେ ପ୍ରଭାବ ପଡ଼ିବ। ଆଖି ଲାଲ୍ ହେବା ସହିତ ଦୀର୍ଘ ସମୟ ଧରି ଜଳାପୋଡ଼ା କରିବ। କେତେକ ସିନ୍ଥେଟିକ୍ ରଂଗରେ ସିସା, ପାରା ଓ କ୍ରୋମିୟମ୍ ଭଳି ମାରାତ୍ମକ ଧାତୁରେ ତିଆରି ହୋଇଥିବା ବେଳେ ଏହା ଶରୀର ଉପରେ ସାଂଘାତିକ କ୍ଷତି ପହଞ୍ଚାଇବ।

ଅନ୍ୟପଟେ ହୋଲି ପାଇଁ ବିଭିନ୍ନ ରଂଗର ବଜାର ଦର ଗତବର୍ଷ ତୁଳନାରେ ଅଧିକ ରହିଛି। ଲାଲ, ଗୋଲାପୀ, ସବୁଜ, ନୀଳ ଓ ହଳଦିଆ ଗୁଲାଲ୍(ଅବିର)୧୦୦ ଗ୍ରାମକୁ ୧୦ଟଙ୍କାରୁ ଆରମ୍ଭ କରି ୨୫ଟଙ୍କା, ୨୫୦ଗ୍ରାମକୁ ୩୦ଟଙ୍କାରୁ ଆରମ୍ଭ କରି ୬୦ଟଙ୍କା, ୧କେଜିକୁ ୧୨୦ଟଙ୍କାରୁ ଆରମ୍ଭ କରି ୨୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ହର୍ବାଲ୍ ଗୁଲାଲ୍‌ଗୁଡ଼ିକ ୧୦୦ଗ୍ରାମକୁ ୨୫ଟଙ୍କାରୁ ଆରମ୍ଭ ହୋଇ ୫୦ଟଙ୍କା ପର୍ଯ୍ୟନ୍ତ ଦରରେ ବିକ୍ରି କରାଯାଉଛି। ୨୫୦ଗ୍ରାମକୁ ୬୦ଟଙ୍କାରୁ ଆରମ୍ଭ କରି ୧୨୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ପାଣି ରଂଗର ଚାହିଦା ମଧ୍ୟ ଢ଼େର ଅଧିକ ରହିଛି। ଚୋଟ୍ ପ୍ୟାକେଟ୍ ଯେଉଁଥିରେ ୫୦ରୁ ୧୦୦ଟି କଲର୍ ବଲ୍ ରହିଥାଏ, ତାହାକୁ ୫୦ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି। କଲର୍ ସ୍ପ୍ରେଗୁଡ଼ିକ ୨୫ଟଙ୍କାରୁ ଆରମ୍ଭ କରି ଦେଢ଼ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। କଲର୍ କ୍ୟାନ୍‌ଗୁଡ଼ିକ ୧୫୦ ଟଙ୍କାରେ ଉପଲବ୍ଧ ହେଉଛି। ସେହିପରି ମୁଣ୍ଡଫାଟା, ବାର୍ନିସ୍ ରଂଗର ଦର ଆକାଶଛୁଆଁ ରହିଛି।

ଏଥର ରଂଗ ବଜାରକୁ ଦେଖିଲେ, ହର୍ବାଲ୍ ରଂଗ ଅପେକ୍ଷା ସିନ୍ଥେଟିକ୍ ରଂଗର ଚାହିଦା ଜୋରଦାର୍ ରହିଛି। ସହରର ଚୌଧୁରୀ ବଜାର, ମର୍କତନଗର, ବକ୍ସିବଜାର, ମଙ୍ଗଳାବାଗ, ରାଣୀହାଟ, କଲେଜଛକ, ଓଏମ୍‌ପି, ଲିଙ୍କ୍‌ରୋଡ୍, ବାଦାମବାଡି, ମଲାଚଣ୍ଡିଆ ଛକ, ହରିପୁର, ଦୋଳମୁଣ୍ଡାଇ, ଶେଖବଜାର, ଚଣ୍ଡିଛକ, ମର୍କତନଗର, ବିଡାନାସୀ, ଗଣ୍ଡରପୁର, ଶିଖରପୁର, ମାଛୁଆବଜାର ଭଳି ବିଭିନ୍ନ ଅଞ୍ଚଳରେ ଖୋଲିଥିବା ରଂଗ ଦୋକାନରେ ବିପୁଳ ପରିମାଣରେ ସିନ୍ଥେଟିକ୍ ରଂଗ ଉପଲବ୍ଧ ହେବା ସହିତ ବେଧଡ଼କ୍ ବେପାର ଜମିଥିବା ଦେଖିବାକୁ ମିଳିଛି।





ହୋଲି ଅବସରରେ ମାରୱାଡ଼ି ସମ୍ପ୍ରଦାୟ ପକ୍ଷରୁ ଅଭିନୟ ଦ୍ୱାରା ସଚେତନତାମୂଳକ ପରିକ୍ରମା

**● ଆପଣ କେମିତି ଅଛନ୍ତି ?**

## ଦେବଦାସ ଛୋଟରାୟଙ୍କୁ ଭେଟିଲେ ମେୟର

କଟକ,୨।୩(ସମିସ): 'ଆପଣ କେମିତି ଅଛନ୍ତି' ? ଭଳି ନିଆରା କାର୍ଯ୍ୟକ୍ରମ ମାଧ୍ୟମରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଦେବଦାସ ଛୋଟରାୟଙ୍କୁ ତାଙ୍କ କଟକ ବାସଭବନରେ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ମହାନଗର ନିଗମ ମେୟର ସୁବାସ



ସିଂହ। ଏହି ଅବସରରେ ମେୟର ଶ୍ରୀ ସିଂହଙ୍କ ସହିତ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ସ୍ଥାନୀୟ କର୍ପୋରେଟର ସତ୍ୟରଞ୍ଜନ ତ୍ରିପାଠୀ, ଅକ୍ଷୟ ଦାସ ଏବଂ ଶ୍ରୀ ଛୋଟରାୟଙ୍କ ପରିବାର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ୧୯୭୧ ମସିହାରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବରେ ନିଜର କର୍ମ ଜୀବନ ଆରମ୍ଭ କରିଥିଲେ। ସେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଆଦି ରାଜ୍ୟରେ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇଥିଲେ। ଶ୍ରୀ ଛୋଟରାୟ ଏକାଧାରରେ ଜଣେ ପ୍ରଶାସନିକ ଅଧିକାରୀ, ଲେଖକ ଥିଲେ।





ସହରରେ ବିମାନ ପରିକ୍ରମା

## ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ହୋଲିର ରଙ୍ଗୋତ୍ସବ

କଟକ,୨।୩(ସମିସ): ମିଶନ ରୋଡସ୍ଥିତ ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲ ପରିସରରେ ସେଣ୍ଟ ଜାଭିଅର୍ସ ହାଇସ୍କୁଲ ପକ୍ଷରୁ ହୋଲିର ରଙ୍ଗୋତ୍ସବ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ସ୍କୁଲ୍ ପରିସରରେ ହୋଲି ଖେଳିବାକୁ ଆଜି ଏକାଠି ହେଇଥିଲେ। ସେଣ୍ଟ ଜାଭିଅର୍ସ ଏଜୁକେସନାଲ୍ ଟ୍ରଷ୍ଟର ଅଧ୍ୟକ୍ଷ ଡ଼ଃ ପ୍ରଭୂଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମାଜ ଖବରକାଗଜର ପ୍ରିଣ୍ଟର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମୀର ପରିଜା ବିଦ୍ୟାଳୟର ଶିକ୍ଷା ସହିତ ପାରମ୍ପରିକ ସଂସ୍କୃତି ମୂଲ୍ୟବୋଧ ଅକ୍ଷୁଣ୍ଣ ରଖିବାର ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ରୂପା ମିଶ୍ରଙ୍କ ଭିନ୍ନ ଦୃଷ୍ଟିକୋଣରେ କାର୍ଯ୍ୟକ୍ରମଟି ସୁନ୍ଦର ଭାବେ ଆୟୋଜିତ ହୋଇଥିଲା। ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ସୃଷ୍ଟି କରିଥିଲା ଏକ ଭିନ୍ନ ସୃଜନଶୀଳତା। ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ଦ୍ୱାରା ପ୍ରାୟୋଜିତ ନୃତ୍ୟ-ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲା। ବିଶେଷ କରି ମା'-ସନ୍ତାନ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା ସୃଜନଶୀଳତା ମନୋଭାବକୁ ପ୍ରତିପାଦିତ କରିପାରିଥିଲା। ସେହିପରି ବାପା-ସନ୍ତାନ ମଧ୍ୟରେ ମଟକା ଫୋଡ଼ ପ୍ରତିଯୋଗିତା ସମସ୍ତଙ୍କୁ ଆନନ୍ଦ ଓ ଉତ୍ସାହ ଯୋଗାଇଥିଲା। ଓଡ଼ିଆଙ୍କ ପ୍ରିୟ ଦହିବରା ଆଳୁଦମ୍‌କୁ ସମସ୍ତଙ୍କୁ ବର୍ଣ୍ଟନ କରାଯାଇଥିଲା। ଏହି ମନୋଜ୍ଞ ପରିବେଶରେ ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି, ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି, ସହନିର୍ଦ୍ଦେଶିକା ଆୟଶା ଦାସ ଏବଂ ପାଣ୍ଡା କମ୍ବର ପ୍ରତିଷ୍ଠାତା ତଥା ସହ ନିର୍ଦ୍ଦେଶକ ସମର୍ଥ ମହାନ୍ତି ପ୍ରମୁଖ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।




## ସୁଧୁରୁନି ପିସିଆର୍ ସମସ୍ୟା

**■ ଏଣିକି ଅବହେଳା କଲେ ହେବେ ବହିଷ୍କାର**
**■ ଜେଲ୍ ଯିବା ସହିତ ଦରମା କରାଯିବ ରିକଭରି**

କଟକ,୨।୩(ସମିସ): କମିସନରେଟ୍ ପୁଲିସ ପରିଚାଳନା ବ୍ୟବସ୍ଥାରେ ସୁଧାର ଆଣିବାକୁ ଏକାଧିକ ପଦକ୍ଷେପ ଗ୍ରହଣ କରାଯାଉଛି। ଏଣିକି ଆଉ ପିସିଆର କର୍ମଚାରୀଙ୍କୁ କ୍ଷମା ନାହିଁ। କର୍ତ୍ତୃପକ୍ଷଙ୍କ ସ୍କାନରରୁ ସେମାନେ ବର୍ତ୍ତିପାରିବେ ନାହିଁ। ଯଦି କେହି ପିସିଆର କର୍ମଚାରୀ କର୍ତ୍ତବ୍ୟରେ ଅବହେଳା କରନ୍ତି, ତେବେ ସମ୍ପୃକ୍ତ କର୍ମଚାରୀଙ୍କୁ ସିଧାସଳଖ ନିଲମ୍ବନ କରାଯିବ। ଚାକିରିରୁ ବହିଷ୍କାର ହେବା ପରେ ଜେଲ୍ ମଧ୍ୟ ଯିବାକୁ ପଡ଼ିପାରେ ବୋଲି କମିସନରେଟ୍ ପୁଲିସ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଯାହାର ଏକ ନକଲ ପ୍ରତି ପିସିଆର ଭ୍ୟାନ୍‌ରେ ଲଗାଯାଇଛି। ସେଥିରେ ଉଲ୍ଲେଖ ରହିଛି ଯେ ପିସିଆର ଭ୍ୟାନ ଇନ୍‌ଚାର୍ଜ ଥିବା ସ୍ପେସାଲ ପୁଲିସ ଅଫିସର କିମ୍ବା ଅବସରପ୍ରାପ୍ତ କର୍ମଚାରୀମାନେ କୌଣସିମତେ ଆଇନକାନୁନ୍ ଉଲ୍ଲଙ୍ଘନ କରିବେ ନାହିଁ। କୌଣସି ପ୍ରକାର ବିଶୃଙ୍ଖଳିତ କିମ୍ବା ବେଆଇନ୍ କାର୍ଯ୍ୟକଳାପରେ ଲିପ୍ତ ରହିଲେ, ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯିବ। ପିସିଆର୍‌ରେ ନିୟୋଜିତ ଅବସରପ୍ରାପ୍ତ ସେନା ଯବାନମାନଙ୍କ ପେନସନ ବନ୍ଦ କରାଯିବା ସହ ଆର୍ମି ୱେଲଫେୟାର ବୋର୍ଡକୁ ବିଶୃଙ୍ଖଳ କାର୍ଯ୍ୟକଳାପ ସମ୍ପର୍କୀତ ଚିଠି କରାଯିବ। ଯଦି ଏସ୍‌ପି ଓ ଅବସରପ୍ରାପ୍ତ ସେନା କର୍ମଚାରୀମାନେ କୌଣସି ଫୌଜଦାରୀ ମାମଲାରେ ଲିପ୍ତ ରୁହନ୍ତି, ସେମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଇ ଜେଲ ପଠାଯିବ। ପିସିଆର ଭ୍ୟାନ୍‌ରେ ଥିବା ହାବିଲଦାର, କନଷ୍ଟେବଲ ଓ ଓଏପିଏଫ୍ ଯବାନ ଦାୟିତ୍ୱରେ ଅବହେଳା କଲେ, ତୁରନ୍ତ ନିଲମ୍ବିତ କରାଯିବ। ସେମାନଙ୍କୁ ମଧ୍ୟ ଗିରଫ କରାଯାଇ ଜେଲ ପଠାଯିବ। ହୋମଗାର୍ଡମାନେ ଚାକିରିରୁ ବହିଷ୍କୃତ ହେବା ସହ ଜେଲ ଯିବେ। ଇଆର୍‌ଏସ୍‌ଏସ୍-୧୧୨ର ସମସ୍ତ ପିସିଆର ଭ୍ୟାନକୁ ଘରୋଇ ସଂସ୍ଥାର ଡ୍ରାଇଭର ଚଳାନ୍ତି। ସେମାନେ ଯଦି କୌଣସି ଅପରାଧରେ ଲିପ୍ତ ରୁହନ୍ତି କିମ୍ବା ଦାୟିତ୍ୱରେ ଅବହେଳା କରନ୍ତି, ତା' ହେଲେ ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ମିଳିଥିବା ସୂଚନା ଅନୁସାରେ, କଟକ ସହରରେ ସର୍ବନିମ୍ନ ୭୦ଟି ପିସିଆର୍ ଭ୍ୟାନ୍ ଆବଶ୍ୟକତା ରହିଥିବା ବେଳେ ମାତ୍ର ୨୪ଟିରେ କାମ ଚଳାଯାଉଛି। ଯେଉଁ କାରଣରୁ ଉଭୟ ଡେ' ଓ ନାଇଟ୍ ପାଟ୍ରୋଲିଂ ଠିକ୍ ଭାବେ ହୋଇପାରୁନାହିଁ। ସରକାରଙ୍କ ନିୟମ ଅନୁସାରେ, ଠିକାରେ ୩୫ ଜଣ ଏସ୍‌ପିଓ(ଅବସରପ୍ରାପ୍ତ ସେନା କର୍ମଚାରୀ) ଏବଂ ୩୦ରୁ ଅଧିକ ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସେମାନଙ୍କୁ ବିଭିନ୍ନ ସମୟରେ ଡ୍ୟୁଟି ବଣ୍ଟା ଯାଇଥାଏ। ପାଟ୍ରୋଲିଂ ଡ୍ୟୁଟିରେ ମଧ୍ୟ ସେମାନଙ୍କୁ ନିଯୁକ୍ତ କରାଯାଉଛି। ସେମାନଙ୍କ ସହିତ ସ୍ଥାୟୀ ଥାନା କର୍ମଚାରୀ ମଧ୍ୟ ପିସିଆର୍‌ରେ ରହୁଛନ୍ତି। ବାସ୍ତବରେ କିନ୍ତୁ ପିସିଆର୍ ସ୍ଥିତି ଭିନ୍ନ ରହିଛି। ୩ଜଣ ଠିକା କର୍ମଚାରୀ ଓ ଡ୍ରାଇଭର ପିସିଆର୍‌ରେ ବସି ଡ୍ୟୁଟି କରୁଛନ୍ତି। ସ୍ଥାୟୀ ପୁଲିସ ଅଫିସର, କନେଷ୍ଟବଳ ଓ ହାବିଲଦାର୍ ରହୁ ନଥିବା ହେତୁ ପାଟ୍ରୋଲିଂ ଢିଲା ହେଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ କଟକ ସହରକୁ ଶୂନ୍ୟ ଅପରାଧପ୍ରବଣ କରିବା ନିମନ୍ତେ ଥାନାଗୁଡ଼ିକୁ ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇ ଦିଆଯାଉଛି। ହେଲେ ପୁଲିସ କଣ୍ଟ୍ରୋଲ୍ ରୁମ୍ ଏବଂ ପିସିଆର୍ ଭ୍ୟାନ୍ ମଧ୍ୟରେ ତାଳମେଳ ରହୁନଥିବାରୁ ପାଟ୍ରୋଲିଂ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କଟକ କମିସନରେଟ୍ ପୁଲିସ ବ୍ୟବସ୍ଥାରେ ଏବେ ସମୁଦାୟ ୨୪ଟି ପିସିଆର୍ ଭ୍ୟାନ୍‌କୁ ମଧ୍ୟ ନିୟମିତ ସଜଡା ଯାଉ ନଥିବାରୁ ଅନେକ ସମୟରେ ଗାଡି ଖରାପ ହେବା ସହିତ ଥାନା ସମ୍ମୁଖରେ ପଡ଼ି ରହୁଛି। ଏଭଳି ସ୍ଥିତିରେ କର୍ତ୍ତବ୍ୟରତ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ପାରୁ ନାହାନ୍ତି। ଦିନକୁ ଦିନ କଟକର ପରିସୀମା ପରିବ୍ୟାପ୍ତ ହେବା ସହିତ ଜନସଂଖ୍ୟା ମଧ୍ୟ ବୃଦ୍ଧି ଘଟୁଛି।ଏହାକୁ ଦୃଷ୍ଟି ଦେଲେ, ସେହି ତୁଳନାରେ ସହରରେ ପାଟ୍ରୋଲିଂ ପାଇଁ ଥିବା ପିସିଆର୍ ଭ୍ୟାନ୍‌ର ଅଭାବ ପରିଲକ୍ଷିତ ହେଉଛି। କମିସନରେଟ୍ ପୁଲିସ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମାରେ କର୍ତ୍ତବ୍ୟରେ ଅବହେଳା କରିଥିବା କିମ୍ବା ଗାଡ଼ିରୁ ଉତ୍କ୍ରୋଚ ନେଉଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ; କିନ୍ତୁ ପିସିଆର୍ ଭ୍ୟାନ୍ ଓ କର୍ମଚାରୀଙ୍କ ଅଭାବ ଥିବାରୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିବା ମୁଖ୍ୟ କାରଣ ହୋଇଥିବା ବେଳେ ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ମଧ୍ୟ ଦାବି ଉଠିଛି।

## ୧୪ ଲକ୍ଷର ମାଦକଦ୍ରବ୍ୟ ଜବତ; ୪ ଗିରଫ

କଟକ,୨।୩(ସମିସ): ହୋଲିରେ ଚୋରା ନିଶା କାରବାରକୁ ରୋକିବା ଉଦ୍ଦେଶ୍ୟରେ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଜୋରଦାର ଚଢ଼ଉ କରିଛି। ଏହିକ୍ରମରେ ବିଭିନ୍ନ ସ୍ଥାନରୁ ୪ ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ଦୁଇଟି କାର ସହିତ ପ୍ରାୟ ୧୪ ଲକ୍ଷ ଟଙ୍କାର ମାଦକଦ୍ରବ୍ୟ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁସାରେ, ସୋମବାର ଏକ କାରରେ ବିପୁଳ ପରିମାଣର ନିଶାଦ୍ରବ୍ୟ କଟକ ଚାଲାଣ ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଏହାପରେ ଫ୍ଲାଇଂ ସ୍କ୍ୱାଡ ରାଜପଥର ବାଲିକୁଦା ଛକ ନିକଟରେ ଜଗି ରହିଥିଲା। କିଛି ସମୟ ପରେ ନିକଟସ୍ଥ ରେଳ ଓଭରବ୍ରିଜ ନିକଟରେ ଏକ ସନ୍ଦିଗ୍ଧ କାରକୁ ଅଟକାଇ ତଲାସି ନେବାରୁ କାର୍ ଭିତରୁ ୭୫୦ ଲିଟର ଦେଶୀ ମଦ ମିଳିଥିଲା। ଯାହାର ମୂଲ୍ୟ ପ୍ରାୟ ସାଢେ ୬ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ସାଲେପୁର କନ୍ଟୋଳ ଅଞ୍ଚଳର ଅଭିଯୁକ୍ତ ତ୍ରିନାଥ ବେହେରା(୪୩)କୁ ଗିରଫ କରାଯାଇଛି। ସେହିପରି ଅନ୍ୟ ଏକ ନିଶା କାରବାର ଘଟଣାରେ ଢେଙ୍କାନାଳର ଉପେନ୍ଦ୍ର କୁମାର ସାହୁ(୪୫), ଶାନ୍ତନୁ ମହାପାତ୍ର(୩୫) ଓ ଦିଲ୍ଲୀପ ମହାପାତ୍ର(୩୫)କୁ ଗିରଫ କରାଯାଇଛି। ଏମାନଙ୍କ ପାଖରୁ ୧ ହଜାର ୬୮ ଲିଟର ଦେଶୀ ଓ ସାଢେ ୩ ଲିଟର ବିଦେଶୀ ମଦ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ସାଢେ ୭ ଲକ୍ଷ ଟଙ୍କା ହେବ। ଉପରୋକ୍ତ ୪ ଅଭିଯୁକ୍ତ ଢେଙ୍କାନାଳରୁ ଦେଶୀ ମଦ ଆଣି କଟକ ଆସୁଥିବା ତଦନ୍ତରୁ ଜଣାପଡ଼ିଛି।

## ଛାତ୍ରଙ୍କୁ ଆକ୍ରମଣ

କଟକ,୨।୩(ସମିସ): ଜଣେ କଲେଜ ଛାତ୍ରକୁ ଆକ୍ରମଣ ହୋଇଛି। ଏନେଇ ଛାତ୍ରଙ୍କ ମା' ଦରଖାପାଟଣା ଜଗବନ୍ଧୁ ବିହାରର ଅନିତା ବାସନ୍ତି ମଧୁପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଗତ ୨୬ ତାରିଖ ସକାଳ ସାଢେ ୯ଟାରେ ପୁଅ କଲେଜକୁ ପରୀକ୍ଷା ଦେବାକୁ ଯାଇଥିଲା। କଲେଜରେ କିଛି ଯୁବକ ତାକୁ ପରୀକ୍ଷା ଦେବାକୁ ମନା କରିଥିଲେ। ବାହାରକୁ ଆସିଲେ ମାରପିଟ କରିବୁ ବୋଲି ଧମକଚମକ ଦେଇଥିଲେ। ପରେ ରାତି ୯ଟାରେ ଚାଉଳିଆଗଞ୍ଜ ଅଞ୍ଚଳର କିଛି ଯୁବକ ତାଙ୍କ ଘରକୁ ଆସି ପୁଅକୁ ବାହାରକୁ ଡାକିନେଇ ମାରପିଟ କରିବା ସହ ହତ୍ୟା ଧମକ ଦେଇଛନ୍ତି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି।

## ଜାତୀୟ ଶିକ୍ଷାନୀତି ସମୀକ୍ଷା ସମ୍ମିଳନୀ

କଟକ,୨।୩(ସମିସ): କୈବଲ୍ୟ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଓଡ଼ିଶାରେ ଜାତୀୟ ଶିକ୍ଷାନୀତି ସମୀକ୍ଷା ସମ୍ମିଳନୀ ୨୦୨୬ କଟକ ସାରଳା ଭବନରେ ଆୟୋଜିତ ହୋଇଯାଇଛି। ଶତାଧିକ ଶିକ୍ଷକ, ଅଧ୍ୟାପକ, ଅଧ୍ୟକ୍ଷ ଏବଂ ପ୍ରଫେସରଙ୍କୁ ନିୟମ ଅନୁସାରେ ଚୟନ କରାଯାଇ ଗୋପବନ୍ଧୁ ଶିକ୍ଷାରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ଗୋପବନ୍ଧୁ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। କଟକ ମହାନଗର ନିଗମର ମେୟର ସୁବାସ ସିଂହ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ସମ୍ମାନିତ ଅତିଥି ଭାବେ ଅସୀମ ଅମିତାଭ ଦାଶ, ପ୍ରଫେସର ବନବିହାରୀ ମିଶ୍ର ଏବଂ ଲଲାଟେନ୍ଦୁ ବଡୁ ଓ ଅନୁଷ୍ଠାନର ପ୍ରତିଷ୍ଠାତା ଡ଼କ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ ଯୋଗଦାନ କରିଥିଲେ। ଆଲୋଚନା ସଞ୍ଚାଳନ କରିଥିଲେ ସାମ୍ବାଦିକା ସୋନାଲି ତ୍ରିପାଠୀ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା "ଇତିହାସ ଆଇନା' ଏବଂ କବୟିତ୍ରୀ ସୌଭାଗିନି ନନ୍ଦଙ୍କ କବିତା ପୁସ୍ତକ "କବିତା ସୁରଭି' ଉନ୍ମୋଚିତ ହୋଇଥିଲା। ଆଲୋଚକ ଭାବେ ପ୍ରଫେସର ଡ଼କ୍ଟର କୁମରବର ଦାସ, ଡକ୍ଟର (ଇଂ) ସଞ୍ଜୟ କୁମାର ପଣ୍ଡା, ଡ଼କ୍ଟର ନଳିନୀ ପ୍ରଭା ମହାପାତ୍ର, ଡ଼କ୍ଟର ଚିନ୍ମୟୀ ମହାପାତ୍ର, ପ୍ରଫେସର ବନବିହାରୀ ମିଶ୍ର, ଡ଼କ୍ଟର ଅଟଳ ବିହାରୀ ପଣ୍ଡା, ଡ଼କ୍ଟର ଭାଗବତ ଶୁକ୍ଳା, ପ୍ରଫେସର ଡ଼କ୍ଟର ଗୌତମ ଜେନା, ପ୍ରଫେସର ଡ଼କ୍ଟର ଲବଂଗଲତା ବିଶୋଇ, ଡ଼କ୍ଟର ହିମାଂଶୁ ଶେଖର ଖଟୁଆ, ଡ଼କ୍ଟର ସନ୍ତୋଷ ମହାପାତ୍ର, ପ୍ରଫେସର ଡ଼କ୍ଟର ଅଦ୍ୱୈତ ଚରଣ ଧଳ, ଡ଼କ୍ଟର କବିତା ମିଶ୍ର, ଡ଼କ୍ଟର ଲକ୍ଷ୍ମୀପ୍ରିୟା ବେହେରା, ଡ଼କ୍ଟର ଜୟନ୍ତୀ ସିଂହ, ଡ଼କ୍ଟର ମନୋରଞ୍ଜନ ବେଉରା ଯୋଗଦାନ କରିଥିଲେ। ଶିକ୍ଷାବିତ୍ ଡ଼କ୍ଟର ମନ୍ଦାକିନୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନ ସଚେତନତା ଶିବିର

କଟକ,୨।୩(ସମିସ): ଓଡ଼ିଶା ଲିଗାଲ ଏଡ କାଉନସିଲ ପକ୍ଷରୁ ୪୨ମୌଜା ଶ୍ରୀରାମ ପଞ୍ଚାୟତରେ ଆଇନ ସଚେତନତା ଓ ପ୍ରଶିକ୍ଷଣ ଶିବିର ସମାଜସେବୀ ବସନ୍ତ କୁମାର ପଣ୍ଡାଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ମୁରବୀ ସୁରେନ୍ଦ୍ରନାଥ ସାହୁ, ଓଡିଶା ଲିଗାଲ ଏଡ କାଉନସିଲ ରାଜ୍ୟ ସଚିବ ଆଡଭୋକେଟ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ ସମେତ ଆଡଭୋକେଟ ବୈଷ୍ଣବ ସେଠୀ, ଆଡଭୋକଟେ ଅନିଲ ଶାହା, ପୁନମ ବିଶ୍ୱାଳ ଯୋଗ ଦେଇଥିଲେ। ଆଡଭୋକେଟ ବୈଷ୍ଣବ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରିୟଙ୍କା ସାହୁ, ରବୀନ୍ଦ୍ରନାଥ ସାହୁ, ଯୋଗେନ୍ଦ୍ର ସାହୁ, ରୀତା ପରିଡା, କୌଶଲ୍ୟା ନାୟକ, ନମିତା ବେହେରା, ଲୋକନାଥ ଦେବତା, ସଂଗ୍ରାମ କର, ସତ୍ୟଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

## ଦାରଶୁଣି ଘାଟି ରାସ୍ତା ସମ୍ପ୍ରସାରଣ କାମ

# ବଢ଼ିଲା ଯାନବାହନ ଚଳାଚଳ କଟକଣା ଅବଧି

ବାରିପଦା, ୨।୩(ସମିସ)



ଦାରଶୁଣି ଘାଟି ମଧ ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥର ସମ୍ପ୍ରସାରଣ କାମ ପାଇଁ କଟକଣା ଅବଧିକୁ ଚଳିତ ମାସ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ପଥର ବିସ୍ଫୋରଣ କାର୍ଯ୍ୟ ପାଇଁ ସତର୍କତା ପଦକ୍ଷେପ ସ୍ୱରୂପ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଆଦେଶ ଜାରି କରାଯାଇଛି। ପ୍ରତ୍ୟେକ ସପ୍ତାହରେ କେବଳ ଗୁରୁବାର ଓ ଶୁକ୍ରବାର ଦିନ ୧ଟାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଏହି ରାସ୍ତା ମଧ ଦେଇ ଯିବାଆସିବା ବନ୍ଦ ରହିବ। ଏହି ଦିନମାନଙ୍କରେ ଦାରଶୁଣି ଘାଟିକୁ ଯୋଡୁଥିବା ଉଭୟ ବାଙ୍ଗିରିପୋଷି ଓ ବିଶୋଇ ପାର୍ଶ୍ୱରେ ଥିବା ପ୍ରବେଶ ପଥ ବନ୍ଦ ରହିବ। ଯେକୌଣସି ଯାନବାହାନ (ଦୁଇ ଚକିଆରୁ ଉର୍ଦ୍ଧ୍ୱ ସମସ୍ତ ଯାନ) ଓ ପଥଚାରୀ ଏହି ସମୟରେ ଯାତାୟାତ କରିପାରିବେନାହି।

ଏଥିସହ ଘାଟି ଆଖପାଖରେ ଗାଈଛେଳି ଚାରଣ କରାଇବା ମଧ୍ୟ ବାରଣ କରାଯାଇଛି। ସେହିପରି ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଗାଡ଼ି ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ପାଖରୁ ଅନୁମତି ମିଳିବା ପରେ ହିଁ ଯାତାୟାତ କରିପାରିବେ। କିନ୍ତୁ ସାଧାରଣ ଲୋକଙ୍କ ଯାନ ତଥା ପରିବହନକାରୀ ଯାନ କଟକଣା ସମୟରେ ଉପଯୁକ୍ତ ପାର୍କିଂ ସ୍ଥାନରେ ରହି ଅପେକ୍ଷା କରିବାକୁ ପଡ଼ିବ। କଟକଣା ସମାପ୍ତ ହେବା ପରେ ପ୍ରାଥମିକତା ଭିତ୍ତିରେ ପ୍ରଥମେ ସାଧାରଣ ଲୋକଙ୍କ ଯାନକୁ ଯାତାୟାତ ପାଇଁ ଛଡାଯିବ। ତେବେ କ୍ଷୁଦ୍ର ଯାନ ବ୍ୟବହାରକାରୀ ସାଧାରଣ ଲୋକଙ୍କ ସୁଗମ ଯାତାୟାତ

**ମାର୍ଚ୍ଚ ୩୧ ଯାଏଁ ପ୍ରତ୍ୟେକ ଗୁରୁ ଓ ଶୁକ୍ରବାର ୩ ଘଣ୍ଟା ବନ୍ଦ**

ପାଇଁ ବ୍ୟବସ୍ଥା ଅନୁଯାୟୀ ବିଶୋଇ-ଅର୍ଗଲବିନ୍ଧା-ଖଣ୍ଡୀଆଙ୍ଗା-ଯୋକା-ଚନ୍ଦନପୁର-କରଞ୍ଜା ରୋଡ଼କୁ ବିକଳ୍ପ ରାସ୍ତା ଭାବେ ବ୍ୟବହାର କରିପାରିବେ। ଯେକୌଣସି ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପୁଲିସ ମୁତୟନ କରିବାକୁ ବିଶୋଇ ଓ ବାଙ୍ଗିରିପୋଷି ଥାନାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି।

## ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଓ ନୂତନ ପାଠ୍ୟପୁସ୍ତକ ପ୍ରଣୟନ କର୍ମଶାଳା ଉଦ୍‌ଯାପିତ



**ଖୁଣ୍ଟ, ୨।୩(ସମିସ):** ଖୁଣ୍ଟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଅନ୍ତର୍ଗତ କୁମାର୍ଦ୍ଧା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ତୃତୀୟ ପର୍ଯ୍ୟାୟର ପାଞ୍ଚଦିନିଆ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଓ ନୂତନ ପାଠ୍ୟପୁସ୍ତକ ପ୍ରଣୟନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର 'ପ୍ରବୋଧନ' ଉଦଯାପିତ ହୋଇଛି। ଏହି କର୍ମଶାଳାକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ନୟନତାରା ମହାନ୍ତ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭେନ୍ଦୁ ମାଝୀ ଉଦଘାଟନ କରିଥିଲେ। ୨୦୨୬-୨୭ ଶିକ୍ଷାବର୍ଷରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୫୫ଟି ପୁସ୍ତକର ପ୍ରଣୟନ ହେବାକୁ ଯାଉଛି। ଏହି ପାଞ୍ଚ ଦିନ ମଧ୍ୟରେ ଶିକ୍ଷାର୍ଥୀ ପଞ୍ଚ ପଦ୍ଧତିର ସୋପାନ ଅଧାରି, ବୋଧ, ଅଭ୍ୟାସ, ପ୍ରୟୋଗ ଓ ପ୍ରସାର ସହିତ ପଞ୍ଚକୋଷ ଅର୍ଥାତ୍ ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ କୋଷ ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହିତ ନୂତନ ଜାତୀୟ ଶିକ୍ଷାନୀତି -୨୦୨୦, ଓଡ଼ିଶା ପାଠ୍ୟକ୍ରମ ରୂପରେଖ -୨୦୨୫ ପ୍ରସ୍ତୁତି, ଭାରତୀୟଜ୍ଞାନ ପରମ୍ପରା, ବହୁଭାଷିକ ଶିକ୍ଷଣ, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ଗୁରୁତ୍ୱ, ବିଭିନ୍ନ ବିଷୟଭିତ୍ତିକ ଭାଷା ଓଡ଼ିଆ, ଇଂରାଜୀ, ହିନ୍ଦୀ, ସଂସ୍କୃତ ଓ ଉର୍ଦ୍ଦୁରେ ପଢ଼ାଇବାର କୌଶଳ, ବୃତ୍ତିଗତ ଶିକ୍ଷା, ଶାରୀରିକ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହି କର୍ମଶାଳାରେ ବିଭିନ୍ନ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ୮୪ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ତାଲିମ ନେଇଥିଲେ। ପ୍ରଶିକ୍ଷକ ଭାବେ ଶିକ୍ଷକ ସୁବ୍ରତ କୁମାର ପଲେଇ, ବୃହସ୍ପତି ମହାନ୍ତ ଓ ଗୁଣଧର ସେଠୀ ଶିବିରକୁ ପରିଚାଳନା କରିଥିଲେ। ଉଦଯାପନ ଦିବସରେ ଖୁଣ୍ଟ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ କୁମାର ସିଂ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରିବା ସହିତ ପ୍ରଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ, ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।

## ଏମ୍‌ସିଏମ୍‌ରେ ନିଶା ମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ

**ବାରିପଦା, ୨।୩(ସମିସ):** ସ୍ଥାନୀୟ ମହାରାଜପୁରସ୍ଥ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ପରିସରରେ ଈଶ୍ୱରୀୟ ପ୍ରଜାପିତା ବ୍ରହ୍ମକୁମାରୀ ସଂଗଠନର ମିଳିତ ଆନୁକୂଲ୍ୟରେ ନିଶା ମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ଅଧକ୍ଷତା କରିଥିଲେ। ଈଶ୍ୱରୀୟ ପ୍ରଜାପିତା ବ୍ରାହ୍ମକୁମାରୀ ସଂଗଠନର ଚନ୍ଦ୍ରମୋହନ ବେହେରା, ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ, ଶାରୀରିକ ଶିକ୍ଷା, ବାଇଗଣବାଡ଼ିଆ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଡ ଆଶିଷ କୁମାର ବେହେରା, ବ୍ରହ୍ମକୁମାର ଧିରେନ ଭାଇ, ବ୍ରହ୍ମକୁମାରୀ ବିନିତା ଭଉଣୀ, ବହୁ ବ୍ରହ୍ମକୁମାର ଓ ବ୍ରହ୍ମକୁମାରୀ ଏହି ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇ ଉପାଦେୟ ବିଷୟ ଆଲୋଚନା କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ମୋବାଇଲ ବ୍ୟବହାର କିପରି ଶରୀର ଉପରେ କୁପ୍ରଭାବ ପକାଇବା ସହ ରୋଗ ବୃଦ୍ଧି କାରଣ ପାଲଟିଛି, ନିଶା ସେବନ ଦ୍ୱାରା କି କ୍ଷତି ହେଉଛି ତାହାକୁ ପ୍ରାମାଣିକ ଚଳଚ୍ଚିତ୍ର ମାଧ୍ୟମରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷା ସଂଘମିତ୍ରା ରାଉତ, ମୀରା ସେନାପତି, ସୁଜାତା ପାଳ, ସସ୍ମିତା ରାଉତ, ନିବେଦିତା ବେହେରା, ରୀନା ମହାନ୍ତ, ସୁଶ୍ରୀ ନାୟକ, ଡ. ଠାକୁରା ଚାରଣ ମାରାଣ୍ଡି, ଶ୍ରୀରାମ ଟୁଡୁ, ନିବେଦିତା ବେହେରା, ଲକ୍ଷ୍ମୀ ଚାପିଆର, ରୂପମଞ୍ଜରୀ ବେହେରା, ଅଭିପ୍ସା ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜର ମତ ଉପସ୍ଥାପନ କରିଥିଲେ। ପରେ ନିଜ ପରିବାର, ମହାବିଦ୍ୟାଳୟ, ଗ୍ରାମ, ରାଜ୍ୟ ଏପରିକି ଦେଶକୁ ନିଶାମୁକ୍ତ ରଖିବା ପାଇଁ ସମୂହ ଶପଥ ପାଠ କରାଯାଇଥିଲା। ବିଏଏଲଏଲବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଧନବାଦ ଅର୍ପଣ କରିଥିଲେ।

## ବ୍ରାହ୍ମଣ ମହାସଂଘ ମହାଯଜ୍ଞ

**ରାଇରଙ୍ଗପୁର, ୨।୩ (ସମିସ):** ଓଡ଼ିଶା ରାଜ୍ୟ ବ୍ରାହ୍ମଣ ମହାସଂଘ ବାମନଘାଟୀ ଶାଖା ଆନୁକୂଲ୍ୟରେ ୪ ଦିନ ବ୍ୟାପି ରାଇରଙ୍ଗପୁରସ୍ଥ ମନ୍ଦିର ସାହି ଶ୍ରୀଶ୍ରୀ ପୂର୍ଣ୍ଣେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଜଗତର କଲ୍ୟାଣ ନିମନ୍ତେ ବିଶ୍ୱ କଲ୍ୟାଣ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପୂଜା କର୍ମକାଣ୍ଡରେ କର୍ତ୍ତାକର୍ତ୍ତୀ ଭାବେ ସପତ୍ନୀକ ଈଶ୍ୱର ଚନ୍ଦ୍ର ପ୍ରହରାଜ ଯଜ୍ଞ ବେଦୀରେ ଉପବେସନ କରିଥିଲେ। ଶ୍ରୀକ୍ଷେତ୍ର ପୁରୁରୁ ଆଗତ ପୁରୋହିତ ଗଣ ରଞ୍ଜନ କୁମାର ପଣ୍ଡା, ସୌମ୍ୟପ୍ରତିମ ପଣ୍ଡା, ସତ୍ୟଜିତ ପଣ୍ଡା, ଅଭିଷେକ ଶତପଥୀ, ଶୁଭପ୍ରସାଦ ନନ୍ଦ ତଥା ସ୍ଥାନୀୟ ପଣ୍ଡିତଗଣ ଜନରଞ୍ଜନ ଦାଶ ଓ ସମୀର ଦାଶଙ୍କ ବେଦମନ୍ତ୍ରରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ଏଥିରେ ମଣ୍ଡଳକରଣ, କୁଷ୍ମାଧିବାସ, ଅଙ୍କୁରାରେପଣ, ଅଗ୍ନିସ୍ନିବ, ଜଳଯାତ୍ରା, ଅଗ୍ନିସ୍ଥାପନ, ମଣ୍ଡଳାଦିପୂଜନ, ହବନ, ସୂର୍ଯ୍ୟପୂଜା, ଚଣ୍ଡୀପାଠ ହବନ, ରୁଦ୍ରାର୍ଚ୍ଚନ ହବନ, ସୂର୍ଯ୍ୟପୂଜା, ଗୋ-ପୂଜା, ଭଗବତ ଗୀତା ହବନ, ପୂର୍ଣ୍ଣାହୂତି ଏବଂ ପ୍ରସାଦ ସେବନ ଆୟୋଜନ ସହ ଉକ୍ତ ଯଜ୍ଞକର୍ମରେ ବ୍ରାହ୍ମଣ ପିଲାମାନଙ୍କ ବ୍ରତଉପୋନୟନ ବିନା ଶୁଳ୍କରେ କରାଯାଇଥିଲା। ଉକ୍ତ ଆଧ୍ୟାତ୍ମିକ ବାତାବରଣରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ବ୍ରାହ୍ମଣ ମହାସଂଘ ରାଜ୍ୟ ସଭାପତି ଡ ସଦାନନ୍ଦ ଦୀକ୍ଷିତ, ଓଡ଼ିଶା ବ୍ରାହ୍ମଣ ମହାସଂଘ ମୟୂରଭଞ୍ଜ ଜିଲ୍ଲା ସଭାପତି ଅଲେଖ ଚନ୍ଦ୍ର ପାଠୀ ଏବଂ ପୁରୀ ବେଦମନ୍ତ୍ କାଣ୍ଡ କଲେଜର ଅଧ୍ୟକ୍ଷ ଡ ଜଗବନ୍ଧୁ ମିଶ୍ର ପ୍ରମୁଖ ଯୋଗ ଦେଇଥିଲା ବେଳେ ଓଡ଼ିଶା ବ୍ରାହ୍ମଣ ମହାସଂଘ ରାଇରଙ୍ଗପୁର ଶାଖା, ବାମନଘାଟୀ ଉପଖଣ୍ଡ ସଭାପତି ତରୁଣ କୁମାର ନନ୍ଦ, ସମ୍ପାଦକ ସୁଶାନ୍ତ ଶର୍ମା, କୋଷାଧ୍ୟକ୍ଷ ଜୟକୃଷ୍ଣ ଦାଶ ତଥା କାର୍ଯ୍ୟକାରୀ ସଦସ୍ୟଗଣ ଲୋକନାଥ ଦାଶ, ହେମନ୍ତ ତ୍ରିପାଠୀ, ଦୁଖୁ ପ୍ରହରାଜ, ଗଣେଶ୍ୱର ଦୀକ୍ଷୀତ, କ୍ରୀଷ୍ଣା ଶର୍ମା ତଥା ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ଭକ୍ତିରସାମୃତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ସ୍ଥାନୀୟ ଲୋକେ ଯୋଗ ଦେଇ ବିଭୁକୃପା ଲାଭ କରିଥିଲେ।

## ଅଧିକାର ମହାରାଲିରେ କୁଡୁମୀ ସେନାର ଯୋଗଦାନ

**ବାରିପଦା, ୨।୩(ସମିସ):** କୁଡୁମୀମାନଙ୍କ ବିରୋଧରେ ୭୫ ବର୍ଷ ପୂର୍ବରୁ ହୋଇଥିବା ଅନ୍ୟାୟ ବିରୋଧରେ ଶୀତଲ ଆହେଦାରଙ୍କ ନେତୃତ୍ୱରେ ରାଞ୍ଚିର ପ୍ରଭାତ ତାରା ମୈଦାନରେ କୁଡୁମୀ ଅଧିକାର ମହାରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲିରେ ଓଡ଼ିଶା, ବେଙ୍ଗଲ, ବିହାରରୁ ସବୁ କୁଡୁମୀ ସମ୍ପ୍ରଦାୟର ଲୋକ ଯୋଗଦାନ କରିଥିଲେ। ଓଡ଼ିଶାରୁ କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ନେତୃତ୍ୱରେ ହଜାର ହଜାର କୁଡୁମୀ ସମ୍ପ୍ରଦାୟର ଲୋକ ଏହି ରାଲିରେ ଭାଗ ନେଇଥିଲେ। ଜୈମୁନୀ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁଡୁମୀ ଜାତିକୁ କିପରି ଅନୁସୂଚିତ ଜାତି ମାନ୍ୟତା ମିଳିବ ଓ କୁଡୁମାଲୀ ଭାଷାକୁ କିପରି ଅଷ୍ଟମ ପରିଚ୍ଛେଦ ମାନ୍ୟତା ମିଳିବ, ସେ ସମ୍ପର୍କରେ ଆଲୋଚନା କରି ଆନ୍ଦୋଳନକୁ କିପରି ଆହୁରି ତୀବ୍ରରୂପ ଦିଆଯିବ ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାରୁ କୁଡୁମୀ ସେନାର ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ, କାହ୍ନୁଚରଣ ମହାନ୍ତ, ରାଜେଶ ମହାନ୍ତ, ଭବାନୀ ମହାନ୍ତ, ଭାଗ୍ୟଧର ମହାନ୍ତ, କୁଡୁମୀ ଛାତ୍ର ସେନା ସଭାପତି ବରୁଣ ମହାନ୍ତ, ପ୍ରିୟବ୍ରତ ମହାନ୍ତ, ତୁଷାର ମହାନ୍ତ, ପଙ୍କଜ ମହାନ୍ତ, ବିଜେନ ମହାନ୍ତ, ଚିକୁ ମହାନ୍ତ, ଶାନ୍ତନୁ ମହାନ୍ତ ଓ କୁଡୁମୀ ମହିଳା ସେନାର ଗୀତାଞ୍ଜଳି ମହାନ୍ତ, ନମିତା ମହାନ୍ତ, ସସ୍ମିତା ମହାନ୍ତ, ସୁଜାତା ମହାନ୍ତଙ୍କ ନେତୃତ୍ୱରେ କୁଡୁମୀ ସେନାର ବହୁ ସଂଖ୍ୟକ ସଦସ୍ୟ ରାଲିରେ ଯୋଗଦାନ କରିଥିଲେ।

## ପରିବେଶ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ନେଚର କ୍ୟାମ୍ପ୍

**ବାରିପଦା, ୨।୩(ସମିସ):** ସ୍ଥାନୀୟ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସେଣ୍ଟର ଫର ଏନଭାରମେଣ୍ଟ ଷ୍ଟଡିଜ ଓ ଉଦ୍ଭିଦ ବିଭାଗ ମିଳିତ ସହାଭାଗିତାରେ କ୍ଷେତ୍ରୀୟ ଅଧ୍ୟୟନ କାର୍ଯ୍ୟକ୍ରମ କ୍ରମରେ ଏକ ନେଚର କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଶିମିଳିପାଳ ଜାତୀୟ ଉଦ୍ୟାନର ସୀତାକୁଣ୍ଡଠାରେ ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ପ୍ରମୋଦ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନେଚର କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏଥିରେ ୬୦ରୁ ଅଧିକ ଛାତ୍ରଛାତ୍ରୀ ଓ ବିଭାଗୀୟ ଅଧ୍ୟାପକ ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ ବିଭିନ୍ନ ଔଷଧୀୟ ବୃକ୍ଷ, ଗୁଳ୍ମ ଚିହ୍ନଟ କରିବା ସହ ଏହାର ଉପକାରିତା ସମ୍ପର୍କରେ ଅନୁଶୀଳନ କରିଥିଲେ। ଏ ଅବସରରେ ପିଠାବଟା ଫରେଷ୍ଟ ରେଞ୍ଜ ଅଫିସରେ ଏକ ଅନୁଷ୍ଠାନିକ ସଭା ଅନୁଷ୍ଠିତ ହୋଇଥିଲା। ଏସିଏଫ ପ୍ରଦୀପ କୁମାର ଦେ ଓ ଏସସିବି ମେଡିକାଲ କଲେଜର ଡା. ହୃଷିକେଶ ପାତ୍ର ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭାଗୀୟ ଅଧ୍ୟାପକ ଜଗନ ଟୁଡୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଅଧ୍ୟାପିକା ସସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କୂପସାହିରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

# ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର



**ଶରତ, ୨।୩(ସମିସ):** ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଉପାନ୍ତ ଅଞ୍ଚଳ କଳମଗଡ଼ିଆ ପଞ୍ଚାୟତର କୂପସାହି ଅଙ୍ଗନବାଡି କେନ୍ଦ୍ର ନିମନ୍ତେ ସ୍ୱତନ୍ତ୍ର ଭାବେ ବିଲ୍ଡିଂ ଗୃହ ବା ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ହୋଇପାରି ନ ଥିବାରୁ କୁନି କୁନି ପିଲା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଗୋଟିଏ ଛୋଟ ଆଜବେଷ୍ଟସନ ପଡ଼ିଥିବା ଘରେ ପଢୁଥିବା ଦେଖାଯାଇଛି। ଏହି ଗ୍ରାମରେ ୪୫ରୁ ଅଧିକ ସାନ୍ତାଳୀ ସମ୍ପ୍ରଦାୟର ଆଦିବାସୀ ଲୋକ ବସବାସ କରୁଛନ୍ତି। ସେମାନଙ୍କ ପିଲାଙ୍କ ପାଇଁ ସ୍ଥାୟୀ ଅଙ୍ଗନବାଡ଼ି କେନ୍ଦ୍ର ନ ଥିବାରୁ ଏଭଳି ଦୟନୀୟ ଅବସ୍ଥାରେ କୁନି କୁନି ପିଲା ପଢୁଛନ୍ତି।

ସୂଚନା ମୁତାବକ, କୂପସାହି ଅଙ୍ଗନବାଡି କେନ୍ଦ୍ର ଆଜିକୁ ଦୀର୍ଘ ୧୫ ବର୍ଷ ହେଲାଣି ଅସ୍ଥାୟୀ ଭାବେ ଝାଟିମାଟି ଘରେ ଚାଲିଛି। ଗ୍ରାମବାସୀ କହିଛନ୍ତି, ତାଙ୍କ ଗ୍ରାମ ନିମନ୍ତେ ଅଙ୍ଗନବାଡ଼ି ଗୃହ ନିର୍ମାଣ ହୋଇ ନ ଥିବାରୁ ଗ୍ରାମବାସୀ ଓ ଅଙ୍ଗନବାଡ଼ି କର୍ମୀ ଗୋଟିଏ ଝାଟି ମାଟି ଘର ତିଆରି କରିଛନ୍ତି। ଉକ୍ତ ଝାଟି ମାଟି ଘର ଉପରେ ୪ଟି ଆଜବେଷ୍ଟସ ପକାଯାଇଥିବାବେଳେ ପାର୍ଶ୍ୱକୁ ଆଚ୍ଛାଦିତ କରିବା ପାଇଁ ଚିରା ତମ୍ବୁ ଘେରାଯାଇଛି। ଏଠି କୁନି କୁନି ପିଲାଙ୍କ ଭବିଷ୍ୟତ ଗଢା ହେବା ସହିତ ଗର୍ଭବତୀ ମହିଳାଙ୍କୁ ଏହି ଘରେ ହିଁ ଟୀକାକରଣ କରାଯାଏ। ଅଙ୍ଗନବାଡ଼ି କେନ୍ଦ୍ରରେ ୪୦ ଜଣ ପିଲା ପାଠ ପଢୁଛନ୍ତି। ସ୍ୱତନ୍ତ୍ର ଭାବରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ହୋଇ ନ ଥିବାରୁ କେନ୍ଦ୍ରର କର୍ମୀ (ଦିଦି) ଛତୁଆ, ଅଣ୍ଡା, ଲଡୁ ଓ ଆବଶ୍ୟକ ଜିନିଷ ନିଜ ଘରେ ଓ ପଡୋଶୀ ଘରେ ରଖୁଛନ୍ତି। ଅଙ୍ଗନୱାଡି କେନ୍ଦ୍ରର ଭିତ୍ତଭୂମି ନିର୍ମାଣ କରିବା ନିମନ୍ତେ ସରକାର ଓମ୍ବାଡସ ଫଣ୍ଡରୁ ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଉପାନ୍ତ ଅଞ୍ଚଳର ଏହି ଗ୍ରାମକୁ ଏଥିରୁ ବଞ୍ଚିତ କରାଯିବା ଦୁର୍ଭାଗ୍ୟଜନକ। ଏହି ଅବହେଳା ଉଭୟ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ କପ୍ତିପଦା ବ୍ଲକ ପ୍ରଶାସନର ଚରମ ଅବହେଳା ଓ ଦାୟିତ୍ୱହୀନତାକୁ ପ୍ରମାଣିତ କରୁଛି ବୋଲି ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମରେ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରିବା ନିମନ୍ତେ ଗ୍ରାମର ଗୁଲୁରାମ ଲାମାଏ, ଲାଉ ବାସ୍କେ, ରୂପାଇ ବାସ୍କେ, ମାଲୁ ମୁର୍ମୁ ଓ ସୁନା ବାସ୍କେ ପ୍ରମୁଖ ନିବେଦନ କରିଛନ୍ତି।

# ଜାହିରା ପୀଠରେ ହନୁମାନଙ୍କ ଫଟୋକୁ ନେଇ ଅସନ୍ତୋଷ



**ବାରିପଦା, ୨।୩(ସମିସ):** ବାଙ୍ଗରିପୋଷି ବ୍ଲକ ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟଙ୍କ ଜାହିରା ପୀଠ (ପୂଜାସ୍ଥଳ)ରେ ଦେବାଦେବୀଙ୍କୁ ଅପସାରଣ କରାଯାଇ ହନୁମାନ ଫଟୋ ରଖାଯାଉଥିବାରୁ ଉଦବେଗ ପ୍ରକାଶ ପାଇଛି। ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିବାର ପ୍ରୟାସ ଓ ଆଦିବାସୀମାନଙ୍କୁ ହନୁମାନ ଭକ୍ତ ବୋଲି ପ୍ରମାଣିତ କରିବାର ହୀନ ପ୍ରୟାସ କରାଯାଉଛି। ଏହାକୁ ତଦନ୍ତ ପୂର୍ବକ ରୋକିବା ପାଇଁ ବ୍ଲକ ସାନ୍ତାଳ ସ୍ୱଶାସନ ସାମାଜିକ ବ୍ୟବସ୍ଥାର ମୁଖ୍ୟ ମୁଲୁକ ପାର୍ଗାନା ସନେର ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୭ ଦିନ ମଧ୍ୟରେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ସୂଚନା ମୁତାବକ, ବୁଢୀଖମାରୀ ପଞ୍ଚାୟତର ଉବାଳି ଜାହିରା, ମସିଣାବିଲା ଜାହିରା, କରସନା ଜାହିରା, ଭୁଆଶୁଣୀ ପଞ୍ଚାୟତର ରାୟାଁ ଜାହିରା ଓ ବଡ଼ଗାଁ ପଞ୍ଚାୟତର ଚାନ୍ଦନଡିହି ମୌଜା ପଣସଡିହା ଜାହିରା ସ୍ଥଳୀରେ ଆଦିବାସୀଙ୍କ ଠାକୁର ଠାକୁରାଣୀ ଭାବେ ପ୍ରତୀକ ପଥରକୁ ତାଡି ବାହାର କରାଯାଇଛି। ସେହି ସ୍ଥାନରେ ହନୁମାନଙ୍କ ଫଟୋ ରଖାଯାଇ ରାମ ସିନ୍ଦୂର ଚାରିଆଡେ ବିଛାଯାଇଛି। ଏହାଦ୍ୱାରା ଧାର୍ମିକ ଆସ୍ଥା ପ୍ରତି ଆଦିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଦିବାସୀଙ୍କ ଦେବତା ସ୍ୱରୂପ ପଥର ପ୍ରତି ବଦଳରେ ହନୁମାନଙ୍କ ଫଟୋ ରଖାଯାଇ ଆରାଧନା କରିବାକୁ ବାଧ କରାଯାଉଥିବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଏଭଳି କାର୍ଯ୍ୟକଳାପକୁ ନେଇ ସମ୍ପ୍ରଦାୟ ପକ୍ଷରୁ ଦୃଢ ନିନ୍ଦା କରିବା ସହିତ ଏହାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିରେ ଉଲ୍ଲେଖ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟ ହେମ୍ବ୍ରମ, ବାଲକରାମ ବାସ୍କେ, ସୁନାରାମ ସୋରେନ, ଯଦୁନାଥ ମାର୍ଣ୍ଡି, ଗଣେଶ୍ୱର ମୁର୍ମୁ, ସୁନ୍ଦର ମୋହନ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ୧୪ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ପଞ୍ଜୀକରଣ

**ବାରିପଦା, ୨।୩(ସମିସ):** ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ଓ ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ମିଳିତ ଆନୁକୂଲ୍ୟ ଏବଂ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ସହଯୋଗରେ ଜିଲ୍ଲାସ୍ତରୀୟ ୧୪ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ଦଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଆଗ୍ରହୀ ଖେଳାଳି ଚଳିତ ମାସ ୯ ତାରିଖ ଅପରାହ୍ନ ୪ଟା ସୁଦ୍ଧା ବାରିପଦା ଷ୍ଟାଡିୟମ କାର୍ଯ୍ୟାଳୟରେ ନିଜ ନିଜର ନାମ ପଞ୍ଜୀକରଣ କରିପାରିବେ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ପଞ୍ଜୀକରଣ ସମୟରେ ନିଜର ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ ଓ ୨ଟି ପାସପୋର୍ଟ ଫଟୋ ଦାଖଲ କରିବାକୁ ଅନୁରୋଧ କରାଯାଇଛି। ପୂର୍ବରୁ ଅନଲାଇନ ମାଧ୍ୟମରେ ଯେଉଁ ଖେଳାଳି ନାମ ପଞ୍ଜୀକରଣ କରିଛନ୍ତି, ସେମାନେ ମଧ୍ୟ ନିଜନିଜର ପ୍ରମାଣ ପତ୍ର ଦାଖଲ କରିବେ ବୋଲି ସାଧାରଣ ସମ୍ପାଦକ ଜଣାଇଛନ୍ତି। ୨୦୧୨ ଜାନୁଆରୀ ୧ରୁ ୨୦୧୪ ଡିସେମ୍ବର ୩୧ ତାରିଖ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିପାରିବେ।

## ଜିଲ୍ଲାସ୍ତରୀୟ ପାଲା ସମ୍ମିଳନୀ ପ୍ରସ୍ତୁତି ବୈଠକ



**ଖୁଣ୍ଟ, ୨।୩(ସମିସ):** ଓଡ଼ିଶା ସଂସ୍କୃତିର ପ୍ରବାହମାନ ଧାରାରେ ପାଲାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ସାମ୍ପ୍ରଦାୟିକ ସଦଭାବ ପ୍ରତିଷ୍ଠା କରିବା ସହିତ ଧାର୍ମିକ ଚିନ୍ତା ଓ ଚେତନାରେ ଏହା ଜନଜୀବନକୁ ଉଦବୁଦ୍ଧ କରିଥାଏ। ଏହି ମହନୀୟ ଲୋକ କଳାକୁ ଉଜ୍ଜୀବିତ କରିବା ଆଭିମୁଖ୍ୟ ନେଇ ମୟୂରଭଞ୍ଜ ଜିଲ୍ଲା ମା' କିଚକେଶ୍ୱରୀ ଭଞ୍ଜଭୂମି ପାଲା ପରିଷଦର ପ୍ରସ୍ତାବ କ୍ରମେ ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀଙ୍କ ପବିତ୍ର ପୀଠ ଖିଚିଂଠାରେ ସ୍ଥାନୀୟ ମେଳା କମିଟି ସହଯୋଗରେ ଚଳିତ ମାସ ୨୧ ଓ ୨୨ ତାରିଖ ଦୁଇଦିନ ଧରି ଜିଲ୍ଲାସ୍ତରୀୟ ପାଲା ସମ୍ମିଳନୀ ଆୟୋଜନ କରିବାକୁ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ସମ୍ମିଳନୀର ସୁପରିଚାଳନା, ପାଲା ଦଳମାନଙ୍କର ରହିବା ବ୍ୟବସ୍ଥା, ମଞ୍ଚ ସଜ୍ଜା, ପ୍ରଚାର ପ୍ରସାର ଓ ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ପାଲା ପରିଷଦର ସଭାପତି ସୁଧାଂଶୁ ଶେଖର ଗିରି, ସମ୍ପାଦକ ଉମେଶ ଚନ୍ଦ୍ର ବେହେରା, ମୁଖ୍ୟ ପରାମର୍ଶଦାତା ସୁବାସ ଚନ୍ଦ୍ର ପଣ୍ଡା, ପୂଜକ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ଇଞ୍ଜିନିୟର ସୁଶାନ୍ତ କୁମାର ନାଏକ, ପରେଶ୍ ଚନ୍ଦ୍ର ନାୟକ, ରୋହିତ କୁମାର ନାଏକ, ହିମାଂଶୁ ନାଏକଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ ଓ ଅଞ୍ଚଳବାସୀ ଉପସ୍ଥିତ ରହି ସମ୍ମିଳନୀକୁ ସଫଳ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ।

## ମୟୂରଭଞ୍ଜ ଆଥଲେଟିକ୍ସ ଆସୋସିଏସନ ନିର୍ବାଚନ ନ ହେବାରୁ ଅସନ୍ତୋଷ

# ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ

ବାରିପଦା, ୨।୩(ସମିସ)



ମୟୂରଭଞ୍ଜ ଆଥଲେଟିକ୍ସ ଆସୋସିଏସନର (ମା) କାର୍ଯ୍ୟକାଳ ୬ ଡିସେମ୍ବର ୨୦୨୫ରେ ସମାପ୍ତ ହୋଇଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ନିର୍ବାଚନ ନ ହେବାରୁ ଆସୋସିଏସନର ବିଭିନ୍ନ ଶାଖା, କ୍ଲବ୍ ଓ କ୍ରୀଡ଼ାବିତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଆସୋସିଏସନର ବିଭିନ୍ନ ଶାଖାର ପ୍ରତିନିଧି ଓ କ୍ରୀଡ଼ାବିତ ସୋମବାର ମିଳିତ ଜନଶୁଣାଣି ଶିବିରରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଓ ଏସପିଙ୍କ ନିକଟରେ ଏକ ଆବେଦନପତ୍ର ଦାଖଲ କରିଛନ୍ତି।"ଆବେଦନପତ୍ରରେ ଅନୁସାରେ ଆସୋସିଏସନର ସମ୍ବିଧାନ ଓ ଉପ-ନିୟମ ଅନୁଯାୟୀ ଏକ୍ଜିକ୍ୟୁଟିଭ୍ କମିଟି ଓ ଅଫିସ୍ ବେୟାରରମାନଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ପାଇଁ ନିର୍ବାଚିତ କରାଯିବ। କିନ୍ତୁ ବର୍ତ୍ତମାନର ଏକ୍ଜିକ୍ୟୁଟିଭ୍ କମିଟିର କାର୍ଯ୍ୟକାଳ ସମାପ୍ତ ହେବା ପରେ ଏ ପର୍ଯ୍ୟନ୍ତ କୌଣସି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହାକୁ ଅନିୟମିତ, ମନଇଚ୍ଛାକୃତ ଓ ଗଣତାନ୍ତ୍ରିକ ପ୍ରକ୍ରିୟା ବିରୋଧୀ ବୋଲି ଆବେଦନକାରୀମାନେ ଅଭିଯୋଗ କରିଛନ୍ତି। ନିର୍ବାଚନ ନ ହେବାରୁ ସମ୍ପୃକ୍ତ ଶାଖାଗୁଡ଼ିକ ସଠିକ୍ ଭାବେ ପ୍ରତିନିଧିତ୍ୱ ପାଇନାହାନ୍ତି। କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ ଓ କ୍ରୀଡ଼ାବିତ ମାନଙ୍କର ଅଂଶଗ୍ରହଣ ପ୍ରଭାବିତ ହେଉଛି। ପ୍ରଶାସନିକ ନିଷ୍ପତ୍ତିଗୁଡ଼ିକ ସାଧାରଣ ସଭାର ମଣ୍ଡଳୀ ବିନା ନିଆଯାଉଛି।"ଫଳରେ ଶାଖା ଓ ସମ୍ପୃକ୍ତ ପକ୍ଷମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। "ଆବେଦନକାରୀମାନେ ପୂର୍ବରୁ ବର୍ତ୍ତମାନର ଅଫିସ୍ ବେୟାରରମାନଙ୍କୁ ସାଧାରଣ ସଭା ଡାକିବା ଓ ନିର୍ବାଚନ ସୂଚୀ ଘୋଷଣା କରିବାକୁ ଅନୁରୋଧ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ପରିସ୍ଥିତିରେ ଗଣତାନ୍ତ୍ରିକ, ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଆବଶ୍ୟକ ବୋଲି ଆବେଦନରେ ଦାବି କରାଯାଇଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିର୍ବାଚନ ସୂଚୀ ଘୋଷଣା କରିବା, ଏକ ଯୋଗ୍ୟ ଅଧିକାରୀ/ପର୍ଯ୍ୟବେକ୍ଷକ କିମ୍ବା ଆଡ୍-ହକ୍ କମିଟି ନିଯୁକ୍ତ କରି ନିର୍ବାଚନ ପରିଚାଳନା/ତଦାରଖ କରିବା, ସମସ୍ତ ସମ୍ପୃକ୍ତ ଶାଖାକୁ ସମ୍ବିଧାନ ଅନୁଯାୟୀ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଅନୁମତି ଦେବା, ନ୍ୟାୟ ଓ ଜିଲ୍ଲାରେ ଆଥଲେଟିକ୍ସ ବିକାଶ ସ୍ୱାର୍ଥରେ ଅନ୍ୟାନ୍ୟ ଆଦେଶ ଜାରି କରିବା ଆଦି ଦାବି ରଖାଯାଇଛି। ଆବେଦନପତ୍ର ପ୍ରଦାନ ସମୟରେ ସରୋଜ କୁମାର ବୋଷ ଓ ଦେବିଦତ୍ତ ଦାଶଙ୍କ ନେତୃତ୍ୟରେ ଅନ୍ୟମାନେ ସାମିଲ ଥିଲେ। ତେବେ ଏନେଇ ଆସୋସିଏସନର ସମ୍ପାଦକ ବିଜୟ କୁମାର ଦାସଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଆସୋସିଏସନ୍‌ର ପୂର୍ବତନ ସମ୍ପାଦକ ମେମ୍ବରସିପ୍ ବିବାଦକୁ ନେଇ ମାନ୍ୟବର ଅଦାଲତରେ ମୋକଦ୍ଦମା ଦାୟର କରିଛନ୍ତି। ସେ ଦାବି କରିଛନ୍ତି ଯେ ଶତାଧିକ ଟର୍ମିନେଟ୍ ମେମ୍ବରଙ୍କ ଉପସ୍ଥିତିରେ ହୋଇଥିବା ନିର୍ବାଚନ ବୈଧ ନୁହେଁ। ଫଳରେ ମେମ୍ବରମାନଙ୍କର ଯୋଗ୍ୟତା ନିର୍ଣ୍ଣୟ କୋର୍ଟରୁ ହେବା ପରେ ହିଁ ନୂଆ ନିର୍ବାଚନ ହେବ ବୋଲି କୁହାଯାଇଛି। ସେହିପରିପୂର୍ବତନ ସମ୍ପାଦକ ଜେନେରାଲ୍ ବୋଡି ମିଟିଂକୁ ରୋକିବା ପାଇଁ କୋର୍ଟରେ ଷ୍ଟେ ଅର୍ଡର୍ ମାଗିଛନ୍ତି ଏବଂ ଆସୋସିଏସନ୍‌ର ମିଟିଂ ଅନୁମତି ଆବେଦନକୁ ଖାରଜ କରାଇଛନ୍ତି। ଏସୋସିଏସନ୍‌ର ବର୍ତ୍ତମାନ କର୍ତ୍ତୃପକ୍ଷ କହିଛନ୍ତି ଯେ କୋର୍ଟ ନିର୍ଣ୍ଣୟ ପରେ ନେସନାଲ୍ ସ୍ପୋର୍ଟସ୍ ଗଭର୍ଣ୍ଣାନ୍ସ ଏକ୍ଟ ୨୦୨୬, ଆଥ୍ଲେଟିକ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଗାଇଡ୍‌ଲାଇନ୍ ଏବଂ ଏସୋସିଏସନ୍‌ର ବାଏ-ଲ ଅନୁଯାୟୀ ନିର୍ବାଚନ ହେବ। ବାଏ-ଲ ଅନୁସାରେ ନିର୍ବାଚନ ଅବଧି ପରେ ତିନି ମାସ ପର୍ଯ୍ୟନ୍ତ ଏକ୍ଜିକ୍ୟୁଟିଭ୍ ବଡି ଚାଲିବ ଏବଂ ଚଳିତ ବଡି ନିର୍ବାଚନ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ପୂର୍ବରୁ ନିର୍ବାଚନ ବିଳମ୍ବରେ ହେଉଥିବା ଅଭିଯୋଗକୁ ଖଣ୍ଡନ କରି କର୍ତ୍ତୃପକ୍ଷ କହିଛନ୍ତି ଯେ ଏବେ ସବୁ ନିୟମର କଡ଼ା ପାଳନ ହେବ ଏବଂ ସୁସ୍ଥ ବାତାବରଣରେ ନିର୍ବାଚନୀ ପ୍ରକ୍ରିୟାକୁ ସ୍ୱାଗତ କରାଯାଉଛି।

## କୁରାଡ଼ୀ ନାଳ ଉପରେ ନଦୀ ବନ୍ଧ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

# ଘରୋଇ କମ୍ପାନୀ ହାତରେ ଟେକି ଦେବାକୁ ମସୁଧା

**ରାଉରକେଲା / ଲହୁଣିପଡ଼ା, ୨।୩(ସମିସ)**



ଲହୁଣିପଡ଼ା ବ୍ଲକ ଶଶ୍ୟକଳା ପଞ୍ଚାୟତ ଦାମାଲୁ ନିକଟରେ ଦୁଆରଗୁଡ଼ି ଦେଇ ପ୍ରବାହିତ କୁରାଢ଼ୀ ନାଳ ଉପରେ ନଦୀ ବନ୍ଧ ବାନ୍ଧି ନାଳ ପାଣିକୁ ବେଆଇନ ଭାବେ ଏକ କମ୍ପାନୀ ଦ୍ୱାରା ବ୍ୟବହାର କରିବା ପାଇଁ ମସୁଧାକୁ ସ୍ଥାନୀୟ ବାସିନ୍ଦା ତୀବ୍ର ବିରୋଧ କରିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, କୁରାଢ଼ୀ ନଦୀ ଶଶ୍ୟକଳା ପଞ୍ଚାୟତରୁ ବାହାରି ବିଭିନ୍ନ ପଞ୍ଚାୟତ ଦେଇ ଦର୍ଜି ପଞ୍ଚାୟତ ବରଘାଟ ନିକଟରେ ବ୍ରାହ୍ମଣୀ ନଦୀରେ ମିଶି ତଳକୁ ପ୍ରବାହିତ ହେଉଛି। ଏହି ନାଳ ଉପରେ ପଚାଶରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପ୍ରତ୍ୟକ୍ଷ ଭାବେ ନିର୍ଭରଶୀଳ। କିନ୍ତୁ କଛିଦିନ ପୂର୍ବରୁ ଏହାର ଉପର ମୁଣ୍ଡ ଦାମାଲୁ ଗ୍ରାମ ନିକଟସ୍ଥ ଦୁଆରଗୁଡ଼ି ନିକଟରେ ଏକ ଘରୋଇ କମ୍ପାନୀ ଏହି ଚିରସ୍ରୋତା ନାଳ ଉପରେ ବନ୍ଧ ବାନ୍ଧିବା ପାଇଁ କାର୍ଯ୍ୟ ଆରମ୍ଭ କରିଚାଲିଛି। ବିନା କୌଣସି ଗ୍ରାମସଭାରେ ସ୍ଥାନୀୟ ତହସିଲଦାର ସମ୍ପୃକ୍ତ କମ୍ପାନୀକୁ କିପରି ଏହି ବେଆଇନ ବନ୍ଧ ବାନ୍ଧିବା ପାଇଁ ଅନୁମତି ଦେଲେ ତାକୁ ନେଇ ଉଠିଛି ପ୍ରଶ୍ନ। ସମ୍ପୃକ୍ତ ଘରୋଇ କମ୍ପାନୀ ଏବଂ ସ୍ଥାନୀୟ ପ୍ରଶାସନର ମନୋମୁଖୀ କାର୍ଯ୍ୟକୁ ତୀବ୍ର ପ୍ରତିବାଦ କରି ରବିବାର ଶତାଧିକ ଗ୍ରାମବାସୀ ବିର୍ସାମୁଣ୍ଡା ଛକରୁ ଦାମାଲୁ ପର୍ଯ୍ୟନ୍ତ ଏକ ମୋଟର ସାଇକେଲ ଶୋଭାଯାତ୍ରା କରି ପରିବେଶ ଓ ପ୍ରାକୃତିକ ସମ୍ପଦ ବଞ୍ଚାଅ ସ୍ଲୋଗାନ ଦେଇଥିଲେ। ଏହି ଶୋଭାଯାତ୍ରାରେ ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା, ପରିବେଶବିତ୍ ଗାନ୍ଧୀବାଦୀ ଡ. ବିଶ୍ୱଜିତ ରାୟ, ସଂସ୍କୃତିକ କର୍ମୀ ରାଜକିଶୋର ସୁନାନୀ, ଯୁବନେତା ଲକ୍ଷ୍ମଣ ନାୟକ ଏବଂ ତାଙ୍କ ସହଯୋଗୀ ସାମିଲ ହୋଇଥିଲେ। ଗ୍ରାମବାସୀଙ୍କ ଶହ ପ୍ରଫୁଲ୍ଲ ସାମନ୍ତରା ଏବଂ ତାଙ୍କ ସମସ୍ତ ସହଯୋଗୀମାନେ ଦୁଆରଗୁଡ଼ିରେ ନିର୍ମାଣାଧୀନ ନଦୀବନ୍ଧ ସ୍ଥାନକୁ ଯାଇ ପରିଦର୍ଶନ କରି ସମ୍ପୃକ୍ତ କମ୍ପାନୀ ଏବଂ ଓଏମସିର ଏଭଳି ପରିବେଶ ଦୂଷିତ କରିବା ଓ ପ୍ରାକୃତିକ ସମ୍ପଦକୁ ନଷ୍ଟ କରିବା ମସୁଧାକୁ ଘୋର ନିନ୍ଦା କାରିଥିଲେ। ଏହି ବନ୍ଧ ବନ୍ଧା ହେଲେ ଖରାଦିନେ ନାଳକୁ ଭରସା କରୁଥିବା ତଳ ମୁଣ୍ଡ ଗ୍ରାମର ମଣିଷ ଠୁ ପଶୁ, ପକ୍ଷୀ ପାଣି ଟୋପେ ପାଇ ପାରିବେ ନାହିଁ। ଲୋକଙ୍କ ସ୍ୱାର୍ଥ ପାଇଁ ଏହି ଡବଲ ଇଂଜିନ୍ ସରକାର କାର୍ଯ୍ୟ କରୁଛି ବୋଲି ଡିଡିମ୍ବ ପିଟୁଥିବା ବେଳେ କୁରାଢି ନାଳ ପାଣିକୁ ଶହ ଶହ ଗ୍ରାମବାସୀଙ୍କ ଜୀବନ ଜୀବିକାକୁ ଛଡେଇ ନେଇ ଏକ ଘରୋଇ କମ୍ପାନୀ ହାତରେ ଟେକି ଦେବା ରାଜ୍ୟ ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇ ଦେଇଛି ବୋଲି ପ୍ରଫୁଲ ସାମନ୍ତରା କହିଛନ୍ତି। ଆବଶ୍ୟକ ଠାରୁ ଅଧିକ ଖଣି ଖନନ ସହ ଖଣି ଖନନ ନାଆଁରେ ପ୍ରାକୃତିକ ଜଙ୍ଗଲକୁ ନଷ୍ଟ କରାଯିବାକୁ ମଧ୍ୟ ସେ ବିରୋଧ କରିଥିଲେ।

## ଏନ୍ଆଇଟି ରାଉରକେଲାରେ ଜାତୀୟ ବିଜ୍ଞାନ ଦିବସ




**ରାଉରକେଲା, ୨।୩(ସମିସ):** ଏନ୍ଆଇଟି ରାଉରକେଲାର ଆର୍ଏମ୍ ହଲରେ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ 'ପାର୍ଟିକଲ ହର୍ଣ୍ଟର୍ସ ଗାଇଡ୍' ଉପରେ ଏକ ଆଲୋଚନାଚକ୍ର ଏବଂ 'ବିଜ୍ଞାନର ଯାଦୁ' ଶୀର୍ଷକ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏନଆଇଟି ରାଉରକେଲାର ଗବେଷକମାନେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ବିକାଶର ଉନ୍ନତିକୁ ଉଜ୍ଜ୍ୱଳ କରୁଥିବା ୧୨ଟି ଅଭିନବ ପ୍ରଦର୍ଶନୀ ପ୍ରଦର୍ଶନ କରିଥିଲେ। ଜାତୀୟ ବିଜ୍ଞାନ ଏକାଡେମୀର ବରିଷ୍ଠ ବୈଜ୍ଞାନିକ ତଥା ବିଜ୍ଞାନ ଶ୍ରୀ ପୁରସ୍କାରପ୍ରାପ୍ତ ପ୍ରଫେସର ନବ କୁମାର ମଣ୍ଡଳ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୪୦୦ରୁ ଊର୍ଦ୍ଧ୍ୱ ସ୍କୁଲ ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଏହା ପରେ ଭୁବନେଶ୍ୱର ବେହେରା ଅଡିଟୋରିୟମରେ ଜାତୀୟ ବିଜ୍ଞାନ ଦିବସ - ୨୦୨୬ ସମାରୋହ ଅନୁଷ୍ଠିତ ହୋଇଥିଲା। ଡ. ମୋନାଲିସା ପଟ୍ଟନାୟକ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଏଏନଆରଏଫ ପ୍ରୋଜେକ୍ଟ ନିର୍ଦ୍ଦେଶକ ପ୍ରଫେସର ଏସ୍‌କେ. ପ୍ରତିହାର ଏଏନଆରଏଫ ଫ୍ରେମୱାର୍କ ଅଧୀନରେ ସହଯୋଗୀ ଗବେଷଣା ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏନଆଇଟି ପ୍ରଫେସର କେ. ଉମାମହେଶ୍ୱର ରାଓ, କୁଳସଚିବ ପ୍ରଫେସର ରୋହନ ଧିମାନ, ପଦାର୍ଥ ବିଜ୍ଞାନ ଏଚ୍ଓଡି ପ୍ରଫେସର ଜ୍ୟୋତି ପ୍ରକାଶ କର ଓ ପ୍ରଫେସର ହନୁମନ୍ତ ରାଓ ବି. ମଞ୍ଚାସୀନ ଥିଲେ। 'ପାର୍ଟିକଲ୍ ହର୍ଣ୍ଟର୍ସ ଗାଇଡ୍' ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଆଇଏନଏସଏ ଏବଂ ସାହା ଇନଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁକ୍ଲିୟର ଫିଜିକ୍ସ, କୋଲକାତାର ପ୍ରଫେସର ନବ କୁମାର ମଣ୍ଡଳ ଯୋଗଦେଇଥିଲେ। ବର୍ତ୍ତମାନ ସମୟରେ କ୍ରମବର୍ଦ୍ଧିଷ୍ଣୁ ଜଳବାୟୁ ପରିବର୍ତ୍ତନ, ବଢୁଥିବା ବିଶ୍ୱ ତାପମାତ୍ରା, ହିମବାହ ତରଳିବା, ସମୁଦ୍ର ସ୍ତର ବୃଦ୍ଧି ଏବଂ ଅଧିକ ଘନ ଘନ ପାଣିପାଗ ଘଟଣାଗୁଡିକର ସମାଧାନ କରିବା ପାଇଁ ସୂଚନାଭିତ୍ତିକ ନିଷ୍ପତ୍ତି, ଦାୟିତ୍ୱପୂର୍ଣ୍ଣ ନୀତି ଏବଂ ସଚେତନ ଦୈନନ୍ଦିନ କାର୍ଯ୍ୟ ଆବଶ୍ୟକ ବୋଲି ସେ କହିଥିଲେ। ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ବିଜ୍ଞାନ ହେଉଛି ପରୀକ୍ଷା ଏବଂ ତ୍ରୁଟିର ଏକ ଯାତ୍ରା ବୋଲି କହିବା ସହ ଆମେ ଯାହାକୁ ପ୍ରାୟତଃ ଏକ ପରୀକ୍ଷଣରେ 'ବିଫଳତା' ବୋଲି କହିଥାଉ ତାହା ପ୍ରକୃତରେ ସଫଳତା ପାଇଁ ଏକ ମୂଲ୍ୟବାନ ତଥ୍ୟ ବିନ୍ଦୁ ବୋଲି କହିଥିଲେ। ଶେଷରେ ପ୍ରଫେସର ହନୁମନ୍ତ ରାଓ ବି. ଧନ୍ୟବାଦ ଅର୍ପଣ କରିଥିଲେ।

## ୫ରେ ଦୋଳ ମେଲଣ ଉତ୍ସବ

# କଣ୍ଠଶିଳ୍ପୀ ଦିପ୍ତିମୟୀ ମୁଖ୍ୟ ଆକର୍ଷଣ



**ରାଉରକେଲା, ୨।୩(ସମିସ):** କେନ୍ଦ୍ରୀୟ ଦୋଳ ମେଲଣ ସମିତି ପକ୍ଷରୁ ଚଳିତ ବର୍ଷ ୨୦ତମ ଦୋଳ ମହୋତ୍ସବ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି କ୍ରମରେ ଆଗାମୀ ୫ ତାରିଖ ସେକ୍ଟର -୭ ଦୁର୍ଗା ପୂଜା ପଡ଼ିଆରେ ସନ୍ଧ୍ୟା ୫ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏନେଇ ସେକ୍ଟର -୧୫ ସ୍ଥିତ ରାଧାକୃଷ୍ଣ ମନ୍ଦିରଠାରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ସମିତିର ସଭାପତି ମୁକ୍ତିକାନ୍ତ ବେହେରା ସୂଚନା ଦେଇଛନ୍ତି। ଉକ୍ତ ଦିନ ସକାଳ ୬ଟା ୪୫ ମିନିଟରେ ଥାନପତିଙ୍କ ପାଠରେ ମଙ୍ଗଳ ଆଳତି, ସକାଳ ୯ଟା ୩୦ ମିନିଟରେ ଥାନପତିଙ୍କ ପାଠରେ ଅଞ୍ଜାମାଳ, ବିଜୟ ପତାକା ଓ ଶୁଭ ଖୁମ୍ବ ସହ ମେଳନ ସ୍ଥଳକୁ ଯାତ୍ରା, ସକାଳ ୧୦ଟା ୩୦ରେ ବିଜୟ ପତାକା ଓ ଶୁଭ ଖୁମ୍ବ ସ୍ଥାପନ ହେବା ଅପରାହ୍ନ ୪ଟା ୪୫ରେ ଥାନପତିଙ୍କ ମେଳନ ସ୍ଥଳକୁ ବିଜେ ସନ୍ଧ୍ୟା ୫ଟା ୪୫ରେ ସନ୍ଧ୍ୟା ଆଳତୀ ସହ ବିଭିନ୍ନ ପାଠରୁ ବିମାନ ମେଳନ ସ୍ଥଳକୁ ଆଗମନ, ୬ଟା ୪୫ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ସାଜିବେ ଓଲିଉଡର ଲୋକପ୍ରିୟ କଣ୍ଠଶିଳ୍ପୀ ଦିପ୍ତିମୟୀ ଦାସ। ତାଙ୍କ ସହିତ ଅନ୍ୟାନ୍ୟ ଲୋକପ୍ରିୟ କଣ୍ଠଶିଳ୍ପୀ ମଧ୍ୟ ଭଜନ ପରିବେଷଣ କରିବେ। ଏହି ସାମ୍ବାଦିକ ସମ୍ମିଳନୀରେ ସମିତିର ପ୍ରତିଷ୍ଠାତା ସଦସ୍ୟ ବିଷ୍ଣୁ ଚରଣ ବିଶାଳ, ସୁଶାନ୍ତ କୁମାର ପ୍ରଧାନ, ଇଶ୍ୱର ଭଞ୍ଜ, ପର୍ଣ୍ଣଚାମ ପୋଥାଳ, ସୂଚନା ଓ ଲୋକସମ୍ପର୍କ ସମ୍ପାଦକ ସଞ୍ଜୀବ କୁମାର ନାୟକ ଉପସ୍ଥିତ ଥିଲେ।

# ବନାଗ୍ନିକୁ ୫୦ ପ୍ରତିଶତ ହ୍ରାସ ପାଇଁ ସଜାଗ ବନ ବିଭାଗ

**ରାଉରକେଲା, ୨।୩(ସମିସ):** ଜଙ୍ଗଲ ଅଗ୍ନି ମନୁଷ୍ୟକୃତ। ଏହାର ନିରାକରଣ ପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ବନାଗ୍ନି ରୋକିବାକୁ ସମ୍ପୂର୍ଣ୍ଣ ରୂପେ ବନ ବିଭାଗ ସଜାଗ ରହିଛି ବୋଲି ଆଜି ରାଉରକେଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜଙ୍ଗଲ ଅଗ୍ନି ସମ୍ପର୍କରେ ସୂଚନା ଦେଇ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ କହିଛନ୍ତି। ଜଙ୍ଗଲରେ ମନୁଷ୍ୟକୃତ ସୃଷ୍ଟ ଜଙ୍ଗଲ ଅଗ୍ନିକୁ ୫୦ ପ୍ରତିଶତ ହ୍ରାସ କରିବା ପାଇଁ ଚଳିତ ବର୍ଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜଙ୍ଗଲ ଅଗ୍ନିକୁ ନେଇ ବନ ବିଭାଗ ପକ୍ଷରୁ ଏକ ମୋବାଇଲ ନମ୍ବର ଡିଏଫ୍‌ଓଙ୍କ କଣ୍ଟ୍ରୋଲ ରୁମ୍ ପକ୍ଷରୁ ଜାରି କରାଯାଇଛି। ଏହି ମୋବାଇଲ ନମ୍ବର- ୮୪୮୦୪୦୮୯୨୪ ରହିଛି। ଜଙ୍ଗଲରେ ଅଗ୍ନିର ନିବାରଣ ପାଇଁ ୱାଚ ଟାୱାରରେ କ୍ୟାମେରା ଲଗାଯିବା ସହିତ ପଶୁ ପକ୍ଷୀଙ୍କ ପିଇବା ପାଇଁ ଆବଶ୍ୟକ ହେଉଥିବା ପାଣି,




ଜଙ୍ଗଲରେ ଥିବା ନାଳ ଓ ଝରଣାର ପାଣିକୁ ବ୍ୟବହାର କରିବା ପାଇଁ ସ୍ଥାନେ ସ୍ଥାନେ ଖନନ କରି ରଖାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଡିଏଫ୍‌ଓ ପ୍ରକାଶ କରିଛନ୍ତି। ଜଙ୍ଗଲରେ ନିଆଁ ଲାଗିବା ପରିବେଶତନ୍ତ୍ରର ଏକ ପ୍ରାକୃତିକ ଅଂଶ। କିନ୍ତୁ ଏହି ଅନିୟନ୍ତ୍ରିତ ନିଆଁ ବିନାଶକାରୀ ହୋଇପାରେ। ଏହା ଜଙ୍ଗଲ, ଘର ଏବଂ ଫସଲକୁ ନଷ୍ଟ କରିଦେବା ସହିତ ବନ୍ୟପ୍ରାଣୀଙ୍କୁ ବିପଦରେ ପକାଇଥାଏ। ଅଧିକାଂଶ ଜଙ୍ଗଲରେ ନିଆଁ

### ୱାଚ୍ ଟାୱାରରେ ଲଗାଯାଇଛି କ୍ୟାମେରା

ପ୍ରତିରୋଧ କରାଯାଇପାରିବ। ବନାଗ୍ନିକୁ ରୋକିବାକୁ ଲୋକମାନଙ୍କୁ ଜଙ୍ଗଲ ନିକଟରେ ଅଳିଆ ପୋଡ଼ିବା, ସିଗାରେଟ୍ ପିଙ୍ଗିବା ଓ ଅସାବଧାନତାବଶତଃ ନିଆଁ ବ୍ୟବହାର କରିବାରୁ ବଞ୍ଚିବାକୁ ଅନୁରୋଧ କରାଯାଇଛି।

## ଇଣ୍ଟର-ଷ୍ଟିଲ୍ ବାସ୍କେଟବଲ୍; ଆର୍‌ଏସ୍‌ପି ଚାମ୍ପିଅନ୍



**ରାଉରକେଲା, ୨।୩(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ଠାରେ ଅନୁଷ୍ଠିତ ଷ୍ଟିଲପ୍ଲାଣ୍ଟ ସ୍ପୋର୍ଟସ ବୋର୍ଡ ଇଣ୍ଟର-ଷ୍ଟିଲ ବାସ୍କେଟବଲ ଚାମ୍ପିଅନସିପ ୨୦୨୫-୨୬ର ବିଜେତା ଭାବରେ ଆର୍‌ଏସ୍‌ପି ଦଳ ଘୋଷିତ ହୋଇଛି। ଆରଏସପି ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ର ଉପସ୍ଥାପନ ସମାରୋହରେ ମୁଖ୍ୟଅତିଥି ରୂପେ ଯୋଗ ଦେଇ ବିଜେତା ଏବଂ ରନର୍ସ-ଅପ୍ ଦଳଗୁଡ଼ିକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗ ଚିଫ୍‌ଜିଏମ ବି.କେ କୋଲେଙ୍କ ସମେତ ପ୍ଲାଣ୍ଟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ମିଶ୍ର ବିଜେତାମାନଙ୍କ ଏବଂ ବିଭିନ୍ନ ଷ୍ଟିଲ ପ୍ଲାଣ୍ଟର ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ଅଭିନନ୍ଦନ ଜଣାଇଥିଲେ। ଫାଇନାଲରେ ଆର୍‌ଏସ୍‌ପି ୮୩-୭୨ ପଏଣ୍ଟ ସ୍କୋର କରି ଟାଟା ଷ୍ଟିଲକୁ ପରାଜିତ କରିଥିଲା। ସେମିଫାଇନାଲରେ ଏକ ରୋମାଞ୍ଚକର ମୁକାବିଲାରେ ଜେଏସଡବ୍ଲ୍ୟୁ ସହିତ ମୁହାଁମୁହିଁ ହେବା ପରେ ଆରଏସପି ଦଳ ଫାଇନାଲରେ ପହଞ୍ଚିଥିଲା। ସେପଟେ ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ ଫାଇନାଲରେ ସ୍ଥାନ ପାଇବା ପାଇଁ ଟାଟା ଷ୍ଟିଲ ସହିତ ପ୍ରତିଦ୍ୱନ୍ଦିତା କରିଥିଲା। ଉକ୍ତ ତିନି ଦିନିଆ ଚାମ୍ପିଅନସିପ୍ ୨୮ ଫେବୃଆରୀରେ ୨୦୨୬ ଉଦ୍‌ଯାପିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭାବେ ରାଉରକେଲା ଇସ୍ପାତ କାରଖାନା ସହିତ ବୋକାରୋ ଷ୍ଟିଲ ପ୍ଲାଣ୍ଟ, ଭିଲାଇ ଷ୍ଟିଲ ପ୍ଲାଣ୍ଟ, ଦୁର୍ଗାପୁର ଷ୍ଟିଲ ପ୍ଲାଣ୍ଟ, ଇସକୋ ଷ୍ଟିଲ ପ୍ଲାଣ୍ଟ, ଟାଟା ଷ୍ଟିଲ ଓ ଜେଏସଡବ୍ଲ୍ୟୁ ପ୍ରତିନିଧିତ୍ୱ କରିଥିଲେ। ସମାପନ କାର୍ଯ୍ୟକ୍ରମକୁ ଡେପୁଟି ମ୍ୟାନେଜର (କ୍ରୀଡ଼ା) ରଘୁନନ୍ଦନ ପାଢ଼ୀ ସଂଯୋଜନା କରିଥିବା ବେଳେ ଟୁର୍ଣ୍ଣାମେଣ୍ଟର ସଂଯୋଜନା କରିଥିଲେ ସହାୟକ ପରିଚାଳକ (କ୍ରୀଡ଼ା) ବୁଧୁ ସିଂ।

## ବାସୁଦେବପୁର ଜନକଲ୍ୟାଣ ପରିଷଦର ରୌପ୍ୟ ଜୟନ୍ତୀ

# ଭାରତବର୍ଷର ଇତିହାସ ଏବଂ ସଂସ୍କୃତିରେ ବାସୁଦେବପୁରର ଐତିହ୍ୟ ସ୍ୱତନ୍ତ୍ର

**ରାଉରକେଲା, ୨।୩(ସମିସ):** ସ୍ଥାନୀୟ ସେକ୍ଟର - ୭ ସ୍ଥିତ ମଧୁ ମଣ୍ଡପଠାରେ ବାସୁଦେବପୁର ଜନ କଲ୍ୟାଣ ପରିଷଦର ରଜତ ଜୟନ୍ତୀ ତଥା ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ସଂଘର ସଭାପତି ଡା. ରବିନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଐତିହାସିକ ତଥା ଗବେଷକ ଡଃ ଅଜୟ କୁମାର ପଣ୍ଡା ଯୋଗଦେଇ ଅବିଭକ୍ତ ବାଲେଶ୍ୱର, ବର୍ତ୍ତମାନର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବାସୁଦେବପୁରର ଐତିହ୍ୟ କେବଳ ଓଡ଼ିଶା ନୁହେଁ, ବରଂ ସମଗ୍ର ଭାରତବର୍ଷର ଇତିହାସ ଏବଂ ସଂସ୍କୃତିରେ ଏକ ସ୍ୱତନ୍ତ୍ର ତଥା ଗୌରବମୟ ସ୍ଥାନ ଅଧିକାର କରିଛି ବୋଲି କହିଥିଲେ। ସେବା ନିବୃତ୍ତ ନିର୍ଦ୍ଦେଶକ ଭାରତ ଭୂଷଣ ମହାନ୍ତି ଉପସ୍ଥିତ ଥିଲେ। ସଭାପତି ଡାକ୍ତର ରବିନାରାୟଣ ମହାପାତ୍ର ସଭାପତିତ୍ୱ କରିଥିଲେ। ଉପସଭାପତି ଡାକ୍ତର ରବୀନ୍ଦ୍ର କୁମାର ପଣ୍ଡା ମଞ୍ଚାସୀନ ଥିଲେ। ଅନ୍ୟତମ ଉପସଭାପତି ଉଦୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ଶରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଷଦର ବୟୋଜ୍ୟେଷ୍ଠ ସଦସ୍ୟ ନିଶାକର ନାୟକ, ସୁବାସ ଚନ୍ଦ୍ର ମହାପାତ୍ର, ବିଶ୍ୱନାଥ ସାହୁ, ଉଦୟ କୁମାର ସାହୁ ଏବଂ ଅଦ୍ୱୈତାନନ୍ଦ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନ ସମ୍ପାଦକ କୃପାସିନ୍ଧୁ ବେହେରା ଓ ସନାତନ ପତି,



ମୁଖ୍ୟଅତିଥି ଭାବେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ବାସୁଦେବପୁରର ଅନ୍ତର୍ଗତ ଇରମ୍ ଗାଁରେ ଜନ୍ମିତ ରାଷ୍ଟ୍ରାଧିଷ୍ଠ ମହାନ୍ତିଙ୍କ ଜାତୀୟତାବାଦୀ କବିତା ଏବଂ ସଙ୍ଗୀତ ଓଡ଼ିଶାରେ ସାଧୀନତା ସଂଗ୍ରାମର ନିଆଁକୁ ପ୍ରଜ୍ୱଳିତ କରିଥିଲା ବୋଲି କହିଥିଲେ। ରଘୁନାଥପାଲିର ବିଧାୟକ ଦୁର୍ଗା ଚରଣ ତନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବାସୁଦେବପୁରର ବିଧାୟକ ଅଶୋକ କୁମାର ଦାସ, ରାଉରକେଲା ଇସ୍ପାତ କାରଖାନାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ କବୀ ସ୍ମିତା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗ୍ରୀଷ୍ମା ତିଆରୀ ଏକକ ଓଡ଼ିଶୀ ନୃତ୍ୟ ଏବଂ ସିଲକୀ ପଲାଇ ଓ ଉପାସନା ଚନ୍ଦ୍ର ଯୁଗ୍ମ ଭାବେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିବେକାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ମୃଣ୍ଡିକ ସର୍କଲର କଳାକାରମାନେ ଅତିଥିମାନଙ୍କ ରଚିତ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ବିଶ୍ୱନାଥ ସତ୍ୟଜିତ୍ ସାହୁ, ଉଜ୍ଜଳ ପ୍ରତାପ ଦାସ, ପ୍ରଭାତ କୁମାର ଦାସ, ପ୍ରଶାନ୍ତ କୁମାର ଦାସ, ଅନିରୁଦ୍ଧ ଦାସ ପ୍ରମୁଖ ସହାୟତା କରିଥିବା ବେଳେ କୌଶଲ୍ୟା ଦାସ, ଜୟମାଳା ଦାସ, ବସନ୍ତ ବେହେରା, ଶର୍ମିଷ୍ଠା କବି ଶତପଥୀ, ଶ୍ରଦ୍ଧାଞ୍ଜଳି ନାୟକ, ସାବିତ୍ରୀ ଦାସ, କେୟାଟିର୍ମୟୀ ପତି, ଅଞ୍ଜନା ବେହେରା, ମଧୁମିତା କର, କୈଳାସ ଚନ୍ଦ୍ର କର, ପ୍ରଜ୍ଞା ମୁଖା ଓ ପିଙ୍କାରା ଶ୍ରୀକାନ୍ତ, ନରହରି ରାୟ, ଶର୍ମିଷ୍ଠା କବି ଶତପଥୀ, ହରିହର ଶତପଥୀ, ବିଶ୍ୱନାଥ ଜେନା, ରମେଶ ଚନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଅଫିମ ଚାଷ ନଷ୍ଟ କଲା ପ୍ରଶାସନ; ଜଣେ ଗିରଫ

**କୋଇଡ଼ା, ୨।୩(ସମିସ):** କୋଇଡା ଅଞ୍ଚଳରେ ଅଫିମ ଚାଷ ଶେଷ ପର୍ଯ୍ୟାୟରେ ଥିବା ନଜରକୁ ଆସିବା ପରେ ଏହାକୁ ଆଜି ନଷ୍ଟ କରିଛି କେବଲାଙ୍ଗ ପୁଲିସ୍ ଓ ଅବକାରୀ ବିଭାଗ। କୋଇଡା ବ୍ଲକ କେବଲାଙ୍ଗ ଥାନା ଚୋରେଇଡ଼ା ପଞ୍ଚାୟତ ନୂଆଡେଗା ଗାଁରେ ଦୀର୍ଘ ୪ ମାସ ହେଲା ଚାଲିଥିଲା ଏହି ବେଆଇନ ଅଫିମ ଚାଷ। ଏକ ଏକରରୁ ଊର୍ଦ୍ଧ୍ୱ କ୍ଷେତରେ ଦେଢ଼ କୋଟିରୁ ଅଧିକ ଟଙ୍କାର ବେଆଇନ ଅଫିମ ଚାଷ ହେଉଥିବା ବେଳେ ୩୦ ହଜାରରୁ ଊର୍ଦ୍ଧ୍ୱ ଗଛ ଆଜି ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି। ଘଟଣା ସ୍ଥଳରେ କୋଇଡା ତହସିଲଦାର ନିର୍ମଳ ବିଶାଳ, କେ. ବଲାଙ୍ଗ ଥାନା ଅଧିକାରୀ ଅଶୋକ କୁମାର ବେହେରା ଓ କୋଇଡା ଥାନା ଅଧିକାରୀ ରାଜେନ୍ଦ୍ର ସାଇଁଙ୍କ ସମେତ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ହେମନ୍ତ ମହାନନ୍ଦିଆ, ପୁଷ୍ପଲତା ଗୋସ୍ୱାମୀ ଉପସ୍ଥିତ ରହିଥିଲେ। ଘଟଣାରେ ଜମି ମାଲିକ ଲଙ୍ଗଳା ମୁଣ୍ଡାକୁ ଗିରଫ କରାଯାଇଛି। ଗୋଟିଏ ମାସ ମଧ୍ୟରେ କେବଳ କୋଇଡା ଅଞ୍ଚଳର ତିନୋଟି ସ୍ଥାନରେ ବେଆଇନ ଅଫିମ ଚାଷକୁ ନଷ୍ଟ କରାଯାଇଛି। ହେଲେ ଏ ଚାଷ ଏତିକିରେ ସିମିତ ନା ଏହାର ଚେର ଆହୁରି ଲମ୍ବିଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ଲେଫ୍ରିପଡ଼ାରେ ଅଭିଯୋଗ ଶୁଣାଣି



**ରାଉରକେଲା, ୨।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଲେଫ୍ରିପଡ଼ା ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଅମ୍ରିତ୍ ପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୭୬ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୫ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୫୧ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ଦୁଇ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ସୁଜନ କୁମାର ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରାଉରକେଲା ଦିବସ ପାଇଁ ଗଣଦୌଡ଼ ଆଜି

**ରାଉରକେଲା, ୨।୩(ସମିସ):** ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କ ଆହ୍ୱାନ କ୍ରମେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାର୍ଚ୍ଚ ୩ ତାରିଖ ଅର୍ଥାତ୍ ମଙ୍ଗଳବାର କାନଭାସ ପରିବାର ତରଫରୁ ରାଉରକେଲା ଦିବସକୁ ମହାଆଡ଼ମ୍ବରରେ ପାଳନ କରାଯାଉଛି। ଏହି ଅବସରରେ କାନଭାସ ପରିବାର ପକ୍ଷରୁ ମଙ୍ଗଳବାର ସକାଳ ସାଢେ ୬ଟାରେ ଏକ ବିଶାଳ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଗଣଦୌଡ଼ ସେକ୍ଟର-୧୩ ନମ୍ବର ମେଳଣ ପଡ଼ିଆରୁ ଆରମ୍ଭ ହୋଇ ଅମ୍ବାଗାନ ଛକ ନିକଟରେ ଶେଷ ହେବ। ଏଥିରେ ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତି ଯୋଗ ଦେଇ ଏହି ମାରାଥନକୁ ଶୁଭାରମ୍ଭ କରିବେ। ପଶ୍ଚିମାଞ୍ଚଳ ପୁଲିସ୍ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ମାରାଥନରେ ବହୁ ସଂଖ୍ୟାରେ ଯୋଗ ଦେଇ ରାଉରକେଲାର ସମ୍ମାନ ଓ ସ୍ୱାଭିମାନକୁ ଭାରତ ବର୍ଷର ପ୍ରତିଟି କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଆବାହକ ସୁରେଶ ପ୍ରଧାନ ଅନୁରୋଧ କରିଛନ୍ତି।

# ଗର୍ଭାଶୟ କର୍କଟ ନିରୋଧ ଟୀକାକରଣର ଶୁଭାରମ୍ଭ

**ବଣାଇଁ, ୨।୩(ସମିସ):** ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ସୋମବାର ଗର୍ଭାଶୟ କର୍କଟ ନିରାକରଣ ପାଇଁ ଟୀକାକରଣ ଅଭିଯାନର ଶୁଭାରମ୍ଭ ହୋଇଛି। ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ମନୋଜ ପତି, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଲକ୍ଷ୍ମୀମଣି ନାୟକ, (ଜେଏଚ ଏମ) ସୌରଭ କୁମାର ଭୋଇ ଏବଂ ଆକାଉଣ୍ଟ ମ୍ୟାନେଜର ଉଦୟ ନାୟକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶ୍ରୀ ମୁଣ୍ଡା କନ୍ୟା ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏହି ଟୀକାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିବା ବେଳେ ଡାକ୍ତର ଲକ୍ଷ୍ମୀମଣି ନାୟକ ଟୀକାର ଉପକାରିତା ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ହସପିଟାଲର ଅନ୍ୟାନ୍ୟ କର୍ମଚାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଏହି ଟୀକାକରଣ ଅଭିଯାନରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଦିନକ ପରେ ହୋଲି; ରଙ୍ଗରେ ଭିଜିବ ରାଉରକେଲା

# ରାସାୟନିକ ରଙ୍ଗକୁ ନା; ମୁର୍ଗା ରଙ୍ଗ ପ୍ରଥମ ପସନ୍ଦ

**ରାଉରକେଲା, ୨।୩(ସମିସ)**

ରାତି ପାହିଲେ ଦୋଳ ପୂର୍ଣ୍ଣିମା ଏବଂ ଦିନକ ପରେ ରଙ୍ଗର ପର୍ବ ହୋଲି। ଏଥିପାଇଁ ସ୍ମାର୍ଟ ସିଟି ରାଉରକେଲା ଉତ୍ସବ ମୁଖର ହୋଇଉଠିଛି। ବିଭିନ୍ନ ସଂଗଠନ ମଣ୍ଡଳୀ ପକ୍ଷରୁ ସହର ସାରା ସଂଗଠନ ଓ ବିମାନ ପରିକ୍ରମା କରାଯାଉଛି। ସେହିପରି ରଙ୍ଗର ପର୍ବ ହୋଲିକୁ ବି ବେଶ ଆକର୍ଷଣୀୟ ଢଙ୍ଗରେ ସହରରେ ପାଳନ କରାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ସହରରେ ସମସ୍ତ ଦୋକାନୀ ରାସାୟନିକ ରଙ୍ଗକୁ ନା କରିବା ସହ କେବଳ ପ୍ରାକୃତିକ ରଙ୍ଗକୁ ବଜାରରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଏଥରେ ହୋଲିକୁ ଅଧିକ ରଙ୍ଗିନ କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ତିନେ



ସହ ଭୋଜି ଭାତର ଆୟୋଜନ ହୋଇଥିବା ଜଣାପଡ଼ିଛି। ହୋଲି ପାଇଁ ଇସ୍ପାତ ସହରର ବଜାରରେ କିଛି ବ୍ୟବସାୟୀ ଦୋକାନ ବାହାରେ ଅବିରର ପସରା ଖୋଲିଛନ୍ତି। ବିଭିନ୍ନ ପ୍ରକାର ମୁଖା ଓ ପିଚକାରୀ ଝୋଟ ଶିଶୁ, ଯୁବକଙ୍କ ପ୍ରଥମ ପସନ୍ଦ ସାଜିଛି। ପାନପୋଷ, ଆଇଟିଆଇ, ଏସପିଆଇ, ଉଦିତନଗର, ବାସନ୍ତୀ କଲୋନୀ, ଛେଣ୍ଡ, କଳିଙ୍ଗ ବିହାର, ପାୱାର ହାଉସ ରୋଡ଼, ଡେଲି ମାର୍କେଟ, ବିଶ୍ରା ଛକ ସମେତ ସେକ୍ଟର ଅଞ୍ଚଳର ବିଭିନ୍ନ ବଜାରରେ ଖୋଲିଥିବା ଦୋକାନରେ ବିଭିନ୍ନ ରଙ୍ଗର ଅବିର ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଅବିର କେଜି ୨୦୦ ଟଙ୍କା ଥିବା ବେଳେ ୨୫୦ ଗ୍ରାମକୁ ୫୦ ଓ ୪୦ ଟଙ୍କାରେ ବିକ୍ରି କରାଯାଉଛି। ସେହିପରି କଲର ବାଣ ଗୋଟାକୁ ୫୦ ଟଙ୍କା, କଲର ସ୍ପ୍ରେ ୧୦୦ଟଙ୍କା, ମୁର୍ଗା ରଙ୍ଗ ବା ପାଣି ରଙ୍ଗର ଗୋଟେ ପିସ୍ ୧୦ରୁ ୨୦ଟଙ୍କା ରହିଛି। ପେଷ୍ଟ ଆକାରରେ ପ୍ରସ୍ତୁତ ହୋଇଥିବା ମୁର୍ଗା ରଙ୍ଗର ଚାହିଦା ରହିଥିବା ବେଳେ ଏହା ସମସ୍ତଙ୍କ ପ୍ରଥମ ପସନ୍ଦ ସାଜିଛି। କିଛି ଦୋକାନରେ ହର୍ବାଲ ହୋଲିର ଷ୍ଟାଲ ଲଗାଯାଇ ବିକ୍ରି କରାଯାଉଛି। ଯେଉଁରେ ଚନ୍ଦନ ପାଉଡର ଠାରୁ ଆରମ୍ଭ କରି ମୁଲତାନି ମାଟି ମିଳୁଛି। ହର୍ବାଲ ହୋଲି ବେବି ପିଙ୍କ୍, ହଳଦୀ, ବାଇଗଣି, ନାଳ ରଙ୍ଗ ବିଭିନ୍ନ ପ୍ୟାକେଟରେ ମିଳୁଛି। ବିଭିନ୍ନ ପ୍ରକାରର ରଙ୍ଗୀନ ଓ ଷ୍ଟାଇଲିସ୍ କେଶ ବିକ୍ରି ହେଉଛି। ଏଥିସହ ବିଭିନ୍ନ ପ୍ରକାରର ମୁଖା ଯଥା- ଗଣିଷ ମୁଖା, ମାଙ୍କଡ଼ ମୁଖା, ବିଭିନ୍ନ କାର୍ଟୁନ ମୁଖା, ମାଙ୍କଡ଼, ଡୋରେମନ, ରାକ୍ଷସ, ଭାଲୁ, ଧଳା ବାଘ ମୁଖା ପରି ଅନେକ ମୁଖା ବିକ୍ରି ହେଉଛି। ଯାହା ୮୦ ଟଙ୍କାରୁ ଆରମ୍ଭ। ହୋଲି ଖେଳ ଖାଇବା ଲୋକଙ୍କୁ ଆକର୍ଷିତ କରିବା ପାଇଁ ସୋସିଆଲ ମିଡିଆରେ ପୋଷ୍ଟ କରିବାର ଟ୍ରେଣ୍ଡ ଚାଲିଥିବା ଏଥିପାଇଁ ହୋଲିରେ ନୂଆ ଟ୍ରେସ କିଣା ହେଉଛି। ବିଭିନ୍ନ ମଲ ସମେତ ଅନ୍ୟ କପଡ଼ା ଦୋକାନରେ ହୋଲି ପାଇଁ ସ୍ୱତନ୍ତ୍ର ଭାବେ ଧଳା ସାର୍ଟ, ଶାଢ଼ି ପୋଷାକ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଅନ୍‌ଲାଇନରେ ମଧ୍ୟ ଉପଲବ୍ଧ ହେଉଥିବା ହୋଲି ପାଇଁ ସ୍ୱତନ୍ତ୍ର ଟି-ସାର୍ଟ ଏବଂ ବିଭିନ୍ନ ଶାଢ଼ିକୁ ଅନେକ କିଣୁଥିବା ଦେଖିବାକୁ ମିଳିଛି।

ସକାଳ
THE SAKALA



# ପ୍ରେମ ଓ ବନ୍ଧୁତାର ନିଦର୍ଶନ ତିହିଡ଼ିର କାଳିମେଘା ମେଳଣ

ତିହିଡ଼ି, ୨।୩(ସମିସ)



ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ ଅଧୀନ କାଳିମେଘା ମେଳଣ ପଡ଼ିଆରେ ଅନୁଷ୍ଠିତ ଐତିହାସିକ କାଳିମେଘା ମେଳଣ ଗତ ପ୍ରାୟ ୧୭୦୨ ମସିହାଠାରୁ ଅନୁଷ୍ଠିତ ହୋଇଆସୁଛି। ଓଡ଼ିଶାର ଅନ୍ୟ ସ୍ଥାନରେ ଅନୁଷ୍ଠିତ ହେଉଥିବା ମେଳଣଗୁଡ଼ିକ ପରି ଏହି ମେଳଣର ମଧ୍ୟ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ପ୍ରତି ବର୍ଷ ଦୋଳ ପୂର୍ଣ୍ଣିମା ରାତିରେ ଏହି ମେଳଣ ଆରମ୍ଭ ହୋଇ ପରଦିନ ସନ୍ଧ୍ୟାରେ ଶେଷ ହୋଇଥାଏ। ତାଳପଦା ଗାଁର ସାମନ୍ତରାୟ ଜମିଦାରଙ୍କ ଶ୍ରୀଶ୍ରୀ ଗୋପୀନାଥଜୀଉ ବିମାନ 'ବତିମରା' ପଦାରେ ପ୍ରବେଶ କରି ଥାନପତି ଆସନରେ ବସିଥା'ନ୍ତି। ଏହି ଥାନପତିଙ୍କ ପ୍ରବେଶ ପରେ ଅନ୍ୟ ୫ଟି ବିମାନ ପ୍ରବେଶ କରନ୍ତି। ପରେ ସୟା ଗ୍ରାମର ଶ୍ରୀଶ୍ରୀ ଦାମୋଦରଜୀଉ ବିମାନ ପଦାକୁ ନ ଯାଇ ଶ୍ରୀଶ୍ରୀ ଦଧିବାମନଜୀଉଙ୍କୁ ଦର୍ଶନ କରି ବାଟରେ ରହିଯାଆନ୍ତି। ବତିମରା ପଦାରୁ ବିମାନଗୁଡ଼ିକ କ୍ରମିକ ନମ୍ବର ଅନୁସାରେ ଶୋଭାଯାତ୍ରାରେ ବାହାରି ବାଟରେ ଦଧିବାମନଜୀଉଙ୍କୁ ଦର୍ଶନ କରି ମେଳନ ପଡ଼ିଆ ଅଭିମୁଖେ ଯାଇ ନିଜ ନିଜର ଆସ୍ଥାନରେ ବସିଥା'ନ୍ତି। ଠାକୁରବାଡ଼ିଆମାନେ ସେମାନଙ୍କ ସୁସଜ୍ଜିତ ବିମାନଗୁଡ଼ିକ ସହିତ ବିଭିନ୍ନ ପ୍ରକାର ବାଜା, ରୋଷଣୀ ଓ ସଂକୀର୍ତ୍ତନ ଦଳ ସାଙ୍ଗରେ ନେଇ ଶୋଭାଯାତ୍ରାରେ ଯାଇଥା'ନ୍ତି। ଏହି ମେଳନକୁ ଉପଭୋଗ କରିବାକୁ ବତିମରା ପଦାରୁ ମେଳନ ପଡ଼ିଆ ଯାଏଁ ରାସ୍ତା ଦୁଇ ପାର୍ଶ୍ୱରେ ହଜାର ହଜାର ଲୋକ ସମବେତ ହୋଇଥା'ନ୍ତି। ଏହି ମେଳନରେ ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଥାଏ ଅବିର ଖେଳ। ଯୁବକ ଯୁବତୀମାନେ ରଙ୍ଗ ବେରଙ୍ଗର ଅବିର କିଣି ପରସ୍ପର ମଧ୍ୟରେ ବୋଳି ହେବା ସହିତ ପ୍ରେମ ଓ ବନ୍ଧୁତାର ଅପୂର୍ବ ପରମ୍ପରା ସୃଷ୍ଟି କରିଥା'ନ୍ତି।

ଦୋଳ ପୂର୍ଣ୍ଣମୀର ପରଦିନ ଅପରାହ୍ଣରେ ଶ୍ରୀଶ୍ରୀ ଦଧିବାମନଜୀଉ ମେଳନ ପଡ଼ିଆକୁ ପ୍ରବେଶ କରିବା ମାତ୍ରେ ଶ୍ରୀରାଧାବଲ୍ଲଭଜୀଉଙ୍କ ସହିତ ଅନ୍ୟ ସମସ୍ତ ବିମାନ ମେଳନ ପଡ଼ିଆରୁ ଗୋଟିଏ ପରେ ଗୋଟିଏ ବିଦାୟ ନେଇଥା'ନ୍ତି। ଶ୍ରୀଦଧିବାମନଜୀଉ ମେଳନ ପଡ଼ିଆକୁ ଶୋଭାଯାତ୍ରାରେ ଆସୁଥିବାବେଳେ ଲୋକେ ପରସ୍ପର ମଧ୍ୟରେ କାଦୁଅ ଖେଳିବାର ଦୃଶ୍ୟ ସମସ୍ତଙ୍କ ମନରେ ଭିନ୍ନ ଏକ ଚେତନା ସୃଷ୍ଟି କରିଥାଏ। ମେଳନ ଉପଲକ୍ଷେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବ୍ୟବସାୟୀମାନେ ବିଭିନ୍ନ ସାମଗ୍ରୀର ପସରା ମେଲାଇଥା'ନ୍ତି। ହଜାର ହଜାର ଲୋକଙ୍କ ସମାଗମରେ ମେଳନ ପଡ଼ିଆଟି ଭରପୂର ହେବା ସାଙ୍ଗକୁ ବିଭିନ୍ନ ସାମଗ୍ରୀର କିଣାବିକାରେ ବେଶ୍ ଚଳଚଞ୍ଚଳ ହୋଇ ଉଠିଥାଏ। କାଳିମେଘା ମେଳନ କମିଟିର କର୍ମକର୍ତ୍ତା ଓ ସ୍ଥାନୀୟ ପୁଲିସ ପ୍ରଶାସନ ମେଳନର ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ସବୁପ୍ରକାର ଉଦ୍ୟମ କରିଥାଆନ୍ତି।

# ଦୋଳ ପାଇଁ ଦୁଲୁକୁଛି ଗୁଆମାଳ



**ଦୋଳସାହି, ୨।୩(ସମିସ):** ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତର ଝାଡ଼ପଟା ଗ୍ରାମରେ ଅନୁଷ୍ଠିତ ହେଉଥିବା ଐତିହାସିକ ଦୋଳ ମେଳଣର ୫ ଦିନ ପୂର୍ବରୁ ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଥିବାବେଳେ ଚଳିତ ବର୍ଷ ଏହି ସମସ୍ତ ସ୍ଥାନରେ ମହାଆଡ଼ମ୍ବରରେ ଦୋଳ ମେଳଣ ପାଳନ ହେଉଥିବା ଦେଖିବାକୁ ମିଳୁଛି। ନୂଆଶାସନ ବିଶ୍ୱନାଥପୁର ବଢ଼େଇବାଡ଼ି ଭୂୟାଁୱାସ ଇଶାଣପୁର, ଗଣ୍ଡପଡ଼ା, ଗଣେଶ୍ୱରପୁର, ଅମୃତପୁର, କୁମାରପୁର ଗ୍ରାମରେ ବିଭିନ୍ନ ଦିନରେ ୫ ଦିନ ଧରି ଏହି ଦୋଳ ମେଳଣ ପାଳନ ହୋଇଥାଏ। ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ଠାକୁର ବାଡ଼ିଆ ଏହି ଦୋଳ ମେଳଣରେ ଭାଗ ନେଇ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଝୁଲି ଝୁଲି ଅନୁଷ୍ଠିତ ହେଉଥିବା ମେଳଣରେ ଭାଗ ନେଇଥାନ୍ତି। ପଞ୍ଚାୟତର କୋଣ ଅନୁକୋଣରେ ଏହି ଦୋଳ ମେଳଣ ଶାନ୍ତି ଶୃଙ୍ଖଳା ପାଳନ ହେଉଥିବାବେଳେ ଏହି ସମସ୍ତ ମେଳଣ ପରେ ଐତିହାସିକ ଝାଡ଼ପଟା ଦୋଳ ମେଳଣ ଅନୁଷ୍ଠିତ ହୋଇଥାଏ। ସେହିପରି ଏହି ପଞ୍ଚାୟତର ବାହାର ରାଜ୍ୟରେ କାର୍ଯ୍ୟ କରୁଥିବା ଯୁବକରୁ ବୃଦ୍ଧ ଏହି ଦୋଳ ମେଳଣ ଉପଭୋଗ କରିବା ପାଇଁ ଆସୁଥିବା ନେଇ ହେଉଛି ଚର୍ଚ୍ଚା ଦୋଳ ମେଳଣ ପାଇଁ ଦୁଲୁକୁଛି ଗୁଆମାଳ।

# ଇନ୍‌ଟାକ୍ ଭଦ୍ରକ ଶାଖାର ଐତିହ୍ୟ ପଦଯାତ୍ରା




ଭଦ୍ରକ, ୨।୩(ସମିସ): ଇନ୍‌ଟାକ୍ ଭଦ୍ରକ ଶାଖାର ଐତିହ୍ୟ ପଦଯାତ୍ରା କନ୍‌ଭେନର ଦିଗମ୍ବର ମହାନ୍ତି ଓ ଅଜିତ୍ କୁମାର ଦାସଙ୍କ ନେତୃତ୍ୱରେ ଅଜିତ୍ କୁମାର ନାୟକ ଓ ମୁକ୍ତିକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଐତିହ୍ୟସ୍ଥଳୀ ନୀଳଗିରିର ପଞ୍ଚଲିଙ୍ଗେଶ୍ୱର, ଜଗନ୍ନାଥ ମନ୍ଦିର, ଭୂଧାର ଚଣ୍ଡୀ ମନ୍ଦିର, ନିତାଇଗୌର ଆଶ୍ରମ ଓ କୁମ୍ଭକ୍ଷେତ୍ର ଆଦି ବିଭିନ୍ନ ଐତିହ୍ୟ ପର୍ଯ୍ୟଟନସ୍ଥଳୀର ବିକାଶ ଓ ସୁରକ୍ଷା ସମ୍ପର୍କରେ ଅନୁଧ୍ୟାନ ସହ ସର୍ବେକ୍ଷଣ କରାଯାଇଥିଲା। ଏହି ପଦଯାତ୍ରାରେ ଶାଖାର ଆଜୀବନ ଓ ସାଧାରଣ ସଦସ୍ୟସଦସ୍ୟା ୩୧ ଜଣ ସାମିଲ୍ ଥିଲେ। ସର୍ବେକ୍ଷଣରେ ଡ. ଗୋଲକ ବିହାରୀ ସାହୁ, କରୁଣାକର ଉପାଧ୍ୟାୟ, ସଂଗ୍ରାମ କେଶରୀ ଦାସ, ସ୍ମିତା ମହାନ୍ତି, ବାଦଲ କିଶୋର ମହାପାତ୍ର, ବିଜୟ ମହାନ୍ତି, ଚନ୍ଦ୍ରମୋହନ ମହାନ୍ତି, ଲକ୍ଷ୍ମଣ କୁମାର ମହାନ୍ତି, ବାବୁଲାଲ ଦାସ, ମୁକ୍ତିକାନ୍ତ ମହାପାତ୍ର, ମଦନ ମୋହନ ନାୟକ, କମଳକାନ୍ତ ସ୍ୱାଇଁ ଆଦି ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ। ଐତିହ୍ୟସ୍ଥଳୀର ବିକାଶ ସମ୍ପର୍କରେ ବାଲେଶ୍ୱର ଶାଖାର ସହଯୋଗରେ ଆମ ଭଦ୍ରକ ଶାଖାର ସଦସ୍ୟ ଓ ସଦସ୍ୟା ଆଦିତ୍ୟ କୁମାର ନାୟକ, ଆଦିତ୍ୟ କୁମାର ଗୋସ୍ୱାମୀ, ପଦ୍ମନାଭ ନାୟକ, ଅରବିନ୍ଦ ବସନ୍ତରାୟ, ତାରକ ଦାସ ଆଢ୍ୟ, ସୁରେଶ କୁମାର ସାହୁ, ସ୍ନେହଲତା ବେହେରା, ଗୀତାରାଣୀ ଆଇଚ, ଚନ୍ଦ୍ରମୋହନ ମହାନ୍ତି, ଦିଲ୍ଲୀପ କୁମାର ନାୟକ ଆଦି ଏହି ସର୍ବେକ୍ଷଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନୁଧ୍ୟାନ ଓ ସର୍ବେକ୍ଷଣରେ ସେଠାକାର ସ୍ଥାନୀୟ ବାସିନ୍ଦା ଓ ଟ୍ରଷ୍ଟିମାନଙ୍କ ସହ ଆଲୋଚନା କରାଯାଇଥିଲା।

## ହୋଲି ପର୍ବ ଉପଲକ୍ଷେ ସମନ୍ୱୟ ବୈଠକ

# ମେଳଣ ଉତ୍ସବ ଓ ଶୋଭାଯାତ୍ରାରେ ଡିଜେକୁ ବାରଣ



**ଧାମନଗର, ୨।୩(ସମିସ):** ଧାମନଗର ଥାନା ପରିସରରେ ୪ ତାରିଖରେ ହୋଲି ପର୍ବ କିପରି ଶାନ୍ତି ଶୃଙ୍ଖଳା ରକ୍ଷା କରି ପାଳନ ହେବ ସେନେଇ ଉଭୟ କମ୍ୟୁନିଟିର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାମନଗର ଥାନା ଅଧିକାରୀ ସୁବ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି ଯୋଗ ଦେଇଥିବା ବେଳେ ବରିଷ୍ଠ ସଭ୍ୟ ବାସୁଦେବ ତ୍ରିପାଠୀ, ରାମଚନ୍ଦ୍ର ଜେନା, କୃଷ୍ଣ ଚନ୍ଦ୍ର ଜେନା, ପ୍ରତାପ ସାମଲ, ସୁଶାନ୍ତ କୁମାର ରାଉତ, ଗୋଲାମ ଜିଲାନି ହବିବି, ସେକ୍ ଅବ୍‌ଦୁଲ ହାକିମ୍, ସେକ୍ ଜାଫର ଅଲ୍ଲୀ, ଏମ୍‌ଡି ହବିବୁର ରହେମାନ, ଚୁଡ଼ାକୁଟି ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼, ପୂର୍ବତନ ସମିତିସଭ୍ୟ ରାଜୀବ ଦାସ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ବ୍ୟାପକ ଆଲୋଚନା କରିଛନ୍ତି। ଥାନା ଅଧୀନରେ ହୋଲି ମେଳଣ ଉତ୍ସବ ଓ ଶୋଭାଯାତ୍ରାରେ ଡିଜେକୁ ସମ୍ପୂର୍ଣ୍ଣ ବାରଣ ସହିତ ଟ୍ରାଫିକ୍ ସମସ୍ୟାକୁ ଗୁରୁତ୍ୱ ଦିଆଯାଇଛି। ପରବର୍ତ୍ତୀ ସମୟରେ ମେଳଣ କମିଟିର କର୍ମକର୍ତ୍ତାମାନଙ୍କୁ ଥାନାକୁ ଡାକି ଡିଜେ ବନ୍ଦ କରିବା ପାଇଁ ପରାମର୍ଶ ଦିଆଯିବ ବୋଲି ପୁଲିସ ସୂଚନା ଦେଇଥିଲା। ଯିଏ ଅମାନ୍ୟ କରିବେ ସେମାନଙ୍କ ପ୍ରତି ପୁଲିସ ତରଫରୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଶେଷରେ ଏସ୍‌ଆଇ ମହେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସିଲା ମେଳଣ ଋତୁ

# ନିଶା ଓ ଜୁଆ ଉପରେ ଅଙ୍କୁଶ ନାହିଁ



**ସହିଦନଗର, ୨।୩(ସମିସ):** ଧାମନଗର ନିର୍ବାଚନମଣ୍ଡଳୀରେ ହୋଲି ପର୍ବକୁ ନେଇ ଚାଲିଥିବା ମେଳଣ ଉତ୍ସବ ମଧ୍ୟରେ କିଛି ଅସାମାଜିକ ଦୃଶ୍ୟ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଛି। ମେଳଣରେ ରାସ୍ତାଘାଟରେ ମଦପାନ କରି କେତେକ ଯୁବକ ଲୁଟିପଡ଼ି ରହୁଥିବା ଦେଖାଯାଉଛି। ଏହା ସହ କିଛି ସ୍ଥାନରେ ଜୁଆ ଖେଳ ଚାଲୁଥିବା ଅଭିଯୋଗ ମଧ୍ୟ ଆସୁଛି। ସ୍ଥାନୀୟ ଲୋକଙ୍କ ଦାବି, ମେଳଣ ଅଞ୍ଚଳ ପାଖପାଖି ଅସ୍ଥାୟୀ ମଦ ଦୋକାନ କିମ୍ବା ଖୋଲାଖୋଲି ବିକ୍ରି ଉପରେ ସମ୍ପୂର୍ଣ୍ଣ ନିଷେଧ ଲାଗୁ କରାଯାଉ। ଯେପରିକି ବଡ଼ ପର୍ବପର୍ବାଣି କିମ୍ବା ନିର୍ବାଚନ ସମୟରେ ସରକାରୀ ନିୟମ ଅନୁସାରେ ମଦ ଦୋକାନ ବନ୍ଦ ରହେ, ସେପରି ହୋଲି ମେଳଣ ସମୟରେ ମଧ୍ୟ ନିର୍ଦ୍ଦିଷ୍ଟ ଦିନ ପାଇଁ ମଦ ଦୋକାନ ବନ୍ଦ ରଖାଯିବାକୁ ଦାବି ଉଠିଛି। ସେପଟେ ଜୁଆ ଖେଳ ଉପରେ କଠୋର ନଜରଦାରୀ, ପୁଲିସ ପହରା ବୃଦ୍ଧି, ମେଳଣ କମିଟିକୁ ଦାୟିତ୍ୱବୋଧ କରାଇବା ଓ ସିସିଟିଭି ସ୍ଥାପନ ଭଳି ପଦକ୍ଷେପ ନିଆଗଲେ ଅନେକ ଅସୁବିଧା ରୋକାଯାଇପାରିବ ବୋଲି ସଚେତନ ମହଲର ମତ ପ୍ରକାଶ ପାଇଛି। ହୋଲି ହେଉଛି ଆନନ୍ଦ ଓ ଭାଇଚାରାର ପର୍ବ। ଏହି ପବିତ୍ର ଅବସରରେ ମଦ ଓ ଜୁଆର ପ୍ରଭାବରେ ଅଶାନ୍ତି ସୃଷ୍ଟି ହେଲେ ପର୍ବର ମୂଳ ଉଦ୍ଦେଶ୍ୟ ନଷ୍ଟ ହୋଇଯିବ। ତେଣୁ ପ୍ରଶାସନ, ପୁଲିସ ବିଭାଗ ଓ ଆୟୋଜକମାନେ ସମନ୍ୱୟ କରି ଯଥାପ୍ରକାର ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ଦାବି ଜୋର୍ ଧରିଛି।

# ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଚରମ୍ପା ଚାମ୍ପିଅନ



**ତିହିଡ଼ି, ୨।୩(ସମିସ):** ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ପଞ୍ଚାୟତ ବାସନ୍ତୀ ପଡ଼ିଆଠାରେ ଦେବଦତ ସ୍ମୃତି ପରିଷଦ ଆନୁକୂଲ୍ୟରେ ଦିବାରାତ୍ର ଦେବଦତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଚୂଡ଼ାନ୍ତ କ୍ରୀଡ଼ା ଏମ୍‌କେସିଟି, ନୂଆନନ୍ଦ ଓ ଡେଲ୍‌ଟା ୧୧, ଚରମ୍ପା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନୂଆନନ୍ଦ ୧୫ ଓଭରରେ ୮୭ ରନ୍ ସଂଗ୍ରହ କରିଥିବାବେଳେ ଚରମ୍ପା ୧୨.୨ ଓଭରରେ ୭ ୱିକେଟ ହରାଇ ଲକ୍ଷ୍ୟ ହାସଲ କରି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି। ଦୁଇଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ପାଳିଆବିନ୍ଧା ବିଏନ୍‌ଏମ୍‌ଏ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମୂଲ୍ୟ ପରିଡ଼ା, ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ଓସିଏର ପୂର୍ବତନ କ୍ୟାପ୍‌ଟେନ ପ୍ରଭଞ୍ଜନ ମଲ୍ଲିକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିକାଶ ମହାପାତ୍ର, ସମିତିସଭ୍ୟ ଜୀବନଜ୍ୟୋତି ପଲେଇ, ସମାଜସେବୀ ସରୋଜ ଦାସ, ଅର୍ଚ୍ଚନା ନାୟକ, ଗିରିଜା ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଭିନ୍ନ ଦିନର ମ୍ୟାଚ୍ ଉଦ୍‌ଘାଟନ କରିବା ସହ ମ୍ୟାଚ୍ ଉପଭୋଗ କରିଥିଲେ। ଶ୍ୟାମାନନ୍ଦ ମହାପାତ୍ର ଓ ଗୌରାଙ୍ଗ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ସ୍ମୃତି ପରିଷଦର ସୁଧନ୍ୱା ନାୟକ, ସଞ୍ଜୀବ ଦାସ, ନବକିଶୋର ସାହୁ, ବୁଲ୍‌ବୁଲ୍, କାବୁଲା, ସୋନୁ, ନରେଶ, ଚଗଲା, ବାପି, ନିମାଇଁ, ଲକି, କ୍ରାନ୍ତି, ମୁନା, ସୁରେଶ, ରଞ୍ଜିତ୍, ବିଭୁ, କାହ୍ନା, ଜ୍ଞାନ, ନିରଞ୍ଜନ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ପୂର୍ବତନ ବିଧାୟକ ବିରେନ୍ ପଲେଇଙ୍କ ଶ୍ରାଦ୍ଧବାର୍ଷିକୀ



**ଭଦ୍ରକ, ୨।୩(ସମିସ):** ପୂର୍ବତନ ବିଧାୟକ ବିରେନ୍ ପଲେଇଙ୍କର ୨୫ତମ ଶ୍ରାଦ୍ଧବାର୍ଷିକୀ, ଭଦ୍ରକ ପୌରପାଳିକା ଅନ୍ତର୍ଗତ ୩୦ନମ୍ବର ୱାର୍ଡରେ ଅବସ୍ଥିତ କୋଣାର୍କ କ୍ଲବ୍‌ଠାରେ ପାଳିତ ହୋଇଛି। କ୍ଲବ୍ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତି ନିକଟରେ କ୍ଲବ୍ ସଭାପତି ମାୟାଧର ରାଉତ, ସମ୍ପାଦକ ବିନୋଦ ନାୟକ, ପାଠାଗାରର ସଭାପତି ମୁକ୍ତିକାନ୍ତ ନାୟକ ଓ ସମ୍ପାଦକ ସତ୍ୟଜିତ୍ ନାୟକଙ୍କ ସହ ସମସ୍ତ ସଦସ୍ୟ, ଗ୍ରାମବାସୀ ତଥା କ୍ଲବ୍‌ର ଉପଦେଷ୍ଟା ସୁଧାକର ରାଉତ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସଙ୍କ ସମେତ ବହୁ ବିରେନ୍‌ପ୍ରେମୀ ପୁଷ୍ପଧୂପ ଦେଇ ତାଙ୍କର ଦିବଂଗତ ନେତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କର ବହୁମୁଖୀ ପ୍ରତିଭାକୁ ଆଲୋଚନା କରାଯାଇଥିଲା। ଭଦ୍ରକ ସହର ତଥା ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀଣ ଉନ୍ନତି ପାଇଁ ତାଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଗଲା। ତାଙ୍କ ଅକାଳ ବିୟୋଗ ଭଦ୍ରକବାସୀଙ୍କୁ ଦଳମତ ନିର୍ବିଶେଷରେ ବହୁ କଷ୍ଟ ଦେଇଥିଲା। ଗରିବଙ୍କ ହୃଦୟରେ ବସିଥିବା ସମସ୍ତଙ୍କର ପ୍ରିୟ ମଣିଷ ସମସ୍ତଙ୍କୁ ଛାଡ଼ି ଚାଲିଯାଇଥିଲେ। ତାଙ୍କ ଭଳି ଜଣେ ଗରିବର ହୃଦୟକୁ ଜିଣିଥିବା ନେତା ଭଦ୍ରକବାସୀଙ୍କୁ ମିଳିବା ଅସମ୍ଭବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

# ୭୩ ୟୁନିଟ୍ ରକ୍ତ ସଂଗ୍ରହ

**ଭଦ୍ରକ, ୨।୩(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଯଶିପୁର ପଞ୍ଚାୟତର କଷିମଳାଗୋଠଠାରେ ସନାତନ ରାଉତ ସ୍ମୃତି କମିଟି ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତଥା ରାଜନେତା ସନାତନ ରାଉତଙ୍କ ୧୫ତମ ଶ୍ରାଦ୍ଧବର୍ଷିକୀ ଉପଲକ୍ଷେ ଆୟୋଜିତ ଉକ୍ତ ରକ୍ତଦାନ ଶିବିରରେ ମୋଟ୍ ୭୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କଂଗ୍ରେସର ନେତା ସତ୍ୟାନନ୍ଦ ରାଉତଙ୍କ ଆୟୋଜନ ଓ ଭଦ୍ରକ ବ୍ଲଡ୍ ବ୍ୟାଙ୍କର ସହଯୋଗରେ ଅନୁଷ୍ଠିତ ଉକ୍ତ ରକ୍ତଦାନ ଶିବିରରେ ସ୍ଥାନୀୟ ଅଞ୍ଚଳର ବହୁ ଯୁବକଯୁବତୀ ଯୋଗଦେଇ ରକ୍ତଦାନ କରିଥିଲେ। ରକ୍ତଦାନ ମହତ୍ ଦାନ, ରକ୍ତ ବିନା କାହାର ଜୀବନ ନ ଯାଉ ଏହା ହିଁ ମୋର ଲକ୍ଷ୍ୟ ବୋଲି ଯୁବନେତା ସତ୍ୟାନନ୍ଦ ରାଉତ ପ୍ରକାଶ କରିଥିଲେ। ଉକ୍ତ ଶିବିରରେ ସ୍ମୃତି କମିଟି ସଭାପତି ଗୁରୁ ପ୍ରସାଦ ମହାନ୍ତି, ସରପଞ୍ଚ ପ୍ରମିଳା ମାଝୀ, ପ୍ରତାପ ଚନ୍ଦ୍ର ଧଳ, ମଧୁସୂଦନ ଜେନା, ଶ୍ରୀବାସ ଦାସ, ମନୋଜ ବିଶ୍ୱାଳ, ବିଶ୍ୱକେଶରୀ ମହାନ୍ତି, ବରିଷ୍ଠ ନେତା ମଙ୍ଗୁଳି ଚରଣ ବେହେରା, ନିର୍ମଳ ରାଉତ, ଧୀରେନ୍ଦ୍ର ବେହେରା, ରମେଶ ଚନ୍ଦ୍ର ନାୟକ, ସଞ୍ଜୁଲତା ମାଝୀ, ଚାନ୍ଦବାଲି ବ୍ଲକ କଂଗ୍ରେସ ସଭାପତି ସୁଭାଶିଷ୍ ମଲ୍ଲିକ, ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଐତିହାସିକ ବାଲିଚତୁରୀ ମେଳଣକୁ ୨୦୦ ବର୍ଷ

**ତିହିଡ଼ି, ୨।୩(ସମିସ):** ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତର ବାଲିଚତୁରୀ ଗ୍ରାମରେ ଅନୁଷ୍ଠିତ ହେଉଥିବା ଐତିହାସିକ ବାଲିଚତୁରୀ ମେଳଣକୁ ଚଳିତ ବର୍ଷ ୨ଶହ ବର୍ଷ ପୂରଣ ହୋଇଛି। ଏହି ମେଳଣରେ ମାଟିଆସାହି, ପାଢ଼ୀସାହି, ମଧୁପୁର, ନିଶ୍ଚିନ୍ତପୁର, ମଥୁରାପୁର ଆଦି ଗ୍ରାମରୁ ମୁଖ୍ୟତଃ ୧୦ଟି ବିମାନ ସହ ଅନ୍ୟ ବିମାନଗୁଡ଼ିକ ଅଂଶ ଗ୍ରହଣ କରିଥା'ନ୍ତି। ସୋମବାର ସକାଳ ୮ଟାରେ ଏହି ମେଳଣ ଆରମ୍ଭ ହୋଇ ଅପରାହ୍ଣ ୪ଟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ମେଳଣକୁ ଦେଖିବାକୁ ଚଳିତ ବର୍ଷ ୨୦ ହଜାର ଲୋକଙ୍କର ସମାଗମ ହୋଇଥିଲା। ମେଳଣ କମିଟିର ବାଦଲ ନାୟକ, ଅମୀୟଚାନ୍ଦ ନାୟକ, ନିମାଇଁ ଚାନ୍ଦ ନାୟକ, ରାଜେଶ୍ୱରୀ ନାୟକ ପ୍ରମୁଖ ମେଳଣ ପରିଚାଳନା କରିଥିଲେ।



# ଶିଶୁ ସୁରକ୍ଷା ପରାମର୍ଶ ଶିବିର



**ବାରିକପୁର, ୨।୩(ସମିସ):** ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ହିତାଧିକାରୀ ଶିଶୁ ଓ ପରିବାର ବର୍ଗଙ୍କ ନିମନ୍ତେ ଏକ ପରାମର୍ଶ ସେବା ଶୀର୍ଷକ ସଭା ଭଣ୍ଡାରିପୋଖରୀ ବ୍ଲକ ମିଶନ ଶକ୍ତି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ରିତା ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ବିଭାଗର ବରିଷ୍ଠ ଆଇନ ଅଧିକାରୀ ସୁବ୍ରତ ଦାସ, ସୁରକ୍ଷା ଅଧିକାରିଣୀ ସ୍ୱାଗତିକା ବାରିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ, ଜେମାମଣି ଦଳେଇ, ଆଶାରାଣୀ ପଲେଇ, ସତ୍ୟଶିଖା ସେଠୀ, ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖ ଯୋଗଦେଇଥିଲେ। ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ ଥିବା ହିତାଧିକାରୀ ଶିଶୁମାନେ କିପରି ଯଶୋଦା ଯୋଜନାରେ ସାମିଲ୍ ହୋଇପାରିବେ ସେନେଇ ଆଲୋଚନା ହୋଇଥିଲା। ଏହି ପରାମର୍ଶ ଶିବିରରେ ବହୁ ହିତାଧିକାରୀ ଶିଶୁ ଓ ଅଭିଭାବକ ସମେତ ଅଙ୍ଗନବାଡ଼ି କର୍ମୀ ଅଂଶଗ୍ରହଣ କରିଥିଲେ।

# କୋଣାର୍କ କ୍ଲବ୍‌ର ବାର୍ଷିକ ଉତ୍ସବ

ଭଦ୍ରକ, ୨।୩(ସମିସ)



ପ୍ରତିବର୍ଷ ଭଳି ଫାଲ୍‌ଗୁନ ତ୍ରୟୋଦଶୀ ତିଥିରେ ଶ୍ରୀଶ୍ରୀ ରାଧାକୃଷ୍ଣଙ୍କ ମିଳନ ଉତ୍ସବ ସହ କ୍ଲବ୍‌ର ୪୩ତମ ବାର୍ଷିକ ଉତ୍ସବ ଭଦ୍ରକ ପୌରପାଳିକା ଅନ୍ତର୍ଗତ ବାଲିପାଟଣା ଗାଁର କୋଣାର୍କ କ୍ଲବ୍ ପରିସରରେ ପାଳିତ ହୋଇଯାଇଛି। କ୍ଲବ୍‌ର ଉପଦେଷ୍ଟା ସୁଧାକର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସମ୍ମାନିତ ଅତିଥିଭାବେ ତ୍ୟାଗଭୂମୀର ସଭାପତି ଅଜୟ ନାୟକ, ପୂର୍ବତନ ସରପଞ୍ଚ ବିଶ୍ୱନାଥ ନାୟକ, ଗାନ୍ଧୀ ଓଡ଼ିଶା ବାଳାଶ୍ରମ ସମ୍ପାଦକ ଅଶୋକ କୁମାର ଦାସ, ଭାରତମାତା ମଣ୍ଡଳ ସଭାପତି ବାବୁଲା ଲେଙ୍କା ପ୍ରମୁଖ ଯୋଗଦେଇ ସମାଜ ଗଠନରେ ଯୁବକମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଆପଣମାନଙ୍କ ସ୍ନେହଶ୍ରଦ୍ଧା ମୋତେ ବିଧାୟକ ଭାବେ ଜୟଯୁକ୍ତ କରିଛି। ଭଦ୍ରକର ସର୍ବାଙ୍ଗୀଣ ଉନ୍ନତି ସହ ସହରାଞ୍ଚଳ ଓ ପଞ୍ଚାୟତର ଯେଉଁ ସବୁ ଉନ୍ନତିମୂଳକ କାମ ଅବହେଳିତ ହୋଇ ରହିଛି ତାହା ପର୍ଯ୍ୟାୟ କ୍ରମେ ମୁଁ ପୂରଣ କରିବାକୁ ପ୍ରତିଶ୍ରୁତିବଦ୍ଧ। କୋଣାର୍କ କ୍ଲବ୍‌ର ପିଲାମାନେ ସମାଜ ସଂସ୍କାରରେ ଯେପରି ନିୟୋଜିତ ହୋଇଛନ୍ତି ସେଥିପାଇଁ ତାଙ୍କୁ ସାଧୁବାଦ ଜଣାଇଥିଲେ। କ୍ଲବ୍ ସଭାପତି ମାୟାଧର ରାଉତ, ସମ୍ପାଦକ ବିନୋଦ ନାୟକ, ପାଠାଗାର ସଭାପତି ମୁକ୍ତିକାନ୍ତ ନାୟକ, ସମ୍ପାଦକ ସତ୍ୟଜିତ୍ ନାୟକଙ୍କ ସହ ପ୍ରଫୁଲ୍ଲ ପରିଡ଼ା, ଓମ୍‌ପ୍ରକାଶ ନାଥ, ସମୀର ପୃଷ୍ଟି, ପ୍ରକାଶ ପରିଡ଼ା, ଟିକନ ରାଉତ, ଦିବ୍ୟରଞ୍ଜନ ରାଉତ, ଅଭିଷେକ ପ୍ରଧାନ, ଅନିରୁଦ୍ଧ ନାୟକ, ଚଳନ ନାୟକ, ଶତ୍ରୁଜିତ୍ ନାୟକ, ରଞ୍ଜନ ପ୍ରଧାନ, ଗଦାଧର ନାୟକ, ଦେବେନ୍ଦ୍ର ରାଉତ୍, ଚିନ୍ମୟ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ବାଲିପାଟଣା ଗାଁ ଝିଅ ଦେବୀରାଣୀ ସାହୁ ଗତ ମାଟ୍ରିକ୍ ପରୀକ୍ଷାରେ ଜିଲ୍ଲାରେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡଲ୍‌ଫିନ୍ ଡ୍ୟାନ୍ସ ଗ୍ରୁପ୍, ମଙ୍ଗଳପୁର, ଯାଜପୁର ଦ୍ୱାରା ଆୟୋଜିତ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଗ୍ରାମବାସୀ ଉପଭୋଗ କରିଥିଲେ। ବିଭିନ୍ନ ଗାଁରୁ ୧୦ଟି ଠାକୁର ମେଢ଼ ଏ ମିଳନ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ପୂଜାର୍ଚ୍ଚନା ପୂର୍ବକ ମିଳନ ଉତ୍ସବ ସମାପ୍ତ ହୋଇଥିଲା।

# ତିଆଡ଼ିସାହିରେ ଜାଗ୍ରତଗୌରୀଙ୍କ ବାର୍ଷିକ ଉତ୍ସବ

**ଦୋଳସାହି, ୨।୩(ସମିସ):** ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତର ତିଆଡ଼ିସାହିର ମା' ଜାଗ୍ରତଗୌରୀଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସୂଚନାଯୋଗ୍ୟ, ତିଆଡ଼ିସାହି ଗାଁରେ ଆବହମାନ କାଳରୁ ମା' ଜାଗ୍ରତଗୌରୀଙ୍କ ପୂଜା ପାଇ ଆସୁଛନ୍ତି। ବହୁ ବର୍ଷ ପୂର୍ବରୁ ତିଆଡ଼ିସାହି ଗାଁର ଶେଷ ମୁଣ୍ଡରେ ସଂଯୋଗ ହୋଇଥିବା ଅଶ୍ୱତ୍ଥ, ବର ଓ କେନ୍ଦୁ ୩ଟି ବୃକ୍ଷର ମୂଳରେ ମା'ଙ୍କ ପୂଜାର୍ଚ୍ଚନା ଗ୍ରାମବାସୀଙ୍କ ଦ୍ୱାରା କରାଯାଉଥିଲା। ଏହି ତିନୋଟି ବୃକ୍ଷରେ ବିଷଧର ସର୍ପ ନାଗ ନାଗୁଣୀ ରହୁଥିବା ସହ ମା'ଙ୍କ ଚତୁଃପାର୍ଶ୍ୱରେ ବିଭିନ୍ନ ସମୟରେ ଭ୍ରମଣ କରିବା ପରେ ଏହି ବୃକ୍ଷରେ ରହୁଥିବା ଜଣାଯାଇଥିଲା। ତେବେ କାହାରିକୁ ଏହି ନାଗ ନାଗୁଣୀ ଭୟଭୀତ କରାନ୍ତି ନାହିଁ ବୋଲି ଗାଁ ଲୋକେ ମତବ୍ୟକ୍ତ କରିଛନ୍ତି। ୨୦୧୩ରେ ଗାଁ ଲୋକଙ୍କ ସହଯୋଗରେ ଏକ ମନ୍ଦିର ନିର୍ମାଣ କରାଯାଇ ପ୍ରତିବର୍ଷ ଗାଁ ଲୋକଙ୍କ ସହଯୋଗରେ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ଶନିବାର ମା' ଜାଗ୍ରତଗୌରୀଙ୍କ ବାର୍ଷିକ ଉତ୍ସବ ପାଳନରେ ୩୦୦ରୁ ଅଧିକ ମହିଳା ଭକ୍ତଙ୍କ ଦ୍ୱାରା କଳସ ଯାତ୍ରା ହୋଇଥିବା ସହ ଗ୍ରାମବାସୀମାନେ ମହା ଆଡ଼ମ୍ବରରେ ମା' ଜାଗ୍ରତଗୌରୀଙ୍କ ବାର୍ଷିକ ଉତ୍ସବ ପାଳନ କରୁଥିବା ଦେଖିବାକୁ ମିଳିଛି।

# ବିଜୁ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ



**କାମାକ୍ଷାନଗର,୨ ।୩(ସମିସ):** କାମାକ୍ଷାନଗର ବିଜୁ ଜନତା ଦଳ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୧ଟାରେ ଜିଲ୍ଲା ଯୁବ ସଭାପତି ତଥା କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ବିଜୁ ପଟ୍ଟନାୟକ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ମାର୍ଚ୍ଚ ୫ ତାରିଖ ବିଜୁବାବୁଙ୍କ ଜୟନ୍ତୀ ପାଳନ କରାଯିବ । କାମାକ୍ଷାନଗର ବ୍ଲକ ଓ ଏନ୍‌ଏସିର ସମସ୍ତ ୱାର୍ଡରୁ ବିଜେଡି କର୍ମୀ, ନେତୃବୃନ୍ଦ ଏଥିରେ ଯୋଗଦେବେ ବୋଲି କୁହାଯାଇଛି । ବୈଠକରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଏନ୍‌ଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ସମସ୍ତ କାଉନସିଲର, ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ନଗର ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଜିଲ୍ଲା ସାଧାରଣ ସମ୍ପାଦକ ଦିଲୀପ ଷେଣ୍ଡେ, ବ୍ଲକ ଛାତ୍ର ସଭାପତି ଉପେନ୍ଦ୍ର ରାଉତ, ମହିଳା ନେତ୍ରୀ ରଞ୍ଜିତା ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ ।

# ଛଅ ଦୋଳଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ଗଁଦିଆ,୨ ।୩(ସମିସ):** ମାର୍ଚ୍ଚ ୯ ତାରିଖ ଅନୁଷ୍ଠିତ ହେବାକୁ ଥିବା ଛଅ ଦୋଳଯାତ୍ରା ପାଇଁ ଗଁଦିଆ ଥନା ପରିସରରେ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଏସଆଇ ହୃଦାନନ୍ଦ ମହାନନ୍ଦ, ମେହନ ମୁର୍ମୁ, ଯୋରନ୍ଦା ଫାଣ୍ଡି ଅଧକାରୀ ମାଗୁଣି ଗଡ଼ନାୟକ, ଗଁଦିଆ ଥାନା ଏଏସଆଇ ସୁକାନ୍ତି ସାହୁ, ଅଭୟ ନାୟକ, ଦିଲୀପ ସାହୁ, ସରୋଜିନୀ ମହାନ୍ତି, ପ୍ରଭାତ ନାୟକ, ରାଜେଶ ରାଉତ ଏବଂ ସମସ୍ତ କର୍ମଚାରୀଙ୍କ ସମେତ ପୂର୍ବତନ ଗଁଦିଆ ସରପଞ୍ଚ ମଙ୍ଗରାଜ ବାରିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ କୁମାର ସିଂହ, ପୋରୁହଖୋଜ ସମିତସଭ୍ୟ ବଳରାମ ପରିଡ଼ା, ସୋରିସିଆପଦା ସରପଞ୍ଚ ପ୍ରଦୀପ କୁମାର ରାଉତ, ସାମାଜସେବୀ ତାପସ ରାଉତ, ବୀରେନ୍ଦ୍ର ଜେନଲ, ସୀତାକାନ୍ତ ସାହୁ, ଭୋଳେଶ୍ୱର ରାଉତ, ଗୋବିନ୍ଦ ଚନ୍ଦ୍ର ସାହୁ, ପୋରୁହଖୋଜର ଗୌରାଙ୍ଗ ଚରଣ ସାହୁ ପ୍ରମୁଖ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ । ଦୋଳଯାତ୍ରା ଶାନ୍ତିଶୃଙ୍ଖଳା ସହ ଆୟୋଜନ କରିବାକୁ ସହମତି ପ୍ରକାଶ ପାଇଛି ।

# ଡିଆଇଇଟିରେ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ



**ଢେଙ୍କାନାଳ,୨ ।୩(ସମିସ):** ଦିନିକିଆ ଶୈକ୍ଷିକ ପରିଭ୍ରମଣରେ ଆସିଥିବା ଜଗତସିଂହପୁର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନେ ଢେଙ୍କାନାଳ ଡିଆଇଇଟି ଛାତ୍ରଛାତ୍ରୀଙ୍କ ସହ ସାଂସ୍କୃତିକ ଭାବ ବିନିମୟ କରିଛନ୍ତି । ଡିଆଇଇଟି ଜଗତସିଂହପୁର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ନାଚଗୀତ ଓ ଏକକ ଅଭିନୟ କରିଥିବା ବେଳେ ଢେଙ୍କାନାଳର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଦଳଗତ ନୃତ୍ୟ ଓ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମରେ ଉଭୟ ଅନୁଷ୍ଠାନର ଗୁରୁଛାତ୍ରଛାତ୍ରୀ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଗୁରୁଛାତ୍ର ସୂର୍ଯ୍ୟକାନ୍ତ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡିଆଇଇଟି ଜଗତସିଂହପୁର ଅଧ୍ୟକ୍ଷ ମଲ୍ଲିକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ମାନିତ କରାଯାଇଥିଲା ।

# ପୂର୍ବତନ ନଗରପାଳଙ୍କ ପରଲୋକ

● ସାଂସଦଙ୍କ ଶୋକ



**ଢେଙ୍କାନାଳ,୨ ।୩(ସମିସ):** ପୂର୍ବତନ ଢେଙ୍କାନାଳ ନଗରପାଳ ଶ୍ରୀକାନ୍ତ ମିଶ୍ରଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସୋମବାର ପରଲୋକ ଘଟିଛି । ସ୍ୱର୍ଗତ ମିଶ୍ର ନଗରପାଳ ଥିବା ସମୟର ସହରର ଅନେକ ଉନ୍ନତି ମୂଳକ କାର୍ଯ୍ୟ କରିଯାଇଛନ୍ତି । ସେ ଜଣେ ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗରେ ସାଂସଦ ରୁଦ୍ରନାରାୟଣ ପାଣି, ସମାଜସେବୀ ଗଙ୍ଗାଧର ସାମଲ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ଯୁବନେତା ଡା. ଅବିନାଶ ସାମଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ପେପର ଟେଣ୍ଡରକୁ ନେଇ ବର୍ଷିଲା ବିଜେଡି

ଢେଙ୍କାନାଳ,୨ ।୩(ସମିସ)



ଢେଙ୍କାନାଳ ପୌରପାଳିକାରେ ୧୨୦ଟି ହସ୍ତବୃତ୍ତ ଠିକା ପ୍ରସ୍ତାବ ପେପର ଟେଣ୍ଡରକୁ ବିରୋଧ କରି ବିଜେଡି ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ବର୍ଷିଛି । ରାଜ୍ୟ ଆଇନ ମନ୍ତ୍ରୀ ଇ-ଟେଣ୍ଡର ବୋଲି କହୁଥିବା ବେଳେ ପୌରସଂସ୍ଥା ପେପର ଟେଣ୍ଡର କରୁଛି । ସରକାରଙ୍କ ନୀତିନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରାଯାଉଥିବା ବିଜେଡି ଅଭିଯୋଗ କରିବା ସହ ଦୁର୍ନୀତି ଜଳ ଜଳ ହୋଇ ଦିଶୁଛି ବୋଲି କହିଛି । ତୁରନ୍ତ ଏହାକୁ ରଦ୍ଦ କରିବାକୁ ଦାବି କରାଯାଇଛି ।

ଗତ ଫେବୃଆରୀ ୧୭ ତାରିଖ ୨୩ଟି ୱାର୍ଡରେ ୧୨୦ଟି ପେପର ଟେଣ୍ଡର ଆହ୍ୱାନ କରାଯାଇଛି । ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ୫ଲକ୍ଷ ଟଙ୍କା ଏଭଳି ପ୍ରାୟ ୫ କୋଟି ଟଙ୍କାର କାମ ପାଇଁ ଟେଣ୍ଡର କରାଯାଇଛି । ବିଭିନ୍ନ ୱାର୍ଡରେ ମାତ୍ରାଧିକ ଠିକାଦାର ନିଯୁକ୍ତି କରାଗଲେ କାର୍ଯ୍ୟର ମାନ ହ୍ରାସ ପାଇବ ବୋଲି ବିଜେଡି ଅଭିଯୋଗ କରିଆସୁଛି । ସହରରେ

**ଜଳଜଳ ଦିଶୁଛି ଦୁର୍ନୀତି**

ଉପଯୁକ୍ତ ଠିକାସଂସ୍ଥା ଏବଂ ଠିକାଦାର ଥିବା ବେଳେ କେବଳ ତାଲିକାଭୁକ୍ତ ଠିକାଦାରଙ୍କୁ ପ୍ରାଧାନ୍ୟ ଦେବା ଆଇନ ବିରୁଦ୍ଧ ବୋଲି ଅଭିଯୋଗ କରିଛି । ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିର୍ଦ୍ଦିଷ୍ଟ ପ୍ରକାର କାର୍ଯ୍ୟପାଇଁ ପ୍ରସ୍ତାବ ନ କରି ଛୋଟ ଛୋଟ ଭାବରେ ବିଭକ୍ତ କରିବା, ଇ-ଟେଣ୍ଡର କରା ନ ଯାଇ ପେପେର ଟେଣ୍ଡର କରିବା ଭଳି କାର୍ଯ୍ୟକୁ ବିଜେଡି କାଉନସିଲରମାନେ ବିରୋଧ କରିଛନ୍ତି ।

ପୌରାଞ୍ଚଳରେ ଟେଣ୍ଡର ଫିକ୍ସିଂ କରାଯାଇଥିବା ବିଜେଡି ଅଭିଯୋଗ କରିଛି । ଜିଲ୍ଲାରେ ୪ ଶହରୁ ଅଧିକ ଠିକାଦାର ଥିବା ବେଳେ ମାତ୍ର ୭ ଜଣଙ୍କୁ ସୁଯୋଗ ଦିଆଯାଇଛି । ଏପରିକି ୧୮ ରୁ ୨୭ ପର୍ଯ୍ୟନ୍ତ କୌଣସି ଟେଣ୍ଡର ପଡ଼ି ନ ଥିବା ବେଳେ ୧୭ରେ ଟେଣ୍ଡର ଏବଂ ୧୮ ରେ ଖୋଲିବା କିପରି ସମ୍ଭବ ବୋଲି ପଶ୍ନ ଉଠିଛି । ଏହାର ପ୍ରତିବାଦରେ ବିଜେଡି କାଉନସିଲରମାନେ ଧାରଣାରେ ଥିବା ବେଳେ ଗୁଣ୍ଡା ଲଗାଇ ଖରାପ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି । ସେହିପରି ରାସ୍ତା ସମ୍ପ୍ରସାରଣର ଆବଶ୍ୟକତା ନ ଥିବା ବେଳେ ଦୋକାନ ଘର ଭାଙ୍ଗି ଲୋକଙ୍କୁ ଭୟଭୀତ କରାଯାଉଛି । ଲୋକଙ୍କ ଆବଶ୍ୟକତା ଥିବା ଦକ୍ଷିଣକାଳୀ ରୋଡ୍‌କୁ ସମ୍ପ୍ରସାରଣ କରାଯାଉନାହିଁ । ତୁରନ୍ତ ଏହି ଟେଣ୍ଡରକୁ ରଦ୍ଦ କରିବାକୁ ବିଜେଡି ଦାବି କରିଛି । ସାମ୍ବାଦିକ ସମ୍ମିଳନୀରେ ସନ୍ଦୀପ ଷଡ଼ଙ୍ଗୀ, ମଧୁସ୍ମିତା ସ୍ୱାଇଁ, ସାଗିର ମହମ୍ମଦ, ଶୁଭଲକ୍ଷ୍ମୀ ସାହୁ, ସସ୍ମିତା ଭଞ୍ଜ, ରୋଜାଲିନ ସାହୁ, ଲିପିକା ସାହୁ ଉପସ୍ଥିତ ଥିଲେ ।

# ଛାତ୍ରୀଙ୍କୁ ମିଳିଲା ଗଦାଧର ବିଦ୍ୟାର୍ଥୀ ବୃତ୍ତି ସମ୍ମାନ



**ଯୋରନ୍ଦା,୨ ।୩(ସମିସ):** ଗଁଦିଆ ବ୍ଲକ ସନ୍ଥପୁର ସନ୍ଥଶ୍ରୀକ୍ଷେତ୍ର ପରିସରରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ତପସ୍ୱିନୀ ସାହୁଙ୍କୁ ପ୍ରଥମ ଗଦାଧର ବିଦ୍ୟାର୍ଥୀ ବୃତ୍ତି ସମ୍ମାନ ପ୍ରଦାନ କରାଯାଇଛି । ଗ୍ରାମର ସମ୍ମାନିତ ବ୍ୟକ୍ତି ସ୍ୱର୍ଗତ ଗଦାଧର କରଙ୍କ ସ୍ମୃତିରେ ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପରିବାର ପକ୍ଷରୁ ଏହି ବୃତ୍ତି ପ୍ରଦାନ କରାଯାଇଛି । ମୁଖ୍ୟଅତିଥି ଭାବେ ବିଦ୍ୟାର୍ଥୀ ବୃତ୍ତି ସମ୍ମାନ କମିଟି ମୁଖ୍ୟ ସରୋଜିନୀ ଦେବୀ ଯୋଗଦେଇ ତପସ୍ୱିନୀଙ୍କୁ ମାନପତ୍ର ଓ ୫ ହଜାର ଟଙ୍କା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଶିଶିର ଶତପଥୀ, ଆନନ୍ଦ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ ତ୍ରିପାଠୀ, ସମାଜସେବୀ ସୁଧାକର ଲେଙ୍କା, ଗୌରହରି ସ୍ୱାଇଁ, ବିଜୟ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ । ପ୍ରତିବର୍ଷ ଗାଁ ବିଦ୍ୟାଳୟର ଉତ୍ତମ ଗୁଣସମ୍ପନ୍ନ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ସମ୍ମାନ ପ୍ରଦାନ କରାଯିବ ବୋଲି କମିଟି ସଂଯୋଜକ ସାମ୍ବାଦିକ ରବିନାରାୟଣ କର ସୂଚନା ଦେଇଥିଲେ । ଶିବଶଙ୍କର କର, ରୁଦ୍ରନାରାୟଣ କର ଓ ସ୍ନେହଲତା କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

● ମହିମାଗାଦିରେ ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ପାଳିତ

# ସନ୍ଧ୍ୟା ୬ରେ ଗାଦିମନ୍ଦିରରେ ଝାଡ଼ବତି ଜଳିଲା



**ଯୋରନ୍ଦା,୨ ।୩(ସମିସ):** ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମାଗାଦିରେ ସୋମବାର ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ନୀତି ପାଳିତ ହୋଇଛି । ସନ୍ଧ୍ୟା ୬ଟାରେ ଗାଦି ମନ୍ଦିରରେ ଝାଡ଼ଦୀପରେ ଅଗ୍ନି ସଂଯୋଗ ହୋଇଥିଲା । ପ୍ରାତଃ ୩ଟାରୁ ଗାଦି ମନ୍ଦିର, ଅଖଣ୍ଡ ଜ୍ୟୋତି ମନ୍ଦିର ସମେତ ସମସ୍ତ ଉପାସନା ପୀଠରେ ମହିମା ସ୍ୱାମୀଙ୍କ ସମସ୍ତ ନୀତି ସମ୍ପନ୍ନ କରାଯାଇଥିଲା । ମଧ୍ୟାହ୍ନ ନୀତି ଶେଷ ହେବାପରେ ଅପରାହ୍ନ ୪ଟାଟାରେ ସାନ୍ଧ୍ୟ ନୀତି ଆରମ୍ଭ ହୋଇଥିଲା । ବରିଷ୍ଠ ନୀତି ସନ୍ନ୍ୟାସୀମାନେ ମନ୍ଦିରରେ ଚନ୍ଦନ, ଅଗୁରୁ ସିଞ୍ଚନ କରି ପବିତ୍ର କରିବା ସହିତ ଛେରାପହଁରା କରିଥିଲେ । ଚାମର ସେବା ପରେ ସନ୍ଧ୍ୟା ୬ଟାରେ ପଶ୍ଚିମ ପାର୍ଶ୍ୱ ଝାଡ଼ଦୀପରେ ଅଗ୍ନି ସଂଯୋଗ କରାଯାଇଥିଲା । ପରେ ପୂର୍ବ, ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ଛୋଟ ଝାଡ଼ରେ ଅଗ୍ନି ସଂ ଯୋଗ କରାଯାଇଥିଲା । ସତ୍ୟମହିମା ଧର୍ମଧାମ ପରିଚାଳନା କମିଟି ସଭାପତି ଶୁକଦେବ ବାବା, ସମ୍ପାଦକ ନିତ୍ୟାନନ୍ଦ ବାବାଙ୍କ ପରାମର୍ଶ କ୍ରମେ ପରିଚାଳନା କମିଟି ସଭ୍ୟ ପ୍ରସନ୍ନ ବାବା, ପ୍ରଭାସ ବାବା, ବନମାଳୀ ବାବା, ଇନ୍ଦ୍ରମଣି ବାବା, ବଳରାମ ବାବା, ଅନାମ ବାବା, ଯୋଗୀନ୍ଦ୍ର ବାବା, ବିଶ୍ୱାନନ୍ଦ ଦାସ ଓ ବିନୟ ଦାସ ପ୍ରମୁଖ ଗାଦି ମନ୍ଦିରରେ ଝାଡ଼ନୀତି ପରିଚାଳନା କରିଥିଲେ । ବନମାଳୀ ବାବାଙ୍କ ନେତୃତ୍ୱରେ ସାଧୁ ଦୁଃଖନାଶନ ଦାସ, ବାଲ୍ମିକୀ ଦାସ, ଅମୂଲ୍ୟ ଦାସ ପ୍ରମୁଖ ଭଜନ ପରିବେଷଣ କରିଥିଲେ । ଅଖଣ୍ଡ ଜ୍ୟୋତି ମନ୍ଦିରରେ କୌପୀନଧାରୀ ମହିମା ସମାଜ ଉପଦେଷ୍ଟା ରଘୁନାଥ ବାବା, ସଭାପତି ଅବିନାଶୀ ବାବା, ସମ୍ପାଦକ ସୁଶାନ୍ତ ବାବା ପ୍ରମୁଖଙ୍କ ପରାମର୍ଶ କ୍ରମେ ବରିଷ୍ଠ ସନ୍ନ୍ୟାସୀ ଗୁଣନିଧି ବାବା, ଅଲେଖ ଦାସ, ଧନେଶ୍ୱର ଦାସ, ପରେଶ ଦାସଙ୍କ ପରିଚାଳନରେ ଅପରାହ୍ନ ୬ଟାରେ ଝାଡ଼ନୀତି ହୋଇଥିଲା । କୌପୀନଧାରୀ ମହିମା ସମାଜର ଭଜନ ନୀତି ଧନେଶ୍ୱର ଦାସ, ଚନ୍ଦ୍ରଶେଖର ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଜଙ୍ଗଲ କିସମ ଜମିରେ ଦୁର୍ନୀତି



**ଢେଙ୍କାନାଳ,୨ ।୩(ସମିସ):** ସଦର ତହସିଲ ବେଲଟିକିରି ଆରଆଇ ସର୍କଲ୍ କୁକୁଡ଼ାଝର ଖମାର ମୌଜାର ବିବି କେସ ନଂ ୨୭/୨୦୧୬ ଓ ବିବି କେଶ୍ ନଂ ୨୯/୨୦୧୬ ଦୁଇଟି କେଶ କିସମ ଜଙ୍ଗଲ ରହିଥିବାବେଳେ କାଗଜପତ୍ରକୁ ଜାଲିଆତି କରି କିଛି ବ୍ୟକ୍ତିଙ୍କୁ ପଟ୍ଟା ପ୍ରଦାନ କରାଯାଇଛି । ଏହି କେସ୍‌ର ବନ୍ଦୋବସ୍ତଠାରୁ ଆଜିପର୍ଯ୍ୟନ୍ତ କ'ଣ କିସମ ଥିଲା ତାହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଢେଙ୍କାନାଳ ପୌରାଞ୍ଚଳ ଖମାରସାହିର ବିକାଶ ନାୟକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣିରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କୁ ପତ୍ର ମାଧମରେ ଅନୁରୋଧ କରିଛନ୍ତି ।

● ମଣ୍ଡିରେ କଟ୍‌ନୀ ଛଟ୍‌ନୀକୁ ବିରୋଧ

# ମିଲର କାଟିଥିବା ଧାନର ପ୍ରାପ୍ୟ ପ୍ରଦାନ ଦାବି

**ଢେଙ୍କାନାଳ,୨ ।୩(ସମିସ):** କାମାକ୍ଷାନଗର ବାଇଁଶିଆ ଧାନ ମଣ୍ଡିରେ କଟନୀ ଛଟନୀକୁ ବିରୋଧ କରିବା ସହ ମିଲର କାଟିଥିବା ଧାନର ପ୍ରାପ୍ୟ ପ୍ରଦାନ ପାଇଁ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗତ ୨୮ ତାରିଖ ସାରଳା ମିଲର ବାଇଁଶିଆ ସୋସାଇଟି ଧାନ ମଣ୍ଡିରେ ଜୋରଜବରଦସ୍ତ ୫ କିଲୋ ଧାନ କାଟିଥିଲା । ୯ ଶହ ଗ୍ରାମରୁ ଧାନକୁ ହିସାବକୁ ନେଇ ନ ଥିଲା । ଚାଷୀମାନେ ଏହାକୁ ବିରୋଧ କରିଥିଲେ । ତେବେ ସମସ୍ତଙ୍କର ୫ କିଲୋ ଲେଖାଏଁ ଧାନ କରାଯିବ ବୋଲି ମନ୍ତ୍ରୀ କହିଥିବା ମିଲର କହିଥିଲେ । ସୋମବାର ବାଲିଯୋରନ୍ଦା ଗ୍ରାମର ଚାଷୀ ପଙ୍କଜ କୁମାର ନାୟକ ଜିଲ୍ଲାପାଳଙ୍କୁ ଭେଟି ଏ ବିଷୟରେ ଅଭିଯୋଗ କରିଛନ୍ତି । ତାଙ୍କର ୧.୭୧ କୁଇଣ୍ଟାଲ୍ ଧାନ କଟାଯାଇଥିଲା । ସେଠାରେ ଉପସ୍ଥିତ ଆରଏମ୍‌ସି କର୍ମଚାରୀଙ୍କୁ ଅନାଲାଇଜର ମେସିନରେ ଚେକ କରିବା ପାଇଁ କହିଥିଲେ । କିନ୍ତୁ କେହି ଶୁଣି ନ ଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି । ୧୭୧ କିଲୋ ଧାନର ମୂଲ୍ୟ ତାଙ୍କୁ ଫେରସ୍ତ କରିବାକୁ ପଙ୍କଜ ଦାବି କରିଛନ୍ତି ।

# ପୂର୍ବତନ ସହକାରୀ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ୍

**ଢେଙ୍କାନାଳ,୨ ।୩(ସମିସ):** ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଜିରିଡ଼ାମାଳିସ୍ଥିତ ଓଇସିଏଫର ପୂର୍ବତନ ସହକାରୀ ଯନ୍ତ୍ରୀ ନିରଞ୍ଜନ ପଣ୍ଡାଙ୍କୁ ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି ।

କଟକ ଜିଲ୍ଲା ନରସିଂହପୁର ଥାନା ଖଜୁରିଆ ଗ୍ରାମର ନିରଞ୍ଜନ ଜିରିଡ଼ାମାଳିଠାରେ କାର୍ଯ୍ୟ କରୁଥିବା ସମୟରେ ଅର୍ଥ ତୋଷରପାତ ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଧରିଥିଲା । ସେ ଅବସର ନେଇଥିବା ବେଳେ ତାଙ୍କ ପେନସନ ବନ୍ଦ କରିବାକୁ ମଧ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଏହି ମାମଲାକୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ହେମନ୍ତ କୁମାର ଖଟୁଆ ଏବଂ ଅନୁଜ୍ଞା ମହାନ୍ତି ପରିଚାଳନା କରୁଥିଲେ ।

# ବଙ୍ଗୁ ଗ୍ରାମରେ ବାର୍ଷିକ ହରିମେଳା

**ହିନ୍ଦୋଳ/ଖଜୁରିଆକଟା,୨ ।୩(ସମିସ):** ହିନ୍ଦୋଳ ଉପଖଣ୍ଡ ଗୁଳେହୀ ପଞ୍ଚାୟତ ବଙ୍ଗୁ ଗ୍ରାମରେ ରବିବାର ବାର୍ଷିକ ହରିମେଳା ଅନୁଷ୍ଠିତ ହୋଇଛି । ଗ୍ରାମ କମିଟି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ସ୍ଥାନୀୟ ଦୁଦୁରୁକୋଟ ଲଉଡ଼ି ନୃତ୍ୟ ସହ ମୃଦଙ୍ଗ, ତାଳ, ଘଣ୍ଟ, ଶଙ୍ଖ ଶବ୍ଦର ତାଳେ ତାଳେ ଗ୍ରାମର ମହିଳାମାନେ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । କର୍ତ୍ତା ନାଥ ସାହୁଙ୍କ ଉପସ୍ଥିତିରେ ନିତ୍ୟ ପୂଜକ ସୁବ୍ରତ କର ପୂଜାର୍ଚ୍ଚନା କରିଥିଲେ । ଗୁଳେହୀ, ସାନହିନ୍ଦୋଳ, ପାଟଲା, ପଢ଼ା, ଦୁଦୁରୁକୋଟ, ନୂଆବଗ, ହରିହରପୁର, କଲଣ୍ଡା, ବାରିହାରଗଡ଼ି, ବୁରୁଗିଭୂଇଁ, ଗୁଡ଼ିସାହି, ଦୟାନିଧିପୁର, ଘୁରିଡ଼ିସାହିର ୧୫ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ରାତିସାରା ହରିନାମ ପରିବେଷଣ କରିଥିଲେ । ବିମଳ ବିଶ୍ୱାଳ ଓ ମଙ୍ଗରାଜ ପ୍ରଧାନ ପରିଚାଳନା କରିଥିଲେ । ଡ. ଚୈତନ୍ୟ ଚରଣ ସାହୁ, କାର୍ତ୍ତିକେଶ୍ୱର ବେହେରା, ସରପଞ୍ଚ ରୀତା ସାହୁ, ସମିତି ସଭ୍ୟ ପ୍ରଭାତୀ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଅକ୍ଷୟ ସାହୁ, ପୂର୍ବତନ ହାତୁରା ସରପଞ୍ଚ ନିରାକାର ସାହୁ ପ୍ରମୁଖ ଯୋଗଦେଇଥିଲେ । ଗ୍ରାମ କମିଟି ସମ୍ପାଦକ ଟଙ୍କଧର ସାହୁ, ସପ୍ନେଶ୍ୱର ବିଶ୍ୱାଳ, ପର୍ଶୁରାମ ସାହୁ ଓ ଗଣେଶ୍ୱର କ୍ଲବ ସଭ୍ୟମାନେ ସହଯୋଗ କରିଥିଲେ ।

■ ଆଇପିଏଲରେ ଚଳିତ ବର୍ଷ ଆଖୁପେଡ଼ା ଶେଷ

# ଆସନ୍ତା ବର୍ଷ ୩ ଲକ୍ଷ ମେଟ୍ରିକ ଟନ ଲକ୍ଷ୍ୟ

**ଢେଙ୍କାନାଳ,୨ ।୩(ସମିସ):** ସହର ଉପକଣ୍ଠ ହରିପୁରସ୍ଥିତ ଇଣ୍ଡିଆନ ପୋଟାସ ଲିମିଟେଡ (ଆଇପିଏଲ)ରେ ୨୦୨୫-୨୬ ବର୍ଷ ପାଇଁ ଆଖୁପେଡ଼ା କାର୍ଯ୍ୟ ସମାପ୍ତ ହୋଇଛି । ୨୦୨୫-୨୬ ବର୍ଷ ପାଇଁ ୨ଲକ୍ଷ ୨୦ହଜାର ମେଟ୍ରିକ ଟନ ଆଖୁ ପେଡ଼ାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଚଳିତ ବର୍ଷ ଆଖୁ ଅଭାବ ଥିବାରୁ ୧ଲକ୍ଷ ୮୭ହଜାର ମେଟ୍ରିକ ଟନ୍ ଆଖୁ ପେଡ଼ାଯାଇଛି । ଏହି ପରିପ୍ରେକ୍ଷୀରେ କମ୍ପାନୀର ଜେନେରାଲ ମ୍ୟାନେଜର ଏବଂ ୟୁନିଟ୍ ମୁଖ୍ୟ ବିକାଶ କୁମାର ଚୌଧୁରୀ ଅଧିକରୁ ଅଧିକ ଆଖୁ ଚାଷକରି ନିଜେ ସ୍ୱାବଲମ୍ବୀ ହେବା ସହ କମ୍ପାନୀର ସ୍ଥାୟିତ୍ୱ ପାଇଁ ସମସ୍ତ ଆଖୁଚାଷୀଙ୍କୁ ଅନୁରୋଧ କରିଛନ୍ତି । ଶେଷରେ ଦୁର୍ଘଟଣାମୁକ୍ତ ଏବଂ ସଫଳତାର ସହ ଆଖୁପେଡ଼ା କାର୍ଯ୍ୟରେ ସହଯୋଗ କରିଥିବା ସମସ୍ତ ଚାଷୀ, ଟ୍ରକ୍ ଚାଳକ ଏବଂ ମାଲିକ ସଂଘ, କମ୍ପାନୀ କର୍ମଚାରୀ ଓ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଆସନ୍ତା ଋତୁରେ ପୂର୍ବବର୍ଷ ଲକ୍ଷ୍ୟକୁ ବୃଦ୍ଧି କରାଯାଇ ୩ଲକ୍ଷ ମେଟ୍ରିକ ଟନ୍ ଆଖୁ ପେଡ଼ାଯିବାକୁ ଲକ୍ଷ୍ୟ ରଖାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି ।

# କୁଇଣ୍ଟାଲ ପିଛା ୮ରୁ ୧୦ କେଜି କଟ୍‌ନୀଛଟ୍‌ନୀ

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ହେଉନି ତଦନ୍ତ

ହିନ୍ଦୋଳ,୨ ।୩(ସମିସ)



ହିନ୍ଦୋଳ ଉପଖଣ୍ଡରେ ୧୨ଟି ସମବାୟ ସମିତିରେ ଧାନମଣ୍ଡି ଚାଲିଥିବା ବେଳେ ସମସ୍ତେ ମିଳିମିଶି ଚାଷୀଙ୍କୁ ଶୋଷଣ କରୁଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି । ହେଲେ ଏହାର ତଦନ୍ତ କରାଯାଉ ନ ଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏବେ ଟୋକନ ଅବଧି ସରିବା ପରେ ମଧ ବହୁ ଚାଷୀ ଧାନ ବିକ୍ରି କରିପାରି ନ ଥିବା ଦେଖିବାକୁ ମିଳିଛି । ଫଳରେ ଚାଷୀ ଖୋଲା ଆକାଶ ତଳେ ଧାନ ରଖି ଜଗି ବସିଛି । ଗୋଟିଏ ପଟେ ହାତୀ ଭୟ ଥିବାବେଳେ କେତେବେଳେ ବର୍ଷା ହେଲେ ସବୁ ଧାନ ନଷ୍ଟ ହେବା ଆଶଙ୍କା ରହିଛି । କୁଇଣ୍ଟାଲ ପିଛା ୮ରୁ ୧୦ କେଜି ପର୍ଯ୍ୟନ୍ତ ଧାନ କଟାଯାଉଛି । ମୁହଁ ଖୋଲିଲେ ଧାନ ନିଆଯିବ ନାହିଁ ବୋଲି ମିଲର ଖୁଲମଖୁଲା ଧମକ ଦେଉଛନ୍ତି । ଉପଖଣ୍ଡର ପ୍ରତେକ ମଣ୍ଡିରେ ଏଭଳି ସ୍ଥିତି ଚାଷୀଙ୍କୁ ଅତିଷ୍ଠ କରିଥିବା ବେଳେ ମଣ୍ଡିରେ ସରକାରୀ ଅଧିକାରୀଙ୍କ ପାଦ ପଡୁନାହିଁ । ଦାୟିତ୍ୱରେ ଥିବା ନୋଡାଲ ଅଫିସରଙ୍କୁ କେବେ ମଣ୍ଡି ହେଉଛି ବିଭାଗ ପକ୍ଷରୁ ସୂଚନା ଦିଆଯାଉନାହିଁ । ମିଲର ଓ ସମବାୟ ସମ୍ପାଦକଙ୍କ ମାର୍ଜିରେ କଟନୀଛଟନୀ ଚାଲିଥିବା ଅଭିଯୋଗ ହେଉଛି । ପ୍ରଶାସନ ସାଜିଛି ନିରବଦ୍ରଷ୍ଟା ।

ମିଲର ନିଜ ସହ କିଛି ଯୁବକ ଆଣି ଚାଷୀଙ୍କୁ ଭୟଭୀତ କରୁଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି । ଏଫଏକ୍ୟୁ ମାନକୁ ଆଳକରି ଗତବର୍ଷଠାରୁ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ୮ କେଜି ଧାନ କଟାଯାଉଛି । ବେପାରୀଙ୍କୁ ଶାଗମାଛ ଦରରେ ଧାନ ବିକିବା ପରିବର୍ତ୍ତେ ଚାଷୀ ବାଧହୋଇ ମୁହଁ ଖୋଲିପାରୁନି । ନୂଆବଗ ସମବାୟ ସମିତିରେ ବିଗତ ଦିନରେ ଧାନ ମଣ୍ଡି ଚଳିଥିବା ବେଳେ ୮ରୁ ୧୦ କେଜି ଧାନ କଟାଯାଉଥିବା ନେଇ ସମିତି ମେମ୍ବରମାନେ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ । ହେଲେ ଏହାର କୌଣସି ତଦନ୍ତ ନ ହେବା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏବେ ବହୁ ଚାଷୀଙ୍କ ଟୋକାନ ଅବଧି ସରିଥିବା ବେଳେ ଏ ନେଇ କିଛି ଚାଷୀ ନୂଆବଗ ସମବାୟ ସମିତି ସମ୍ପାଦକଙ୍କୁ ଧାନ କେବେ ନିଆଯିବ ପଚାରିବାରୁ ସେ ଜିଲ୍ଲାପାଳଙ୍କୁ ପଚାରିବାକୁ ପରାମର୍ଶ ଦେଇଛନ୍ତି । ହିନ୍ଦୋଳ ଯୋଗାଣ ଅଧିକାରୀ ଅସିତ ଅମିତାଭ ବେହେରା ଓ ଉପନିବନ୍ଧକ ପ୍ରତାପ ସାହୁଙ୍କୁ ଯୋଗାଯୋଗ କରିବାରେ ଏ ବିଷୟରେ କିଛି କହିପାରିବେ ନାହିଁ ବୋଲି କହିଛନ୍ତି । ସରକାର ଏହାର ତଦନ୍ତ କରି କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ଦ୍ୱାଦଶ କ୍ରୋଶଲିଙ୍ଗ ଏବଂ ବ୍ରାହ୍ମଣୀ ପରିକ୍ରମା ଶୁଭାରମ୍ଭ



**ଢେଙ୍କାନାଳ,୨ ।୩(ସମିସ):** ଢେଙ୍କାନାଳ ଜିଲ୍ଲାରେ ପ୍ରବାହିତ ହେଉଥିବା ବ୍ରାହ୍ମଣୀ କୋଣ କୋଣକେ ଥିବା ଦ୍ୱାଦଶ କ୍ରୋଶଲିଙ୍ଗ ପରିକ୍ରମା ଏବଂ ବ୍ରାହ୍ମଣୀ ନଦୀର ସ୍ୱଚ୍ଛତା, ପବିତ୍ରତା, ସୁରକ୍ଷା ଏବଂ ଆଧ୍ୟାତ୍ମିକତା ଉପରେ ସଚେତନତା ପାଇଁ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପକ୍ଷରୁ ଶୁଭାରମ୍ଭ ହୋଇ ଦ୍ୱାଦଶ କ୍ରୋଶଲିଙ୍ଗ ଏବଂ ବ୍ରାହ୍ମଣୀ ପରିକ୍ରମା କାର୍ଯ୍ୟକ୍ରମ । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ସିଦ୍ଧ ଶ୍ରୀ ବଳରାମଙ୍କ ମନ୍ଦିର ପରିସରରୁ ଏହି ଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଢେଙ୍କାନାଳ ଇଷ୍ଟ ଶ୍ରୀ ଶ୍ରୀ ବଳରାମ ମହାପ୍ରଭୁଙ୍କ ଆଜ୍ଞାମାଳ ଦେଇ ଯାତ୍ରା ଆରମ୍ଭ ହୋଇଥିଲା । ପ୍ରାରମ୍ଭରେ ଓଡ଼ାପଡ଼ା ବ୍ଲକ କମଳାଙ୍ଗର ଶ୍ରୀ ଶ୍ରୀ କମଳେଶ୍ୱର ମହାଦେବ, ଧଳେଶ୍ୱରର ଶ୍ରୀ ଶ୍ରୀ ଗଣେଶ୍ୱର ମହାଦେବଙ୍କୁ ଦର୍ଶନ ଏବଂ ପରିକ୍ରମା କରାଯାଇଥିଲା । ପରେ ନାଧେରାର ଶ୍ରୀ ଶ୍ରୀ ଗୋକର୍ଣ୍ଣକେଶ୍ୱର, ସଦର ବ୍ଲକ ଭୋଜଦେଇପୁର ଭୋଳେଶ୍ୱର, ବଡ଼ନାଗେନାର ଉତ୍କଳ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ଶ୍ରୀ ଶ୍ରୀ ନାଗନାଥେଶ୍ୱର ମହାଦେବ, କରମୂଳ ଶ୍ରୀ ଶ୍ରୀ ଦୌଡ଼େଶ୍ୱର ମହାଦେବଙ୍କୁ ଦର୍ଶନ କରି ପରିକ୍ରମା କରାଗଲା । ସିଦ୍ଧ ଶ୍ରୀକ୍ଷେତ୍ରର ସଂଯୋଜକ ଅବନୀ କୁମାର ମିଶ୍ରଙ୍କ ନେତୃତ୍ୱରେ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ପରେଶଚନ୍ଦ୍ର ପଟ୍ଟନାୟକ, ଅମର କୁମାର ପଟ୍ଟନାୟକ, କମଳ କୁମାର ନନ୍ଦ, ପୁରୁଷୋତ୍ତମ ନନ୍ଦ, ପ୍ରତାପ କୁଶୋର ନନ୍ଦ, ଶତ୍ରୁଘ୍ନ ମାଟି, ଅଥୟ କୁମାର ସାହୁ, ମାନସ ରଞ୍ଜନ ମିଶ୍ର, ସର୍ବେଶ୍ୱର ବ୍ରହ୍ମ, ବିକାଶ କୁମାର ରଥ, ଶେଷଦେବ ରାଉତ, ସୌମ୍ୟବ୍ରତ ସାହୁ, ପ୍ରୀତିରଞ୍ଜନ ପତି, ସ୍ନିଗ୍ଧ ନନ୍ଦ, ସ୍ୱର୍ଣ୍ଣଲତା ମାଟି, ଶୈଳବାଳା ମିଶ୍ର, ସରିତା ହୋତା, ବିଷ୍ଣୁପ୍ରିୟା ଦାଶ, ସୁମିତ୍ରା ରାୟ ପଟ୍ଟନାୟକ, ସବ୍ୟସାଚୀ ପାଣି, ବନନା ମାନସିଂ ପ୍ରମୁଖ ପରିକ୍ରମାରେ ସାମିଲ ହୋଇଥିଲେ ।

## ମଦ ଦୋକାନରେ ଦୁର୍ବୃତ୍ତ ଲଗାଇଦେଲେ ନିଆଁ

**ଜେନାପୁର, ୨।୩(ସମିସ):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ କାଦୁଅ ମାଗୁରା ଛକ ନିକଟରେ ଥିବା ଏକ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ରବିବାର କାଦୁଅ ମାଗୁରା ଛକରେ ଅବସ୍ଥିତ ରମ୍ପେଇ ଗ୍ରାମର ସତ୍ୟବ୍ରତ ନାୟକଙ୍କ ଏକ ମଦ ଦୋକାନ ରହିଛି। ଏହା ସହିତ ତାଙ୍କର ଅନ୍ୟାନ୍ୟ ବ୍ୟବସାୟର କିଛି କର୍ମଚାରୀ ତଥା ସେଠାରେ ଚାଲିଥିବା ଅନ୍ୟ ବ୍ୟବସାୟ ସାମଗ୍ରୀ ଅଗ୍ନିକାଣ୍ଡରେ ଜଳିଯାଇଛି। ଦୋକାନ ମାଲିକ ସେଠାରେ ନଥିବା ବେଳେ କିଛି ଦୁର୍ବୃତ୍ତ ବଳ ପୂର୍ବକ ତାଙ୍କ ଘର ପରିସରରେ ପ୍ରବେଶ କରି ଭଙ୍ଗାରୁଜା କରିବା ପରେ ନିଆଁ ଲଗାଇ ଦେଇଥିବା କହିଛନ୍ତି। ତେବେ ଯେଉଁ ମାନେ ଏଭଳି କାଣ୍ଡ କରିଛନ୍ତି କେଉଁ କାରଣକୁ ନେଇ କରିଛନ୍ତି ତାହା ଜଣା ପଡିନାହିଁ। କିଛି ଦିନ ପୂର୍ବରୁ ଦୋକାନ ବନ୍ଦ ରହିଥିବା ବେଳେ ମାସେ ହେବ ଖୋଲା ଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଛନ୍ତି। ସେଠାରେ ସତ୍ୟବ୍ରତଙ୍କ କାର୍ ଟି ସମ୍ପୂର୍ଣ୍ଣ ଜଳି ଯାଇଥିବା ଅଭିଯୋଗ ହୋଇଛି।

## ରୁଦ୍ର ଚରଣ ଉଚ୍ଚ ବିଦ୍ୟାଳୟରେ ଛାତ୍ର ସମ୍ମିଳନୀ

**ବରୀ,୨।୩(ସମିସ):** ରୁଦ୍ର ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୪ ବ୍ୟାଚର ଛାତ୍ରମାନଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରୁଆଁ ନିକଟସ୍ଥ ମା' ତାରା ଦେବୀଙ୍କ ପୀଠରେ ଅନୁଷ୍ଠିତ ଉତ୍ସବରେ ତତ୍କାଳୀନ ଶିକ୍ଷକ ବ୍ରଜସୁନ୍ଦର ଦାସ, ରାମ ଚନ୍ଦ୍ର କର, ସୁରେନ୍ଦ୍ର କୁମାର ଦୋବାଇ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ପୁରାତନ ଛାତ୍ର ଅରୁଣ ପରିଡା, ଅମର ଦାସ, ଯଶୋବନ୍ତ ସାହୁ, ପ୍ରକାଶ ନାୟକ, ସୋମନାଥ ମିଶ୍ର, ଗୋପାଳ କୃଷ୍ଣ ମହାନ୍ତି, ଦିବାକର ମିଶ୍ର, ସନ୍ତୋଷ ମିଶ୍ର, ପ୍ରଶାନ୍ତ ସ୍ୱାଇଁ, ମହେଶ୍ୱର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପଙ୍କଜିନୀ ମଲ୍ଲିକ, ନିବେଦିତା ଦାସ, ସ୍ମୃତିରେଖା ପୃଷ୍ଟି, ଖୁଲଣା ସାହୁ, ଶ୍ୱେତଲିନା ଧଳ, ଇପ୍ସିତା ଓଝା, ଝୁନୁବାଳା ସେଠୀ, ରସ୍ମିତା ନାୟକ, ମୀରା ପାଣିଗ୍ରାହୀ, ସୁଚିତ୍ରା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ୭୦ତମ କୀର୍ତ୍ତନ ମହୋତ୍ସବ

**ବିଞ୍ଝାରପୁର,୨।୩(ସମିସ):** ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ସ୍ଥିତ ପ୍ରଭୁ ସପ୍ତୋ ଗୋସ୍ୱାମୀ ପୀଠରେ ଭକ୍ତି, ନିଷ୍ଠା ଓ ଆଡମ୍ବର ମଧ୍ୟରେ ତିନିଦିନିଆ ୭୦ତମ ବାର୍ଷିକ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଅନୁଷ୍ଠିତ ଏହି ଧାର୍ମିକ କାର୍ଯ୍ୟକ୍ରମଟି କମିଟି ସଂପାଦକ ନିରଞ୍ଜନ ଦାସ ଓ ସଭାପତି ପିୟୁଷ ଶଙ୍କର ନାୟକଙ୍କ ସହିତ ଅଞ୍ଚଳବାସୀଙ୍କ ସହଯୋଗରେ ସଫଳ ହୋଇପାରିଛି। ଉତ୍ସବରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଓ ବିଜେଡି ଯୁବନେତା ଦିଲ୍ଲୀପ୍ କୁମାର ରାଉଳ ଯୋଗଦେଇଥିଲେ।

## ଦୁର୍ଘଟଣାରେ ସୂର୍ଯ୍ୟମଣି ଖୁଣ୍ଟିଆ ଗୁରୁତର



**ପାଣିକୋଇଲି,୨।୩(ସମିସ):** ପାଣିକୋଇଲି ବଜାର ଟ୍ରାଫିକରେ ସୋମବାର ମଧ୍ୟାହ୍ନରେ ଏକ ଟ୍ରକ୍ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଛନ୍ତି କୋରେଇ ମଣ୍ଡଳ ସାହିତ୍ୟ ସଂସଦର ସମ୍ପାଦକ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ। ପ୍ରକାଶଯେ ଶ୍ରୀ ଖୁଣ୍ଟିଆ ଏକ ସ୍କୁଟି ଯୋଗେ ବଜାର ଅତିକ୍ରମ କରୁଥିବା ବେଳେ ଓଭରବ୍ରିଜ ମଧ୍ୟରୁ ଏକ ହାଇୱା (ଓଡି୦୧ଏଡବ୍ଲୁ ୮୭୧୯) ହଠାତ ତାଙ୍କ ଆଡ଼କୁ ମାଡ଼ିଆସି ଦୁର୍ଘଟଣା କରିଥିଲା। ଫଳରେ ଶ୍ରୀ ଖୁଣ୍ଟିଆ ସ୍କୁଟି ସହ ଟ୍ରକ ମଧ୍ୟରେ ପସି ଯାଇଥିଲେ। ସ୍ଥାନୀୟ ଲୋକ ଓ ପୁଲିସ ପହଞ୍ଚି ତାଙ୍କୁ ଟ୍ରକ୍ ତଳୁ ଉଦ୍ଧାର କରିଥିଲେ। ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ତାଙ୍କୁ ନିକଟସ୍ଥ ସବିତା ହେଲ୍‌ଥ କେୟାରରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ଖବର ପାଇଁ ବହୁ ବ୍ୟକ୍ତି ସେଠାରେ ପହଞ୍ଚିଥିଲେ। ପରିବାର ଲୋକ ପହଞ୍ଚି ଏକ ଘରୋଇ ଆମ୍ବୁଲାନ୍ସରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ।

## ତହସିଲଦାରଙ୍କ ଦ୍ୱାରା ୩ ବାଲି ହାଇୱା ଜବତ

**ପାଣିକୋଇଲ,୨।୩(ସମିସ):** ଆଜି ପାଣିକୋଇଲି ଠାରେ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ତିନୋଟି ବାଲି ହାଇୱାକୁ ଜବତ କରି ପାଣିକେଇଲି ଥାନା ଜିମା ଦେଇଛନ୍ତି। ପ୍ରକାଶଯେ ବ୍ୟାସନଗର ତହସିଲଦାର ଶ୍ରୀ ପଣ୍ଡା ପାଣିକୋଇଲି ବଜାର ଅତିକ୍ରମ କରୁଥିବା ବେଳେ ବାଲିବୋଝେଇ ଭାରୀଯାନ (ହାଇୱା)କୁ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ତିନୋଟି ବାଲି ଗାଡି ତାର କାଗଜ ପତ୍ର ଦେଖାଇ ନ ପାରିବା ଯୋଗୁ ବାଲି ହାଇୱା ଗୁଡିକୁ ପାଣିକୋଇଲି ପୁଲିସ ଜିମା ଦେଇଥିଲେ। ଗାଡି ସହ ତିନି ଚାଳକକୁ ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଛି।



## ନୂଆ ତହସିଲଦାରଙ୍କ କାର୍ଯ୍ୟରେ ଯୋଗଦାନ



**ବିଞ୍ଝାରପୁର,୨।୩(ସମିସ):** ବହୁ ମାସର ବ୍ୟବଧାନ ପରେ ବିଞ୍ଝାରପୁର ତହସିଲରେ ନୂଆ ତହସିଲଦାର କାବେରୀ ମୁଦୁଲି ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଆଜି ପୂର୍ବାହ୍ନରେ ବିଞ୍ଝାରପୁର ତହସିଲରେ ନୂଆ ତହସିଲଦାର ପହଞ୍ଚିବାପରେ ତାଙ୍କୁ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଶୁଭେଚ୍ଛା ଜଣାଇଥିଲେ। ତହସିଲରେ ବହୁଦିନ ଧରି ତହସିଲଦାର ପଦବୀ ଖାଲି ପଡିଥିବାରୁ ତହସିଲ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା ଭାରପାପ୍ତ ତହସିଲଦାରଙ୍କ ଦ୍ୱାରା କାର୍ଯ୍ୟଚାଲିଥିବା ବେଳେ ସେ ମଧ୍ୟ ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଥିଲେ । ଆଜି ନୂଆ ତହସିଲଦାର କାର୍ଯ୍ୟରେ ଯୋଗଦେବା ପରେ ତହସିଲ କାର୍ଯ୍ୟାଳୟରେ ସ୍ୱଚ୍ଛତା, ପାରଦର୍ଶିତା ଓ ସମୟୋପଯୋଗୀ ସେବା ପ୍ରଦାନକୁ ପ୍ରାଥମିକତା ଦେବେ ବୋଲି ନୂଆ ତହସିଲଦାର କହିବା ସହିତ ସେ ସାଧାରଣ ଲୋକଙ୍କ ଜମି-ଜାଗା ସମସ୍ୟା, ମ୍ୟୁଟେସନ୍ ଓ ରେଭେନ୍ୟୁ ସମ୍ବନ୍ଧୀୟ ମାମଲାର ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

### ଜିଲ୍ଲାସ୍ତରୀୟ ଅଂଶୁଘାତ ମୁକାବିଲା ପ୍ରସ୍ତୁତି ବୈଠକ

# ଅଚଳ ନଳକୂପ ମରାମତି ପାଇଁ ନିର୍ଦ୍ଦେଶ

**ଯାଜପୁର,୨।୩(ସମିସ):**



ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତ ମୁକାବିଲା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ପ୍ରତ୍ୟେକ ବ୍ଲକ୍ ଓ ତହସିଲରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବ। ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ୍ ୱାଟର ସପ୍ଲାଏ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ୍ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ପାନୀୟଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ ଲାଇନ୍ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଅଧିକ ସଂଖ୍ୟକ ଟ୍ୟାଙ୍କର ଯୋଗାଡ଼ କରି ରଖିବା ସହ ଜଳ ସମ୍ପର୍କିତ ଯେଭଳି କୌଣସି ଅଭିଯୋଗ ନ ଆସେ ସେଥିପ୍ରତି ଧ୍ୟାନ ଦେବାକୁ ଆଲୋଚନା ହୋଇଛି। ଜଳକ୍ଳିଷ୍ଟ ଅଂଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇବାକୁ ପାନୀୟ ଜଳଯୋଗଣ ଓ ପରିମଳ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟମାନଙ୍କରେ ଅଂଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋର୍ଡିଂ, ପୋଷ୍ଟର ଇତ୍ୟାଦି ଲଗାଯିବା ସାମାଜିକ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା, ଲୋକମାନେ ପ୍ରଚଣ୍ଡ ଖରାରେ ଅତି ଆବଶ୍ୟକ ନହେଲେ ବାହାରକୁ ନ ବାହାରିବା, ବାହାରକୁ ବାହାରୁଥିଲେ ପାଣି ବୋତଲ, ଛତା, ଜୋତା, କଳା ଚଷମା ଇତ୍ୟାଦି ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଜଳଛତ୍ରରେ ରଖାଯାଇଥିବା ପାଣିକୁ ବିଶୁଦ୍ଧ ଭାବେ ରଖିବା, ଜନ ଗହଳିପୂର୍ଣ୍ଣ ସ୍ଥାନରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ରଖିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ସେବା ଉପଲବ୍ଧ କରାଇ ନିୟମିତ ଭାବେ ଯାଞ୍ଚ କରି ପଦକ୍ଷେପ ନେବା, ବିଭିନ୍ନ ଜନ ଗହଳି ସ୍ଥାନ ରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ବ୍ୟବସ୍ଥା କରିବା ଉପରେ ଆଲୋଚନା ହୋଇଥିଲା। ବ୍ଲକ୍, ତହସିଲ ଓ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟ ଅନୁରୂପ ଭାବେ ଭାବେ ନିୟନ୍ତ୍ରଣ କକ୍ଷ ଖୋଲିବା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ଓଆର୍‌ଏସ୍ ପ୍ୟାକେଟ ସହ ଅଂଶୁଘାତ ଚିକିତ୍ସା କକ୍ଷ ବ୍ୟବସ୍ଥା କରିବା, ବରଫ, ଏସି ରୁମ୍, କୁଲର୍ ବ୍ୟବସ୍ଥା କରିବା, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ପଶୁମାନଙ୍କ ପାଇଁ ଗାଁର ପ୍ରବେଶ ପଥରେ ନଳକୂପ ଥିବା ସ୍ଥାନ ମାନଙ୍କରେ ଜଳ କୁଣ୍ଡର ବ୍ୟବସ୍ଥା କରିବା, କର୍ମସ୍ଥଳରେ ପାନୀୟ ଜଳ, ଓଆର୍‌ଏସ ଇତ୍ୟାଦିର ବ୍ୟବସ୍ଥା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରେ ପାନୀୟ ଜଳର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ତଥା ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ,କ୍ଷେତ୍ରୀୟ ଅଧିକାରୀ, ବିଡିଓ ଏବଂ ତହସିଲଦାର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଜରୁରୀ କାଳିନ ଅଧିକାରୀ ଅଶୋକ କୁମାର ବେହେରା ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

**ଯାଜପୁର,୨।୩(ସମିସ):** ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୧୯୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୪ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୭ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୪୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ, ଯାଜପୁର ତାପସ ରଂଜନ ଦେହୁରୀ, ତହସିଲଦାର, ଯାଜପୁର ରବି ନାରାୟଣ ପାଢ଼ୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।



## ଓସିଏନ୍ ୱାନ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବଡ଼ଚଣା,୨।୩(ସମିସ):** ଚଣ୍ଡିଖୋଲ ସନ୍ନିକଟ ହରିଦାସପୁର ସ୍ଥିତ ବୁଦ୍ଧନଗର ଠାରେ ଥିବା ଓସିଏନ୍ ୱାନ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ନିର୍ଦ୍ଦେଶକ ଡ. ଦିଲ୍ଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବଡ଼ଚଣା ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଐଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖାର ଭାରପ୍ରାପ୍ତ ଅଧିକାରିଣୀ ବ୍ରହ୍ମକୁମାରୀ ମାନସୀ ଭଉଣୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ବାଲିଚନ୍ଦ୍ରପୁରସ୍ଥିତ ସାହସପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୁଳମଣି ଦାସ, ଗୋରକ୍ଷକ ତଥା ବ୍ରଜଭୂମି ଗୋଶାଳା ଓରନ୍ଦା ଢେଙ୍କାନାଳର ଭାରପ୍ରାପ୍ତ ଅଧିକାରୀ ଧରଣୀଧର ମହାନ୍ତି, ସମାଜସେବୀ ପଞ୍ଚାନନ ତ୍ରିପାଠୀ, ସମାଜସେବୀ ପ୍ରଦୀପ କୁମାର ଧଳ ଏବଂ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ସାହିତ୍ୟିକ ବିଜୟ କେତନ ସାମଲ, ବ୍ରହ୍ମାକୁମାର ସରୋଜ ଭାଇ, ବ୍ରହ୍ମକୁମାରୀ ପଦ୍ମାଭଉଣୀ, ଆରୁହା ଗ୍ରାମର ମୁରବି ଶେଷଦେବ ବାରିକ ପ୍ରମୁଖଙ୍କୁ ଓସିଏନ ୱାନ ସମ୍ମାନ ପ୍ରଦାନ କରାଯାଇଥିଲା। ସମାଜସେବୀ ଅନିଲ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷା ସାଲିମା ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ହରପ୍ରିୟା ସାମଲ, ବର୍ଷାରାଣୀ ଦାସ, ବର୍ଷା ପ୍ରିୟଦର୍ଶିନୀ ରଣା, ଅଣଶିକ୍ଷକ କର୍ମଚାରୀ ନିରୁପମା ବେହେରା, କନକ ଲତା ପରିଡା ଏବଂ ବିଦ୍ୟାଳୟ ପରିଚାଳନା ସମିତିର ସଭ୍ୟ ପ୍ରଦୀପ କୁମାର ନାୟକ ପ୍ରମୁଖଙ୍କ ସହଯୋଗରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବହୁତ ଗୁଡିଏ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟତ୍ରୀ ସବିତା ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ବଡଚଣା,୨।୩(ସମିସ):** ବଡଚଣା ବ୍ଲକ୍ ଶିକ୍ଷା ମଣ୍ଡଳ ଅଧୀନସ୍ଥ ଧାନମଣ୍ଡଳ ସ୍ଥିତ ଶ୍ରୀଜଗନ୍ନାଥ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ନାୟକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶୁଭେନ୍ଦୁ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବଡ଼ଚଣା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ବିଭାଷ ଚନ୍ଦ୍ର ନନ୍ଦ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସିଦ୍ଧେଶ୍ୱର ଦାସ, ସମ୍ମାନିତ ଅତିଥି ଭାବେ ଧାନମଣ୍ଡଳ ସରପଞ୍ଚ ନବଦୀପ ନାୟକ, ବଡଚଣା ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ଆର୍ତ୍ତତ୍ରାଣ ପୃଷ୍ଟି, ରାଜ୍ୟ ଶିକ୍ଷା ସଙ୍ଘର ପୂର୍ବତନ ମହାସଚିବ ଅମିୟ କୁମାର ଦାସ, ବଡଚଣା ଶିକ୍ଷକ ସଂଘ ସଭାପତି ସନ୍ତୋଷ କୁମାର ଜେନା, ସଂପାଦକ ପ୍ରଶାନ୍ତ ବେହେରା, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ମହାନ୍ତି, ସମାଜସେବୀ ପ୍ରକାଶ ସାହୁ, ସିଆର୍‌ସିସି ଦୀପ୍ତି ମିଶ୍ର, ଦୀପ୍ତି ବାରିକ୍, ପୂର୍ବତନ ପ୍ରଧାନଶିକ୍ଷୟତ୍ରୀ କନକଲତା ଦାସ, ନାଏବ୍ ସରପଞ୍ଚ କନକଲତା ବେହେରା, ଶିକ୍ଷକ ବିଜୟ କେଶରୀ ମିଶ୍ର, ଶିକ୍ଷୟିତ୍ରୀ ଶ୍ରୀୟା ମହାରଣା,ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କର୍ମଚାରୀ ଓ ନୂଆ ସୁଙ୍ଗୁଡା କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇଥିଲେ। ପରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣା ନାୟକଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏକ ଶୋଭାଯାତ୍ରାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀ ତାଙ୍କୁ ନିଜ ଘର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

## ଠାକୁର ଅନୁକୁଳଚନ୍ଦ୍ରଙ୍କର ଜନ୍ମୋତ୍ସବ

**ପାଣିକୋଇଲି,୨।୩(ସମିସ):** କୋରେଇ ବ୍ଲକ କରଦା ପଞ୍ଚାୟତ ଭକଣ୍ଡାରୀ ଗ୍ରାମରେ ଠାକୁର ଅନୁକୁଳଚନ୍ଦ୍ରଙ୍କର ୧୩୮ତମ ଆବିର୍ଭାବ ମହୋତ୍ସବ ତଥା ଭକଣ୍ଡରୀ ସତସଙ୍ଗ କେନ୍ଦ୍ରର ୩୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବେଦ, ମାଙ୍ଗଳି. ଉଷା କୀର୍ତନ ପରେ ଭକ୍ତମାନେ ସମ୍ମିଳିତ ଭାବେ ନଗର କୀର୍ତ୍ତନ କରି ବଜାର ପରିକ୍ରମା କରିଥିଲେ। ସତ୍‌ସଙ୍ଗ ସଭା ଯାଜପୁର ସତ୍‌ସଙ୍ଗ କେନ୍ଦ୍ରର ମୁଖ୍ୟ ଋତ୍ୱିକ ଅଚ୍ୟୁତାନନ୍ଦ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟବକ୍ତା ଭାବେ କୁଆଖିଆ ସତସଙ୍ଗ କେନ୍ଦ୍ରର ଋତ୍ୱିକ କୃଷ୍ଣପ୍ରସାଦ କର ଯୋଗଦେଇଥିଲେ। ଋତିକ୍ ପିତାମ୍ବର ପତି, ବଟକୃଷ୍ଣ ଦାସ, ଦୟାନିଧୀ ସାହୁ, ଭାସ୍କର ସାହୁ, ଦ୍ୟୁତିଦେବ ଦାସ ପ୍ରମୁଖ ଠାକୁରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଦାନଗଦୀ ଭାଇ ମାନଙ୍କ ଦ୍ୱାରା ବୃନ୍ଦଗାନ ପରିବେଷଣ କରାଯାଇଥିଲା। ଉକ୍ତ ସତସଙ୍ଗ କାର୍ଯ୍ୟକ୍ରମରେ ଭକଣ୍ଡରୀ, ରାଣିଗୋଡା, କରଦା, ଷଠିପୁର, ବୈତରଣୀରୋଡ, ପାଣିକୋଇଲି, ପଥରପଦା ସମେତ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। କମିଟିର ସଭାପତି ଘନଶ୍ୟାମ ସାହୁ, ଗଗନବିହାରୀ ସାହୁ, ଗଦାଧର ସାହୁ, ହରିହର ରାଉତ, ମୋହନ ଚରଣ ସାହୁ, ଦିବାକର ଦାସ, ଗଣେଷ ଚନ୍ଦ୍ର ସାହୁ, ନରେନ୍ଦ୍ର ସାହୁ, ନବଘନ ସାହୁ, ଅଂଜନ କୁମାର ସାହୁ, ସନ୍ତୋଷ ଜେନା, ସୁବୋଧ କୁମାର ସାହୁ, ତୁଷାର ବାରିକ, ଅନିରୁଦ୍ଧ ମଲିକ,ହ ରିହର ମଲିକ, ପ୍ରାଣକୃଷ୍ଣ ମଲିକ, ନିକୁଂଜ ସାହୁ, ନବଘନ ବାରିକ, ଭାସ୍କର ମଲିକ, ରମେଶ ମଲିକ, କାର୍ତିକ ମଲିକ ପ୍ରମୁଖ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ



**ଧର୍ମଶାଳା,୨।୩(ସମିସ):** ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ୍ ପରିସରରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୮ତମ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଆଶାତରୁ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି ନିର୍ମଳ ଚନ୍ଦ୍ର ଦାଶ ଉତ୍ସବକୁ ଉଦଘାଟନ କରିଥିଲେ। କେନ୍ଦ୍ରୀୟ ଫେଡେନରସନ ସଂଘର ସମ୍ପାଦକ ବୃହସ୍ପତି ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ରାଜ୍ୟ ସଂଘ ମହାସଚିବ ଗୋକୁଳାନନ୍ଦ ବେହେରା, ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ଓ ଜିଲ୍ଲା ସଂଘର ସଂଯୋଜକ ବିବେକାନନ୍ଦ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଘର ବିଭିନ୍ନ ଦାବି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂଘର ମୁଖପତ୍ର "ଅବସର ଜ୍ୟୋତି'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଡା.ନିହାର ରଞ୍ଜନ କର, ଶିକ୍ଷକ ଫକୀର ଚରଣ ପ୍ରଧାନ, ଛାତ୍ରୀ ଆକାଂକ୍ଷା ପ୍ରିୟଦର୍ଶିନୀ ସ୍ୱାଇଁ, ସୂର୍ଯ୍ୟସେନ ଦାସ ମହାପାତ୍ରଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୨୦ଜଣ ବରିଷ୍ଠ କାର୍ଯ୍ୟକର୍ତ୍ତା ଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋକର୍ଣ୍ଣିକା ସଭାପତି ଡ. ରମାକାନ୍ତ ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନାକର ସାହୁ, ପ୍ରସନ୍ନ କୁମାର ପାଣି, କୁଳମଣି ଦାସ, ସଭାପତି ଅଶୋକ କୁମାର ଦାସ, ଭାସ୍କର ଚନ୍ଦ୍ର ସେଠୀ ପ୍ରମୁଖ ଅବସର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ବିଜୟ କୁମାର ଦେବତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ବ୍ରଜ କିଶୋର ଦାଶ ବେଦପାଠ କରିଥିଲେ। ଶିକ୍ଷାବିତ୍ ବିଜୟ କୁମାର ମିଶ୍ର, ଯୁଗଳ କିଶୋର ଦାସ, ହୃଷୀକେଶ ସାମଲ, ପୁରୁଷୋତ୍ତମ ଜେନା, ଅମୂଲ୍ୟ ସୂତାର, ଚିନ୍ତାମଣୀ ବେହେରା, ପୀତବାସ ପାତ୍ର, ବିଭୂତି ଭୂଷଣ ପାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଅର୍ଜ୍ଜୁନ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ନାଗରିକମାନେ ସମାଜର ସର୍ବଶ୍ରେଷ୍ଠ ସମ୍ପତ୍ତି

**ବିଞ୍ଝାରପୁର,୨।୩(ସମିସ):**



ବରିଷ୍ଠ ନାଗରିକମାନେ ଆଦୌ ଦୟାର ପାତ୍ର ନୁହଁନ୍ତି; ବରଂ ଦେଶ ଜାତି ଓ ସମାଜର ସର୍ବଶ୍ରେଷ୍ଠ ସମ୍ପତ୍ତି ବୋଲି ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବରେ ଯୋଗ ନେଇ ବକ୍ତାମାନେ ମତପ୍ରକାଶ କରିଥିଲେ। ସିଂହପୁରଠାରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚପକ୍ଷରୁ ସଭାପତି ଇଞ୍ଜିନିୟର ପଦ୍ମନାଭ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଦାମୋଦର ବେହେରା, ଅନ୍ୟତମ ଅତିଥି ରୂପେ ସାମାଜିକ କର୍ମୀ ତଥା ନାରୀନେତ୍ରୀ ଅପର୍ଣ୍ଣା ଧିର ନରେନ୍ଦ୍ର ସିଂ, ଅନ୍ୟତମ ବକ୍ତା ଭାବେ ଖରସ୍ରୋତା ପୁସ୍ତକ ମେଳା କମିଟି ସଭାପତି ପଦ୍ମାକର ଗୁରୁ ଯୋଗ ଦେଇଥିଲେ। ଏହି ଉତ୍ସବର ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ ନାୟକ ସମ୍ପାଦକୀୟ ବିବରଣି ପ୍ରଦାନ କରିଥିଲେ। ଏହି ବାର୍ଷିକ ଉତ୍ସବରେ ଅଠର ଜଣ ଅସହାୟ ଦୃଷ୍ଟି ବାଧିତ ଭାଇ ଭଉଣୀମାନଙ୍କୁ ଆର୍ଥିକ ସହୟତା ପ୍ରଦାନ କରାଯାଇଥିଲା ବେଳେ ତିରିଶ ଜଣ ପ୍ରତିଭାବାନ ଶିକ୍ଷାବିତ, ମାତୃ ଶକ୍ତି ରାଜନେତା, ଛାତ୍ରୀଛାତ୍ର, ଡାକ୍ତର୍, ସ୍ୱାସ୍ଥ୍ୟ କର୍ମୀ ଓ ସାମାଜିକକର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତା ରବିନ୍ଦ୍ର କୁମାର ଦାଶ, ଚନ୍ଦ୍ର ଶେଖର ନାୟକ, ପ୍ରାଧ୍ୟାପକ ଅଜୟ କୁମାର ଓଝା, ଘନଶ୍ୟାମ ଦାସ, ସନ୍ତୋଷ କୁମାର ବେଉରିଆ, ଅମ୍ବିକା ପ୍ରସାଦ ସାମଲ, ଜିତେନ୍ଦ୍ର କୁମାର ବେହେରା, ମେଘନାଦ ମହାଲିକ, କଳକାର ପାତ୍ର, ବିଷ୍ଣୁଚରଣ ଭୂୟାଁ, ନିରଞ୍ଜନ ଦାସ, ନିତ୍ୟାନନ୍ଦ ସାମଲ, ସୁବାଷ ଚନ୍ଦ୍ର ପ୍ରଧାନ, ପୁରୁଷୋତ୍ତମ ବେହେରା, ଶରତ କୁମାର ନାୟକ, ପଦ୍ମ ଚରଣ ଧଳ, ଦେବେନ୍ଦ୍ର କୁମାର ସାମଲ, ନିରଞ୍ଜନ ବେଉରିଆ, ଶଶାଙ୍କ ଶେଖର ଖିଲାର, ଭାଗ୍ୟବତୀ ଧଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷାବିତ ପ୍ରଦୀପ କୁମାର ଜେନା ମଞ୍ଚ ସଞ୍ଚାଳନ କରିଥିଲେ। ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଦାସ ମନ୍ତ୍ର ପାଠ କରିଥିବା ବେଳେ ଶେଷରେ ଶିକ୍ଷାବିତ ଭରତ ଚନ୍ଦ୍ର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଭୁବନେଶ୍ୱର ସିଟି



## 'ଲୋକଙ୍କ ସରକାର'ରେ ରକ୍ତମୁଖା ପୁଲିସ

# ମହିଳାଙ୍କ ମୁହଁ ଫଟାଇଲେ, ହାଡ଼ ଭାଙ୍ଗିଲେ

ଭୁବନେଶ୍ୱର, ୨।୩ (ସମିସ): ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କୁ ଉତ୍ତମ ବ୍ୟବହାର କରିବାକୁ ଥାନା ଅଧିକାରୀମାନଙ୍କୁ ବିଭିନ୍ନ ସମୟରେ ନିର୍ଦ୍ଦେଶ ଦିଆଯାଉଛି। ହେଲେ ଏହାରି ଭିତରେ ପୁଲିସର ବର୍ବରତା ସୀମା ଟପିଛି। ପୁଲିସ ମାଡ଼ରେ ମହିଳାଙ୍କ ଛାତି ହାଡ଼ ଭାଙ୍ଗି ଯାଇଥିବା ବେଳେ ଆଖି ପତା ଫାଟି ଯାଇଛି। ମହିଳାଙ୍କ ଦୁଇ ପୁଅ ମଧ୍ୟ ପୁଲିସ ଅତ୍ୟାଚାରରେ ଆହତ ହୋଇଛନ୍ତି। କେଉଁ ଉପାନ୍ତ ଅଞ୍ଚଳରେ ନୁହେଁ; ବରଂ ଖୋଦ୍ ରାଜଧାନୀର ଚନ୍ଦକା ଥାନା ଅଞ୍ଚଳରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। କେହି କିଛି ବୁଝିବା ଆଗରୁ ଚୋରା ମଦ ବିକ୍ରି ଓ ପୁଲିସକୁ ଆକ୍ରମଣ କରିଥିବା ମାମଲା ରୁଜୁ କରି ମାଆ ଓ ଦୁଇ ପୁଅଙ୍କୁ ଗିରଫ କରିନେଇଛି ପୁଲିସ। ମହିଳା ଜଣକ ହେଲେ, ସିମିଳିପାଟଣାର କୁମାରୀ ବେହେରା (୫୫), ପୁଅ ଶ୍ରୀଧର ବେହେରା (୪୦) ଓ ପ୍ରକାଶ ବେହେରା (୩୪)।

ଅଭିଯୋଗ ଅନୁଯାୟୀ, ପ୍ରକାଶ ଚନ୍ଦକା ମଦ କାଉଣ୍ଟର ପାଖରେ ଏକ ପାନ ଦୋକାନ କରି ଗୁଜୁରାଣ ମେଣ୍ଟାନ୍ତି। ଶନିବାର ସନ୍ଧ୍ୟାରେ ପ୍ରକାଶଙ୍କ ବଡ଼ ଭାଇ ଶ୍ରୀଧର ଦୋକାନ ଭିତରେ ବସିଥିବା ବେଳେ ପାଖରେ କିଛି ଲୋକ ମଦ୍ୟପାନ କରୁଥିଲେ। ସେଇ ରାସ୍ତା ଦେଇ ଯାଉଥିବା ଚନ୍ଦକା ଥାନା ପୁଲିସ ଦୋକାନ ନିକଟରେ ଅଟକିଥିଲା। ମଦ୍ୟପଙ୍କୁ ଚେତାବନୀ ଦେବା ବଦଳରେ ଶ୍ରୀଧରଙ୍କୁ ତାଗିଦ କରିଥିଲା। ଲୋକମାନେ ମଦ୍ୟପାନ କରିବା ପାଇଁ ସେ ଦାୟୀ ନୁହଁନ୍ତି ବୋଲି କହିବା ପରେ ମଧ କିଛି ଶୁଣି ନ ଥିଲେ। ଶ୍ରୀଧରଙ୍କୁ ଦୋକାନରୁ ଟାଣି ଆଣି ପୁଲିସ ଗାଡ଼ିରେ ବସାଇବାକୁ ଉଦ୍ୟମ କରିଥିଲା। ଖବରପାଇ ସାନଭାଇ ପ୍ରକାଶ ଓ ମାଆ କୁମାରୀ ଘଟଣାସ୍ଥଳରେ ପହଞ୍ଚି ଏହାକୁ ବିରୋଧ କରିଥିଲେ।



■ ଆହତଙ୍କୁ ଡାକ୍ତରଖାନାରୁ ଉଠାଇନେଲା ପୁଲିସ
■ ମାଆ ଓ ଦୁଇ ପୁଅଙ୍କୁ ଜେଲ୍ ପଠାଇଲା

ଏହାପରେ ପୁଲିସର ଜୁଲମ୍ ଆରମ୍ଭ ହୋଇ ଯାଇଥିଲା। ପ୍ରକାଶ ଓ ଶ୍ରୀଧରଙ୍କୁ ମାଡ଼ ମାରିବା ସହ ତାଙ୍କ ମାଆଙ୍କୁ ମଧ ଛାଡ଼ି ନ ଥିଲେ। ପୁଲିସମାନେ ମିଶି କୁମାରୀଙ୍କ ମୁହଁକୁ ଓ ଛାତିକୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଆଖି ପତା ଫାଟି ଯାଇଥିବା ବେଳେ ଛାତିରେ ଯନ୍ତ୍ରଣା ହୋଇଥିଲା। ଏହାପରେ ପ୍ରକାଶ ଓ ଶ୍ରୀଧରଙ୍କୁ ଘଟଣାସ୍ଥଳରୁ ଥାନାକୁ ଉଠାଇ ନେଇଥିଲା ପୁଲିସ। ସେପଟେ ରାତି ପ୍ରାୟ ୯ଟାରେ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ କୁମାରୀଙ୍କୁ ତାଙ୍କ ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଏକ୍ସରେ କରିବାରୁ କୁମାରୀଙ୍କ ଛାତିର ହାଡ଼ ଭାଙ୍ଗିଥିବା ଜଣାପଡ଼ିଥିଲା। ଆଉ ଏହି ଖବର ପହଞ୍ଚିବା ପରେ ତତ୍ପର ହୋଇ ଉଠିଥିଲା ପୁଲିସ। ସମ୍ପର୍କୀୟ ଔଷଧ ଆଣିବାକୁ ଯାଇଥିବା ବେଳେ କ୍ୟାପିଟାଲ ହସ୍ପିଟାଲରୁ କୁମାରୀଙ୍କୁ ଉଠାଇ ଆଣିଥିଲା ପୁଲିସ। ମଦ ଜବତ ବେଳେ ମାଆ ଓ ପୁଅ ମିଶି ପୁଲିସକୁ ଆକ୍ରମଣ କରିଥିବା ନେଇ ପୁଲିସ ନିଜ ଆଡ଼ୁ ଏକ ମାମଲା ରୁଜୁ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ପୁଲିସର ବର୍ବରତା ଓ ଜୁଲମକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବିଗତ ଦିନରେ ଭରତପୁର ଥାନାରେ ମେଜର ଓ ବାନ୍ଧବୀଙ୍କୁ ଦୁର୍ବ୍ୟବହାର ହୋଇଥିଲା। ସେହି ସମୟରେ ସାରା ଦେଶରେ ନିନ୍ଦା ଅପବାଦ ମୁଣ୍ଡାଇଥିବା କମିସନରେଟ ପୁଲିସ ସେହି ଘଟଣାରୁ ବି କିଛି ଶିଖିଲା ନାହିଁ।

## ହୋଲି ଲାଗି ସୁରକ୍ଷା କଡ଼ାକଡ଼ି

# ନଦୀ, ପୋଖରୀ କୂଳରେ ଜଗିବ ପୁଲିସ

ଭୁବନେଶ୍ୱର, ୨।୩(ସମିସ): ହୋଲି ଉତ୍ସବ ପାଇଁ ରାଜଧାନୀ ଭୁବନେଶ୍ୱର ଉତ୍ସବମୁଖର। ଆଉ ହୋଲି ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ ପୁଲିସ କମିସନର ଡ. ସୁରେଶ ଦେବଦତ୍ତ ସିଂ କଟକ-ଭୁବନେଶ୍ୱରବାସୀଙ୍କୁ ପରାମର୍ଶ ଦେଇଛନ୍ତି। ହୋଲି ପାଇଁ ରାଜଧାନୀରେ ମୁତୟନ ହେବେ ୩୧ ପ୍ଲାଟୁନ ପୋଲିସ ଫୋର୍ସ। ସେହିଭଳି ଦାୟିତ୍ୱରେ ରହିବେ ୪ ଜଣ ଅତିରିକ୍ତ ଡିସିପ, ୮ ଜଣ ଏସିପି, ୨୬ ଜଣ ଇନ୍ସପେକ୍ଟର, ୧୪୫ ଜଣ ଏସଆଇ ଓ ଏଏସଆଇ। ସେହିଭଳି ରାଜଧାନୀର ଗଳିକନ୍ଦିରେ ବୁଲିବ ପାଟ୍ରୋଲିଂ ଭ୍ୟାନ୍। ରାଜଧାନୀର ସବୁ ଥାନା ଅଧିକାରୀଙ୍କୁ ସଜାଗ ରହିବା ପାଇଁ ପୁଲିସ କମିଶନର କଡା ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ହୋଲି ଦିନ ଭୁବନେଶ୍ୱରର ସମସ୍ତ ମଦ ଦୋକାନ ବନ୍ଦ କରିବାକୁ ମଧ ନିର୍ଦ୍ଦେଶ ରହିଛି। ବିଶେଷକରି ରାଜଧାନୀର ସମ୍ବେଦନଶୀଳ ସ୍ଥାନ ଗୁଡ଼ିକରେ ପୁଲିସର ରଖିବ ସ୍ୱତନ୍ତ୍ର ନଜର। ମଦୁଆଙ୍କୁ ସାବାଡ କରିବା ପାଇଁ ଡ୍ରିଙ୍କ ଆଣ୍ଡ ଡ୍ରଙ୍କିଂ ସହ ପୁଲିସ ପାଟ୍ରୋଲିଂକୁ ଜୋରଦାର କରିବ। ରାଜଧାନୀର ୮୫ଟି ସ୍ଥାନରେ ପୁଲିସ ଚେକିଂ କରିବ। ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମକୁ ମୁତୟନ କରାଯାଇଛି। ନଦୀ, ହ୍ରଦ, ପୋଖରୀ ଓ କୁଆଖାଇ ଉପରେ ପୁଲିସ, ଅଗ୍ନିଶମ ଟିମ୍ ଓ ଓଡ୍ରାଫ ଟିମ ନଜର ରଖିବାକୁ ମଧ ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଶେଷ କରି ମଦ୍ୟପଙ୍କ ଉପରେ ପୁଲିସର କଡା ନଜର ରହିବ। ବିଶୃଙ୍ଖଳା କଲେ ତୁରନ୍ତ ଗିରଫ କରିବାକୁ ମଧ କଡା ନିର୍ଦ୍ଦେଶ ଦିଆଯାଇଛି। ହୋଲି ଖେଳିବା ସମୟରେ ସତର୍କତାର ସହ ଖେଳିବାକୁ ମଧ ଜନସାଧାରଣଙ୍କୁ ପରାମର୍ଶ ଦେଇଛି କମିସନରେଟ୍ ପୁଲିସ।

■ ରାଜଧାନୀକୁ ଜଗିବେ ୩୧ ପ୍ଲାଟୁନ ଫୋର୍ସ
■ ମଦୁଆଙ୍କୁ ଦିନରେ ଜଗିବେ ପୁଲିସ
■ ପୁଲିସ ପାଟ୍ରୋଲିଂକୁ ଜୋର୍‌ଦାର୍ କରାଯିବ

# ପୂର୍ବଶତ୍ରୁତାରୁ ଜରିଗୋଟାଳିଙ୍କୁ ଛୁରାମାଡ଼

ଭୁବନେଶ୍ୱର, ୨।୩(ସମିସ): ପୁଣି ଅଶାନ୍ତ ହୋଇଛି ସାଲିଆସାହି। ହାଣ୍ଡିଆ ହାଟ ନିକଟରେ ଜଣେ ଜରି ଗୋଟାଳିଙ୍କୁ ଛୁରାମାଡ଼ ହୋଇଛି। ଛୁରାମାଡ଼ର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ହେଲେ ପ୍ରଦୀପ୍ତ ବିଶ୍ୱାଳ। ପୂର୍ବ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ଛୁରାମାଡ଼ ହୋଇଥିବା ଜଣାପଡ଼ିଛି। ପୁଲିସ ସହାୟତାରେ ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ମିଳିଥିବା ସୂଚନା ମୁତାବକ ଅଭିଯୁକ୍ତ ଏବଂ ପ୍ରଦୀପ୍ତ ଜରି ଗୋଟାଇ ଜଣେ କବାଡ଼ିଆଙ୍କ ପାଖରେ ବିକ୍ରି କରନ୍ତି। କିଛିଦିନ ତଳେ ଦୁହିଁଙ୍କ ମଧ୍ୟରେ ଟଙ୍କା କାରବାରକୁ ନେଇ ଗଣ୍ଡଗୋଳ ହୋଇଥିଲା। ତେବେ ହାଣ୍ଡିଆ ହାଟ ନିକଟରେ ଉଭୟଙ୍କର ଦେଖାହେବାରୁ ପ୍ରଥମେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷୀପ୍ତ ହୋଇ ପ୍ରଦୀପ୍ତଙ୍କ ଛାତିକୁ ଛୁରାମାଡ଼ କରାଯାଇଥିଲା। ତେବେ ପ୍ରକୃତ କେଉଁ ନିର୍ଦ୍ଦିଷ୍ଟ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ଏହି ଛୁରାମାଡ଼ ହୋଇଛି ନା ଏହା ପଛରେ ଆଉ କିଛି କାରଣ ରହିଛି ସେ ନେଇ ପୁଲିସ ତଦନ୍ତ କରୁଛି।

ଅପରପକ୍ଷେ ଗତ ଦୁଇଦିନ ତଳେ ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳରେ ରାହୁଲ ମହାରଣାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଏବେ ବି ଅଶାନ୍ତି ଲାଗି ରହିଥିବା ବେଳେ ଅଭିଯୁକ୍ତଙ୍କୁ ଧରିବା ନେଇ ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏପରିସ୍ଥିତିରେ ପୁଣି ଏକ ଛୁରାମାଡ଼ ପୁଲିସ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।



# ଅପବାଦ ସହି ନ ପାରି ମହିଳାଙ୍କ ଆତ୍ମହତ୍ୟା

ଭୁବନେଶ୍ୱର, ୨।୩ (ସମିସ): ଅପବାଦ ସହି ନ ପାରି ଆତ୍ମହତ୍ୟା କରିଛନ୍ତି ମହିଳା। ମୃତକ ହେଲେ ବନାନୀ ପଟ୍ଟନାୟକ (୪୦)। ସୁବୁଦ୍ଧିପୁର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ପୁରୁଷ ବନ୍ଧୁକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ବାଲି ସାହିର ରଶ୍ମିରଞ୍ଜନ ସ୍ୱାଇଁ (୩୮)।

ପୁଲିସ ସୂଚନାନୁଯାୟୀ, ବନାନୀ ତାଙ୍କ ସ୍ୱାମୀଙ୍କ ଠାରୁ ଛାଡ଼ପତ୍ର ନେଇ ୧୩ ବର୍ଷୀୟା ଝିଅ ଓ ମାଆଙ୍କ ସହ ସୁବୁଦ୍ଧିପୁର ଅଞ୍ଚଳରେ ଭଡ଼ାରେ ରହୁଥିଲେ। ସେହି ଘରର ତଳ ମହଲାରେ ରହୁଥିବା ରଶ୍ମିରଞ୍ଜନ ସହ ତାଙ୍କର ପରିଚୟ ହୋଇଥିଲା। ପରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିବା ବେଳେ ଉଭୟେ ଲିଭ୍ ଇନରେ ରହୁଥିଲେ। ପ୍ରାୟ ସମୟ ବନାନୀ ଓ ରଶ୍ମିରଞ୍ଜନ ମିଶି ମଦ୍ୟପାନ କରୁଥିଲେ। ବିଶେଷକରି ମଦ୍ୟପାନ ପରେ ସେମାନଙ୍କ ମଧ୍ୟରେ ପ୍ରାୟତଃ ଝଗଡ଼ା ହେଉଥିଲା। ରଶ୍ମିରଞ୍ଜନ ସେହି ସମୟରେ ବନାନୀଙ୍କୁ ଅଶ୍ଳୀଳ ଓ ଅପମାନଜନକ ଭାଷାରେ ଗାଳି ଦେଇ ତାଙ୍କ ଚରିତ୍ର ସଂହାର କରୁଥିଲା। ଗତ ଶନିବାର ସକାଳ ୧୧ଟା ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉଭୟ ମିଶି ତଳ ମହଲାରେ ମଦ୍ୟପାନ କରିଥିଲେ। ରଶ୍ମିରଞ୍ଜନ ସନ୍ଧ୍ୟା ପ୍ରାୟ ୭ ଟାରେ ବନାନୀଙ୍କ ସାଙ୍ଗ ମୋହିତଙ୍କୁ ଫୋନ୍ କରି ତାଙ୍କ ଚରିତ୍ର ସଂହାର କରିଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗମ୍ଭୀର ଭାବେ ଝଗଡ଼ା ହୋଇଥିଲା। ରାତି ପ୍ରାୟ ୯ଟା ପରେ ମଧ୍ୟରେ ବନାନୀ ଉପର ମହଲାରେ ଥିବା ତାଙ୍କ ରୁମକୁ ଚାଲି ଯାଇଥିଲେ। ରଶ୍ମିରଞ୍ଜନ ମଧ ତାଙ୍କ ପଛେ ପଛେ ଯାଇ ନାବାଳିକା ଝିଅକୁ କହିଥିଲେ ଯେ, ତୁମ ମାଆ ଆତ୍ମହତ୍ୟା କରିବା ଲାଗି ଉଦ୍ୟମ କରିପାରନ୍ତି ଓ ତୁମେ ଟିକେ ତାଙ୍କୁ ବୁଝାଇ ସେଥିରୁ ନିବୃତ କରିବ ବୋଲି କହିଥିଲା। ଏହାର କିଛି ସମୟପରେ ବନାନୀ ଗୋଟିଏ କଲମ, କାଗଜ ଓ କପି ଧରି ରୁମ୍ ଭିତରକୁ ଯାଇ ଭିତରୁ କବାଟ ବନ୍ଦ କରିଦେଇଥିଲେ। ପରିବାର ଲୋକେ ବାରମ୍ବାର ଡାକିଲେ ମଧ ଉତ୍ତର ନ ମିଳିବାରୁ ସନ୍ଦେହ ସୃଷ୍ଟି ହୋଇଥିଲା। ନିକଟରେ ଉପସ୍ଥିତ କିଛି ଶ୍ରମିକଙ୍କୁ ଡାକି ଦ୍ୱାର ଭାଙ୍ଗି ଭିତରକୁ ପଶିଥିଲେ। ସେତେବେଳକୁ ବନାନୀ ବେକରେ ଶାଢି ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ ମଧ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

ବନାନୀଙ୍କ ମାଆ ଶୁଭାସିନୀ ପଟ୍ଟନାୟକ ଏନେଇ ତମାଣ୍ଡୋ ଥାନାର ଦ୍ୱାରସ୍ଥ ହୋଇଥିଲେ। ରଶ୍ମିରଞ୍ଜନ ଦ୍ୱାରା ନିନ୍ଦା ଅପବାଦ ଓ ଚରିତ୍ର ସଂହାର କରିବାରୁ ବନାନୀ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗରେ ଦର୍ଶାଇଥିଲେ। ତମାଣ୍ଡୋ ଥାନା ପୁଲିସ ମାମଲା ରୁଜୁ କରି ରଶ୍ମିରଞ୍ଜନକୁ ଗିରଫ କରିଥିଲା। ତେବେ ରଶ୍ମିରଞ୍ଜନ ନାମରେ ପୂର୍ବରୁ ପାରାଦୀପ, ମାର୍ଶାଘାଇ ଓ ବାଲିଅନ୍ତା ଥାନାରେ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।



ପୁରୁଷ ବନ୍ଧୁ ଗିରଫ

# ମହିଳାଙ୍କ ଫଟୋ ଭାଇରାଲ କରି ପ୍ରେମିକ ଗିରଫ

ଭୁବନେଶ୍ୱର, ୨।୩(ସମିସ): ବିବାହିତା ମହିଳାଙ୍କ ଫଟୋ ଭାଇରାଲ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ସଦର ଥାନା ଅଞ୍ଚଳର ପିଣ୍ଟୁ ମୁଦୁଲି (୩୩)। ପୁଲିସ ସୂଚନାନୁଯାୟୀ, କଟକର ଜଣେ ଯୁବତୀ ଓ ପିଣ୍ଟୁ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ପିଣ୍ଟୁ ସେହି ସମୟରେ ଯୁବତୀଙ୍କ ଅଜାଣତରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ସଂଗ୍ରହ କରି ନେଇଥିଲା। ପରବର୍ତ୍ତୀ ସମୟରେ ଯୁବତୀ ଜଣକ ତମାଣ୍ଡୋ ଥାନା ଅଞ୍ଚଳରେ ବିବାହ କରିଥିଲେ। ଯୁବତୀଙ୍କ ବିବାହ ପରେ ମଧ ପିଣ୍ଟୁ ତା' ସହ ପଳାଇଯିବାକୁ କହିଥିଲା। ହେଲେ ସେ ଜଣକ ରାଜି ନ ହେବାରୁ, ପିଣ୍ଟୁ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓକୁ ଯୁବତୀଙ୍କ ନିଜ ସମ୍ପର୍କୀୟଙ୍କ ପାଖକୁ ପଠାଇ ଦେଇଥିଲା। ଏଥିସହିତ ୫୦ ହଜାର ଟଙ୍କା ନଦେଲେ ଆହୁରି ଫଟୋ ଓ ଭିଡିଓ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲା।

# ଦୁର୍ଘଟଣାରେ ଯୁବକ ମୃତ

ନନ୍ଦନକାନନ, ୨।୩(ସମିସ): ନନ୍ଦନକାନନ ଥାନା ରଘୁନାଥପୁର ନିକଟରେ ଜୟଦେବ ବିହାର ନନ୍ଦନକାନନ ମୁଖ୍ୟ ରାସ୍ତାରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଟାଙ୍ଗିବସ୍ତିରେ ରହୁଥିବା ପପୁନି ବେହେରା(୪୦)। ପୁଲିସ ସୂଚନା ଅନୁସାରେ ରାତି ପ୍ରାୟ ୧୦ଟା ପରେ ହେବ ପପୁନି ତାର ବାଇକରେ ବାରଙ୍ଗ ଅଭିମୁଖେ ଯାଉଥିଲା ବେଳେ ଭରସାମ୍ୟ ହରାଇ ରାସ୍ତା ଡ଼ିଭାଇଡ଼ରରେ ପିଟି ହୋଇ ପଡ଼ିଥିଲା। ଫଳରେ ତାର ମୁଣ୍ଡ ପଛପଟ ଗଭୀର କ୍ଷେତ ହୋଇ ପ୍ରଚୁର ରକ୍ତ ଶ୍ରାବ ହୋଇଥିଲା। ଖବର ପାଇ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।



ରାଜଧାନୀ ସୌନ୍ଦର୍ଯ୍ୟକରଣ ପାଇଁ ବରମୁଣ୍ଡା ନିକଟରେ ନିର୍ମାଣାଧୀନ ମଡେଲ

# ୨୨ କେଜି ଗଞ୍ଜେଇ ଜବତ; ୫ ଗିରଫ

ଭୁବନେଶ୍ୱର, ୨।୩(ସମିସ): ମୈତ୍ରୀ ବିହାର ଥାନା ପୁଲିସ ହାତିଆଶୁଣୀ ରାସ୍ତା ନିକଟରେ ଚଢ଼ଉ କରି ବେଆଇନ ଭାବେ ଗଞ୍ଜେଇ ଚାଲାଣ କରୁଥିବା ୫ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ଗିରଫ ନିଶା ବେପାରୀମାନେ ହେଉଛନ୍ତି ସୁରଜ ରେ‡ୀ (୨୮), ବିପ୍ଳବ ଚନ୍ଦ୍ର ପଣ୍ଡା (୩୮), ଇଶୋରନ ପରିଜା (୩୨), ରୀତା ଚୌହାନ (୩୪) ଓ ସତ୍ୟଦେବ ନାୟକ (୪୫)। ଗିରଫ ଅଭିଯୁକ୍ତଙ୍କ ଠାରୁ ପୁଲିସ ଏକ ଅଟୋ ସହ ୨୨ କେଜି ଗଞ୍ଜେଇକୁ ଜବତ କରିଛି। ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ମୈତ୍ରୀବିହାର ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ସ୍ପେସାଲ ଟିମ୍ ସଦଳବଳେ ସାଲିଆ ସାହି-ହାତିଆଶୁଣି ରାସ୍ତାରେ ଅଚାନକ ଚଢ଼ଉ କରିବା ସହ ସାଲିଆ ସାହି ଅଞ୍ଚଳରୁ ଏକ ଅଟୋ ଯୋଗେ ହାତିଆଶୁଣି ଅଭିମୁଖେ ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଜଣେ ମହିଳାଙ୍କ ସମେତ ଚାରିଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନ୍ଭବିନ ସମୟରେ ପୁଲିସ ଅଭିଯୁକ୍ତମାନଙ୍କ ହେପାଜତରୁ ୨୨ କେଜି ଓଜନର ଗଞ୍ଜେଇ, ଏକ ଅଟୋ ଏବଂ କିଛି ଟଙ୍କା ଜବତ କରିଥିଲେ।



# ମାଲିକଙ୍କ କାର୍ ଚୋରି କରି ଡ୍ରାଇଭର ଗିରଫ

ଭୁବନେଶ୍ୱର, ୨।୩(ସମିସ): ମାଲିକଙ୍କ କାର ଚୋରି କରିବା ସହ ୧୯ ହଜାର ଟଙ୍କା ଖର୍ଚ୍ଚ କରି ଦେବା ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ସୋମବାର ଜଣେ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭରଙ୍କ ନାମ ଅମୀୟ ପୁଷ୍ପାଳକ ଓ ତାଙ୍କ ଘର ଡୁମୁଡୁମା ହାଉସିଂବୋର୍ଡ କଲୋନୀର। ଏନେଇ ରାଜୀବ କୁମାର ମଲ୍ଲିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ୟୁନିଟ-୩ ଅନ୍ତର୍ଗତ ପ୍ଲଟ ନମ୍ବର-୨୯୫ରେ ରହୁଥିବା ବେଳେ, ଅଭିଯୁକ୍ତ ଜଣକ ତାଙ୍କ ଘରେ ଡ୍ରାଇଭର ଭାବେ ନିଯୁକ୍ତ ଥିଲେ। ଗତ ଶନିବାର ଅଭିଯୁକ୍ତ ଅମୀୟ ପୁଷ୍ପାଳକ ଅତିଥିମାନଙ୍କୁ କୋଣାର୍କ ଓ ପୁରୀ ବୁଲାଇ ନେବା ପାଇଁ ଅଭିଯୋଗକାରୀଙ୍କ ମାରୁତି ସୁଜୁକି ଟୁର୍ସ ଗାଡ଼ି ନେଇ ଯାଇଥିଲେ। ସେ ପୁରୀର ବଲ୍ଲଭ ପାର୍କିଂ ନିକଟରେ ଅତିଥିମାନଙ୍କୁ ଛାଡି ଦେଇଥିଲେ। ମାଲିକ ଓ ଅତିଥିମାନଙ୍କ ଫୋନ୍ କଲର ଉତ୍ତର ଦେବା ବି ବନ୍ଦ କରିଦେଇଥିଲେ। ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିଲା ଏବଂ ତାଙ୍କ ମୋବାଇଲ୍ ଫୋନ୍ ବନ୍ଦ ଥିବା ଦେଖାଯାଇଥିଲା। ଏହାର ପରିଣାମ ସ୍ୱରୂପ ଅତିଥିମାନେ ଅନ୍ୟ ଗାଡ଼ିରେ ଭୁବନେଶ୍ୱର ଫେରିବାକୁ ବାଧ ହୋଇଥିଲେ। ଉକ୍ତ ଗାଡିରେ ଅତିଥିଙ୍କର ଗୋଟିଏ ବ୍ୟାଗ ରହିଯାଇଥିଲା। ଯେଉଁଥିରେ ନଗଦ ୧୯ ହଜାର ଟଙ୍କା ସହିତ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷପତ୍ର ମଧ ଥିଲା। ଅଭିଯୁକ୍ତ ଡ୍ରାଇଭର ଜଣକ ତାଙ୍କର ଗାଡି ଚୋରି କରିଥିବା ସନ୍ଦେହ କରି ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାଷ୍ଟରକ୍ୟାଣ୍ଟିନସ୍ଥିତ କେଶରୀ ହୋଟେଲ ନିକଟରେ ଚଢାଉ କରି ଅଭିଯୁକ୍ତଙ୍କୁ କାବୁ କରିବା ସହ ସମ୍ପୃକ୍ତ କାରକୁ ମଧ ଜବତ କରିଥିଲା।

# ଭ୍ରାମ୍ୟମାଣ ଶୌଚାଳୟ ଲୋକାର୍ପିତ

ଭୁବନେଶ୍ୱର, ୨।୩(ସମିସ): ବିଏମ୍‌ସି ପକ୍ଷରୁ ଟ୍ରକ ମାଉଣ୍ଟେଡ୍ ଆଧୁନିକ ଭ୍ରାମ୍ୟମାଣ ଶୌଚାଳୟ ଲୋକାର୍ପଣ ହୋଇଯାଇଛି। ଏହାକୁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ୪ ସିଟ୍ ବିଶିଷ୍ଟ ଏକ ଭ୍ରାମ୍ୟମାଣ ଶୌଚାଳୟ ପ୍ରଦାନ କରାଯାଇଅଛି। ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଭ୍ରାମ୍ୟମାଣ ଶୌଚାଳୟର ଲୋକାର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ ହୋତା ମଞ୍ଚାସୀନ ଥିଲେ। ଭିଡିଓ କନଫରେନ୍ସିରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଓ ବିଏମ୍‌ସି କମିଶନର ଚଞ୍ଚଳ ରାଣା ଉପସ୍ଥିତ ଥିଲେ।

## ଓଡ଼ିଶା ବନ୍ୟପ୍ରାଣୀ କନ୍‌କ୍ଲେଭ୍ ଉଦ୍‌ଯାପିତ

# ହାତୀ କରିଡର ଉପରେ ହେବ ନୂଆ ପ୍ରକଳ୍ପ

ଭୁବନେଶ୍ୱର, ୨।୩ (ସମିସ): ଏଭର ଗ୍ରିନ୍ ଫୋରମ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଚାଲିଥିବା ଦୁଇ ଦିନିଆ ଓଡ଼ିଶା ବନ୍ୟପ୍ରାଣୀ କନକ୍ଲେଭ୍ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଏଭର ଗ୍ରୀନ ଫୋରମର ହାତୀ କରିଡର ଉପରେ ଏକ ନୂଆ ପ୍ରକଳ୍ପ ଘୋଷଣା କରାଯାଇଛି। ମୁଖ୍ୟ ଅତିଥି ଭାବରେ କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟିର ଅଧ୍ୟକ୍ଷ ତଥା ଭାରତର ପୂର୍ବତନ ଜଙ୍ଗଲ ମହାନିର୍ଦ୍ଦେଶକ ସିଦ୍ଧାନ୍ତ ଦାସ ଯୋଗ ଦେଇ ଭାରତ ବନ୍ୟଜନ୍ତୁ ସଂରକ୍ଷଣର ଏକ ପ୍ରମୁଖ ଦେଶ ବୋଲି କହିଥିଲେ। କନକ୍ଲେଭର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ପୂର୍ବତନ ପିସିସିଏଫ ଅଶୋକ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ରାଜ୍ୟ ବନତତ୍ତ୍ୱବିତ୍ ସ୍ୱୟଂ ମଲ୍ଲିକ ଯୋଗ ଦେଇଥିଲେ। ଫୋରମର ସଭାପତି ଡଃ ପ୍ରକାଶ ଜେନା ସମ୍ମିଳନୀର ପରିଚାଳନା କରିଥିଲେ। କନକ୍ଲେଭର ଆବାହକ ପ୍ରଫେସର ଶରତ ପାଲିତା ଦୁଇ ଦିନର କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ମୁଖ୍ୟ ଓ ବୈଷୟିକ ଅଧିବେଶନରେ ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ଡଃ ଅକ୍ଷୟ ପଟ୍ଟନାୟକ, ପୂର୍ବତନ ବନ ସଂରକ୍ଷକ ଅଜୟ ଜେନା ଓ ମନୋଜ ମହାପାତ୍ର, ଦକ୍ଷିଣ ଶିମିଳିପାଳର ବନ ସଂରକ୍ଷକ ଡଃ ସମ୍ରାଟ ଗୌଡ଼ା, ଡଃ ସୁଦର୍ଶନ ମହାରଣା, ଡଃ ବିଷ୍ଣୁ ପ୍ରସାଦ ଦାସ, ପ୍ରଫେସର ଇନ୍ଦ୍ରମଣି ନାଥ, ଡଃ ପ୍ରସାଦ ଦାସ, ଡଃ ଶୁଭ୍ରାଂଶୁ ନାୟକ, ରୁଦ୍ର ପ୍ରସନ୍ନ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କ ସଂଯୋଜନାରେ 'ବନ୍ୟପ୍ରାଣୀ ସଂରକ୍ଷଣ: ସ୍ଥାନୀୟ ସଂମ୍ପ୍ରଦାୟର ଭୂମିକା' ଶୀର୍ଷକ ଏକ ଦଳଗତ ଆଲୋଚନା ହୋଇଥିଲା। ଡଃ ଜୟକୃଷ୍ଣ ପାଣିଗ୍ରାହୀ, ଡଃ ଦେବୀପ୍ରିୟ ଦର୍ଶିନୀ, ସାମ୍ବାଦିକ ସମ୍ବିତ୍ କୁମାର ବେହେରା, ବନ୍ୟପ୍ରାଣୀ ବିଶେଷଜ୍ଞ ଅରିନ୍ଦମ ପରିଛା ଓ ଜୁଲିନ ବରୁଆ ଏଥିରେ ଅଂଶ ଗ୍ରହଣ କରି ବନ୍ୟପ୍ରାଣୀ ସଂରକ୍ଷଣ ନେଇ ବିଚାରବିମର୍ଶ କରିଥିଲେ। ସ୍ଥାନୀୟ ସମ୍ପ୍ରଦାୟର ସହଯୋଗ ବିନା ବନ୍ୟପ୍ରାଣୀ ସଂରକ୍ଷଣ ଅସମ୍ଭବ ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଆୟୋଜିତ ଚିତ୍ରକଳା, ବନ୍ୟପ୍ରାଣୀ ଚିତ୍ର ପ୍ରଦର୍ଶନୀ, ପୋଷ୍ଟର ଉପସ୍ଥାପନା ଆଦି ବିଭାଗରେ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।



# ସମ୍ବଲପୁର କୋର୍ଟ ଉଡ଼ାଇଦେବାକୁ ଧମକ







ସମ୍ବଲପୁର,୨।୩(ସମିସ):

ସମ୍ବଲପୁର ଜିଲ୍ଲା ଅଦାଲତକୁ ବୋମାରେ ଉଡ଼ାଇଦେବାକୁ ଧମକ ପରେ ଅଦାଲତ ପରିସରରେ ଆଜି ତନ୍ନତନ୍ନ କରି ସୁରକ୍ଷା ଯାଞ୍ଚ କରାଯାଇଛି। କଚେରୀ ଛକରେ ଅଦାଲତ ପଟକୁ ଯାଉଥିବା ରାସ୍ତାରେ ନାକା କରି ସମସ୍ତ ଚାରିଚକିଆ ଗାଡ଼ି ଗୁଡ଼ିକ ଯାଞ୍ଚ କରାଯାଉଛି। ଏହାସହ ଅଦାଲତ ପରିସରକୁ ପ୍ରବେଶ ପଥରେ ମେଟାଲ ଡିଟେକ୍ଟରରେ ଯାଞ୍ଚ ସହ ପରିଚୟ ପତ୍ର ତନଖି କରାଯାଉଥିବା ପରିଲକ୍ଷିତ ହୋଇଛି। ଗତକାଲି ପୁଣିଥରେ ସମ୍ବଲପୁର ଜିଲ୍ଲା ଅଦାଲତ ଗୁଡ଼ିକୁ ବୋମାରେ ଉଡ଼ାଇଦେବାକୁ ଇ-ମେଲ୍ ଧମକ ଆସିଥିଲା। ସମ୍ବଲପୁର ସହ ବରଗଡ଼ ଓ ଅନ୍ୟ ଜିଲ୍ଲାକୁ ମଧ୍ୟ ଏଭଳି ଧମକପୂର୍ଣ୍ଣ ଇ-ମେଲ ଆସିଥିବା ସୂଚନା ମିଳିଛି। ସମ୍ବଲପୁର ପୁଲିସ ପକ୍ଷରୁ ବୋମା ସ୍କ୍ୱାଡ୍ ଓ ସନ୍ଧାନୀ କୁକୁର ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ଯାଞ୍ଚ କରିବାସହ ସବୁକିଛି ସୁରକ୍ଷିତ ବୋଲି ନିଶ୍ଚିତ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ଗତ ଜାନୁଆରୀ ୯ ତାରିଖରେ କଟକ ହାଇକୋର୍ଟ ଓ

## ଅଦାଲତ ପ୍ରବେଶ ପଥରେ ମେଟାଲ ଡିଟେକ୍ଟରରେ ଯାଞ୍ଚ

ଦେବଗଡ଼ ଜିଲ୍ଲା କୋର୍ଟ ସହ ସମ୍ବଲପୁର ଜିଲ୍ଲା କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକ ଇ-ମେଲ ଆସିଥିଲା। ସମ୍ବଲପୁର ପୁଲିସ ପକ୍ଷରୁ ତୁରନ୍ତ ଅଦାଲତ ପରିସରକୁ ଖାଲି କରାଯାଇ ବୋମା ସ୍କ୍ୱାଡ୍ ଓ ସନ୍ଧାନୀ କୁକୁର ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ସବୁକିଛି ସୁରକ୍ଷିତ ବୋଲି ନିଶ୍ଚିତ କରିବାପରେ ଅପରାହ୍ଣ ପ୍ରାୟ ୩ଟାରୁ ଅଦାଲତ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଏହାପରେ ଫେବୃଆରୀ ୬ ତାରିଖରେ କଟକ, ପୁରୀ, ଫୁଲବାଣୀ ଆଦି ବିଭିନ୍ନ ଜିଲ୍ଲା କୋର୍ଟକୁ ବୋମା ଧମକ ପରେ ସମ୍ବଲପୁର ଜିଲ୍ଲା କୋର୍ଟରେ ପୁଲିସ ହାଇଆଲର୍ଟ ଜାରି କରିଥିଲା। ସମ୍ବଲପୁର ପୁଲିସ ପକ୍ଷରୁ ଦ୍ୱରିତ୍ୱ ପଦକ୍ଷେପ ନେଇ କୋର୍ଟ ପରିସର ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚରେ ବମ୍ ସ୍କ୍ୱାଡ ଓ ଡଗ୍ ସ୍କ୍ୱାଡ ସାମିଲ ଥିବାବେଳେ ମେଟାଲ ଡିଟେକ୍ଟର, ଅପଟିକାଲ ଫାଇବର୍ ସ୍କୋପ ଆଦି ଉପକରଣ ବ୍ୟବହାର କରି ଅଦାଲତ ପରିସର ପୁଲିସ ତନ୍ନ ତନ୍ନ କରି ଯାଞ୍ଚ କରିଥିଲା।

ସମ୍ବଲପୁର ଅତିରିକ୍ତ ଏସପି ଶ୍ରୀମନ୍ତ ବାରିକ କହିଛନ୍ତି ଯେ, କେବଳ ସମ୍ବଲପୁର ନୁହେଁ ବରଂ ରାଜ୍ୟ ଓ ଦେଶର ବିଭିନ୍ନ କୋର୍ଟକୁ ଗତ କିଛି ମାସ ଧରି ଏଭଳି ଇ-ମେଲ୍ ଆସୁଛି। ଏହି ଧମକପୂର୍ଣ୍ଣ ମେଲ୍ ମିଳିବା ପରେ କୋର୍ଟ ପରିସରରେ ବ୍ୟାପକ ସର୍ଚ୍ଚ ଅପରେସନ କରାଯାଇଛି। ଏଭଳି ଯାଞ୍ଚ ଏକ ନିୟମିତ ପ୍ରକ୍ରିୟା ହୋଇଥିବାବେଳେ ପ୍ରବେଶ ଓ ପ୍ରସ୍ଥାନ ପଥ ଗୁଡ଼ିକ ଉପରେ କଡ଼ା ନଜର ରଖାଯାଇଛି। କୋର୍ଟ ପରିସରକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ମେଟାଲ ଡିଟେକ୍ଟର ସାହାଯ୍ୟରେ ଯାଞ୍ଚ କରାଯିବା ସହ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ମଧ୍ୟ ପୁଲିସ ବ୍ଲକିଂ ଜାରି ରଖିଛି। କୋର୍ଟ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଛି, ଏହାକୁ ନେଇ ସାଧାରଣ ଲୋକେ କିମ୍ବା କୋର୍ଟ କର୍ମଚାରୀ ଆତଙ୍କିତ ନ ହେବାକୁ ଏଏସ୍‌ପି ଶ୍ରୀ ବାରିକ ଅନୁରୋଧ କରିଛନ୍ତି।

ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର କହିଛନ୍ତି, ଏହା ଏକ ରାଜନୈତିକ ଷଡ଼ଯନ୍ତ୍ର ଭଳିଆ ଲାଗୁଛି। କିଛି ଲୋକଙ୍କୁ ସାମାଜିକ ଅସ୍ଥିରତା ଫଏଲାବାର ଲାଗି ବ୍ୟବହାର କରାଯାଉଛି। ସୁବିଧା ଅସୁବିଧା ନେଇ ମହକିଲମାନେ ପ୍ରତିଦିନ କୋର୍ଟକୁ ଆସିଥାନ୍ତି, ସେମାନଙ୍କ ମନରେ ଏକ ଭୟ ସଂଚାର କରିବାକୁ ଉଦ୍ୟମ କରାଯାଉଛି। ବାରମ୍ବାର ଏଭଳି ଧମକ ମିଳୁଥିବାରୁ ଲୋକେ କୋର୍ଟକଚେରୀକୁ ଆସିବା ପାଇଁ ଭୟ କରିବେ। ସୁରକ୍ଷା ବ୍ୟବସ୍ଥା ଠିକ୍ ରହିଛି କିନ୍ତୁ ଆହୁରି ପ୍ରସ୍ତୁତି ହେବା କଥା। 'ବାଘ ଖାଇଲା ଦଉଡ଼ି ଆସ' ଡାକିଲା ଭଳି ଯେତେବେଳେ ପ୍ରକୃତରେ ବାଘ ଆସିଲା ସେଦିନ କେହି ଗଲେନାହିଁ। ଏଣୁ ଏହା ସେଭଳି ଘଟଣା ହୋଇ ନଯାଉ, ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯିବା କଥା। ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ସତର୍କତା ଅବଲମ୍ବନ କରାଯାଉଛି। ଲୋକେ ଯେଭଳି ଭୟଭୀତ ନହୋଇ ସୁରକ୍ଷିତ ଭାବେ ସେମାନଙ୍କ କୋର୍ଟ କାର୍ଯ୍ୟ କରିପାରିବେ ତାହାକୁ ଆମକୁ ମିଳିତ ଭାବେ ନିଶ୍ଚିତ କରିବାକୁ ପଡ଼ିବ ବୋଲି ଶ୍ରୀ ବହିଦାର କହିଛନ୍ତି।

# ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ; ସୁରକ୍ଷା ଦାବି

ପଦ୍ମପୁର, ୨।୩(ସମିସ): ପଦ୍ମପୁର ସହରର ପରିଚିତ ପ୍ରାତଃଭ୍ରମଣ କେନ୍ଦ୍ର ବଡବନ୍ଧ ହିଡରେ ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ବଢ଼ିବାରୁ ସ୍ଥାନୀୟବାସିନ୍ଦା ଚିନ୍ତା ବ୍ୟକ୍ତ କରିଛନ୍ତି। ପ୍ରତିଦିନ ସକାଳେ ବହୁ ସଂଖ୍ୟକ ବୃଦ୍ଧ, ମହିଳା, ଯୁବକ ଯୁବତୀ ଏଠାକୁ ଚାଲିବା ଓ ବ୍ୟାୟାମ ନିମନ୍ତେ ଆସୁଥିବା ବେଳେ କିଛି ଅସାମାଜିକ ଲୋକଙ୍କ କାର୍ଯ୍ୟକଳାପ ପରିବେଶକୁ ଅଶାନ୍ତ କରୁଛି। କିଛି ଯୁବକ ଅତ୍ୟଧିକ ଗତିରେ ଯାନ ଚଳାଇବା ସହ ଅନୁଚିତ ବ୍ୟବହାର କରୁଥିବା ଦେଖାଯାଇଛି। ଏଥିପାଇଁ ବିଶେଷକରି ମହିଳା ପ୍ରାତଃଭ୍ରମଣକାରୀମାନେ ଅସୁରକ୍ଷିତ ବୋଧ ମନେ କରୁଥିବା କହିଛନ୍ତି। ଏହାର ପ୍ରଭାବେ ଅନେକ ପରିବାର ନିଜ ସଦସ୍ୟଙ୍କୁ ସକାଳ ଭ୍ରମଣ ପାଇଁ ପଠାଇବାରେ ଦ୍ୱିଧା ବୋଧ କରୁଛନ୍ତି। ବଡବନ୍ଧ ପଦ୍ମପୁରବାସୀଙ୍କ ଦୈନିକ ଜୀବନର ଅଂଶ। ଏଠାରେ ନିୟମିତ ପୁଲିସ ପାଟ୍ରୋଲିଂ, ଆବଶ୍ୟକ ସ୍ଥାନରେ ସିସିଟିଭି କ୍ୟାମେରା ଓ କଠୋର ନିରୀକ୍ଷଣ ବ୍ୟବସ୍ଥା ସହିତ ସୁରକ୍ଷିତ ଓ ଶୃଙ୍ଖଳାବଦ୍ଧ ପରିବେଶ ସୃଷ୍ଟି ପାଇଁ ପ୍ରଶାସନ ଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଜୋର ଦାବି ହେଉଛି।

# ଅବସରକାଳୀନ ସମ୍ବର୍ଦ୍ଧନା



ବରଗଡ଼, ୨।୩(ସମିସ): ବରଗଡ଼ ସହର ୱାର୍ଡ ନମ୍ବର୍ ୨ ସ୍ଥିତ ସମଲେଶ୍ୱରୀ ସରକାରୀ ଉପ୍ରା ବିଦ୍ୟାଳୟରେ ସୋମବାର ପ୍ରମୋଦ ମହାପାତ୍ରଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଗୋପୀନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସଚିନ ମହାପାତ୍ର ଓ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ, ପ୍ରଶାନ୍ତ ମହାପାତ୍ର, ନନ୍ଦକିଶୋର ମହାପାତ୍ର, ସ୍କୁଲ ପ୍ରଧାନଶିକ୍ଷକ ପ୍ରଦୀପ ଶତପଥୀ, ବରଗଡ଼ କ୍ଲଷ୍ଟର ସଂଯୋଜୀକା ଅର୍ଚ୍ଚିତା ପାଣିଗ୍ରାହୀ, ଭାଗ୍ୟବନ୍ତ ବିଶ୍ୱାଳ, ମାଧବୀ ଲତା ଷଣ୍ଢ, ଅଞ୍ଜଳୀ ହୋତା, ମିନତି ଦେବତା ଯୋଗ ଦେଇଥିଲେ। ତେଜରାଜ ହୋତା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ପୂର୍ବତନ ପରିଚାଳନା କମିଟିର ଅଧ୍ୟକ୍ଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପଡ଼ାବାସୀ, ସମସ୍ତ ଅଭିବାବକ, ଅଭିବାବିକା ଓ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ କୀର୍ତ୍ତନ ଦଳ ସହ ଶୋଭାଯାତ୍ରାରେ ବିଦାୟୀ ଶିକ୍ଷକଙ୍କୁ ତାଙ୍କ ବାସଭବନ ପର୍ଯ୍ୟନ୍ତ ଛାଡ଼ିଥିଲେ। ଶୋଭାଯାତ୍ରାରେ ବରଗଡ଼ କ୍ଲଷ୍ଟର ସ୍ତରୀୟ ଶିକ୍ଷକ ଉମାକାନ୍ତ ମହାପାତ୍ର, ରେବତୀ ମହାନ୍ତି, ସଞ୍ଜୁକ୍ତା ପ୍ରଧାନ, ବିରାଟ ସାହୁ, ତେଜରାଜ ହୋତା, ସଙ୍ଗୀତା ପାଣିଗ୍ରାହୀ, ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିବା ବେଳେ, ପଡ଼ାର ସମୀର ବାରିକ, ସଚିନ ମହାପାତ୍ର, ବେଲାଲ ସେନ ପ୍ରଧାନ, ସରୋଜ ଧରୁଆ, ସୁଜିତ୍ ମିଶ୍ର ପ୍ରମୁଖ ଅନେକ ବୁଦ୍ଧିଜୀବୀ ସାମିଲ ଥିଲେ।

**ଅତାବିରା:** ଅତାବିରା ବ୍ଲକ ଟୋପ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ବିଜ୍ଞାନ ଶିକ୍ଷକ ବାଳମୁକୁନ୍ଦ ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭକ୍ତ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଭେଡେନ ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଥମ ସମ୍ପାଦକ ବଳରାମ ମେହେର, ପ୍ରଥମ ସଭାପତି କୁଶ ସାହୁ,



ଓଷ୍ଟା ରାଜ୍ୟ ସହ ସମ୍ପାଦକ ଆଶୁତୋଷ ରଥ, ଓଷ୍ଟା ଜିଲ୍ଲା ସମ୍ପାଦକ ସଞ୍ଜୟ ସିଂ, ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବି ପ୍ରଧାନ, ରବୀନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବରାଜ ବେହେରା ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ର ପ୍ରତିନିଧି ଗୋବିନ୍ଦ ମେହେର ଅବଦାନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭବ୍ୟ ପଟୁଆରରେ ସାହୁଙ୍କୁ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଏକ ସୁସଜ୍ଜିତ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଇଥିଲେ। କାର୍ଯ୍ୟକ୍ରମରେ ଆଲୁମିନା କମିଟିର ସଭାପତି ମାଲେଶୁ ରାଓ, ସତେଶୁ, ସୁବାସ ଗଡ଼ତିଆ, ବୃନ୍ଦାବନ ମେହେର, ଗୁଣନିଧି ଗଡ଼ତିଆ, ପ୍ରମିସ ବାରିକ ଗ୍ରାମବାସୀ ସହଯୋଗ କରିଥିଲେ।

**ଗାଇସିଲେଟ:** ଗାଇସିଲେଟ ବ୍ଲକ ଅନ୍ତର୍ଗତ ତାଲପାଲି ଜୁନିୟର ମହାବିଦ୍ୟାଳୟର ସହ ଗ୍ରନ୍ଥାଗାରିକ ଗିରିଧାରି ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଖିରୋଦ୍ର ପଧାନଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ରାଜନୀତି ବିଜ୍ଞାନର ଅଧ୍ୟାପକ ଟିଖେଲାଲ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ସାହୁ, ଭୂମିସୂତା ମେହେର, ଟିଖେଲାଲ ସାହୁ, ହୃଷୀକେଶ ଗିରି, ମତିଲାଲ ବେହେରା, ସୁଷମା ସାହୁ, ଅନୁପମା ବେହେରା, ସୁଦାମ ଦାଶ, ମଧୁସୂଦନ ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ଅଞ୍ଜନା ବାଗ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଗ୍ରନ୍ଥାଗାରିକ ଶ୍ରୀ ସାହୁଙ୍କୁ ମହାବିଦ୍ୟାଳୟ ତରଫରୁ ପୁଷ୍ପମାଲ୍ୟ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ଜନକେଡା ସ୍ଥିତ ବାସଭବନ ପର୍ଯ୍ୟନ୍ତ ତାଙ୍କୁ ନିଆଯାଇଥିଲା।



# ପିଏମ୍‌ଶ୍ରୀ ଜର୍ଜ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ଶେଷ

ବରଗଡ଼, ୨।୩(ସମିସ): ପିଏମ୍‌ଶ୍ରୀ ଜର୍ଜ ଉଚ୍ଚ ବିଦ୍ୟାଳୟରେ ଗତ ୧୯ରୁ ଆରମ୍ଭ ହୋଇଥିବା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ୨୦୨୬ ସୋମବାର ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଛି। ପରୀକ୍ଷାର ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ କାର୍ଯ୍ୟଭାର ତୁଲାଇଥିବା ବେଳେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ଜୟଶ୍ରୀ ପ୍ରଧାନ ଏବଂ ମମତା ବିଶି ରହିଥିଲେ। ସେଣ୍ଟର ଅବଜରଭର୍ ଭାବେ ଗାଇସୀମା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବଶଙ୍କର ଦାଶ ରହିଥିବା ବେଳେ ସିସିଟିଭି ଅବଜରଭର୍ ଭାବେ ବରିଷ୍ଠ ଶିକ୍ଷକ ସୁରେଶ ଦାଶ ରହିଥିଲେ। ପ୍ରଧାନଶିକ୍ଷୟିତ୍ରୀଙ୍କ ବିବରଣୀ ଅନୁଯାୟୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରଗଡ଼ ଏବଂ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼ର ୩୭୯ ଜଣ ଛାତ୍ରଛାତ୍ରୀ ଜର୍ଜ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତି କାନ୍ତ ସାହୁ ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବରଗଡ଼ କୋର୍ଟକୁ ବୋମା ଧମକ



ବରଗଡ଼, ୨।୩(ସମିସ): ସୋମବାର ଇ-ମେଲ ଜରିଆରେ ବରଗଡ଼ କୋର୍ଟକୁ ବୋମା ଧମକ ଦିଆଯାଇଛି। କିଛି ଦିନ ପୂର୍ବରୁ ଏପରି ଧମକ ଆସିଥିବା ବେଳେ ଆଜି ପୁଣି ଧମକ ଆସିଛି। ଯାହାକୁ ନେଇ ଓକିଲ ମାନେ ଭୟଭୀତ ହୋଇ ପଡ଼ିଥିଲେ। ତେବେ ଏନେଇ ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ ଜଣାଇଛନ୍ତି। ଯଦି କୋର୍ଟକୁ ଏପରି ଧମକ ଆସୁଛି ତେବେ ଜନସାଧାରଣ ମାନେ କେତେ ସୁରକ୍ଷିତ ବୋଲି ଶ୍ରୀ ସରାଫ ପ୍ରଶ୍ନ ଉଠାଇଛନ୍ତି। ପୁଲିସ ଫୋର୍ସ ତଥା ବମ ସ୍କ୍ୱାଡ ପହଞ୍ଚି ତଦନ୍ତ କରିଥିଲେ। ମାତ୍ର କୌଣସି ବିପଦଜନକ ସାମଗ୍ରୀ ମିଳି ନ ଥିଲା।

# ବରଗଡ଼ରେ 'ସୁସ୍ଥ ଅଭିଭାବକତ୍ୱ' କର୍ମଶାଳା

ବରଗଡ଼, ୨।୩(ସମିସ): ବିପିଜେପି ସୋସାଇଟି, ଇବ୍ଲକର ବିପିଜେପି କମ୍ୟୁନିଟି ହଲରେ 'ସୁସ୍ଥ ଅଭିଭାବକତ୍ୱ' ବିଷୟରେ ସଚେତନତା କର୍ମଶାଳା ଆୟୋଜିତ ହୋଇଛି। ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷ ସୁମନ ସାୱଡିଆ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଅତିଥିଙ୍କୁ ସମ୍ବୋଧିତ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷକ କରନ ସାହୁ, ନିର୍ଦ୍ଦେଶକ ସିଦ୍ଧାର୍ଥ ସାୱଡିଆ, ଏକାଡେମୀକ ସଂଯୋଜିକା ସୀମା ସାହୁ, ବିପିଜେପି (ଇ ବ୍ଲକ୍)ର ସଭାପତି ଅମିତ୍ ପ୍ରଧାନ, ସେକ୍ରେଟାରୀ (ଇ ବ୍ଲକ୍) ପୂର୍ଣ୍ଣଚନ୍ଦ୍ର ଅଗ୍ରୱାଲ, ପ୍ରୋମୋଟର ଅଫ୍ ବିପିଜେପି ଏବଂ ସେକ୍ରେଟାରୀ ସଞ୍ଜିବ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଜିଲ୍ଲାପାଳ ଇପ୍‌ସିତା ମିଶ୍ରଙ୍କ ସମେତ ଦେବରାଜ ଚିନ୍ଦା, ଶଙ୍କର ବଲ୍ଲଭ ମିଶ୍ର ଏବଂ ଅଭିଭାବକଗଣ ଉପସ୍ଥିତ ଥିଲେ। ଅଭିଭାବକଙ୍କ ପାଇଁ ଏହି କାର୍ଯ୍ୟଶାଳା ଲାଭଦାୟକ ହୋଇ ଥିବାରୁ ସମସ୍ତେ ଏହାର ପ୍ରଶଂସା କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ସଂଯୋଜନା ଏକାଡେମୀକ ସଂଯୋଜିକା ସୀମା ସାହୁ କରିଥିବା ବେଳେ ଶିକ୍ଷୟିତ୍ରୀ କାଜଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚକରକେନ୍ଦ କଲେଜରେ 'ଭୁଖା' ନାଟକ ଉପରେ ଆଲୋଚନାଚକ୍ର




ବରଗଡ଼, ୨।୩(ସମିସ): ଚକରକେନ୍ଦ ସ୍ଥିତ ସନ୍ଥକବି ଭୀମ ଭୋଇ ମହିମା +୩ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ନାଟ୍ୟକାର ମଙ୍ଗଲୁ ଚରଣଙ୍କ ବିଶ୍ୱାଳ 'ଭୁଖା ନାଟକ ଏକ ଅବଲୋକନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କାର୍ତ୍ତିକେୟ ସାଥୁଆ ଏଥିରେ ସଭାପତିତ୍ୱ କରିଥିବା ବେଳେ ବିଭାଗୀୟ ମୁଖ୍ୟ ସୁଶୀଳ ବାରିକ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ.ଲକ୍ଷ୍ମୀବନ୍ତ ସାହୁ (ଅଧ୍ୟାପକ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ), ସମ୍ମାନିତ ଅତିଥି ଭାବେ ବିମଳ ଦାଶ (ବିଶିଷ୍ଟ ଆଇନଜୀବୀ, ଓଡ଼ିଶା ଅଭିଭାବକ ମହାସଂଘ ବରଗଡ଼ ଜିଲ୍ଲାର ସଭାପତି), ପରୀକ୍ଷକ ଭାବେ ପାର୍ବତୀ ଦାଶ (ଶିକ୍ଷୟିତ୍ରୀ ଓ ସୁଲେଖିକା) ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ବିଶ୍ୱନାଥ ସାହୁ ଉପସ୍ଥିତ ଥିଲେ। ଅଧ୍ୟାପିକା ଲୀଳାବତୀ ପଧାନ ମଞ୍ଚାସୀନ ଥିଲେ। ପାଠଚକ୍ରରେ ତୃତୀୟ ବର୍ଷର ଛାତ୍ରଛାତ୍ରୀ, ଶିବୁ ଖମାରୀ, ଆପ୍ଲୋ ଭୋଇ, ଝୁମି ଖମାରୀ, ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଲିସା ପଧାନ, କ୍ଷୀରେଶ୍ୱରୀ ଗୁରୁ, ଜାଗୃତି ପଧାନ, ଅଙ୍କିତା ମିଶ୍ର ପ୍ରବନ୍ଧ ପାଠ କରିଥିଲେ। ଗ୍ରନ୍ଥାଗାରକ ହରିବୋଲ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଭୁଜ ମେହେର, ରୋହନ ସାହୁ, ସତ୍ୟକାନ୍ତ ଭୁଏ, ରାକେଶ ବାରିକ, ବବୁଲୁ ପଧାନ, ତୃପ୍ତି ପଧାନ, ପୂଜା ଦୁବେ, ଲୋଚନା ନାଗ, ଲିଜି ନାଏକ, କରୁନା, ଚନ୍ଦନ, ଯଶୋବନ୍ତ, ପୁଷ୍ପିତା, ବିତିଶ୍ରି, ଅଞ୍ଜନା, ଯଶୋବନ୍ତି, ଝୁମି, ତାନୟା, ରିତେଶ୍ୱର୍, ଶିବାନନ୍ଦ, ଗୋକୁଳାନନ୍ଦ, ସୁନନ୍ଦା ପ୍ରମୁଖ ବିଭାଗର ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଶକର୍ଷଣ ପଧାନ, ଅହଲ୍ୟା ସା ସହଯୋଗ କରିଥିଲେ।

# ଦୋଳ ପୂର୍ଣ୍ଣିମା ଓ ହୋଲି ପାଇଁ ପୁଲିସର ଫ୍ଲାଗ୍ ମାର୍ଚ୍ଚ




ପଦ୍ମପୁର, ୨।୩(ସମିସ): ଦୋଳ ପୂର୍ଣ୍ଣିମା ଓ ହୋଲି ପର୍ବକୁ ଦୃଷ୍ଟିରେ ରଖି ପଦ୍ମପୁର ପୁଲିସ ଥାନା ପକ୍ଷରୁ ସୋମବାର ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ପର୍ବ ପର୍ବାଣୀ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୁଚାରୁ ରହିବା ସହିତ ସାଧାରଣ ଲୋକଙ୍କ ମନରେ ସୁରକ୍ଷାବୋଧ ସୃଷ୍ଟି କରିବା କରିବା ଉଦ୍ଦେଶ୍ୟରେ ମାର୍ଚ୍ଚ କରାଯାଇଥିଲା। ଏସଡିପିଓ ପଦ୍ମପୁର ପାଣ୍ଡବ ଶବରଙ୍କ ତତ୍ତ୍ୱାବଧାନରେ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ସହରର ବିଭିନ୍ନ ସେନ୍ସିଟିଭ୍ ଏବଂ ଭିଡ ଅଞ୍ଚଳରେ ପଦଯାତ୍ରା କରିଥିଲେ। ଫ୍ଲାଗ୍‌ମାର୍ଚ୍ଚ ସମୟରେ ପୁଲିସ ପକ୍ଷରୁ ଲୋକମାନଙ୍କୁ ଶାନ୍ତିପୂର୍ଣ୍ଣ, ଭାଇଚାରା ଓ ସହଯୋଗର ମନୋଭାବ ସହ ପର୍ବ ପାଳନ କରିବାକୁ ଅନୁରୋଧ କରାଯାଇଥିଲା। ଯେକୌଣସି ଅପ୍ରୀତିକର ଘଟଣା ରୋକିବା ଏବଂ ଅସାମାଜିକ କାର୍ଯ୍ୟକଳାପକୁ ନିରୋଧ କରିବା ପାଇଁ ପୁଲିସ ସତର୍କ ରହିବ ବୋଲି ମଧ୍ୟ ସୂଚନା ଦିଆଯାଇଛି। ପର୍ବ ସମୟରେ ସହରର ବିଭିନ୍ନ ସ୍ଥାନରେ ପୁଲିସ ଉପସ୍ଥିତି, ପାଟ୍ରୋଲିଂ ଓ ନିରୀକ୍ଷଣ ବୃଦ୍ଧି କରାଯିବ ବୋଲି ପଦ୍ମପୁର ପୁଲିସ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଗୁଜବକୁ ବିଶ୍ୱାସ ନକରି ସଚେତନ ରହିବେ ଓ କୌଣସି ସନ୍ଦେହଜନକ ଘଟଣା ଦେଖିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ପୁଲିସ ପ୍ରଶାସନ ସମସ୍ତଙ୍କୁ ଆହ୍ୱାନ କରିଛି।

# ଜିଲ୍ଲାସ୍ତରୀୟ ଏଚ୍‌ପିଭି ଟୀକାକରଣ ଅଭିଯାନ ଶୁଭାରମ୍ଭ



ବରଗଡ଼, ୨।୩(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବରଗଡ଼ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ହ୍ୟୁମାନ ପାପିଲୋମା ଭାଇରସ (ଏଚ୍‌ପିଭି) ଟୀକାକରଣର ଅଭିଯାନର ଶୁଭାରମ୍ଭ ମୁଖ୍ୟ ଅତିଥି ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ କରକମଳରେ ହୋଇଯାଇଛି। ସଭାରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଲୋକସଭା ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ, ଡ.କୁବେରଚନ୍ଦ୍ର ମହନ୍ତ (ଜିଲ୍ଲା ମୁଖ୍ୟ ଚିକିତ୍ସା ଜନସ୍ୱାସ୍ଥ୍ୟ ଅଧିକାରୀ), ଡ.ବିଶ୍ୱଜିତ ଯୋଶୀ, ଡ.ସୁବାଷ ଅଗ୍ରୱାଲ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟକଲ୍ୟାଣ ଓ ପରିବାର କଲ୍ୟାଣ ବିଭାଗୀୟ ଅଧିକାରୀ ମାନେ ଓ ବିଭାଗୀୟ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ୧୨୮୪ ଜଣ ଝିଅ ଏହି ଟୀକା ନେବା ପାଇଁ ଯୋଗ୍ୟ ଅଛନ୍ତି। ୧୪ ବର୍ଷର ସୁସ୍ଥ କିଶୋରୀ ମାନଙ୍କୁ ଟୀକା ଦେବା ଯୋଗ୍ୟ ବୋଲି କୁହାଯାଇଥିଲା। ସଭାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଆଶା ଦିଦି, ଅଙ୍ଗନବାଡି ଦିଦି, ଗାଁ କଲ୍ୟାଣୀ ଦିଦି ମାନେ ଉପସ୍ଥିତ ଥିଲେ। ଦୀପାଞ୍ଜଳି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସୁବାଷ ଚନ୍ଦ୍ର ମିଶ୍ର ତାଙ୍କୁ ସହଯୋଗ କରିଥିଲେ। ଶେଷରେ ଡ.ସୁବାଷ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# ୮୪ ବର୍ଷରେ ମଧ୍ୟ ସକ୍ରିୟ ଜଗଦୀଶ | ପରିଶ୍ରମରେ ଗଢ଼ା ଜୀବନ

ଝାରବନ୍ଧ, ୨।୩(ସମିସ)

ବୟସ ୮୪ ବର୍ଷ। କିନ୍ତୁ ଉତ୍ସାହ ଓ କର୍ମଠତା କମି ନାହିଁ। ଝାରବନ୍ଧ ବ୍ଲକ ମୁଖ୍ୟାଳୟରେ ବସବାସ କରୁଥିବା ଝାରବନ୍ଧ ଗାଁର ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ସାହୁ ଆଜିବି ସକ୍ରିୟ ଜୀବନଯାପନ କରିସମାଜକୁ ଏକ ସକାରାତ୍ମକ ସନ୍ଦେଶ ଦେଉଛନ୍ତି। ଅବସରପରେ ବିଶ୍ରାମରେ ସମୟ କାଟିବା ପରିବର୍ତ୍ତେ ସେ ନିଜ ଘର ବାଡିର ଜମିକୁ କାମରେ ଲାଗାଇଛନ୍ତି। ପ୍ରତିଦିନ ସକାଳୁ ବଗିଚାରେ କାମ କରି ଟମାଟ, ବାଇଗଣ, ଲାଉ, ଶାଗ ଓ ବିଭିନ୍ନ ପନିପରିବା ଚାଷ କରୁଛନ୍ତି। ଏହାଦ୍ୱାରା ସେ ନିଜ ପରିବାରକୁ ସତେଜ ଖାଦ୍ୟ ଯୋଗାଇ ଦେଉଥିବା ସହ ପଡୋଶୀମାନଙ୍କୁ ମଧ୍ୟ ପ୍ରେରିତ କରୁଛନ୍ତି। ସେ କହିବାନୁସାରେ, 'ଶରୀର ସମର୍ଥ ଥିବା ଯାଏଁ କାମ କରିବା ଉଚିତ। କାମ କଲେ ଶରୀର ସୁସ୍ଥ ଓ ମନ ଖୁସି ରହେ।' ସ୍ଥାନୀୟ ଗ୍ରାମବାସୀମାନେ କହିଛନ୍ତି ଯେ, ଏହି ବୟସରେ ମଧ୍ୟ ତାଙ୍କର ଏହି ଆତ୍ମନିର୍ଭର ଜୀବନଶୈଳୀ ଯୁବପିଢ଼ୀ ପାଇଁ ଏକ ଦୃଢ଼ ପ୍ରେରଣା। ଇଚ୍ଛାଶକ୍ତି ଥିଲେ ବୟସ କେବେ ଅବରୋଧ ନୁହେଁ। ଜଗଦୀଶ ସାହୁଙ୍କ ଏହି ସରଳ ସକ୍ରିୟ ଜୀବନ ଆଜିର ପିଢ଼ିଙ୍କୁ ସ୍ୱାବଲମ୍ବୀ, କର୍ମଠତା ଓ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ଦେଉଛି।







# ତାତିରେ ବଢୁଛି ଥଣ୍ଡା ପାନୀୟ ଚାହିଦା

ଭୁବନେଶ୍ୱର, ୨।୩(ସମିସ): ବର୍ତ୍ତମାନ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସକାଳ ୧୦ଟାରୁ ଟାଇଁ ଟାଇଁ ଖରା ଆରମ୍ଭ ହୋଇଯାଇ ଥିବାରୁ ନିସ୍ତାର ପାଇବାକୁ ଥଣ୍ଡା ପାନୀୟ ସାଜିଛି ଏକମାତ୍ର ସାହାରା। ଘରୁ ଯେକୌଣସି କାମରେ ବାହାରକୁ ବାହାରିବା ମାତ୍ରେ ପ୍ରଥମେ ଗାଡ଼ି ଅଟକିଥାଏ ଥଣ୍ଡା ପାନୀୟ ନିକଟରେ। ଆଖୁ ରସ ଠାରୁ ଆରମ୍ଭ କରି ପଇଡ଼ ପାଣି, ବେଲପଣା, ଲସି ଆଦି





ପାନୀୟ ଗରମରୁ ରକ୍ଷା କରିବା ସହ ଶରୀରକୁ ଶକ୍ତି ମଧ ଯୋଗାଇଥାଏ। ଏଥିପାଇଁ ସହରର ଛକ ଛକରେ ଥଣ୍ଡା ପାନୀୟ ଦୋକାନରେ ପ୍ରବଳ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି।

ମାର୍ଚ୍ଚ ମାସ ଆରମ୍ଭରୁ ଖରାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଖରାଦିନରେ ତାଳସଜ, ବେଲପଣା, ଆଖୁରସ ଭଳି ସିଜିଓନାରୀ ବ୍ୟବସାୟ କରି ରୋଜଗାରକ୍ଷମ ହୋଇପାରିଛନ୍ତି। ସେମାନଙ୍କ ମଧ୍ୟରୁ କେତେକ କେବଳ ଖରାଦିନରେ ଏହି ସବୁ ବ୍ୟବସାୟ କରି କିଛି ଲାଭ ପାଇଥାନ୍ତି। ପ୍ରବଳ ଖରା ହେଉଥିବାରୁ ସାଧା ପାଣି ଅପେକ୍ଷା ଦହି ସର୍ବତ, ଲସି, ବେଲପଣା, ତରଭୁଜ, ଲେମ୍ବୁ ପାଣି, ଆମ୍ବ ସର୍ବତ ସାଙ୍ଗକୁ ବିଭିନ୍ନ ଫଳ ଜୁସ୍‌ର ଚାହିଦା ବଢୁଛି। ସକାଳ ସମୟରେ ପଇଡ଼ପାଣି, ଦହି ପାଣି, ପୁଦିନା ପାଣି, ଆଖୁରସର ଅଧିକ ଚାହିଦା ରହିଥିବା ବେଳେ ଖରାବେଳୁ ରାତି ଯାଏ ଲସି, ବେଲପଣା ସାଙ୍ଗକୁ ବିଭିନ୍ନ ଫଳ ଜୁସ୍ ପିଇବା ପାଇଁ ଛୋଟ ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଧାଡ଼ିଁଥିବା ବିଭିନ୍ନ ସ୍ଥାନରେ ଭିଡ଼ରୁ ପରିଲକ୍ଷିତ ହେଉଛି। ଏହାସହ ରାସ୍ତାକଡ଼ରେ ବିକ୍ରି ହେଉଥିବା ତରଭୁଜର ମଧ ବେଶ୍ ଚାହିଦା ବଢ଼ିଲାଣି।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୨।୩(ସମିସ): ଆଜିର ଟେଲିଭିଜନ ଗଣମାଧ୍ୟମ ଏକ ଚରମ ସ୍ଥିତିରେ ପହଞ୍ଚିଛି। ଘରେ ଘରେ ଏଲ୍‌ଇଡି ଟିଭିଠାରୁ ଆରମ୍ଭ କରି ମୋବାଇଲ୍‌ରେ ଟିଭିର ମିନି ଭର୍ସନ୍ ବି ଉପଲବ୍ଧ ହେଲାଣି। କିନ୍ତୁ ଆପଣ ଚାଲନ୍ତି ନବେଦଶକ ବେଳକୁ। ସେତେବେଳେ ମୋବାଇଲ୍ କି ଇଣ୍ଟରନେଟ୍ ଉପଲବ୍ଧ ନ ଥିଲା। ଗାଁରେ ହେଉ କି ସହରରେ କାଁ ଭା ଟେଲିଭିଜନ ସେଟ୍ ଦେଖିବାକୁ ମିଳୁଥିଲା। ଯାହା ପୁଣି ମାତ୍ର ଗୋଟିଏ ଦୁଇଟି କମ୍ପାନୀରେ ଟିଭି ସେଟ୍। ସଞ୍ଜ ହେଲେ ଗୋଟିଏ ଗୋଟିଏ ଟିଭି ଆଗରେ ଜମୁଥିଲା ମାଳମାଳ ଲୋକଙ୍କ ଭିଡ଼। ରବିବାର ଚିତ୍ରହାରଠାରୁ ଆରମ୍ଭ କରି ରାମାୟଣ, ମହାଭାରତ ଦେଖିବାକୁ ବୁଢ଼ାବଢ଼ୀଙ୍କଠାରୁ ଆରମ୍ଭ କରି ପିଲାଛୁଆ ବୟସ୍କ ଲୋକ ରୁଣ୍ଡ ହେଉଥିଲେ। କିନ୍ତୁ ଏହି ସମୟରେ ଥିବା କଳାଧଳା ଟିଭି କ୍ରମେ ପରିବର୍ତ୍ତନର ସୁଅରେ ରଙ୍ଗୀନ ଟିଭିର ରୂପ ନେଲା। ରଙ୍ଗୀନ ଟିଭିରେ ଏଲ୍‌ଇଡି ଟିଭି ସେଟ୍ କାୟା ବିସ୍ତାର କଲା। ଘରେ ଘରେ ଲୋକେ ରଙ୍ଗୀନ ଏଲ୍‌ଇଡିର ମଜା ନେଲେ। ଆଜିର ବ୍ୟସ୍ତ ବହୁଳ ଜୀବନ ଭିତରେ ଲୋକେ ଏଲ୍‌ଇଡିରୁ ମୁହଁ ଫେରାଇ ମୋବାଇଲ୍ ଟିଭିରେ ରହି ଯାଇଛନ୍ତି।

କିନ୍ତୁ ସାମାଜିକ ଗଣମାଧ୍ୟମରେ ପୁରୁଣା ଦିନର ସ୍ମୃତି ମନେ ପକାଇଥିଲା ଏକ ଫଟୋଚିତ୍ର। ଯେଉଁଥିରେ ଓଡ଼ିଶାର ପ୍ରଥମ ଟିଭିର ଲୋକାର୍ପଣ ଉତ୍ସବ ସମୟର କିଛି ମୁହୂର୍ତ୍ତ ଦେଖିବାକୁ ମିଳିଛି। ଏହା ହେଉଛି କୋଣାର୍କ ରୋହିଣୀ ଡିଲକ୍ସ ଟିଭି। ଯାହା ୧୯୮୦-୯୦ ମସିହା ମଧ୍ୟରେ କୋଣାର୍କ ଟେଲିଭିଜନ ଲିମିଟେଡ୍ ଦ୍ୱାରା ନିର୍ମିତ ହୋଇଥିବା ଜଣାଯାଏ। ଏହା ଏକ ଲୋକପ୍ରିୟ ପୁରୁଣା ରଙ୍ଗୀନ ଟେଲିଭିଜନ ମଡେଲ୍। ଯାହା କୌଣସି ରିମୋଟ ପରିବର୍ତ୍ତେ ରେଗୁଲେଟର ଦ୍ୱାରା ଚାଲୁଥିଲା। ଯାହାର ଏକ ସ୍ୱତନ୍ତ୍ର ବିଲ୍ଟ-ଇନ୍ ଷ୍ଟାଣ୍ଡ ଥିଲା।

## ଇରାନ ସର୍ବୋଚ୍ଚ ନେତାଙ୍କ ହତ୍ୟା; ସିପିଆଇ(ଏମଏଲ)ର ନିନ୍ଦା

ଭୁବନେଶ୍ୱର, ୨।୩(ସମିସ): ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁକୁ ନେଇ ସିପିଆଇ (ଏମଏଲ) ଲିବରେସନର ଓଡ଼ିଶା ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଦୃଢ଼ ନିନ୍ଦା ପ୍ରସ୍ତାବ ଆଗତ କରିଛନ୍ତି। ସେ ଏହି ଘଟଣା ପାଇଁ ଆମେରିକା ଏବଂ ଇସ୍ରାଏଲର 'ସାମ୍ରାଜ୍ୟବାଦୀ ନୀତି'କୁ ସେ ଦାୟୀ କରିଛନ୍ତି। ଏହି ହତ୍ୟାକାଣ୍ଡକୁ ଆମେରିକା ଏବଂ ଇସ୍ରାଏଲର ଏକ 'ଜଘନ୍ୟ ଏବଂ କାପୁରୁଷୋଚିତ ଆକ୍ରମଣ' ବୋଲି ସେ ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ, ପଶ୍ଚିମ ଏସିଆରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ଏହି ଦୁଇ ଦେଶ ବିଶ୍ୱ ଶାନ୍ତିକୁ ବିପନ୍ନ କରୁଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।

## ଭବିଷ୍ୟତରେ ଯନ୍ତ୍ର ଅଧିକ କାର୍ଯ୍ୟକ୍ଷମ ହେବ: ଜନି ପେନ୍

ଭୁବନେଶ୍ୱର, ୨।୩(ସମିସ): ଭବିଷ୍ୟତରେ ମେସିନ୍ ଅଧିକ କାର୍ଯ୍ୟକ୍ଷମ ଓ ଚତୁର ହେବା ସହ ମଣିଷର ବୁଦ୍ଧିମତାକୁ ପଛରେ ପକାଇଦେବ। ମେସିନ୍ କେବଳ ଶିକ୍ଷା ଆହରଣ କରିବ ନାହିଁ ବରଂ ଶିକ୍ଷା ଗ୍ରହଣ କିଭଳି କରାଯାଏ ତାହାକୁ ମଧ ଶିଖିବାରେ ସକ୍ଷମ ହୋଇଯିବ ବୋଲି କହିଛନ୍ତି କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଏଆଇ ଏଥିକ୍ସ ଆଣ୍ଡ





ସୋସାଇଟିର ପ୍ରଫେସର ଓ ହାଭାର୍ଡ ବିଶ୍ୱବିଦ୍ୟାଳୟର ବର୍କମ୍ୟାନ୍ କ୍ଲେନ୍ ସେହଉଙ୍କର ଫର ଇଣ୍ଟରନେଟ ଆଣ୍ଡ ସୋସାଇଟିର ଫ୍ୟାକଲ୍ଟି ପ୍ରଫେସର ଡ. ଜନି ପେନ୍। ସୋମବାର ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ଏଆଇ କନ୍‌କ୍ଲେଭ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀର ପ୍ରସଙ୍ଗ 'ଇଣ୍ଡିଆଜ୍ ଏଆଇ ଫ୍ୟୁଚର-ରୋଲ ଅଫ୍ ଏକାଡେମିଆ, ଇଣ୍ଡଷ୍ଟ୍ରି, ରିସର୍ଚ୍ଚ ଆଣ୍ଡ ଇନୋଭେସନ୍' ଉପରେ ବକ୍ତବ୍ୟ ରଖି ପ୍ରଫେସର ପେନ୍ ଏହା କହିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଭାରତରେ ଅବସ୍ଥାପିତ ଗାଏନାର ରାଷ୍ଟ୍ରଦୂତ ଧରମକୁମାର ସିରାଜ, ଟିମୋର- ଲେଷ୍ଟେର ରାଷ୍ଟ୍ରଦୂତ କାର୍ଲିଟୋ ନ୍ୟୁନସ ଏବଂ ବଲିଭିଆର କାଉନ୍‌ସେଲର ମିସ୍ ଆର୍ଲେଟ ଗାବ୍ରିଏଲା ବୁସ୍ତାମାଣ୍ଟେ ଗାର୍ସିଆ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜୟଦେବରେ କଂଗ୍ରେସର ସ୍ୱାଗତ ସମ୍ବର୍ଦ୍ଧନା

ବାଲିପାଟଣା, ୨।୩ (ସମିସ): ଜୟଦେବ ନିର୍ବାଚନ ମଣ୍ଡଳୀରେ ଜାତୀୟ କଂଗ୍ରେସ୍ ପକ୍ଷରୁ ନବନିଯୁକ୍ତ ବାଲିପାଟଣା ବ୍ଲକ କଂଗେସ ସଭାପତି ଶୈଳେନ୍ଦ୍ର ଦାଶ ଏବଂ ବାଲିଅନ୍ତା ବ୍ଲକ କଂଗେସ ସଭାପତି ଜନ୍ମେଜୟ ସ୍ୱାଇଁଙ୍କ ସମେତ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିରେ ନୂତନ ଭାବେ ନିଯୁକ୍ତି ପାଇଥିବା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଥମେ ବାଲିପାଟଣା ଛକ ନିକଟସ୍ଥ ଗୋପବନ୍ଧୁ ପ୍ରତିମୂର୍ତ୍ତିରେ ଦୁଇ ବ୍ଲକ କଂଗେସ ସଭାପତି ପୁଷ୍ପମାଲ୍ୟ ଦେବାପରେ ଦୁଇ ସଭାପତିଙ୍କ ସମେତ ନୂତନ କର୍ମକର୍ତ୍ତାଙ୍କୁ ଶହ ଶହ କଂଗ୍ରେସ କର୍ମୀ ବାଜା ବାଣ ବଜାଇ ଏକ ଶୋଭାଯାତ୍ରାରେ ମା ଗିରୀଙ୍ଗସ୍ୱରି ମନ୍ଦିର ପ୍ରାଙ୍ଗଣକୁ ପାଛୋଟି ନେଇଥିଲେ। ସେଠାରେ ଜିଲ୍ଲା କଂଗ୍ରେସ ସମ୍ପାଦକ ସନ୍ତୋଷ କୁମାର ଭୋଳଙ୍କ ପୌରୋହିତ୍ୟରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ବେଣୁଧର ଭୋଇ, କ୍ଷେତ୍ରମୋହନ ତ୍ରିପାଠୀ, ରସାନନ୍ଦ ପରିଡ଼ା, ଜୟନ୍ତ ଭୋଇ, ଯୁବନେତା ତାପସ ସେଠୀ, ନଳିନୀ ବେହେରା, ସୁକାନ୍ତ ତିଆଡି, ନିହାର ରଞ୍ଜନ ନାୟକ ପ୍ରମୁଖ ମଞ୍ଚାସିନ ହୋଇ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ସୁମଣା ଶାସନ ଗ୍ରାମ ପଞ୍ଚାୟତର ତୋଫାନ ପ୍ରଧାନ ବିଜେଡି ଛାଡ଼ି ଆଜି କଂଗ୍ରେସରେ ଯୋଗଦେଲେ ଅନ୍ୟ ମାନଙ୍କ ମଧ୍ୟରେ ମନୋରଞ୍ଜନ ମିଶ୍ର, ପୁଲିନ ମହାପାତ୍ର, ରଞ୍ଜନ ଭୋଇ, ଏମ ଡି ସାହାଦୁଲା, ତ୍ରିନାଥ ମଲ୍ଲିକ, ବିଜୟ ମଲ୍ଲିକ, ସୌଭାଗ୍ୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶ୍ରୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଗିଫ୍ଟ କଲେଜର ବାର୍ଷିକ ଉତ୍ସବ 'ଲେଲିହାନ'



ଭୁବନେଶ୍ୱର, ୨।୩(ସମିସ): ରାଜ୍ୟର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ଗଙ୍ଗପଡ଼ାସ୍ଥିତ ଗିଫ୍ଟ ସ୍ୱୟଂଶାସିତ କଲେଜର ବାର୍ଷିକ ଉତ୍ସବ 'ଲେଲିହାନ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗିଫ୍ଟର ଡାଇରେକ୍ଟର ଡ. ପତିତପାନବ ପଣ୍ଡା, ଅଧ୍ୟକ୍ଷ ଡ. ତ୍ରିଲୋଚନ ସାହୁ, ଡିନ୍ ଏକାଡ଼େମିକ ଡ. ଆର୍. ଏନ୍. ପଣ୍ଡା, ରେଜିଷ୍ଟ୍ରର ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଓଏସ୍‌ଡି ଇଂ ସମୀର ରଞ୍ଜନ ପଣ୍ଡା, ଷ୍ଟୁଡେଣ୍ଟ ୱେଲ୍‌ଫେୟାର ପ୍ର. ସୌମେନ୍ଦ୍ର ବେହେରା ଏବଂ ଏସ୍‌ପିଓସି ପ୍ର. ବାଲାଜୀ ପ୍ରସାଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଆର୍ସେଲର ମିତଲ ନିପନ୍ ଷ୍ଟିଲ ଇଣ୍ଡିଆ ଲିମିଟେଡର ମୁଖ୍ୟ ଏଚ୍‌ଆର ଡ. ଦେବବ୍ରତ ଦାଶ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନ ସହ ୧୦ ବର୍ଷ ଧରି ଜଡ଼ିତ ଥିବା କର୍ମକର୍ତ୍ତାଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଫେସର ଆଦିତୀ ପଟ୍ଟନାୟକ, ବିକ୍ରମ କେଶରୀ ରାଉତ, ପ୍ରଣତୀ ମିଶ୍ର, ମିନତୀ ପ୍ରଧାନ, ଡ. ଅମିତା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ମହିମା ମହୋତ୍ସବ ଓ ଆଧ୍ୟାତ୍ମିକ ପତ୍ରିକା ଉନ୍ମୋଚନ



ଭୁବନେଶ୍ୱର, ୨।୩(ସମିସ): ପ୍ରବୁଦ୍ଧ ବିହାର ଅନ୍ଧାରୁଆସ୍ଥିତ ମହିମା ଲୀଳାପୀଠର ବାର୍ଷିକ ମହିମା ମହୋତ୍ସବ ଅନୁଷ୍ଠିତ ହୋଇଛି। ବ୍ରଜବନ୍ଧୁ ବାବା ଓ ପ୍ରମୋଦ ବାବାଙ୍କ ନେତୃତ୍ୱରେ ଏବଂ ଅନ୍ୟ ସନ୍ନ୍ୟାସୀ ସାଧୁସନ୍ଥ, ଭକ୍ତଙ୍କ ସମାଗମରେ ଆଶ୍ରମ ପ୍ରାଙ୍ଗଣରେରେ ପାଳନ କରାଯାଇଥିଲା। ମହିମାବ୍ଦ ୨୦୦ ବର୍ଷ ପୂର୍ତ୍ତି ଅବସରରେ ଏକ ବିଶେଷ ଆଧ୍ୟାତ୍ମିକ ଅଧିବେଶନ ବିନୟ କୁମାର ଭୂୟାଁଙ୍କ ସଞ୍ଚାଳନାରେ ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଓ ରାଜ୍ୟ ବିଜେପିର ବାର୍ତ୍ତା ସମ୍ପାଦକ ପୂର୍ଣଚନ୍ଦ୍ର ମଲ୍ଲିକ, ହରିହର ମିଶ୍ର, କୁଳମଣି ରାଉତ, ସୁଦୀପ୍ତ ରାୟ ଓ ଆରତୀ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ୨୦୦ ବର୍ଷ ପୂର୍ତ୍ତି ବିଶେଷାଙ୍କ ଆଧ୍ୟାତ୍ମିକ ପତ୍ରିକା 'ଗୁରୁପ୍ରସାଦ' ସଭାରେ ଉନ୍ମୋଚିତ ହୋଇଥିଲା। ପୂର୍ବରୁ ଆୟୋଜିତ ହୋଇଥିବା ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ ହୋଇଥିଲେ।

## 'ସେବା'ହେଉଛି ଭାରତୀୟ ରେଳବାଇର ଆତ୍ମା ଏବଂ ଏହାର କାର୍ଯ୍ୟକାରିତାର ମାର୍ଗଦର୍ଶୀ ନୀତି

ଭୁବନେଶ୍ୱର, ୨।୩(ସମିସ): 'ସେବା' ହେଉଛି ଭାରତୀୟ ରେଳବାଇର ଆତ୍ମା ଏବଂ ଏହାର କାର୍ଯ୍ୟକାରିତାର ମାର୍ଗଦର୍ଶୀ ନୀତି ବୋଲି ମତପ୍ରକାଶ ପାଇଛି। କେନ୍ଦ୍ର କ୍ୟାବିନେଟ ଦ୍ୱାରା 'ସେବା ସଂକଳ୍ପ ପ୍ରସ୍ତାବ' ଗ୍ରହଣ କରାଯିବା ସହିତ, ପୂର୍ବତଟ ରେଳପଥ ମୁଖ୍ୟାଳୟର ସଭାଗୃହରେ ଏକ ଗୁରୁତ୍ୱପୂର୍ଣ୍ଣର୍ ବୈଠକରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରମୁଖ ବିଭାଗୀୟ ମୁଖ୍ୟ, ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିବା ବେଳେ ଜୋନ୍‌ର ସମସ୍ତ ମଣ୍ଡଳରେ ମଧ ଏହି ସଭାର ଆୟୋଜନ କରାଯାଇଥିଲା। 'ସେବା ସଂକଳ୍ପ ପ୍ରସ୍ତାବ' କୁ ଆନୁଷ୍ଠାନିକ ଭାବେ ପାଠ କରାଯାଇ ପାରଦର୍ଶିତା, କାର୍ଯ୍ୟକୁଶଳତା, ଦାୟିତ୍ୱବୋଧ ଏବଂ ନାଗରିକ କେନ୍ଦ୍ରିକ ଶାସନ ପ୍ରତି ଏକ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରାଯାଇଥିଲା। ଏହି ସଂକଳ୍ପ ଭାରତୀୟ ରେଳପଥର କାର୍ଯ୍ୟଦକ୍ଷତା, ଦେଶ ପ୍ରତି ଉତ୍ସର୍ଗୀକୃତ ସେବା ପ୍ରତିବଦ୍ଧତାକୁ ସୁଦୃଢ଼ କରିବାରେ ସହାୟକ ହେବ ଅତିଥିମାନେ ଆଶାବ୍ୟକ୍ତ କରିଛନ୍ତି। ବୈଠକରେ ପ୍ରମୁଖ ବିଭାଗୀୟ ମୁଖ୍ୟମାନେ ଦୈନନ୍ଦିନ କାର୍ଯ୍ୟରେ ସଂକଳ୍ପକୁ କାର୍ଯ୍ୟକାରୀ କରିବାକୁ ବ୍ୟବହାରିକ ପରାମର୍ଶ ପ୍ରଦାନ କରିବା ସହ ସେବା ଯୋଗାଣରେ ଉନ୍ନତି, ଯାତ୍ରୀ ସୁବିଧାକୁ ଉନ୍ନତ କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।



ବରୁଣେଇରେ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ବିଦ୍ୟାଳୟର ୧୯୭୭ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

## କେନ୍ଦ୍ର ସମବାୟ ବ୍ୟାଙ୍କର କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ

ବାଲିଅନ୍ତା, ୨।୩(ସମିସ): ବାଳକାଟି ଦୁଲ୍ଲାଦେବୀ ମନ୍ଦିର ନିକଟରେ ବାଳକଟି ଠାରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଅତିରିକ୍ତ ଶାଖାର ଗୃହ ଉଦଘାଟିତ ହୋଇଛି। ବ୍ୟାଙ୍କର ସ୍ଥାୟୀ ସଭାପତି ଅଭିଷେକ ସିଂ ସାମନ୍ତ, ପରିଚାଳନା ପରିଷଦର ସଦସ୍ୟ ବିପିନ୍ ବିହାରୀ ପାତ୍ର, ବାବୁଲି ଛୋଟରାଏ, ମୁଖ୍ୟ କାର୍ଯ୍ୟନିର୍ବାହୀ ସାରଥି ସତପଥି, ସହପରିଚାଳକ ସନ୍ଦିପ ପଟ୍ଟନାୟକ, ସରକଣା ସେବା ସମବାୟ ସମିତିର ସଭାପତି ସୋମନାଥ ସ୍ୱାଇଁ, ବାଲିଅନ୍ତା ବ୍ୟାଙ୍କର ଶାଖା ପରିଚାଳିକା ସସ୍ମିତା ନାୟକ, ବାଳକାଟି ଶାଖା ପରିଚାଳିକା ଶାଶ୍ୱତୀ ପଟ୍ଟନାୟକ। ବାଲିପାଟଣା ଶାଖା ପରିଚାଳକ ଶକ୍ତିପ୍ରଶନ୍ନ ଜେନା, ଏରିଆ ଅଫିସର ରବୀନ୍ଦ୍ର ଖଟେଇ ଯୋଗ ଦେଇଥିଲେ।

## ୨୫ ପ୍ରେକ୍ଷାଳୟରେ ଆସିଲା 'ଚକ୍ରାନ୍ତ'





ଭୁବନେଶ୍ୱର, ୨।୩(ସମିସ): ରାଜ୍ୟର ୨୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି ଓଡିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'। ପ୍ରଥମ ଦିନରେ ପ୍ରେକ୍ଷାଳୟରେ ହାଉସଫୁଲ ହୋଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସମାଜରେ ଘଟୁଥିବା ଏଭଳି ବାସ୍ତଧର୍ବୀ କାହାଣୀକୁ ନେଇ ନିର୍ମିତ 'ଚକ୍ରାନ୍ତ' ଲକ୍ଷେଶ୍ୱର ପ୍ରଡକ୍ସନ ନିବେଦିତ ଏବଂ ବାବୁଭାଇ ପ୍ରଡକ୍ସନ ସହଭାଗିତାରେ ପ୍ରସ୍ତୁତ ହୋଇଛି। ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ଫିଲ୍ମର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦାୟିତ୍ୱରେ ସମ୍ଭାଳିଛନ୍ତି ପିନୁ ନାୟକ, କାହାଣୀ ଦିଶା ପାଢ଼ୀ ଓ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଫିଲ୍ମରେ ଶୁଭାଶିଷ ଏବଂ ବୁଲବୁଲି ନାୟିକା ଭୂମିକାଙ୍କ କେମେଷ୍ଟ୍ରି ଦର୍ଶଙ୍କୁ ବେଶ୍ ପସନ୍ଦ ଆସିଥିବା ବେଳେ ଅନ୍ୟ ଚରିତ୍ରରେ ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ୍ ପାଢ଼ୀ, ସୋମ୍ୟା ସୁମନ ମହାନ୍ତି, ଅଶ୍ରୁମୋଚନ ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି। ତେବେ ମେଲୋଡି କିଙ୍ଗ ସ୍ୱର୍ଗତ ଅଭିଜିତ୍ ମଜୁମଦାରଙ୍କ ଏହା ହେଉଛି ଶେଷ ସଙ୍ଗୀତ ନିର୍ଦ୍ଦେଶନା। ଏହି ଅବସରରେ ଫିଲ୍ମର ପୂରା ଟିମ୍ ଅଭିଜିତ୍ ମଜୁମଦାରଙ୍କୁ ମନେପକାଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ସର୍ବୋଦୟ କର୍ମୀ ଗୁରୁଜୀ ଶରତ ଚନ୍ଦ୍ରଙ୍କ ଜୟନ୍ତୀ

ଭୁବନେଶ୍ୱର, ୨।୩(ସମିସ): ବିଶିଷ୍ଟ ଶିକ୍ଷାବିତ୍ ଓ ସର୍ବୋଦୟ କର୍ମୀ ଗୁରୁଜୀ ଶରତ ଚନ୍ଦ୍ର ମହାରଣାଙ୍କ ୧୧୮ତମ ଜୟନ୍ତୀ ଅବସରରେ "ସ୍ୱାଧୀନତାର ସୁରକ୍ଷା ପାଇଁ ସେବା ଓ ସତ୍ୟାଗ୍ରହ" ବିଷୟରେ ଏକ ଆଲୋଚନା ସଭା ଲୋହିଆ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀ ପ୍ରାଙ୍ଗଣରେ ଆୟୋଜିତ ଏହି ସଭାରେ ଗାନ୍ଧୀବାଦୀ ସ୍ତମ୍ଭକାର ପ୍ରହଲ୍ଲାଦ ସିଂ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଗାନ୍ଧୀବାଦୀ ଲେଖକ ଓ ଗବେଷକ ପ୍ରଫୁଲ୍ଲ ବେହେରା ସ୍ୱାଧୀନତାର ମୂଲ୍ୟବୋଧକୁ ସୁରକ୍ଷିତ ରଖିବାରେ ସେବା, ସତ୍ୟାଗ୍ରହ ଓ ନୈତିକତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ଭାବେ ବିଶିଷ୍ଟ ଲେଖିକା ଓ ସାମାଜିକ କର୍ମୀ ପୁଷ୍ପାଞ୍ଜଳି କର ଗୁରୁଜୀଙ୍କ ଜୀବନ ଓ ଆଦର୍ଶକୁ ସ୍ମରଣ କରି କହିଥିଲେ ଯେ, ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ସେବା ମାଧ୍ୟମରେ ହିଁ ସତ୍ୟ ସ୍ୱାଧୀନତାର ସୁରକ୍ଷା ସମ୍ଭବ। ଏହି କାର୍ଯ୍ୟକ୍ରମରେ ଡ଼. ଦେବୀପ୍ରସନ୍ନ ପଟ୍ଟନାୟକ, କୃଷ୍ଣା ମହାନ୍ତି, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ପ୍ରଫେସର ବିରେନ୍ଦ୍ର ନାୟକ, ସୁଧୀର ପଟ୍ଟନାୟକ, ଡ଼. ସୁମିତ୍ରା ପଟେଲ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଃ ଗୁରୁଜୀ ଶରତ ଚନ୍ଦ୍ର ମହାରଣାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ନିଜ ବକ୍ତବ୍ୟ ରଖିଥିଲେ। ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

### ଜାତୀୟ ସଂହତି ଶିବିର ଉଦ୍‌ଯାପିତ

## ବାଣୀବିହାରରେ ୨୩ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ




ଭୁବନେଶ୍ୱର, ୨।୩(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଦ୍ୱାରା ୭ ଦିନ ବ୍ୟାପୀ ଆୟୋଜିତ ଏନ୍‌ଏସ୍‌ଏସ୍ ଜାତୀୟ ସଂହତି ଶିବିର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଶିବିରରେ ରାଜ୍ୟ ବାହାରର ୧୧ଟି ବିଶ୍ୱବିଦ୍ୟାଳୟ ତଥା ରାଜ୍ୟ ଭିତରର ୧୨ଟି ବିଶ୍ୱବିଦ୍ୟାଳୟରୁ ୨୨୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଧରଣୀଧର ନନ୍ଦ ଯୋଗଦେଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ ଓ ଦେଶ ଗଠନରେ ଯୁବଶକ୍ତିର ସହଯୋଗକୁ କାମନା କରି ଏନ୍‌ଏସ୍‌ଏସ୍‌ର ଉତ୍ପତ୍ତିର ରୂପରେଖ ପ୍ରସ୍ତୁତ କରିଥିଲେ।

ସମ୍ମାନିତ ଅତିଥି ଭାବେ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ ଜାତୀୟ ସଂହତି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ମାନଙ୍କର ଆଚରଣ ଉଚ୍ଚାରଣ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଅନୁଶାସନ ସଚିବ ଡଃ ରମେଶ ଚନ୍ଦ୍ର ବେହେରା ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କର ଦେଶ ଗଠନରେ କିପରି ଭୂମିକା ରହିବ ତାହା ଉପଦେଶ ଦେଇଥିଲେ। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ଜାତୀୟ ସଂହତି ଶିବିର ଆୟୋଜିତ କରି ଏନ୍‌ଏସ୍‌ଏସ୍‌ର ଉପାଦେୟତା ପ୍ରତିପାଦନ କରିବାକୁ ପ୍ରୟାସ କରାଯାଉଥିବା କଥା କହିଥିଲେ।

ବକ୍ତବ୍ୟ ଶେଷରେ ସମସ୍ତ ଅଂଶଗ୍ରହଣକାରୀ ସ୍ୱେଚ୍ଛାସେବୀ ତଥା କାର୍ଯ୍ୟକ୍ରମ ଅଧିକାରୀମାନଙ୍କୁ ପ୍ରମାଣ ପତ୍ର ସହ ସମସ୍ତ କୃତି ସ୍ୱେଚ୍ଛାସେବୀଙ୍କୁ ବୃତ୍ତିଗତ ପ୍ରମାଣପତ୍ର ବଣ୍ଟନ କରା ଯାଇଥିଲା। ଶିବିର ଅଧ୍ୟକ୍ଷ ତଥା ସଂଯୋଜକ ପ୍ରଫେସର ବ୍ରଜ ନାରାୟଣ ପାତ୍ର ସଭାପତିତ୍ୱ ତଥା ଅତିଥି ପରିଚୟ ପ୍ରଦାନ କରିବା ସହ ଖୋର୍ଦ୍ଧା ଜିଲ୍ଲା ଜାତୀୟ ସେବା ଯୋଜନା ସହ ସଂଯୋଜକ ଡଃ ରଘୁନାଥ ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋର ପରିଷଦର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡଃ ଶାନ୍ତି ସ୍ୱରୂପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୩୪ ତମ ଶ୍ରୀଜଗନ୍ନାଥ କଥାଲହରୀ



ଭୁବନେଶ୍ୱର, ୨।୩(ସମିସ): ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଟ୍ରଷ୍ଟ କାଙ୍କଣ ଶିଖରୀ ଆନୁକୂଲ୍ୟରେ ବୁଦ୍ଧମନ୍ଦିର ପରିସରରେ ୩୪ତମ ଶ୍ରୀଜଗନ୍ନାଥ କଥାଲହରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ମୂଖ୍ୟ ଶାସନ ସଚିବ ତଥା ପୂର୍ବତନ ଶ୍ରୀମନ୍ଦିର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଯୋଗଦେଇ ଶ୍ରୀମନ୍ଦିର ସମ୍ପର୍କିତ ତାଙ୍କର ଅନୁଭୂତି ପ୍ରକାଶ କରିଥିଲେ। ପ୍ରବଚକ ଭାବରେ ଚାରଣ ପଣ୍ଡିତ ରବିରଞ୍ଜନ ତ୍ରିପାଠୀ ଯୋଗଦେଇ ଯୁଗେ ଯୁଗେ ଶ୍ରୀଜଗନ୍ନାଥ ଶୀର୍ଷକ ଉପରେ କଥାମୃତ ରଖିଥିଲେ। ପ୍ରାରମ୍ଭରେ ସ୍ଥପତି ଅରବିନ୍ଦ ଦାସ ଓ ମଧୁସ୍ମିତା ବିଶ୍ୱାଳ, ମହାପ୍ରଭୁଙ୍କର ପାରମ୍ପରିକ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ଡା. ରବିନାରାୟଣ ସାମନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନୂତନ ସଭ୍ୟ, ସଭ୍ୟା ଭାବରେ ପ୍ରମିଳା ସାହୁ, ଉପେନ୍ଦ୍ର ନାଥ ପଣ୍ଡା, ବିଚିତ୍ର କୁମାର ସିଂଙ୍କୁ ଅନୁଷ୍ଠାନ ତରଫରୁ ଫୁଲ ତୁଳସୀ ଦେଇ ସ୍ୱାଗତ କରାଯାଇଥିଲା। ଅନୁଷ୍ଠାନର ସଂଯୋଜକ ଚାରଣ ପଣ୍ଡିତ ପାର୍ଥ ସାରଥୀ ମହାନ୍ତି ମଞ୍ଚ ପରିଚାଳନା କରିବା ସହିତ ସମ୍ପାଦକ ଇଂ ଦେବ ପ୍ରଶାଦ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ମହାପ୍ରଭୁଙ୍କର ଶୟନ ଆରତୀ କରାଯାଇ ସ୍ୱସ୍ଥାନ ବିଜେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଜଗନ୍ନାଥ ପ୍ରେମୀ ଯୋଗଦେଇଥିଲେ।

# ଘାଟି ରାସ୍ତାରେ ଓଲଟିଲା ଯାତ୍ରାପାର୍ଟୀ ବସ୍: ୨୩ ଆହତ

## ଗୁରୁତର ୧୫ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି

ଦେବଗଡ଼, ୨।୩(ସମିସ)



ରିଆମାଳ ଥାନା ତଥା କଂସର ଫାଣ୍ଡି ଅଧୀନ ଡଙ୍ଗାପଥର ଗାଁ ନିକଟସ୍ଥ ଗୁରୁଲିଆ ଘାଟିରେ ସୋମବାର ସକାଳେ ଏକ ଯାତ୍ରାପାର୍ଟୀ ବସ ଓଲଟି ବସର ଚାଳକ ଓ କଳାକାରଙ୍କ ସମେତ ୨୦ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଆହତ ମାନଙ୍କୁ ଉଦ୍ଧାର କରି ନିକଟସ୍ଥ କଂସର ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ଗୁରୁତର ଆହତ ଥିବା ୧୫ ଜଣଙ୍କୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏବେ ମଧ୍ୟ ସେମାନଙ୍କ ଚିକିତ୍ସାଧିନ ରହିଛନ୍ତି। ଗୁରୁତର ଆହତ ମାନେ ହେଲେ ବାଲେଶ୍ୱର ଜିଲ୍ଲାର ବାଲିଆପାଳର କାହ୍ନୁ ମଣ୍ଡଳ (୩୪), ଖଇରାର ବିମଳା ପଣ୍ଡା (୩୨), ବରଦାର ମାନସ ପତି (୨୬), ବସ୍ତାର ଲକ୍ଷ୍ମୀପ୍ରିୟା ନାୟକ (୪୫), ଚନ୍ଦନେଶ୍ୱରର ରିମା ସିଂ(୩୭), କଳମ୍ବୁଆ ଗାଁର ଭବାନୀ ପାତ୍ର(୨୩), କୁପାରୀର କରିଶ୍ମା ଦେହୁରୀ (୧୯), ମିନୁ ଦେହୁରୀ (୧୮) ଓ ଗଙ୍ଗା ଦେହୁରୀ (୧୫), ମୟୁରଭଞ୍ଜ ଜିଲ୍ଲାର ଶୋରିଷକୋଠାର ଶରତ ବେହେରା (୪୦), ଦେଓପଡ଼ାର ଈଶ୍ୱର ଚନ୍ଦ୍ର ପରିଡ଼ା (୭୩), କପ୍ତିପଦାର ଝରଣା ମାଝୀ, ନିଶ୍ଚିନ୍ତପୁର ଗାଁର ମୁନା ସିଂ (୨୪), ଯାଜପୁର ଜିଲ୍ଲା କରିମାବାଦର ଚନ୍ଦ୍ରମଣି ଜେନା (୪୫) ଓ କେନ୍ଦୁଝରର ଜିଲ୍ଲା ଶଙ୍ଖଦପଡ଼ିଆର ଆକାଶ ନାୟକ (୨୩) ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ ଗତକାଲି ରାତିରେ ତିଳେଇବଣି ବ୍ଲକ ସଡୋ ଗାଁ ପଞ୍ଚାୟତର ଡଙ୍ଗା ପଥର ଗାଁରେ ଯାତ୍ରା ହୋଇଥିଲା। ବାଲେଶ୍ୱର ଜିଲ୍ଲାର ଇଷ୍ଟର୍ଣ୍ଣ ଓଡ଼ିଶା ଅପେରା ନାମକ ଯାତ୍ରାପାର୍ଟୀ ନାଟକ ମଞ୍ଚସ୍ଥ କରିଥିଲା। ଆଜି ସକାଳ ୮.୩୦ରେ ପ୍ରାୟ ୩୦ ଜଣ ପୁରୁଷ ଓ ମହିଳା ଯାତ୍ରା କଳାକାର ଭଡାରେ ଆଣିଥିବା 'ବସୁନ୍ଧରା' ନାମକ ଏକ ଯାତ୍ରୀବାହୀ ବସ୍ ଯୋଗେ ଘାଟି ରାସ୍ତା ଦେଇ ଅନୁଗୋଳ ଅଭିମୁଖେ ବାହାରିଥିଲେ। ଡଙ୍ଗାପଥର ଘାଟି ନିକଟସ୍ଥ ଅଣଓସାରିଆ ଗୁରୁଲିଆ ଘାଟର ଏକ ବୁଲାଣିରେ ବସର ଚାଳକ ହଠାତ ଭାରସାମ୍ୟ ହରାଇବାରୁ ବସଟି ରାସ୍ତା କଡକୁ ଓଲଟି ପଡ଼ିଥିଲା। ଫଳରେ ବସ ଚାଳକ ସମେତ ୨୩ ଜଣ ଯାତ୍ରା କଳାକାର ଓ କର୍ମଚାରୀ ଆହତ ହୋଇଥିଲେ। ଆଜି ପୂର୍ବାହ୍ନରେ ଆହତ ମାନଙ୍କୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ସ୍ୱେଚ୍ଛାସେବୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତ ମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିବା ସହ ଉପଯୁକ୍ତ ଚିକିତ୍ସା ନିମନ୍ତେ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ଏସଡିପିଓ ରମେଶ ମାହାନା, ରିଆମାଳ ଥାନାଧିକାରୀ ବିନୟ କେରକେଟ୍ଟା, କଂସର ଫାଣ୍ଡି ଅଧିକାରୀ ସରୋଜ ପ୍ରଧାନଙ୍କ ସମେତ ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀ ବୃନ୍ଦ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

■ ପେବୃଆରୀ ୨୨ର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

# ମୃତ ପୁଲିସଙ୍କ ପରିବାରକୁ ଭେଟିଲେ ରାଜସ୍ୱ ମନ୍ତ୍ରୀ

**ଇବଥର୍ମାଲ, ୨।୩(ସମିସ):** ଜିଲ୍ଲା ଲଖନପୁର ବ୍ଲକ ଅଞ୍ଚଳ ଜୋନ୍ -୩ ସାହାଜବାହାଲରେ ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡାଙ୍କ ମାତୃ ବିୟୋଗ ହେତୁ ଶ୍ରାଦ୍ଧ ସଭାରେ ସୋମବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେବାକୁ ଆସିଛନ୍ତି। ଏହି ଅବସରରେ ସେ ୨୨ ଫେବୃଆରୀରେ ଏନ୍‌ଏଚ୍-୪୯ ଉପରେ ଝାରସୁଗୁଡ଼ା ସଦର ଥାନା ନିକଟରେ ଘଟିଥିବା ଲୋମହର୍ଷଣକାରୀ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲଖନପୁର ବ୍ଲକର ପୁଲିସ କର୍ମଚାରୀଙ୍କ ଘରକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିଛନ୍ତି।



ପ୍ରଥମେ ସେ କୁମ୍ଭାରବନ୍ଧ ପଞ୍ଚାୟତ ପକନାମୁଣ୍ଡା ଗାଁର ମୃତ ହୋମଗାର୍ଡ ଭକ୍ତ ବନ୍ଧୁ ମିର୍ଦ୍ଧାଙ୍କ ବାସଭବନକୁ ଯାଇଥିଲେ। ସେଠାରେ ତାଙ୍କ ମାଁ ଓ ଭାଇ ମାନଙ୍କୁ ଭେଟି ସୁବିଧା ଅସୁବିଧା ପଚାରିଥିଲେ। ଯାହା କ୍ଷତିପୂରଣ ଦିଆଯିବା କଥା ଦିଆଯାଇଛି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଖୁବଶୀଘ୍ର ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଆସିଯିବ ବୋଲି ମଧ୍ୟ ସେ ସୂଚନା ଦେଇଥିଲେ। ଏହାପରେ ମନ୍ତ୍ରୀ ଶ୍ରୀ ପୂଜାରୀ ସୁନାରି ପଞ୍ଚାୟତ ଟାଙ୍ଗରପାଲି ଗାଁକୁ ଯାଇ ମୃତ କନେଷ୍ଟେବଲ ଦେବଦତ୍ତ ସାଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ଲଖନପୁର ଅଇଁଲାପଡ଼ା ଯାଇ ମୃତ କନେଷ୍ଟେବଲ ଲିଙ୍ଗରାଜ ଧୁରୁଆଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ମନ୍ତ୍ରୀଙ୍କ ଗସ୍ତ ବେଳେ ତାଙ୍କ ସହ ଜିଲ୍ଲା ବରିଷ୍ଠ ବେଜେପି ନେତା ନବଲ ଅଗ୍ରୱାଲ, ଆଇନଜୀବୀ ପ୍ରମୋଦ ସେନାପତି, ବନ୍ଧବାହାଲ ମଣ୍ଡଳ ସଭାପତି ରତ୍ନାକର ପ୍ରଧାନ, ଲଖନପୁର ସରପଞ୍ଚ ଆରତି ପ୍ରଧାନ, ଲଖନପୁର ମଣ୍ଡଳ ସଭାପତି ଟିକାୟତ ସାହୁ, ତପନ ପାଟଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଏଭି ପରିସରରେ ହୋଲି ଉତ୍ସବ



**ଝାରସୁଗୁଡ଼ା, ୨।୩ (ସମିସ):** ଝାରସୁଗୁଡ଼ା ଡିଏଭି ପରିସରରେ ହୋଲି ଉତ୍ସବ ଉତ୍ସାହ ଓ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ରଙ୍ଗର ପର୍ବରେ ଛାତ୍ରଛାତ୍ରୀ ଖୁସିର ରଙ୍ଗରେ ଭିଜି ଶାନ୍ତି, ମୈତ୍ରୀ ଓ ବିଶ୍ୱଭାତୃତ୍ୱର ବାର୍ତ୍ତା ପ୍ରଚାର କରିଥିଲେ। ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ପ୍ରାକୃତିକରଙ୍ଗ ବ୍ୟବହାର କରି ସୁରକ୍ଷିତ ଓ ପରିବେଶଧର୍ମୀ ହୋଲି ପାଳନ କରିବାକୁ ସଙ୍କଳ୍ପ କରିଥିଲେ। ରାସାୟନିକ ରଙ୍ଗର ବ୍ୟବହାର ନ କରିବା, ପ୍ରକୃତି ଅନୁକୂଳ ଅବିର ବ୍ୟବହାର କରି ହୋଲି ପାଳନ କରିବାକୁ ଅଧ୍ୟକ୍ଷ ଶ୍ରୀ ଦେବତା ଆହ୍ୱାନ ଦେଇଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଶେଷରେ ସମସ୍ତେ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ମହାସମାଧାନ ଶିବିର

**ଝାରସୁଗୁଡ଼ା, ୨।୩(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସୋମବାର ଜିଲ୍ଲାସ୍ତରୀୟ 'ମହାସମାଧାନ' ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଲୋକଙ୍କ ଆପତ୍ତି ଓ ଅଭିଯୋଗର ଶୁଣାଣି କରାଯାଇଥିଲା। ଶିବିରରେ ମୋଟ ୮୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୬୪ଟି ଗୋଷ୍ଠୀଗତ ଏବଂ ୨୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଶୁଣାଣିରେ ଜିଲ୍ଲାପାଳ ବିଭିନ୍ନ ସରକାରୀ ସହାୟତା ପାଣ୍ଠିରୁ ୩ ଜଣଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ସେ ମଧ୍ୟରୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ (ସିଏମ୍ଆର୍ଏଫ୍) ଜଣଙ୍କୁ ୫ ହଜାର ଟଙ୍କା ଏବଂ ରେଡକ୍ରସ ପାଣ୍ଠିରୁ ଦୁଇ ଜଣଙ୍କୁ ଯଥାକ୍ରମେ ୧୦ ହଜାର ଓ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜଣେ ଯୁବକଙ୍କୁ ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ଜିଲ୍ଲା ନିଯୁକ୍ତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ପ୍ରତି ବ୍ଲକ ଓ ଗ୍ରାମାଞ୍ଚଳରେ ପାନୀୟ ଜଳର ସୁବିଧା ନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ପୌରାଞ୍ଚଳର ଅଧାପନ୍ତରିଆ ହୋଇ ପଡ଼ିଥିବା ଡ୍ରେନେଜ୍ କାର୍ଯ୍ୟକୁ ତୁରନ୍ତ ଶେଷ କରିବା ସହ ଖୋଲା ଡ୍ରେନଗୁଡ଼ିକୁ ସୁରକ୍ଷିତ ଭାବେ ଘୋଡାଇବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ପୁଣି ଜମି ଚିହ୍ନଟ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଏବଂ ଅବକାରୀ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସରକାରୀ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରି ଲୋକଙ୍କୁ ସେବା ଯୋଗାଇବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।



**୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ**

**ପ୍ରତି ଗାଁରେ ପାନୀୟ ଜଳ ଯୋଗାଣ ଓ ଡ୍ରେନେଜ୍ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ**

# ଏମ୍‌ସିଏଲ୍ ଓରିଏଣ୍ଟ ଅଞ୍ଚଳ ଅଧୀନ ୨୦୦ କ୍ୱାର୍ଟର ଭାଙ୍ଗିବାକୁ ଘୋଷଣା

**ବ୍ରଜରାଜନଗର, ୨।୩(ସମିସ):** ମହାନଦୀ କୋଇଲା କମ୍ପାନୀ ଓରିଏଣ୍ଟ ଏରିଆ ଅଧୀନରେ ଥିବା ସ୍ଥାନୀୟ ମଣ୍ଡଳିଆ ସ୍ଥିତ ଇନ୍ଦିରା ନଗର ଏଲସିଏଚ କଲୋନୀର ୨ ଶହ କ୍ୱାର୍ଟର ଭଙ୍ଗାଯିବାକୁ ଓରିଏଣ୍ଟ ଏରିଆ ପକ୍ଷରୁ ସୂଚନା ଦିଆଯାଇଛି। କ୍ୱାର୍ଟର ଗୁଡିକ ଦୀର୍ଘ ୪୦ ବର୍ଷରୁ ଅଧିକ ପୁରୁଣା ହେବା ସହ ସେଗୁଡିକର ଛାତ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏନେଇ ରାଉରକେଲା ଏନଆଇଟି କର୍ତ୍ତୃପକ୍ଷ ୨୦୧୭ ରେ କ୍ୱାର୍ଟର ଗୃହ ଗୁଡିକ ତଦାରଖ କରି ସମ୍ପୂର୍ଣ୍ଣ ଭାଙ୍ଗିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏଠାରେ ୨୦୦ କ୍ୱାର୍ଟରରେ ୧୮୦ଟି ପରିବାର ବିପଦଜନକ ଅବସ୍ଥାରେ ଜୋର ଜବରଦସ୍ତ ରହି ଆସୁଛନ୍ତି।

**୧୮୦ ପରିବାରଙ୍କୁ କ୍ୱାର୍ଟର ଖାଲି କରିବାକୁ ନିର୍ଦ୍ଦେଶ**

ଏନେଇ ଓରିଏଣ୍ଟ ଏରିଆ ଜେନେରାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ପଦକ୍ଷେପ ନିଆଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ତେବେ ବର୍ତ୍ତମାନ ଓରିଏଣ୍ଟ ଏରିଆ କର୍ତ୍ତୃପକ୍ଷ କ୍ୱାର୍ଟର ଗୁଡିକୁ ସମ୍ପୂର୍ଣ୍ଣ ଭାଙ୍ଗିବା ପାଇଁ ଡାକବାଜି ଯନ୍ତ୍ରରେ ଘୋଷଣା କରିଛନ୍ତି। ଜବରଦଖଲକାରୀ ୧୮୦ଟି ପରିବାର ତୁରନ୍ତ କ୍ୱାର୍ଟର ଗୁଡିକ ଖାଲି କରିବାକୁ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି। ସେପଟେ ୧୮୦ଟି ପରିବାର ବେସାହାରା ହୋଇଯିବେ ବୋଲି ମଣ୍ଡଳିଆ ଅଞ୍ଚଳରେ ଆଲୋଚନା ହେଉଛି। କିନ୍ତୁ ବିପଦସଙ୍କୁଳ ଗୃହ ଗୁଡିକ ଭଙ୍ଗା ନଗଲେ ଯେକୌଣସି ସମୟରେ ବଡ ଅଘଟଣ ଘଟିବାର ସମ୍ଭାବନା ରହିଛି ବୋଲି କୁହାଯାଇଛି।

# ପୁଲିସ କର୍ମଚାରୀଙ୍କ ପାଇଁ ସାଇବର୍ ସୁରକ୍ଷା କର୍ମଶାଳା

**ଝାରସୁଗୁଡ଼ା, ୨।୩(ସମିସ):** ସମ୍ପ୍ରତି ବୃଦ୍ଧି ପାଉଥିବା ସାଇବର ଅପରାଧକୁ ରୋକିବା ଏବଂ ପୁଲିସର ତଦନ୍ତ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଝାରସୁଗୁଡ଼ା

**୬୫ ପୁଲିସ କର୍ମଚାରୀଙ୍କୁ ପ୍ରଶିକ୍ଷଣ**

**ଆତଙ୍କବାଦ ନିରୋଧି କୌଶଳ ତାଲିମ**

ପୁଲିସ ପକ୍ଷରୁ ଦୁଇଦିନିଆ ସାଇବର ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପ୍ରେକ୍ଷାଳୟରେ କର୍ମଶାଳା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ ଏବଂ ଅତିରିକ୍ତ ଏସପି ମଧୁସ୍ମିତା ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ ପ୍ରଶିକ୍ଷକ ଭାବେ ସାଇବର ଅପରାଧ ଏବଂ ଅପରେସନ୍ ବିଶେଷଜ୍ଞ ତଥା କାଉଣ୍ଟର ଟେରରିଜିମ୍ ଅପରେସନ୍‌ରେ ଟେକ୍ନିକାଲ୍ ଇଣ୍ଟେଲିଜେନ୍ସରେ ପାରଦର୍ଶିତା ଲାଭ କରିଥିବା ଈଶାନ ସିହ୍ନା ଯୋଗ ଦେଇଥିଲେ। ସାଇବର ପୁଲିସଙ୍କୁ କିପରି ଅଧିକ ପ୍ରଭାବଶାଳୀ କରାଯାଇପାରିବ ଏବଂ ଡିଜିଟାଲ ପ୍ରମାଣ ସଂଗ୍ରହ କରିବାରେ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। କର୍ମଶାଳାରେ ଜିଲ୍ଲାର ପ୍ରାୟ ୬୫ ଜଣ ପୁଲିସ ଅଧିକାରୀ, କନଷ୍ଟେବଲ ଏବଂ ହୋମଗାର୍ଡ ଅଂଶଗ୍ରହଣ କରି ସାଇବର କ୍ରାଇମ ସମ୍ବନ୍ଧୀୟ ଆବଶ୍ୟକୀୟ ଦକ୍ଷତା ବୃଦ୍ଧି କରିଥିଲେ।



# ଜିଲ୍ଲା ବରିଷ୍ଠ ନାଗରିକ ଫୋରମ ପକ୍ଷରୁ କବିତା ଆସର

**ଦେବଗଡ଼, ୨।୩(ସମିସ):** ଜିଲ୍ଲା ବରିଷ୍ଠ ନାଗରିକ ଫୋରମ ପକ୍ଷରୁ ସୋମବାର କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଫୋରମର ସଭାପତି ଡ.ରାମଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମୁରଲୀଧର ନାଏକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥୀ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଚିତ୍ତରଞ୍ଜନ ଦାସ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ। ଏଥିରେ ବହୁକବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଫୋରମର ଉପସଭାପତି ଅଶୋକ ମିଶ୍ର ପରିଚାଳନା କରିଥିଲେ। ସମ୍ପାଦକ ଗୌରହରି ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁଧିଷ୍ଠିର ଦାଶ, ଗୋବିନ୍ଦ ଚନ୍ଦ୍ର ସାହୁ, ଜଗମୋହନ ସାହୁ, ଭୁବନେଶ୍ୱର ପ୍ରଧାନ, ଯତୀନ୍ଦ୍ର ପ୍ରଧାନ, ଘନଶ୍ୟାମ ଦ୍ୱିବେଦୀ, ସୁଶୀଳ କପରଦାର, ଶଶିଭୂଷଣ ପ୍ରଧାନ, ଦୁଃଖବନ୍ଧୁ ବେହେରା, ରମାକାନ୍ତ ସାହୁ, ଭାନୁଶଙ୍କର ନନ୍ଦ, ବାଲ୍ମିକୀଚରଣ ଲୁହା, ପଦ୍ମିନୀଦାଶ ମହାପାତ୍ର, ମୀନାକ୍ଷୀ ମିଶ୍ରଙ୍କ ସମେତ ଫୋରମର ବହୁ ସଦସ୍ୟ ଉପସ୍ଥିତ ଥିଲେ।



# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼, ୨।୩(ସମିସ):** ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ମୋଟ ୧୯ଟି ଅଭିଯୋଗ ଗ୍ରହଣ କରିବା ସହ ଏଗୁଡିକର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଗୁଡିକ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ସମସ୍ୟା ରହିଥିବା ବେଳେ ମୁଖ୍ୟତଃ ପାନୀୟ ଜଳ ଯୋଗାଣ, ଭୂମିହୀନ ପରିବାର ଗୁଡ଼ିକୁ ୪ ଡେସିମିଲ ଲେଖାଏଁ ଘରବାରି ପଟ୍ଟା ପ୍ରଦାନ, ତ୍ରୁଟିପୂର୍ଣ୍ଣ ଜମି ପଟ୍ଟା ସଂଶୋଧନ ଓ ବେଆଇନ ମଦ କାରବାର ଆଦି ଅଭିଯୋଗ ରହିଥିଲା। ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଦେବଗଡ଼ ଜିଲ୍ଲା ପରିଷଦ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷୀତ ସାହୁ, ଅତିରିକ୍ତ ବନ ସଂରକ୍ଷିକା ସ୍ୱାଧିନତା ସାହାଣୀ, ଡେପୁଟୀ କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ଓ ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ଜରାୟୁ ଗ୍ରୀବା କର୍କଟ ରୋକିବା ପାଇଁ ଅଭିନବ ପଦକ୍ଷେପ

# ଏଚ୍‌ପିଭି ଟୀକାକରଣ ଅଭିଯାନ ଶୁଭାରମ୍ଭ

**ଦେବଗଡ଼, ୨।୩(ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଜିଲ୍ଲାସ୍ତରୀୟ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚପିଭି) ଟୀକାକରଣ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବରେଣ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଧନଞ୍ଜୟ ମହନ୍ତ ଓ ଡ.ମନୋରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏଚପିଭି ଟୀକାକରଣ ମହିଳାମାନଙ୍କଠାରେ ହୋଇଥିବା ଏଚପିଭି ଟୀକା ଜରାୟୁ ଗ୍ରୀବା କର୍କଟରୁ ସୁରକ୍ଷା ପାଇଁ ଏକମାତ୍ର ବିକଳ୍ପ। କେବଳ ୧୪ରୁ ୧୫ ବର୍ଷ ମଧ୍ୟରେ ଥିବା ସମସ୍ତ ବାଳିକା ମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିନାମୂଲ୍ୟରେ ଟୀକାକରଣ କରାଯିବ। ତେଣୁ ୧୪ରୁ ୧୫ ବର୍ଷ ସମସ୍ତ ବାଳିକା ଏହାର ସୁଯୋଗ ନେବାପାଇଁ ଜିଲ୍ଲାପାଳ ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଟୀକା ନେବାପାଇଁ ଆସିଥିବା ବାଳିକା, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଏବଂ ଆଶା ଦିଦି ମାନେ ଉପସ୍ଥିତ ଥିଲେ।



# ଜିଲ୍ଲାପାଳଙ୍କୁ ଝାରସୁଗୁଡ଼ା ପୌରଧକ୍ଷାଙ୍କ ଦାବିପତ୍ର

**ଝାରସୁଗୁଡ଼ା, ୨।୩(ସମିସ):** ପ୍ରସନ୍ନ ପଣ୍ଡା ଛକ ଠାରୁ ତାଳପଟିଆ ଛକ ପର୍ଯ୍ୟନ୍ତ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଏବଂ ରାସ୍ତାରେ ସୁରକ୍ଷା ବ୍ୟବସ୍ଥା ପାଇଁ ଝାରସୁଗୁଡ଼ା ପୌର ଅଧ୍ୟକ୍ଷା ସୋମବାର ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବଡମାଲରୁ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ବିଜୁ ଏକ୍ସପ୍ରେସ ୱେରେ ଜେଏସଡବ୍ଲ୍ୟୁ କମ୍ପାନୀ ଦ୍ୱାରା ଲାଇଟ ଲଗାଯାଇଛି। କିନ୍ତୁ ପ୍ରସନ୍ନ ପଣ୍ଡା ଛକରୁ ତାଳପଟିଆ ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ହୋଇଥିବା ବେଳେ ରାସ୍ତାରେ ଆଲୋକର ବ୍ୟବସ୍ଥା ନାହିଁ। ଫଳରେ ରାତିରେ ରାସ୍ତାଟି ସମ୍ପୂର୍ଣ୍ଣ ଅନ୍ଧାର ରହୁଛି। ଆଲୋକୀକରଣର ଅଭାବ ଯୋଗୁଁ ଦୃଶ୍ୟମାନତା କମ୍ ହୋଇ ବାରମ୍ବାର ସଡକ ଦୁର୍ଘଟଣା ହେଉଛି। ଏପରିକି ଛୋଟ ଛୋଟ ଅପରାଧ ରୋକିବା ପାଇଁ ପୁଲିସ ପାଟ୍ରୋଲିଂରେ ଅସୁବିଧା ଏବଂ ଅସାମାଜିକ ତତ୍ତ୍ୱଙ୍କ ସମାବେଶ ଭଳି ଗମ୍ଭୀର ସମସ୍ୟା ସୃଷ୍ଟି ହେଉଛି। ପୁଣି ରାସ୍ତାରେ ରାତିରେ ଯାଉଥିବା ପଥଚାରୀ ଏବଂ ମହିଳାମାନଙ୍କ ପାଇଁ ରାସ୍ତାଟି ଅସୁରକ୍ଷିତ ହୋଇପଡ଼ିଛି।



**ରାସ୍ତା ଆଲୋକୀକରଣ ଓ ସୁରକ୍ଷା ଦାବି**

ଏସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ପ୍ରସନ୍ନ ପଣ୍ଡା ଛକରୁ ତାଳପଟିଆ ଛକ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ପୌରାଧକ୍ଷା ଦାବି କରିଛନ୍ତି। ଡିଏମଏଫ କିମ୍ବା ସ୍ଥାନୀୟ ଶିଳ୍ପଗୁଡିକଠାରୁ ପାଣ୍ଠି ମଞ୍ଜୁର କରି ପ୍ରସନ୍ନ ପଣ୍ଡା ଛକ ଠାରୁ ତାଳପଟିଆ ପର୍ଯ୍ୟନ୍ତ ରାସ୍ତାରେ ତୁରନ୍ତ ଆଲୋକୀକରଣ କରିବା ପାଇଁ ପୌରଧକ୍ଷା ରାନୀ ହାତୀ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଦାବିପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ନବନିତ କୋର, ଗୀତାଞ୍ଜଳି ପଣ୍ଡା, ପୱନ୍ ଶର୍ମା, ସୁକୁନ ଲାକ୍ରା, ବବିତା ରଣବିଣ୍ଡା ପ୍ରଭୃତି କାଉନସିଲର ଗଣ ଉପସ୍ଥିତ ଥିଲେ।

# ପି.ଗିରିନାଥ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ରାଉରକେଲା ଚାମ୍ପିଅନ

ବ୍ରଜରାଜନଗର, ୨।୩(ସମିସ)

ବ୍ରଜରାଜନଗର ସହରାଞ୍ଚଳର ଇଣ୍ଟିଗ୍ରିଟି ଖେଳ ପଡ଼ିଆରେ ଚାଲିଥିବା ପ୍ରଥମ ପି.ଗିରିନାଥ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ବ୍ରଜରାଜନଗର ଆମ୍ବିସନ କ୍ଲବ୍ ଓ ରାଉରକେଲା ଜିମିଖାନା କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୬୧ରନ କରିଥିଲା। ଆମ୍ବିସନ କ୍ଲବ୍ ୧୩୮ ରନ କରି ପରାଜୟ ବରଣ କରିଥିଲା। ପ୍ରତିଯୋଗିତାରେ ଉତ୍ତ ପ୍ରଦର୍ଶନ ପାଇଁ ଖେଳାଳି ସୋଫିରାମ, ରୋହିତ ଓ କ୍ରିଷ୍ଣାଙ୍କୁ ସମ୍ମାନିତ କରାଯାଇଥିଲା। ଆଜିର ଖେଳରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ପୂର୍ବତନ ବିଧାୟିକା ଦୀପାଳି ଦାସ, ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗର ଭାରପ୍ରାପ୍ତ ନଗରପାଳ କ୍ରିଷ୍ଣା ଗୋପାଳ ଶୀତାନୀ, ସମାଜସେବୀ ଜୟନ୍ତ ଦୀକ୍ଷିତ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିବୃନ୍ଦ ଉଭୟ ଦଳକୁ ନଗଦରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କମିଟି ତରଫରୁ ରବୀନ୍ଦ୍ର ସିଂ, ଟିଟୁ ପରିଡ଼ା ଓ ସରୋଜ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।



## ସରିଲା ମାଟ୍ରିକ ପରୀକ୍ଷା

# ଗଣିତ ପରୀକ୍ଷା ଦେଲେନି ୧୪୪

**ସମ୍ବଲପୁର, ୨।୩ (ସମିସ)**

ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ଚଳିତବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡର ମାଟ୍ରିକ ପରୀକ୍ଷା ଆଜି ଶେଷ ହୋଇଛି। ଶୀଘ୍ର ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ କରି ମେ ମାସ ପ୍ରଥମ ସପ୍ତାହ ସୁଦ୍ଧା ଫଳାଫଳ ଘୋଷଣା କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଚଳିତ ପରୀକ୍ଷାରେ ପ୍ରଥମଥର ପାଇଁ ଜିଲ୍ଲାର କେହି ଜଣେ ହେଲେ କପିକରି ଧରାପଡ଼ି ନାହାନ୍ତି।

ଆଜି ପରୀକ୍ଷାର ଶେଷ ଦିନ ଗଣିତ ପରୀକ୍ଷାରେ ସମ୍ବଲପୁର ଜିଲ୍ଲାରେ ୧୪୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ସମ୍ବଲପୁର ଜିଲ୍ଲାରେ ୨୧୩ଟି ହାଇସ୍କୁଲର ପରୀକ୍ଷାର୍ଥୀ ୮୧ଟି କେନ୍ଦ୍ରରେ ପରୀକ୍ଷା ହେଉଛି। ଆଜି ମାଟ୍ରିକ ପରୀକ୍ଷାରେ ଜିଲ୍ଲାର ରେଗୁଲାର ଓ ଏକ୍ସ-ରେଗୁଲାର ୧୧୫୩୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧୩୯୦ ଜଣ ପରୀକ୍ଷା ଦେଇଛନ୍ତି, ୧୪୪ ଜଣ ଅନୁପସ୍ଥିତ ଥିଲେ। ସେହିପରି କରେସ୍‌ପଣ୍ଡେନ୍ସ କୋର୍ସ (ସିସି) ପରୀକ୍ଷାରେ ୩୭ରୁ ୫ ଜଣ ଅନୁପସ୍ଥିତ ଥିବାବେଳେ ମଧ୍ୟମାରେ ସମସ୍ତ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏସ୍‌ଓଏସ୍‌ସି ପରୀକ୍ଷାରେ ୧୯୭ ଜଣରୁ ୪୯ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ସମ୍ବଲପୁର ଜିଲ୍ଲାରେ ଆଜି କେହି ଜଣେ ହେଲେ କପି କରି ଧରାପଡ଼ିନାହାନ୍ତି।

ସମ୍ବଲପୁର ଜିଲ୍ଲାରେ ସୋମବାର ଗଣିତ ପରୀକ୍ଷାରେ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଧନକଉଡ଼ା ବ୍ଲକରେ ୧୬ ଜଣ ଅନୁପସ୍ଥିତ ଥିବାବେଳେ କୁଚିଣ୍ଡା ବ୍ଲକରେ ୨୬, ନାକଟିଦେଉଳ ବ୍ଲକରେ ୮, ମାନେଶ୍ୱର ବ୍ଲକରେ ୩୨, ଜମନକିରା ବ୍ଲକରେ ୧୨, ଯୁଯୋମୁରା ବ୍ଲକରେ ୭, ରେଢ଼ାଖୋଲ ବ୍ଲକରେ ୧୫, ବାମରା ବ୍ଲକରେ ୭ ଓ ରେଙ୍ଗାଲି ବ୍ଲକରେ ୧୬ ଏହିପରି ୧୩୯ ଜଣ ରେଗୁଲାର ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ।ସୋମବାର ପରୀକ୍ଷା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଟି ଫ୍ଲାଇଙ୍ଗ ସ୍କ୍ୱାଡ୍ ୬ଟି ଓ ୩ଟି କେନ୍ଦ୍ର ପରିଦର୍ଶନ କରିଥିବାବେଳେ ଡିଇଓ କାର୍ଯ୍ୟାଳୟ ସ୍କ୍ୱାଡ୍ ୭ଟି ଏବଂ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସ୍କ୍ୱାଡ୍ ୭ଟି ଏହିଭଳି ମୋଟ ୨୩ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରୀକ୍ଷା ପରିଚାଳନା ତଦାରଖ କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ସିସିଟିଭି କ୍ୟାମେରା ସହ ଲାଇଭ୍ ଷ୍ଟ୍ରିମିଂ ହେଉଥିବା ବେଳେ ମାଧ୍ୟମିକ ଶିକ୍ଷା ବୋର୍ଡ କାର୍ଯ୍ୟାଳୟ, କଟକରୁ ତାହାକୁ ମନିଟରିଂ କରାଯାଇଛି। ପ୍ରଥମଥର ପାଇଁ ସମ୍ବଲପୁର ଜିଲ୍ଲାର ସମସ୍ତ ୮୧ଟି ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପର୍ଯ୍ୟବେକ୍ଷକ ନିୟୋଜିତ କରାଯାଇଥିଲା।




ହୋଲି ଅବସରରେ ସମ୍ବଲପୁର ବଜାରରେ ରଙ୍ଗ ଆଉ ପିଚ୍‌କାରୀର ସମ୍ଭାର।

## ଗୋଗୁଆ କଟାପାର୍ଶ୍ୱ କାନ୍ଥ ନିର୍ମାଣରେ ଅନିୟମିତତା

# ବିନା ସୂଚନାଫଳକରେ ଚାଲିଛି କାମ

**ନାକଟିଦେଉଳ, ୨।୩(ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ମହକୁଦ ଗ୍ରାମର ଗୋଗୁଆକଟାର ପାର୍ଶ୍ୱ କାନ୍ଥ ନିର୍ମାଣ କାମରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ହେଉଥିବା କାମରେ ଅତିନିମ୍ନମାନର ହୋଇଥିବା ଦେଖିବାକୁ ମିଳିଛି। ଉଲ୍ଲେଖ ଥାଉକି ଗତ ବର୍ଷ ତିଆରି ହୋଇଥିବା ଚେକ୍ ଡ୍ୟାମ୍ ମଧ୍ୟ ଭାଙ୍ଗି ସାରିଲାଣି। କାର୍ଯ୍ୟସମ୍ବନ୍ଧୀୟ କୌଣସି ସୂଚନା ଫଳକ ନ ଥିବାରୁ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଉ ଥିବା ବେଳେ କାମ ନିମ୍ନମାନର ହେଉଥିବା ଅଭିଯୋଗ କରିଛନ୍ତି। ପ୍ରତ୍ୟେକ କାର୍ଯ୍ୟ ନିର୍ମାଣ ହେବା ପୂର୍ବରୁ ସୂଚନାଫଳକ ରହିବା ସରକାରୀ ପ୍ରାବଧାନ ଥିବା ବେଳେ ଠିକା ସଂସ୍ଥା ସୂଚନାଫଳକ ଲଗାଇ ନାହିଁ। ଏପରିକି ଠିକା ସଂସ୍ଥା ନିମ୍ନମାନର କରି ଅର୍ଥ ହରିଲୁଟ କରିବାକୁ ଉଦ୍ୟମ କରୁଛି ବୋଲି ଲୋକେ କହିଛନ୍ତିଛ ଏହି ଚେକ ଡ୍ୟାମ ଉପରେ ଶତାଧିକ ଚାଷୀ ଚାଷ କାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି। କାମ ସମ୍ବଲପୁର ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ହେଉଥିବା ବେଳେ କେତେ ଟଙ୍କା ଅନୁଦାନ, କାର୍ଯ୍ୟ ନିର୍ମାଣର ସବିଶେଷ ବିବରଣୀ ସୂଚନା ଫଳକରେ ରହିବା ନିୟମ



ଥିବା ବେଳେ ଏଠାରେ ସୂଚନା ଫଳକନାହିଁ। କାମନିମ୍ନମାନର ହେଉଥିବା ଗ୍ରାମବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିବା ବେଳେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି।କାମ କରାଯାଉଥିବା ସ୍ଥାନରେ କୌଣସି ବିଭାଗର ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀଙ୍କ ଅନୁପସ୍ଥିତିରେ ନିର୍ମାଣ କାର୍ଯ୍ୟ ଚାଲିଛି। ପ୍ରଶାସନ ଦୃଷ୍ଟି ଦେବାକୁ ଲୋକଙ୍କ ଦାବି ହେଉଛି।

# ମ୍ୟୁଲ୍ ଆକାଉଣ୍ଟ ଖୋଲି ଠକେଇରେ ସମ୍ପୃକ୍ତ ୩ ଗିରଫ

**ସମ୍ବଲପୁର, ୨।୩ (ସମିସ):** ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଉଛି ଏବଂ ପୀଡ଼ିତଙ୍କ ଦ୍ୱାରା ସାଇବର ଠକେଇର ଅନେକ ଅଭିଯୋଗକାରୀ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ୍ (ଏନ୍‌ସିଆର୍‌ପି) ରେ ଦାଖଲ କରାଯାଉଛି। ସମ୍ବଲପୁର ବୁର୍ଲା ଥାନା ଅଞ୍ଚଳରେ ମ୍ୟୁଲ୍ ଆକାଉଣ୍ଟ ଖୋଲି ସାଇବର ଠକେଇରେ ଜଡ଼ିତ ଥିବା ୩ ଜଣଙ୍କୁ ସୋମବାର ବୁର୍ଲା ପୁଲିସ ଗିରଫ କରିଛି। ସାଇବର ଠକେଇ ମାମଲାରେ ଜଡିତ ଅଭିଯୁକ୍ତମାନେ ହେଲେ ସୋନପୁର ଜିଲ୍ଲା ତରଭା ଥାନା ମାଲିଶ୍ରୀ ଗୁଡ଼ିର ଏବଂ ବର୍ତ୍ତମାନ ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ପଠାଣବନ୍ଧ ଅଞ୍ଚଳରେ



ରହୁଥିବା ବିନୋଦ ବିଭାର (୩୧), ବୁର୍ଲା ଥାନା ବସନ୍ତ ବିହାରର ଶରତ କୁସୁମ (୩୧) ଓ ଦେବଗଡ଼ ଜିଲ୍ଲା ବାରକୋଟ ଥାନା ନୁଆକେସେଲା ଅଞ୍ଚଳର ଏବଂ ବର୍ତ୍ତମାନ ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଏମ୍‌ସିଏଲ୍ ଆନନ୍ଦ ବିହାର ସିକ୍ୟୁରିଟି ବାରାକ୍‌ରେ ରହୁଥିବା ତ୍ରିନାଥ ନାଏକ (୩୦)। ପୁଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସମ୍ବଲପୁର ସାଇବର ଥାନା ପକ୍ଷରୁ ଡକ୍ୟୁମେଣ୍ଟଗୁଡ଼ିକ ଅନୁଧ୍ୟାନ କରି ମ୍ୟୁଲ୍ ଆକାଉଣ୍ଟଧାରୀ ବିନୋଦ ବିଭାର, ଶରତ କୁସୁମ ଏବଂ ତ୍ରିନାଥ ନାୟକଙ୍କୁ ଯାଞ୍ଚ କରାଯାଇଥିଲା ଏବଂ ସେମାନଙ୍କ ଆକାଉଣ୍ଟରେ ବେଆଇନ୍ କାରବାର ହୋଇଥିବା ଜଣାପଡ଼ିଥିଲା। ଅଭିଯୁକ୍ତମାନେ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ୍ ଖୋଲିବା ପରେ ଏବଂ ସାଇବର ଅପରାଧରେ ସେମାନଙ୍କର ଆକାଉଣ୍ଟ୍ ନିୟୋଜିତ କରିବା ପରେ ସାଇବର ଠକଙ୍କୁ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ୍ ବିବରଣୀ, ଏଟିଏମ୍ କାର୍ଡ, ପାସ୍‌ବୁକ୍ ପ୍ରଦାନ କରିଛନ୍ତି। ମୋଟ ୫୬, ୫୨୧ ଟଙ୍କା ଠକେଇ ଚିହ୍ନଟ ହୋଇଛି। ବୁର୍ଲା ଥାନା ମାମଲା ନଂ. ୧୦୩ / ୧.୩.୨୦୨୬ ଦଫା ୩୧୮ (୪) / ୩୧୭(୨) / ୬୧(୨) ବିଏନ୍‌ଏସ୍ ଆର୍‌ଡବ୍ଲ୍ୟୁଏସ୍ ୬୬(ସି) / ୬୬(ଡି) ଆଇଟି ଆକ୍ଟରେ ମାମଲା ରୁଜୁ କରାଯାଇଛି। ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ତ୍ରିନାଥ ନାଏକଙ୍କଠାରୁ ଗୋଟିଏ ଆଇସିଆଇସି ବ୍ୟାଙ୍କ ଡେବିଟ୍ କାର୍ଡ ଜବତ କରାଯାଇଥିବା ପୁଲିସ କହିଛି।

## ବୁର୍ଲା ଥାନାରେ ସାଇବର ଠକେଇରେ ୭ ମାମଲା

**ସମ୍ବଲପୁର, ୨।୩ (ସମିସ) :** ବୁର୍ଲା ଥାନା ଅଞ୍ଚଳରେ ଗତ ଫେବୃଆରୀ ୧୩ ତାରିଖରୁ ଆଜି ପର୍ଯ୍ୟନ୍ତ ମ୍ୟୁଲ୍ ଆକାଉଣ୍ଟଧାରୀ ଏବଂ ସାଇବର ଠକେଇରେ ୭ଟି ମାମଲା ରୁଜୁ କରି ୭ ଜଣଙ୍କୁ ଗିରଫ ଏବଂ ୨ ଜଣଙ୍କୁ ନୋଟିସ ଜାରି କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଇଜି ପୋଲିସ, କ୍ରାଇମ ବ୍ରାଞ୍ଚ ଏବଂ ରାଜ୍ୟ ସାଇବର କ୍ରାଇମ୍ ନୋଡାଲ୍ ଅଫିସର, ଓଡ଼ିଶା ଏବଂ ସାଇବର କବଚ ସାଇବର ଠକେଇ ବିରୁଦ୍ଧରେ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଅଭିଯାନ ୧୩.୨.୨୬ରେ ଆରମ୍ଭ ହୋଇଥିଲା। ସମ୍ବଲପୁର ଏସପିଙ୍କ ମାର୍ଗଦର୍ଶନ ଅନୁଯାୟୀ, ବୁର୍ଲା ପୁଲିସ ମ୍ୟୁଲ୍ ଆକାଉଣ୍ଟଧାରୀ ଏବଂ ସାଇବର ଠକେଇ ବିରୁଦ୍ଧରେ ୭ଟି ମାମଲା ପଞ୍ଜିକୃତ କରିଛି ଏବଂ ମୋଟ ୨୮, ୩୬, ୫୦୫ ଟଙ୍କା ଠକେଇ ଚିହ୍ନଟ କରିଛି। ଏହି ସମ୍ପର୍କରେ ବୁର୍ଲା ପୁଲିସ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ପଠାଇଛି ଏବଂ ୨ ଜଣ ଅଭିଯୁକ୍ତଙ୍କୁ ୩୫(୩) ବିଏନ୍‌ଏସ୍‌ଏସ୍ ଅନୁଯାୟୀ ନୋଟିସ୍ ଜାରି କରିଥିବା ଜଣାପଡ଼ିଛି।

# ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ପିକ୍‌ଅପ୍, ଡ୍ରାଇଭର ଆହତ

**ରେଢ଼ାଖୋଲ, ୨।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ସାଲେଶିଂପଡ଼ା ଛକ ନିକଟରେ ସୋମବାର ଭୋର ଲଙ୍କା ବୋଝେଇ ପିକଅପ୍ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଗାଡ଼ିର ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ବ୍ରହ୍ମପୁରରୁ ଲଙ୍କା ବୋଝେଇ କରି ପିକଅପ୍ ନଂୟୁପି୬୩ ସିଟି ୩୪ ବିଶିଷ୍ଟ ଗାଡି ରେଢ଼ାଖୋଲ ଅଭିମୁଖେ ଆସୁଥିବା ସମୟରେ ସହରର ସ୍ଥାନୀୟ ସାଲେସିଂ ପଡ଼ା ଛକ ନିକଟରେ ବିଦ୍ୟୁତ୍ ଖୁଣ୍ଟରେ ଭାରସାମ୍ୟ



ହରାଇ ଧକ୍କା ଦେଇଥିଲା। ଫଳରେ ବିଦ୍ୟୁତ୍ ଖୁଣ୍ଟ ବଙ୍କା ହୋଇଥିବା ବେଳେ ଗାଡ଼ିର ସାମ୍ନା ଭାଗ ଚୁରମାର ହୋଇଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବାମଣ୍ଡା ଆଞ୍ଚଳିକ ଭାରତୀୟ ରୌତିଆ ସମାଜ ବିକାଶ ପରିଷଦର ବୈଠକ

**ଜମନକିରା, ୨।୩ (ସମିସ):** ବାମଣ୍ଡା ଆଞ୍ଚଳିକ ଭାରତୀୟ ରୌତିଆ ସମାଜ ବିକାଶ ପରିଷଦର ମହାସଭା ବୈଠକ ବଡ଼ରମା ବିଶାଳପାଲି ଆମ୍ବବୁରେଇ ଠାରେ ଅନୁଷ୍ଠିତ ହୋଇଥିଲା।ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡରମା ପଞ୍ଚାୟତ ବିଶ୍ୱାଳପାଲି ଗ୍ରାମରେ ଆଞ୍ଚଳିକ ଭାରତୀୟ ରୌତିଆ ସମାଜ ବିକାଶ ପରିଷଦର ସାଧାରଣ ବୈଠକ ଅଶୋକ ସିଂଙ୍କ ନେତୃତରେ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ସମ୍ବଲପୁର ଜିଲ୍ଲା ସାଧାରଣ ସମ୍ପାଦକ ସୁଶୀଲ କର, ସମ୍ମାନିତ ଅତିଥିଭାବେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଭାବେ ରୁଦ୍ରନାରାୟଣ ସିଂ ଦେଓ, ବଡରମା ସରପଞ୍ଚ ବିଜୟ କୁମାର ନାଏକ, ଛତିଶଗଡ଼ ରୌତିଆ ସମାଜ ଯୁବ ସଭାପତି ସଞ୍ଜୟ ସିଂ, ରୋ?ତିଆ ସମାଜ ରାଜ୍ୟ ସଭାପତି ମଧୁସୂଦନ ସିଂ, ରାଉରକେଲା ସଭାପତି ସୋମନାଥ ସିଂ, ଆଞ୍ଚଳିକ ରୌତିଆ ସମାଜ ସଭାପତି ଜୟନାଥ ସିଂ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରୌତିଆ ସମାଜର ରୀତି ନୀତି ଅନୁଯାଇ ପୂଜା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବୈଠକକୁ ଜୟନାଥ ସିଂ ସଭାପତିତ୍ୱ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଗଣ ରୌତିଆ ସମାଜର ବିଭିନ୍ନ ସମସ୍ୟା ଦିଗରେ ଆଲୋଚନା କରି ଏହାର ସମାଧାନ ଦିଗରେ ପଦକ୍ଷେପ ନେବୁ ବୋଲି କହିଥିଲେ। ରୌତିଆ ସମାଜରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଦିଗରେ ପଛୁଆ ଥିବା ବେଳେ ରୌତିଆ ସମାଜରେ ଆଦିବାସୀ ପରମ୍ପରା ଅନୁସରଣ କରୁଛନ୍ତି ହେଲେ ତାଙ୍କୁ ଅନୁସୂଚିତ ଜନ ଜାତିରେ ସାମିଲ ନ କରାଯାଇ ଓବିସି ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି ଯେଉଁଥି ପାଇଁ ରୌତିଆ ସମାଜରେ ସର୍ବାଙ୍ଗୀନ ବିକାଶ ହୋଇପାରୁ ନାହିଁ ବୋଲି ଯୁବ ସଭାପତି ସଞ୍ଜୟ ସିଂ ବକ୍ତବ୍ୟରେ କହିଥିଲେ। ଭାରତ ସ୍ୱାଧୀନ ପରଠାରୁ କୁଚିଣ୍ଡା ମାଟି କେଭେ ହେଲେ ମନ୍ତ୍ରୀ ପାଇନଥିଲା ଏବଂ ବର୍ତ୍ତମାନ ସମ୍ବଲପୁର ଜିଲ୍ଲାରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ରହିଛନ୍ତି ଯାହାକି ସମ୍ବଲପୁର ଲୋକଙ୍କ ସୌଭାଗ୍ୟ ଏଣୁକରି ଏହି ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଭୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରି ସରକାରଙ୍କ ପାଖରେ ଉପସ୍ଥାପନା କରାଯିବା ବୋଲି ସୁଶୀଲ କର କହିଥିଲେ। ବଡରମା ଗ୍ରାମକୁ ଆଦର୍ଶ ଗ୍ରାମରେ ପରିଣତ କରାଯିବ ଏବଂ ବଡରମା ଗ୍ରାମ ଆଦର୍ଶ ଗ୍ରାମ ହେଲେ ପଞ୍ଚାୟତବାସୀଙ୍କୁ ମୌଳିକ ସୁବିଧା ସହଜରେ ମିଳିପାରିବ ବୋଲି ବଡରମା ସରପଞ୍ଚ ବିଜୟ ନାଏକ କହିଥିଲେ। ରୌତିଆ ସମାଜ ସାଧାରଣ ସମ୍ପାଦକ ଦଶରଥ ସିଂ ଅତିଥିଗଣଙ୍କୁ ଧନ୍ୟବାଦ ଅର୍ପଣକରୀ ସଭା ସମାପନ କରିଥିଲେ ଏବଂ ପରେ ରୋ?ତିଆ ସମାଜ ପକ୍ଷରୁ ସାଂକୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ବୈଠକରେ ସମ୍ପାଦକ ଗଣେଶ ସିଂ, ସହ ସମ୍ପାଦକ ଅର୍ଜୁନ ସିଂ, ଶ୍ରବଣ ସିଂ, ଗଣେଶ ସିଂ ସହିତ ଅନ୍ୟମାନେ ସହଯୋଗ କରିଥିଲେ। ସମାଜ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ କରାଯଇଥିଲା। ଡ଼ ଗୋପାଳ କୃଷ୍ଣ ବେହେରା, ଆଶା ପିରୋବତି ସିଂ, ସୁଲୋଚନା ଛତ୍ରିଆ, ବାସନ୍ତୀ ମିଞ୍ଜ, ମଞ୍ଜୁ ଭୋଇ, ବନିତା ପଧାନ, ମିନାକ୍ଷୀ ପଟେଲ ମାଗଣା ସ୍ୱାସ୍ଥ୍ୟ ଶିବିର ସହଯୋଗ କରିଥଲେ।

# ସମ୍ବଲପୁର ଜିଲ୍ଲାରେ କୃଷି ପ୍ରକଳ୍ପ ସମୀକ୍ଷା



**ସମ୍ବଲପୁର, ୨।୩ (ସମିସ) :** କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆୟୁକ୍ତ ତଥା ସଚିବ ସଚିନ ରାମଚନ୍ଦ୍ର ଜାଧବ ଆଜି ସମ୍ବଲପୁର ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ କୃଷି ପ୍ରକଳ୍ପ ଗୁଡ଼ିକ ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସତ୍ୟବାନ ସୋରେନ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆୟୁକ୍ତ ଶ୍ରୀ ଜାଧବ ଜିଲ୍ଲାରେ ଚାଲୁଥିବା ବିଭିନ୍ନ କୃଷି ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ଆଧୁନିକ କୃଷି ପ୍ରଯୁକ୍ତିର ପ୍ରୟୋଗ ସମ୍ପର୍କରେ ସମୀକ୍ଷା କରିଥିଲେ। ସେ ଚାଷୀମାନଙ୍କ ସହ ସେମାନଙ୍କ ସମସ୍ୟା ତଥା ତାହାର ସମାଧାନ ନେଇ ଆଲୋଚନା କରିଥିଲେ। କୃଷିକ୍ଷେତ୍ରରେ ବଜାରମୁଖୀ ବିସ୍ତାର ଉପରେ ବିଶେଷ ଗୁରୁତ୍ୱ ଦେଇ, କୃଷକମାନଙ୍କ ଉତ୍ପାଦନକୁ ବଜାର ସହ ସଂଯୋଗ କରି ଅଧିକ ଆୟ ସୁନିଶ୍ଚିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲଡୁଖାଇସ୍ଥିତ ଡ୍ରାଗନ୍ ଫ୍ରୁଟ୍‌ସ ଚାଷ, କଦଳୀ ଚାଷ, ଓୟୁଏଟି ଚିପିଲିମାର କୃଷିଫାର୍ମ, ଚିପିଲିମାରେ ଇଣ୍ଟେଗ୍ରେଟେଡ୍ ଫାର୍ମି ବ୍ୟବସ୍ଥା ଆଦି ପରିଦର୍ଶନ କରିଥିଲେ।

# ବୁଢ଼ାରଜା ଜଙ୍ଗଲରେ ଗଛ ସହ ନିଆରା ହୋଲି

**ସମ୍ବଲପୁର, ୨।୩ (ସମିସ):** ବୁଢ଼ାରଜା ବନ ସଂରକ୍ଷଣ ସମିତି ପକ୍ଷରୁ ସୋମବାର ପୂର୍ବାହ୍ନରେ ଐତିହାସିକ ବୁଢ଼ାରଜା ଜଙ୍ଗଲରେ ପ୍ରତିବର୍ଷ ଭଳି ନିଆରା ଢଙ୍ଗରେ ବୃକ୍ଷମାନଙ୍କ ପୂଜାର୍ଚ୍ଚନା ସହ ବୃକ୍ଷମାନଙ୍କ ସହିତ ହୋଲି ଖେଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଢ଼ାରଜା ବନ ସଂରକ୍ଷଣ ସମିତିର ସଭାପତି ପ୍ରକୃତିବନ୍ଧୁ ମେଘୁ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶବିଦ୍ କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ତପନ କୁମାର ପ୍ରଧାନ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। କଳସ ସ୍ଥାପନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ ପୁଷ୍ପ ଧୂପ ନୈବେଦ୍ୟ ସହ ବୈଦିକ ରୀତିରେ ବୃକ୍ଷ ମାନଙ୍କ ପୂଜାର୍ଚ୍ଚନା ପରେ ବୃକ୍ଷ ମାନଙ୍କ ସହ ନିଆରା ଢଙ୍ଗରେ ହୋଲି ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବୁଢ଼ାରଜା ଜଙ୍ଗଲରେ ବନ ସଂରକ୍ଷଣ ସମିତି ପକ୍ଷରୁ ଫଳଚାରା ରୋପଣ କରାଯାଇଥିଲା।ନିଆରା କାର୍ଯ୍ୟକ୍ରମରେ ଫୁଲକୀ ଜାଲ, ବାସନ୍ତି ପୋଢ଼, ସବିତା ପ୍ରଧାନ, ରୀତା ନାୟକ, ସଙ୍ଗୀତା ଅଧିକାରୀ, ତନୁଜା ସେଠି, ସୈରେନ୍ଦ୍ରୀ ଶଙ୍କିରୀ, ସନ୍ତୋଷୀ ମୁଣ୍ଡା, ରତିକା ମାହାଲି, ଧାରା ମୁଣ୍ଡା, ପ୍ରଭାସ ମାହାଲି, ସୋନାଲି ମୁଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

# ସମ୍ବଲପୁର ଯାଦବ ସଂଘ ପକ୍ଷରୁ ଦୋଳ ଉତ୍ସବ

**ସମ୍ବଲପୁର, ୨।୩ (ସମିସ):** ସମ୍ବଲପୁର ଯାଦବ ସଙ୍ଘ ପକ୍ଷରୁ ପ୍ରତିବର୍ଷ ଭଳି ଏଥର ମଧ୍ୟ ଦୋଳ ଉତ୍ସବ ଶ୍ରଦ୍ଧା ଓ ଭକ୍ତିର ସହିତ ପାଳିତ ହୋଇଛି।



ବାଲିବନ୍ଧା ସ୍ଥିତ ରଘୁନାଥ ମନ୍ଦିର ପ୍ରାଙ୍ଗଣ ରେ ଆୟୋଜିତ ସମାରୋହରେ ଚଳିତ ବର୍ଷ ସହର ଶାନ୍ତିନଗର ନିବାସୀ ନିକାସ ଜାଲ ଓ ସହଧର୍ମିଣୀ ରଞ୍ଜୁ ଜାଲ୍ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବହୁ ଶ୍ରଦ୍ଧାଳୁ ଉତ୍ସବ ରେ ସାମିଲ ହେବା ସହିତ ଭଗବାନଙ୍କ ଆର୍ଶୀବାଦ ଲାଭ କରିଥିଲେ। ପୂଜା ପରେ ରଘୁନାଥ ମନ୍ଦିର ରୁ ସମଲେଶରି ମନ୍ଦିର ପର୍ଯ୍ୟନ୍ତ ନଗର ପରିକ୍ରମା କରିବା ସହିତ ସମୂହ ପ୍ରସାଦ ସେବନରେ ସାମିଲ ହୋଇଥିଲେ। ସମ୍ବଲପୁର ଯାଦବ ସଙ୍ଘ ର ସଭାପତି ଭୋଲାଶଙ୍କର ମହତମ, ସଂପାଦକ ହେମନ୍ତ ଗହୀର, ମୁଖ୍ୟ ଉପଦେଷ୍ଟା କୃଷ୍ଣଚନ୍ଦ୍ର ବାଗ, ଲକ୍ଷ୍ମୀ ବାଗ, ସହଦେବ ଷଣ୍ଢ , ଲେଲୁର୍ଯ୍ୟ ନାଗ, ସୀମା ଷଣ୍ଢ , ସୁମି ମହାକୁର, ସୁପ୍ରିତି ବାଗ , ତୋଫାନ ବେହେରା, ନରେଶ ବଗର୍ତ୍ତି, କାନନ ନାଗ, ନବକିଶୋର ଜାଲ, ରାଜେଶ ବାଗ, କ୍ରିଷ୍ଣା ଦୀପ, ଲୋକନାଥ ବଗର୍ତ୍ତି, ଘନଶ୍ୟାମ ମହାକୁର, ଲୋକନାଥ ଅହିର, ନରସିଂହ ବଗର୍ତ୍ତୀ,କୈଳାସ ଘିବେଲା, ଜଗଦୀଶ ମଲ୍ଲିକ, ନିଖିଲ ନାଗ, ହରିହର ଷଣ୍ଢ , ମନବୋ ବଗର୍ତ୍ତି , ସନ୍ତୋଷ ବାଗ ,ନିଲମନି ନାଗ ମଦନ ବଗାର ପ୍ରମୁଖ ପୂଜା ଆୟୋଜନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

# ସମ୍ବଲପୁରରେ ପହଞ୍ଚିଲା 'ଲୋକ ଅଧିକାର ଯାତ୍ରା'

**ସମ୍ବଲପୁର, ୨।୩ (ସମିସ)**

ବିକାଶ ନାମରେ ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ଶେଷ କରିଦିଆଯାଉଛି। ଖଣି ଗୁଡ଼ିକ ଲିଜ୍ ଦିଆଯାଉଛି, କିଛି ବିଚାରକୁ ନିଆଯାଉନି, ଜଙ୍ଗଲ ଧ୍ୱଂସ ହୋଇଗଲେ ନଦୀର କ'ଣ ଅବସ୍ଥା, ଲୋକଙ୍କ ଜୀବିକାର କ'ଣ ଅବସ୍ଥା, ଜଳବାୟୁ ପରିବର୍ତ୍ତନ ଅଧିକ ବଢୁଛି, ଜଳବାୟୁ ସନ୍ତୁଳନ କଥା ଭୁଲିଯାଉଛନ୍ତି। ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ରାଷ୍ଟ୍ର ଦମନ କରାଯାଉଛି। ଓଡ଼ିଶାର ଜଳ, ଜଙ୍ଗଲ ଏବଂ ଜମି ଭଳି ପ୍ରାକୃତିକ ସମ୍ପଦର ସୁରକ୍ଷା ଉଦ୍ଦେଶ୍ୟରେ ଜନଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ (ଏନ୍‌ଏପିଏମ୍) ଓଡ଼ିଶା ଶାଖା ପକ୍ଷରୁ ଲୋକଶକ୍ତି ଅଭିଯାନ ଏବଂ ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସ୍ ସହଯୋଗରେ ଗତ ଫେବୃଆରୀ ୨୫ ତାରିଖରେ କଟକ ଜିଲ୍ଲା ସତ୍ୟଭାମାପୁର ମଧୁବାବୁଙ୍କ ସ୍ମୃତିପୀଠରୁ ଆରମ୍ଭ ହୋଇଥିବା 'ଲୋକ ଅଧିକାର ଯାତ୍ରା' ସୋମବାର ଅପରାହ୍ଣରେ ସମ୍ବଲପୁରରେ ପହଞ୍ଚିଛି। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଏବଂ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଏହାକୁ ବରେଇପାଲି ମାର୍କେଟୟାର୍ଡ ପ୍ରାଙ୍ଗଣରେ ସ୍ୱାଗତ କରାଯାଇଥିଲା। ଏହି ୨୧ଦିନିଆ ଯାତ୍ରା ରାଜ୍ୟର ବିଭିନ୍ନ ଜିଲ୍ଲା ପରିକ୍ରମା କରି ଲୋକଙ୍କୁ ସଚେତନ କରିବା ସହ ଜନଆନ୍ଦୋଳନଗୁଡ଼ିକୁ ସୁଦୃଢ଼ କରିବା ପାଇଁ ପ୍ରୟାସ କରୁଛି।ଯାତ୍ରା ଆସନ୍ତା ମାର୍ଚ୍ଚ ୨୩ ତାରିଖରେ ସହିଦ ଭଗତ ସିଂହଙ୍କ ବଳିଦାନ ଦିବସ ଅବସରରେ ଭୁବନେଶ୍ୱର ଠାରେ ଶେଷ ହେବ। ଏହି ଅବସରରେ ସମ୍ବଲପୁରଠାରେ ସଂଗ୍ରାମର ଗୀତ ଗାନ କରାଯାଇଥିଲା।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ କହିଛନ୍ତି, କେବଳ ଖଣିଜ ସମ୍ପଦର ଅତ୍ୟଧିକ ଉତ୍ତୋଳନ ଓ ଦ୍ରୁତ ଶିଳ୍ପାୟନ କେବେ ବି ପ୍ରକୃତ ବିକାଶ ହୋଇପାରିବ ନାହିଁ।






ବରଂ ଏହା ଆଗାମୀ ପିଢ଼ି ପାଇଁ ବିପଦ ସୃଷ୍ଟି କରୁଛି। ବିଶେଷକରି ଗନ୍ଧମାର୍ଦ୍ଦନ ବଞ୍ଚାଅ ଆନ୍ଦୋଳନ ଓ ବାଲିଆପାଳ ଆନ୍ଦୋଳନ ଭଳି ଐତିହାସିକ ସଂଗ୍ରାମ ହୋଇଥିବା ଅଞ୍ଚଳଗୁଡ଼ିକୁ ଏହି ଯାତ୍ରାରେ ଗୁରୁତ୍ୱ ଦିଆଯାଉଛି। ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାର ଲକ୍ଷ୍ୟ ରଖିଥିବାବେଳେ, ଏହାକୁ ଏକ 'ବିକଳ୍ପ ବିକାଶ'ର ମଡେଲରେ ପରିଣତ କରାଯାଉ। ଖଣି ଭିତ୍ତିକ ଶିଳ୍ପ ପରିବର୍ତ୍ତେ କୃଷି ଓ ଜଙ୍ଗଲ ଭିତ୍ତିକ ଶିଳ୍ପାୟନ ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ସେ ମତ ରଖିଛନ୍ତି। ସଂଗ୍ରାମୀ ପ୍ରଫୁଲ୍ଲ ସାମନ୍ତରାୟ, ଓଡ଼ିଶାକୁ ସମ୍ବଳହୀନ ନକରିବା ପାଇଁ ଏକ ସନ୍ତୁଳିତ ବିଚାର ରଖିବାକୁ ରାଜନୈତିକ ଦଳ, ବୁଦ୍ଧିଜୀବୀ ଏବଂ ସାଧାରଣ ନାଗରିକମାନଙ୍କୁ ଅପିଲ କରିଛନ୍ତି। ଯେତିକି ଆବଶ୍ୟକ ସମ୍ବଳର ବିନିଯୋଗ କରି ଭବିଷ୍ୟତ ପିଢ଼ି ପାଇଁ ରଖିବା ଏବଂ ଏକ ଗଣତାନ୍ତ୍ରିକ ରାସ୍ତାରେ ଲୋକଙ୍କ ସହ ଆଲୋଚନା କରି ବିକାଶର ନୀତି ନିର୍ଦ୍ଧାରଣ କରାଯିବା ଉଚିତ। ଓଡ଼ିଶାକୁ ସମ୍ବଳହୀନ ନକରିବାକୁ ଦିଅନ୍ତୁ, ବିଚାର ରଖନ୍ତୁ, ରାଜନୈତିକ ଏଜେଣ୍ଡା କରନ୍ତୁ ଏବଂ ତର୍କ ହେଉ ଯେ ଆମେ ଏ ବିକାଶକୁ ବିନାଶ ଆଡ଼କୁ ନଉଛେ କି ନାହିଁ? ଲାଞ୍ଜିଗଡ଼ ଓ ଶିଜିମାଳିରେ ନିଜ ହକ୍ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ସ୍ୱର ଉତ୍ତୋଳନ କରୁଥିବା ଲୋକଙ୍କ ଉପରେ ହେଉଥିବା ସରକାରୀ ଦମନଲୀଳାକୁ ସେ ସମାଲୋଚନା କରି ଗଣତାନ୍ତ୍ରିକ ବାଟ ଖୋଜିବାକୁ ଅନୁରୋଧ କରିଛନ୍ତି।

ଏହି ଲୋକ ଅଧିକାର ଯାତ୍ରାର ଯାତ୍ରୀ ଦଳରେ ପ୍ରଫୁଲ୍ଲ ସାମନ୍ତରାୟଙ୍କ ସହିତ ଡ. ବିଶ୍ୱଜିତ ରାୟ, ରାଜକିଶୋର ଦୁଲହରି, ଲକ୍ଷ୍ମଣ ନାୟକ, ସର୍ବେଶ୍ୱର ସାହୁ, ରାଜୀବ ପାଲ, ଲଳିତ ମୋହନ ବେହେରା, ସୂର୍ଯ୍ୟ ନାରାୟଣ ନାଥ, ସୁକାନ୍ତ, ବିଜୟ ସିଙ୍କୁ, ସୁରଞ୍ଜନ ପ୍ରଧାନ, ଭାନୁମତି ମହାନନ୍ଦ, ସିଦ୍ଧେଶ୍ୱରୀ କନ୍ଧେର, ଆଶିଷ କନ୍ଧେର, ପ୍ରିୟା ମୁଣ୍ଡା, ସୁନୀଲ ସାହୁ, ସୁରତା କୁମାର ଓରାମ ପ୍ରମୁଖ ସାମିଲ ଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ପ୍ରବକ୍ତା ସରୋଜ, ମୁରାରି ପୁରୋହିତଙ୍କ ସହିତ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପଧାନ ତଥା ବହୁ ସଂଖ୍ୟାରେ ଚାଷୀମାନେ ଉପସ୍ଥିତ ଥିଲେ।

# ବିଜେପୁରରେ ମିଶ୍ରଣ ପର୍ବ

**ବିଜେପୁର, ୨।୩(ସମିସ):** ବିଜେପୁର ହାଇସ୍କୁଲ ପଡ଼ିଆରେ ଆୟୋଜିତ ଭାରତୀୟ ଜନତା ପାର୍ଟିର ବିରାଟ ମିଶ୍ରଣ ପର୍ବ ଆୟୋଜିତ ହୋଇଛି। ବିଜେପୁର ବିଧାୟକ ସନତ ଗଡ଼ତୀୟାଙ୍କ ନେତୃତ୍ୱରେ ଓ ଜିଲ୍ଲା ସଭାପତି ଡ. ଅରୂପାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହଜାର ହଜାର କର୍ମୀ ଯୋଗ ଦେଇଥିଲେ। ମିଶ୍ରଣ ପର୍ବରେ ବିଜୁ ଜନତା ଦଳ ଓ କଂଗ୍ରେସର ଅନେକ ନେତା ଓ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରାଯାଇଥିଲା। ବିଜେପୁରର ବରିଷ୍ଠ ବିଜେଡି ନେତା ଜନାର୍ଦ୍ଦନ ପାଣିଗ୍ରାହୀ, ନିମାଇଁ ସାହୁ, ନରସିଂହ ପୂଜାରୀ ତାଙ୍କ ଶହଶହ ସମର୍ଥକଙ୍କ ସହ ସାମିଲ ହେଲେ। ଚିନ୍ତାମଣି ସାହୁ, କୌଶିକ ପାଣିଗ୍ରାହୀ, ଗୋଦାବରୀ ପଧାନ, ସଞ୍ଜିବ ଗଡ଼ତିଆ, ସଞ୍ଜୁ ପଧାନ, ମଙ୍ଗଳୁ ସାହୁ, ପ୍ରମୁଖ ୧୬ ଜଣ ସରପଞ୍ଚ ସମିତି ସଭ୍ୟ ମିଶିଥିଲେ। ସେହିପରି ବରପାଲି ସରପଞ୍ଚ ମିତା ନାୟକ, ବୁଲୁ ସେଠ, ଲିଲିମା ରାଉତ ପ୍ରମୁଖ ସରପଞ୍ଚ ଓ ଗୁରୁ ମେହେର ସମେତ ତାଙ୍କ ସମର୍ଥକ ସାମିଲ ହୋଇଥିଲେ। ଗାଇସିଲେଟ ବ୍ଲକର ସମିତି ସଭ୍ୟ ତଥା ବରିଷ୍ଠ ନେତା ସରୋଜ ଭୂଷଣ ସାହୁ, ସତ୍ୟବାନ୍ ସାହୁ, ଅର୍ପିତା ପଣ୍ଡା, ସୁମିତ୍ରା ସାହୁ, ସତ୍ୟ ପଧାନ, ଶରତ କାଲୋ, ରଙ୍କମଣି ବୁଡେକ୍, ଲକ୍ଷ୍ମୀ ପଧାନ, ଆଇନଜୀବୀ ସତ୍ୟବାନ୍ ସାହୁ, ସୁଶାନ୍ତ ପଣ୍ଡା ପ୍ରମୁଖ ୫୦୦ରୁ ଅଧିକ କର୍ମୀ ବିଜେପିରେ ସାମିଲ ହେଲେ। ହଜାର ସଂଖ୍ୟାରେ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଗଡ଼ତୀୟା ବିଜେପୁର ଅଞ୍ଚଳ ପାଇଁ ବୃହତ୍ ଅନୁଦାନ ଘୋଷଣା କରିଥିଲେ। ବିଜେପୁର ହସ୍ପିଟାଲର ଉନ୍ନତି ପାଇଁ ୧୫ କୋଟି ଟଙ୍କା, ହାଟ ଉନ୍ନତି ପାଇଁ ୧ କୋଟି ୮୩ ଲକ୍ଷ ଟଙ୍କା, ବରପାଲି ଏନଏସି ଉନ୍ନତି ପାଇଁ ୬ କୋଟି ୪୦ ଲକ୍ଷ ଟଙ୍କା, ରାସ୍ତା ପ୍ରକଳ୍ପ ପାଇଁ ୪୦୦ କୋଟି ଟଙ୍କା ବ୍ୟୟ ହେବ ବୋଲି କହିଥିଲେ। ଗାଇସିଲେଟ ଜାମୁଟପାଲିରେ ବ୍ୟାରେଜ ନିର୍ମାଣ ପ୍ରକଳ୍ପ ପାଇଁ ୧୬୦ କୋଟି ଟଙ୍କା ଓ ଜଗନ୍ନାଥ ସଡକ ପାଇଁ ୧୬୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ମଧ୍ୟ ଘୋଷଣା କରିଥିଲେ।

# ଡିଜିପିଙ୍କ ଐତିହାସିକ ଘୋଷଣା
# ଗନ୍ଧମାର୍ଦ୍ଦନ ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ

**ବରଗଡ଼/ପାଇକମାଳ, ୨।୩(ସମିସ)**

ବରଗଡ଼ ଗନ୍ଧମାର୍ଦ୍ଦନ ପର୍ବତ ନକ୍ସଲ ମୁକ୍ତ ହୋଇଛି। ଡିଜିପି ଯୋଗେଶ ବାହାଦୂର ଖୁରାନିଆ ବରଗଡ଼ ଓ ବଲାଙ୍ଗିର ଜିଲ୍ଲାକୁ ନକ୍ସଲ ମୁକ୍ତ ଜିଲ୍ଲା ଭାବେ ସୋମବାର ଘୋଷଣା କରିଛନ୍ତି। ଏନେଇ ବରଗଡ଼-ବଲାଙ୍ଗିର-ମହାସମୁଦ (ଟିବିଏମ) ଡିଭିଜନ କମିଟି ଓଡ଼ିଶା କ୍ୟାଡରର ୧୫ଜଣ ସଶସ୍ତ୍ର ମାଓବାଦୀ ଛତିଶଗଡ଼ ରାଜ୍ୟ ମହାସମୁଦରେ ଆତ୍ମସମର୍ପଣ କରିଛନ୍ତି। ତନ୍ମଧ୍ୟରେ ମାଓନେତା ସୁଦର୍ଶନ, ୬ଜଣ ପୁରୁଷ ଓ ୯ଜଣ ମହିଳା ମାଓବାଦୀ ରହିଛନ୍ତି। ସେମାନେ ୩ଟି ଏକେ ୪୭, ୨ଟି ଇନସାସ, ୨ଟି ଏସଏଲଆର ସମେତ ୧୪ ବନ୍ଧୁକ ସମର୍ପଣ କରିଛନ୍ତି। ଏମାନଙ୍କ ନାମରେ ୭୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ୧୫ ମାଓବାଦୀ ଅସ୍ତ୍ର ଛାଡିବା ପରେ ବଲାଙ୍ଗିର ଏବଂ ବରଗଡ଼ ନକ୍ସଲ ମୁକ୍ତ ହୋଇଥିବା ପୁଲିସ୍ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି। ରାଜ୍ୟ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନ, ଗୋଇନ୍ଦା ବଳ ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗକୁ ସେ ଏହି ଶ୍ରେୟ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଶନିବାର ରାତିରେ ବିବିଏମ ଡିଭିଜନ ରାଜ୍ୟ କମିଟି ସଦସ୍ୟ ସୁଦର୍ଶନ ଓରଫ ବିକାଶ ଓରଫ ବାବନ୍ନ ଓରଫ ରାଜନ୍ନା (୫୭) ଆତ୍ମସମର୍ପଣ କରିଥିଲା। ତେଲଙ୍ଗାନା ରାଜ୍ୟ ବାରଙ୍ଗଲ ଜିଲ୍ଲା ହନୁମାକୋଣ୍ଡା ଥାନା ତାରଲାପଲ୍ଲୀ ଗାଁର ମୂଳବାସିନ୍ଦା ସୁଦର୍ଶନ ୧୯୮୫ରୁ ମାଓ ସଙ୍ଗଠନରେ ସକ୍ରିୟ ଥିଲା। ତା ନାଁରେ ୨୫ଲକ୍ଷ ପୁରସ୍କାର ଥିଲା। ସେହିପରି ଛତିଶଗଡ଼ ରାଜ୍ୟ



କାଙ୍କେର ଜିଲ୍ଲା ପଙ୍ଖାଜୁର ଥାନା ହିଦୁର ଗାଁର ଡିଜିଜନାଲ୍ କମିଟି ମେମ୍ବର (ଡିସିଏମ) ମଙ୍ଗେଶ ଓରଫ ରମେଶ ପଦ୍ମା (୩୫) ଏବଂ ନାରାୟଣପୁର ଜିଲ୍ଲା କୋହକାମେଗ ଥାନା ଅଞ୍ଚଳର ଡିସିଏମ ବାବୁ ଓରଫ ସୈତୁ ଓରଫ ବବଲୁ (୩୫) ଆତ୍ମସମର୍ପଣ କରିଛନ୍ତି। ଉଭୟଙ୍କ ନାଁରେ ୮ ଲକ୍ଷ ଲେଖାଏଁ ପୁରସ୍କାର ରାଶି ଥିଲା। ଉଭୟେ ୨୦୦୫ରୁ ସକ୍ରିୟ ଥିଲେ। ବିଜାପୁର ଜିଲ୍ଲା ଗଙ୍ଗାଲୁର ଥାନା ପୋଞ୍ଜେର ଗାଁର ଏସିଏମ ମନୋଜ ଓରଫ ରିଙ୍କୁ (୩୦) ଆତ୍ମସମର୍ପଣ କରିଛି। ସେ ୨୦୦୯ରୁ ସକ୍ରିୟ ଥିଲା ଓ ତା ନାଁରେ ୫ଲକ୍ଷ ପୁରସ୍କାର ଥିଲା। ସୁକମା ଜିଲ୍ଲା ଚିତାଗା ଗାଁର ଏସିଏମ ରୋଶନୀ ଓରଫ ସୋନୀ ଓରଫ ନୀଳା (୨୮) ଆତ୍ମସମର୍ପଣ କରିଛି। ସେ ୨୦୧୦ରୁ ସକ୍ରିୟ ଥିଲାବେଳେ ତା ନାଁରେ ୫ଲକ୍ଷ ପୁରସ୍କାର ଥିଲା। ସମସ୍ତେ ଗୋଟେ ଲେଖାଁ ଏସ୍‌ଏଲ୍‌ଆର୍ ସହ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ଅନ୍ୟ ମାଓବାଦୀ ହେଲେ ବିଜାପୁର ଜିଲ୍ଲା ଗଙ୍ଗଲୁର ଥାନା କୋରମା ଗାଁର ଏସିଏମ ପ୍ରମିଳା ଓରଫ ପରନିତା ଓରଫ ସୋମଲି (୩୦), ମଦଦେଡ ଥାନା ପଙ୍ଗୋଡ ଗାଁର ଏସିଏମ କରୁଣା ଓରଫ ଅସ୍ମିତା ଓରଫ ଲକ୍ଷ୍ମୀ (୩୦), ସୁକମା ଜିଲ୍ଲା ପାମେଡ ଥାନା ପୁବର୍ଷି ଗାଁର ଏସିଏମ ରୋଜା ଓରଫ ଦେବେ ଓରଫ ହୋଲିକା (୩୦)। ଏମାନେ ୨୦୦୯ରୁ ସକ୍ରିୟ ଥିଲେ ଓ ଏମାନଙ୍କ ନାଁରେ ୫ଲକ୍ଷ ଲେଖାଏଁ ପୁରସ୍କାର ରାଶି ରହିଥିଲା। ସେହିପରି ବିଜାପୁର ଜିଲ୍ଲା ଅଞ୍ଚଳର ଗାଧୁକା ଓରଫ ଅସ୍ମିତା, ଗାଙ୍ଗଲୁର ଥାନା ପୋଡିଆ ଗାଁର ମୀନା ଓରଫ ଶାଢ଼ି ଓରଫ ରାମେ (୨୨), ସୋନୁ ଓରଫ ଜୁଗନୁ (୨୩), ସାବନାର ଗାଁର ଦୀପନା ଓରଫ ନାନୀ (୨୨), ପୁସନାର ଗାଁର ରୀନା ଓରଫ କବିତା(୨୧), ପାମେଡ ଥାନା ବଡା ବଟଟୁମ ଗାଁର ପାଣ୍ଡୁ ଓରଫ ଦୀନେଶ (୨୪), କୁର୍ବିଶ ଗାଁର ରନିଲା ଓରଫ ପୋଲେ (୨୨) ଅସ୍ତ୍ର ଓ ହିଂସାର ପଥ

## ୨୫ ଲକ୍ଷ ପୁରସ୍କାର ରାଶି ଥିବା ୧୫ ମାଓବାଦୀଙ୍କ ଆତ୍ମସମର୍ପଣ

ଛାଡିଛନ୍ତି। ଏମାନେ ପ୍ରାୟ ୫ ବର୍ଷଧରି ସକ୍ରିୟ ଥିଲେ। ସମସ୍ତଙ୍କ ନାଁରେ ଲକ୍ଷେ ଟଙ୍କା ଲେଖାଏଁ ପୁରସ୍କାର ଥିଲା ଓ ମହାସମୁଦ ଏସପି ପ୍ରଭାତଙ୍କ କାର୍ଯ୍ୟାଳୟରେ ୧୫ଜଣ କ୍ୟାଡର ମାଓବାଦୀ ଆତ୍ମସମର୍ପଣ କରିଥିଲେ। ସମ୍ବଲପୁର ଆଇଜି ହିମାଂଶୁ ଲାଲ, ରାୟପୁର ଆଇଜି (ଗ୍ରାମୀଣ) ଅମରେଶ ମିଶ୍ର, ମହାସମୁଦ ଜିଲ୍ଲାପାଳ ବିନୟ ଲଙ୍ଗେହ, ବରଗଡ଼ ଏସପି ପ୍ରହଲ୍ଲାଦ ସହାୟ ମୀନା, ବଲାଙ୍ଗିର ଏସପି ଅଭିଳାଷ ଜି ପ୍ରମୁଖ ଉପସ୍ଥିତ ଥିଲେ।

# ଡ.ଶେଷନ ବିଶିଙ୍କୁ 'ଗୋପବନ୍ଧୁ ଶିକ୍ଷାରତ୍ନ' ସମ୍ମାନ



**ବରଗଡ଼, ୨।୩(ସମିସ):** ସ୍ଥାନୀୟ ପଞ୍ଚାୟତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ବିଭାଗ ମୁଖ୍ୟ ଓ ସହକାରୀ ପ୍ରଫେସର ଡ.ଶେଷନ ବିଶି କଟକର ପ୍ରତିଷ୍ଠିତ ସାହିତ୍ୟ ସଂସଦ କୈବଲ୍ୟ ସାହିତ୍ୟ ସଂସଦ ପକ୍ଷରୁ 'ଗୋପବନ୍ଧୁ ଶିକ୍ଷାରତ୍ନ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଶୁଦ୍ରମୁନି ସାରଳା ଦାସଙ୍କ ନାମରେ ନାମିତ କଟକର ସାରଳା ଭବନର ସଭାକକ୍ଷରେ ଅନୁଷ୍ଠିତ 'ଜାତୀୟ ଶିକ୍ଷାନୀତି ସମୀକ୍ଷା ସମ୍ମିଳନୀ ୨୦୨୬' ଅବସରରେ ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସମାରୋହରେ ଅନୁଷ୍ଠାନର ସଭାପତି ବିଜୟଲକ୍ଷ୍ମୀ ସାମନ୍ତରାୟ, ପ୍ରତିଷ୍ଠାତା ସମ୍ପାଦକ ସଂଗ୍ରାମ କେଶରୀ ସାମନ୍ତରାୟ, ଉପଦେଷ୍ଟା ଲକ୍ଷ୍ମଣ ସାହୁ, ବୈଜୟନ୍ତୀ ସାହୁ, କଟକର ମେୟର ସୁଭାଷ ଚନ୍ଦ୍ର ସିଂ ମଞ୍ଚାସୀନ ଥିଲେ। ଡ.ବିଶିଙ୍କୁ ଏହି ସମ୍ମାନ ନିମନ୍ତେ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ତଥା ବରଗଡ଼ର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ତନିଶା ଚାଟାର୍ଡ ଆକାଉଣ୍ଟାଣ୍ଟ ପରୀକ୍ଷାରେ କୃତକାର୍ଯ୍ୟ

**ପଦ୍ମପୁର, ୨।୩(ସମିସ):** ସର୍ବଭାରତୀୟ ଚାଟାର୍ଡ ଆକାଉଣ୍ଟାଣ୍ଟ ପରୀକ୍ଷାରେ ପଦ୍ମପୁରର ତନିଶା ଅଗ୍ରୱାଲ କୃତକାର୍ଯ୍ୟ ହୋଇଚନ୍ତି। ଏକ ବେସରକାରୀ ବିଦ୍ୟାଳୟରୁ ଦଶମ ଶ୍ରେଣୀ ସାରିଥିଲେ। ବରଗଡ଼ର ଏକ ଘରୋଇ ମହାବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ସମାପନ କରିଥିଲେ। ଛତିଶଗଡ଼ର ରାୟପୁରରେ ଚାଟାର୍ଡ ଆକାଉଣ୍ଟାଣ୍ଟ ପାଠ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଚାଟାର୍ଡ ଆକାଉଣ୍ଟାଣ୍ଟ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇବା ପରେ ତନିଶାଙ୍କ ପରିବାର ତଥା ବନ୍ଧୁବାନ୍ଧବଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ତନିଶା ନିଜ ଅଜା ତଥା ପଦ୍ମପୁର ସହରର ପୂର୍ବତନ ନଗରପାଳ ସ୍ୱର୍ଗତ ସତ୍ୟବାନ ଅଗ୍ରୱାଲଙ୍କୁ ନିଜ କୃତିତ୍ୱକୁ ସମର୍ପଣ କରିଛନ୍ତି। ତନିଶା ପଦ୍ମପୁର ସହରର ବରିଷ୍ଠ ବ୍ୟବସାୟୀ ତଥା ଜିଲ୍ଲା ବିଜେପି ଉପସଭାପତି ସୁନୀଲ ଅଗ୍ରୱାଲାଙ୍କ ଏକମାତ୍ର କନ୍ୟା। ତନିଶାଙ୍କୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବରିଷ୍ଠ ବିଜେପି ନେତା ଗୋବର୍ଦ୍ଧନ ଭୁଏ, ବଣିକ ସଂଘ ସଭାପତି ପ୍ରତାପ ମିଶ୍ର ତଥା ଅନେକ ବରିଷ୍ଠ ପଦାଧିକାରୀ ମାନେ ଶୁଭେଚ୍ଛା ଜଣାଇଛନ୍ତି।



# ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ସ୍ମୃତି ପଣ୍ଡାଙ୍କ ସଫଳତା

**ବିଜେପୁର, ୨।୩(ସମିସ):** ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀ ଓ କୁଇଜ୍ ପ୍ରତିଯୋଗିତାରେ ବିଜେପୁର ବ୍ଲକର ଏମ୍. ଗଣ୍ଡପାଲି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସ୍ମୃତିପଣ୍ଡା ଦାଶ ଦୁଇଟି ସଫଳତା ହାସଲ କରି ପ୍ରଶଂସା ସାଉଁଟିଛନ୍ତି। ଜିଲ୍ଲାର ବ୍ଲକ ସ୍ତରରେ ଚୟନ ହୋଇଥିବା ମେଧାବୀ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ନିଜ ବିଜ୍ଞାନ ପ୍ରକଳ୍ପ ମାନ ପ୍ରଦର୍ଶିତ କରିଥିଲେ। ତନ୍ମଧ୍ୟରେ ସ୍ମୃତି ପଣ୍ଡାଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏହି ଅବସରରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ମଧ୍ୟ ସେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ମୁରାରି ପ୍ରସାଦ ସାହୁ ଓ ତାଙ୍କର ଗାଇଡ୍ ଶିକ୍ଷକ ଜୟନ୍ତ ଠାକୁର ଏବଂ ମୀତା ଗର୍ତିଆଙ୍କ ମାର୍ଗଦର୍ଶନରେ ସେ ଏହି ସଫଳତା ହାସଲ କରିଥିବା ସ୍କୁଲ ପକ୍ଷରୁ କୁହାଯାଇଛି।



# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ବରଗଡ଼, ୨।୩(ସମିସ):** ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବ ଜିଲ୍ଲାପାଳ ମନିଷା ବାନାର୍ଜୀ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ସରକାରୀ ଅଧିକାରୀ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବେ ବୋଲି ନିୟମ କରିଥିଲେ। ହେଲେ ଆଜି ଅନୁଷ୍ଠିତି ଶିବିରରେ ଅନେକ ଅଧିକାରୀ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ନଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ଝାରସୁଗୁଡ଼ାରେ ଏହି ନିୟମ କୌଣସି ସରକାରୀ ଅଧିକାରୀ ଖିଲାପ କଲେ ଏକ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

**ଶିବିରରେ ପାଳନ ହେଉନି ସମ୍ବଲପୁରୀ ବସ୍ତ୍ର ନିୟମ**

ତେବେ ଆଜି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ, ବରଗଡ଼ ବିଡିଓ, ତହସିଲଦାରଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ଉପସ୍ଥିତ ଥିଲେ। ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୫୪ଟି ଅଭିଯୋଗ ମଧ୍ୟରୁ ୪୬ଟି ବ୍ୟକ୍ତିଗତ ଏବଂ ୮ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଭାରସାମ୍ୟ ହରାଇ ବିଲରେ ପଶିଲା ହାଇୱା, ଅଳ୍ପକେ ବର୍ତ୍ତିଲା ଚାଳକ



**ଭେଡେନ, ୨।୩(ସମିସ):** ଭେଡେନ ଥାନା ଅଧୀନ ବକଟି ପଞ୍ଚାୟତ ନିକଟସ୍ଥ ଅଦାବରପାଲି ଓ ଅପାମରା ରାସ୍ତାରେ ଭାରସାମ୍ୟ ହରାଇ ଏକ ହାଇୱା ଗାଡ଼ି ବିଲକୁ ପଶିଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଭେଡେନ ପଟକୁ ଆସୁଥିବା ହାଇୱା ଭାରସାମ୍ୟ ହରାଇ ବିଲ ଭିତରକୁ ପଶିଥିଲା। ଏହାପରେ ରାସ୍ତାରେ ଯିବା ଆସିବାର ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଭେଡେନ ଅଞ୍ଚଳରେ ହାଇୱା ଗୁଡ଼ିକରେ ଅହରହ ବାଲି ଚୋରା ଚାଲାଣ ହେଉଛି। ଡ୍ରାଇଭର ମାନେ ବପରୁଆ ଗାଡି ଚଳାଉଛନ୍ତି। ହାଇୱା ଚଳାଚଳ ଯୋଗୁଁ ଅଞ୍ଚଳରେ ସବୁବେଳେ ଛୋଟ ବଡ ଦୁର୍ଘଟଣା ଘଟୁଥିବା ଦେଖାଦେଉଛି। ଆଜିର ଦୁର୍ଘର୍ଟଣା ପରେ ଭେଡେନ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ୧୬ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ବିଜେପୁର, ୨।୩(ସମିସ):** ବିଜେପୁର ସହର ସ୍ଥିତ ଜମିଦାର ପଡ଼ାରେ ଅନୁଷ୍ଠିତ ୧୬ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି ସହ ଉଦ୍‌ଯାପିତ ହୋଇଛି। ଶୁକ୍ରବାର ସ୍ଥାନୀୟ ଦାମୋଦର ପୋଖରୀରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯଜ୍ଞ ମଣ୍ଡପକୁ ପହଞ୍ଚିଥିଲା। ଏହାପରେ ରୀତିନୀତି ସହକାରେ ପୂଜାର୍ଚ୍ଚନା ହୋଇଥିଲା। ଆଶିଷ ପଧାନ ଓ ପ୍ରମୋଦିନୀ ପଧାନ ଦମ୍ପତି କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ସୁରେନ୍ଦ୍ର ମହାପାତ୍ର, ଯଦୁ ଦାଶ, ଅଶୋକ ମହାପାତ୍ର ପ୍ରମୁଖ ପୂଜାକର୍ମ ସମ୍ପାଦନ କରିଥଲେ। ବିଧାୟକ ତଥା ଜମିଦାର ସନତ ଗଡ଼ତୀୟା ଯୋଗ ଦେଇଥିଲେ। ସଭାପତି ପ୍ରେମାନନ୍ଦ ମହାପାତ୍ର, ସମ୍ପାଦକ ଲକ୍ଷ୍ମୀନାରାୟଣ ଷଡଙ୍ଗୀ, , ଦନାର୍ଦ୍ଦନ ପାତ୍ର, ଭୀମ ମାଝି, ବିଷ୍ଣୁ ପାତ୍ର, ଅନନ୍ତ ଚିରଗୁନ ପ୍ରମୁଖ ପଡ଼ାବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ଝରାପାଲିରେ ୧୬ ପ୍ରହର ନାମଯଜ୍ଞ

**ଥୁଆପାଲି, ୨।୩(ସମିସ):** ଭଡେନ ବ୍ଲକ ଝରାପାଲି ଗାଁ ଠାରେ ଷୋଳହ ପ୍ରହର ନାମଯଜ୍ଞ ଫେବୃଆରୀ ୨୮ ରୁ ମାର୍ଚ୍ଚ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏଥିରେ ପୁରୋହିତ ଭାବରେ ପଣ୍ଡିତ ଧ୍ରୁବଚରଣ ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ଯୋଗେଶ୍ୱର ଭୂଏ ଓ ଧର୍ମପତ୍ନୀ ବନିତା ଭୂଏ ପୂଜା କାର୍ଯ୍ୟ ତୁଲାଇଥିଲେ। କଳସ ଯାତ୍ରାରେ ଝରାପାଲି ଗାଁର ସମସ୍ତ ମହିଳା, ପୁରୁଷ ସାମିଲ ହୋଇଥିଲେ। ପ୍ରତିଦିନ ଭକ୍ତ ମାନଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ରଙ୍ଗିନ କୀର୍ତ୍ତନ ଭାଲୁପାଲି ଓ ରେମତା, ଉଦଣ୍ଡ କୀର୍ତ୍ତନ ଲିପ୍ସାରାଣୀ ଖମାରି ଓ ଅଲିଭାରାଣୀ ଦେହୁରୀ ପରିବେଷଣ ହୋଇଥିଲା। ନାମଯଜ୍ଞ ଓ କୀର୍ତ୍ତନ ଦେଖିବାକୁ ଶହଶହ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ। ଝରାପାଲି ଗ୍ରାମବାସୀ ସମସ୍ତେ ସହଯୋଗ କରିଥିଲେ।

# ଅତାବିରା ବ୍ଲକ୍‌ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

**ଅତାବିରା, ୨।୩(ସମିସ):** ଅତାବିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜାତୀୟ ଶିକ୍ଷା ନୀତିରେ ଶିକ୍ଷଣ ଶିକ୍ଷାଦାନ ସମୟରେ ଶିକ୍ଷଣ ସାମଗ୍ରୀ କିପରି ଶିକ୍ଷାଦାନକୁ ଦୀର୍ଘସ୍ଥାୟୀ କରିବା ସହ ପିଲାମାନେ ଦକ୍ଷତା ହାସଲ କରିବାରେ ସହଯୋଗ କରିବା ନେଇ ପ୍ରକାଶ କରିଥିଲେ। ଏବିଇଓ କାର୍ତ୍ତିକ ବାଗ, ଅତାବିରା କ୍ଲଷ୍ଟର ସିଆରସିସି ନୃପ ଭୋଇ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅତାବିରାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପଧାନୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ସମସ୍ତ କ୍ଲଷ୍ଟରରୁ ଜଣେ ଲେଖାଏଁ ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ସିଆର୍‌ସିସି ଯୋଗଦାନ କରି ବିଭିନ୍ନ ବିଷୟ ପାଇଁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ସିଆରସିସି ଧରମ ନାଏକ, ରଞ୍ଜନ ବାଗ, ନନ୍ଦିଘୋଷ ଭୁଏ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ବରଗଡ଼, ୨।୩(ସମିସ):** ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ 'ମୂର୍ଚ୍ଛନା' ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଏଥିରେ ବରେଣ୍ୟ ଅତିଥି ଭାବେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କୁ ବିଧାନସଭାକୁ ଷ୍ଟୁଡିଟୁର୍‌ରେ ନେବା ପାଇଁ ସମସ୍ତ ଦାୟିତ୍ୱ ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟରେ ଗୋଟିଏ ସଭା କକ୍ଷ ନିର୍ମାଣର ଆର୍ଥିକ ଅନୁଦାନ ପାଇଁ ଘୋଷଣା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତଥା ପରିଚାଳନା କମିଟିର ସଭାପତି ମଧୁଛନ୍ଦା ସାହୁ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ପଞ୍ଚାୟତ ମହାବିଦ୍ୟାଳୟର ଇଂରାଜୀ ପ୍ରାଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷା ନନ୍ଦିନୀ ନିରଦ ପଣ୍ଡାଙ୍କ ନେତୃତ୍ୱରେ ବାର୍ଷିକୋତ୍ସବ 'ମୂର୍ଚ୍ଛନା' ଆୟୋଜିତ ହୋଇଥିଲା। ଛାତ୍ରୀ ସଂସଦ ଉପଦେଷ୍ଟା ମଧୁସ୍ମିତା ନନ୍ଦ ଅତିଥି ପରିଚୟ ଦେଇଥିଲେ। ସାଂସ୍କୃତିକ ପରିଷଦର ଉପଦେଷ୍ଟା ଡ.ପୁଷ୍ପାଞ୍ଜଳି ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଗାନ୍ଧୀ ସ୍ମୃତି ପାଠାଗାରର ସଭାପତି ଅରୁଣ ମହାନ୍ତିଙ୍କ ଦ୍ୱାରା ପ୍ରାୟୋଜିତ ତାଙ୍କ ପତ୍ନୀ ତଥା ମହାବିଦ୍ୟାଳୟର ପୂର୍ବତନ ପ୍ରଧ୍ୟାପିକା ସ୍ୱର୍ଗତ କିରଣମୟୀ ମହାପାତ୍ରଙ୍କ ସ୍ମୃତିରେ ପ୍ରତିବର୍ଷ କଳା ଓ ବିଜ୍ଞାନରେ ବେଷ୍ଟ ଗ୍ରାଜୁଏଟଙ୍କୁ ଅର୍ଥରାଶି ପ୍ରଦାନ କରାହୁଏ ଏବଂ କିରଣମୟୀ ମହାପାତ୍ର ସ୍ମୃତି ସମ୍ମାନ ମଧ୍ୟ ପ୍ରଦାନ କରାଯାଏ। ଚଳିତ ବର୍ଷ ମନସ୍ତତ୍ତ୍ୱ ସମ୍ମାନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଟପ୍ପର୍ ମେହେକ ଗୋୟଲ୍, ଜୀବ ବିଜ୍ଞାନ ସମ୍ମାନର ଇତିଶ୍ରୀ ମେହେରଙ୍କୁ ଦିଆ ଯାଇଥିଲା। ଅଲରାଉଣ୍ଡର ଶ୍ୱେତା ରଥ ଓ ଖେଳରେ ଚାମ୍ପିଅନ ତୋଷମତୀ ବିଶ୍ୱାଳଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଡ.ଚନ୍ଦ୍ରମଣି ଦେବତା ଓ ଚୂଳମୁକ୍ତା ପ୍ରଧାନ ପରିଚାଳନା କରିଥିଲେ। ଗାୟତ୍ରୀ ମିଶ୍ର ଓ ମୌସୁମୀ ଲିଜା ନାୟକ ସହଯୋଗ କରିଥିଲେ। ଡ.ସଂଘମିତ୍ରା ମିଶ୍ର ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ନୃତ୍ୟ ଗୁରୁ ଶଙ୍କର ପଟ୍ଟନାୟକ, ସାନ ମଲ୍ଲିକ ଓ ସଙ୍ଗୀତ ଗୁରୁ ବିନୋଦ ଦାଶଙ୍କ ନିର୍ଦ୍ଦେଶନା ତଥା ଡ.ଲକ୍ଷ୍ମୀକାନ୍ତ ସାହୁ, ଅଧ୍ୟାପିକା ମହାନ୍ତି ସ୍ୱର୍ଣ୍ଣପ୍ରଭା ଓ ଅଲ୍ପନା ରାୟ ଚୌଧୁରୀଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଟଙ୍କା ଦ୍ୱିଗୁଣିତ କରିବା ନାଁରେ ଲୁଟ୍: ୨ ଗିରଫ

**ମେଲଛାମୁଣ୍ଡା/ପଦ୍ମପୁର, ୨।୩(ସମିସ)**

ଟଙ୍କା ଦୁଇଗୁଣ କରିଦେବାର ପ୍ରଲୋଭନ ଦେଇ ୫୦ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗରେ ମେଲଛାମୁଣ୍ଡା ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ରାହାସ ବିହାରୀ ବିଶି (୫୦), ଗାଁ କେର୍ମେଲି, ଜଣେ ଦିନମଜୁରିଆ। ସେ ତାଙ୍କ ଝିଅଙ୍କ ବିବାହ ପାଇଁ ୫୦ ହଜାର ଟଙ୍କା ସଞ୍ଚୟ କରିଥିଲେ। ଏହି ବିଷୟରେ ଅଭିଯୁକ୍ତ ପଲାସରାମ ଭୋଇ (୬୪), ଗାଁ ସାହାଜପେନ, ଥାନା ବୁଡେନ, ପଲାସରାମ ଭୋଇ ସୁରେଶ ସୁନା, ଗାଁ ଚକମକଜୁରି, ଥାନା ବୁଡେନଙ୍କ ସହ ମିଶି ଟଙ୍କା ଦୁଇଗୁଣ କରିଦେବା ନାମରେ ଠକେଇ ଯୋଜନା କରିଥିଲେ। ଫୋନ୍ ଯୋଗେ ଅଭିଯୋଗକାରୀଙ୍କୁ ଭ୍ରମିତ କରି ଟଙ୍କା ଦେବାକୁ ପ୍ରେରିତ କରାଯାଇଥିଲା। ପରେ ସୁରେଶ ସୁନା କିଛି କାଗଜ ଓ ରଙ୍ଗିନ କେମିକାଲ୍ ନେଇ କେର୍ମେଲି ଗାଁକୁ ପହଞ୍ଚି ୫୦୦ ଟଙ୍କାର ୧୦୦ଟି ନୋଟ ଅର୍ଥାତ୍ ୫୦ ହଜାର ଟଙ୍କା ଗ୍ରହଣ କରିଥିଲେ। ଟଙ୍କା ଦୁଇଗୁଣ କରିବାର ନାଟକ କରି କିଛି ସମୟ ପରେ 'କେମିକାଲ୍ ଶେଷ ହୋଇଗଲା' ବୋଲି କହି ଦୀପ୍ତିପୁରରୁ ଆଣିବା ନାମରେ ଟଙ୍କା ସହ ଚମ୍ପଟ ମାରିଥିଲେ। ଘଟଣା ସମ୍ପର୍କରେ ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୪୨, ୫୦୦ ଟଙ୍କା ନଗଦ ସହ ଗୋଟିଏ ପ୍ଲାଷ୍ଟିକ ବାଲ୍ଟି, କାଚ ଟୁକୁଡା ଓ ରଙ୍ଗ ପାଉଡର ଜବତ ହୋଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ମୁଖ୍ୟ ଅଭିଯୁକ୍ତ ସୁରେଶ ସୁନା ପୂର୍ବରୁ ମଧ୍ୟ ବୁଡେନ ଓ ଡୁଙ୍ଗୁରିପାଲି ଥାନାରେ ଚୋରି, ଧମକ ଓ ମାରପିଟ ଆଦି ମାମଲାରେ ଜଡିତ ଥିଲେ। ମେଲଛାମୁଣ୍ଡା ଥାନା ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ଘଟଣାର ଅଧିକ ତଦନ୍ତ ଚାଲି ଥିବା ସୂଚନା ରହିଛି।



## ଟୋକନ ସମସ୍ୟା ସମାଧାନ ଓ ଧାନ ବିକ୍ରି ଦାବି
# ତାଲମେଣ୍ଡାର ଚାଷୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ବରଗଡ଼, ୨।୩(ସମିସ):** ବରଗଡ଼ ଜିଲ୍ଲାରେ ଗତ ନଭେମ୍ବର ୨୮ରୁ ଧାନ କିଣାବିକା ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ଏଯାଏଁ ଅନେକ ଚାଷୀ ନିଜ ଧାନ ବିକ୍ରି କରିପାରି ନାହାନ୍ତି। ତାଲମେଣ୍ଡାର ଚାଷୀଙ୍କ ଟୋକନ ବର୍ତ୍ତମାନ ସୁଦ୍ଧା ଆସିନାହିଁ। ଯାହାଦ୍ୱାରା ଚାଷୀ ଧାନ ବିକ୍ରିରୁ ବଞ୍ଚିତ ରହିଛନ୍ତି। ତେବେ ଏନେଇ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ କାର୍ଯ୍ୟାଳୟରେ ଚାଷୀ ଟୋକନ ଦାବିରେ ଆନ୍ଦୋଳନ କରିଥିଲେ। ସେହି ସମୟରେ ଅତାବିରା ବିଧାୟକ ନିହାର ମହାନନ୍ଦ ଚାଷୀଙ୍କ ପାଖକୁ ଯାଇ ଟୋକନ ସମସ୍ୟାର ସମାଧାନ ହେବ ବୋଲି ଜଣାଇଥିଲେ। କିନ୍ତୁ ବର୍ତ୍ତମାନ ମଧ୍ୟ ତାଲମେଣ୍ଡାର ଚାଷୀଙ୍କ ଟୋକନ ସମସ୍ୟାର ସମାଧାନ ହୋଇନାହିଁ। ଅଫିସ ଅଫିସ ଦୌଡି ଚାଷୀ ହଇରାଣ ହେଇଯାଇଥିବା ବେଳେ ଆଜି ବରଗଡ଼ ବ୍ଲକ ଅଫିସରେ ଜିଲ୍ଲାପାଳଙ୍କୁ ଧାନ ବିକ୍ରି କରାଯାଉ ବୋଲି ଅନୁରୋଧ କରିଛନ୍ତି। ଟୋକନ ନ ଆସିବାରୁ ଚାଷୀ ବାଧ୍ୟ ହୋଇ ଅଣ୍ଡରରେଟରେ ଧାନ ବିକ୍ରି କରୁଛି ବୋଲି କହିବା ସହ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ।



# ନେତାଜୀ ଛକ ପ୍ରଶସ୍ତୀକରଣ ପାଇଁ ଦାବି

**ନୂଆପଡ଼ା, ୨।୩(ସମିସ):** ନୂଆପଡ଼ା ସହର ଭିତର ଦେଇ ଯାଇଥିବା ଜାତୀୟ ରାଜପଥ ୩୫୩ରେ ବିଭିନ୍ନ ଛକ ଜାଗାମାନଙ୍କରେ ଗହଳି ଧିରେ ଧିରେ ବଢ଼ିବାରେ ଲାଗିଛି। ମଧ୍ୟସ୍ଥଳରେ ଥିବା ହସପିଟାଲ ଛକ ନିକଟସ୍ଥ



ନେତାଜୀ ଛକ ପ୍ରସସ୍ତିକରଣ ପାଇଁ ସହରବାସୀଙ୍କ ତରଫରୁ ଏକ ପ୍ରତିନିଧିଦଳ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଫେରାଦ ହୋଇଛନ୍ତି। ସୋମବାର ଥିଲା ନୂଆପଡ଼ାରେ ଜିଲ୍ଲାପାଳ ଏବଂ ଏସପିଙ୍କ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ। ଜିଲ୍ଲା ଓକିଲ ସଂଘ ସଭାପତି କ୍ଷୀତିଶ ଅଶୋକ ବୋଧନକର ଏବଂ ଜିଲ୍ଲା ସାମ୍ବାଦିକ ସଂଘ(ଜାନ) ତଥା ସମ୍ପର୍କ ସଭାପତି ଘନଶ୍ୟାମଭୋଇଙ୍କ ନେତୃତ୍ୱରେ ଟିମ୍ ଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚି ନୂଆପଡ଼ା ସହରବାସୀଙ୍କ ତରଫରୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ନେତାଜୀ ଛକ ନିକଟରେ ସବୁବେଳେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ଛୋଟ ବଡ ଦୁର୍ଘଟଣାମାନ ହେଉଥିବା ପରିଲକ୍ଷିତ ହେଉଛି। ଏହିରାସ୍ତା ଦେଇ ମଧୁସୂଦନ ମାର୍ଗ ଏବଂ ସରସ୍ୱତୀ ମାର୍ଗ ରହିଛି। କୋର୍ଟ, ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ଆବାଗମନ ରହୁଥିବା ହେତୁ ଏହାର ଓସାର କରାଯିବା ନିହାତି ଆବଶ୍ୟକ। ପୁଣି ଏଠାରେ ଏକ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ତୁରନ୍ତ ଜାତୀୟ ରାଜପଥର ବିଭାଗୀୟ ଯନ୍ତ୍ରୀ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ କରିଥିଲେ। ଅଶୋକ କୁମାର ନାଏକ, ଲକ୍ଷ୍ମୀଧର ନାଏକ, ଆଇନଜୀବୀ ମହମ୍ମଦ ସାହିଦ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲ ନିଆଁ ଲିଭାଇଲେ ଡିଏଫ୍ଓ, ରେଞ୍ଜର

**ସିନାପାଲି, ୨।୩(ସମିସ):** ଗ୍ରୀଷ୍ମ ଋତୁ ଆରମ୍ଭରୁ ପ୍ରବଳ ଖରା ଅନୁଭୂତ ହେଲାଣି। ଏହି ସମୟରେ କିଛି ଅସାମାଜିକ ଲୋକ ମହୁଲ ସଂଗ୍ରହ କରିବା ପାଇଁ ଗଛ ତଳେ ନିଆଁ ଲଗାଇ ସଫା କରୁଥିବା ବେଳେ ଅନ୍ୟ କିଛି ବ୍ୟକ୍ତି ନିଜ ଚାଷ ଜମିକୁ ନିଆଁ ଲଗାଇ ଲଟା ବୁଦା ସଫା କରୁଛନ୍ତି। ଫଳରେ ନିଆଁ ଜଙ୍ଗଲରେ ଲାଗି ଯାଉଛି। ଯାହା ଫଳରେ ଜଙ୍ଗଲର ଛୋଟ ଗଛ ଲତା ସାଂଗକୁ ତଳେ ପଡ଼ିଯାଇଥିବା ମଞ୍ଜି ପୋଡ଼ି ନୂତନ ଗଛଲତା ସୃଷ୍ଟି ହେବାରୁ ବାଧକ ସୃଷ୍ଟି ହୋଇ ବନ୍ୟପଶୁ ପକ୍ଷୀ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏଭଳି ଏକ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ସରକାରୀ କାର୍ଯ୍ୟରେ ଯାଇ ଫେରୁଥିବା ବେଳେ ହୁତୁହୁତୁ ହୋଇ ଜଳୁଥିଲା ଜଙ୍ଗଲ ନିଆଁ ଲିଭାଇଲେ ଖଡ଼ିଆଳ କେନ୍ଦୁଲିପ ଡିଏଫଓ ଏ.ମାଧବୀଲତା ଓ ତାଙ୍କର ସାଙ୍ଗେ ଥିଲେ ସିନାପାଲି କେନ୍ଦୁଲିପ ରେଞ୍ଜର ଜଳି ରଣା। ନୂଆପଡ଼ା ଜିଲ୍ଲା ସିନାପାଲି ରେଞ୍ଜ ବ୍ରାହ୍ମଣିଗୁଡା ଗାଁ ସଂଲଗ୍ନ ନିକଟ ଜଙ୍ଗଲରେ ନିଆଁ ଲାଗିଥିବା ଦେଖି ଗଛଲତା ସାହାଯ୍ୟରେ ନିଆଁ ଲିଭାଇଥିଲେ। ଉଭୟ କେନ୍ଦୁଲିପ ଖଡ଼ିଆଳ ଡିଏଫଓ ଏ.ମାଧବୀଲତା ଏବଂ ରେଞ୍ଜର ଜଳି ରଣାଙ୍କ ଉଦ୍ୟମ ଯୋଗୁଁ ବଞ୍ଚି ଯାଇଛି ଅନେକ ମୂଲ୍ୟବାନ ଗଛ ଏବଂ ବନ୍ୟଜନ୍ତୁ। ଜଙ୍ଗଲ ରେ ନିଆଁ ନ ଲଗାଇବା ନେଇ ପ୍ରଶାସନ ତରଫରୁ ବିଭିନ୍ନ ସମୟରେ ସଚେତନତା କରାଯାଉଛି ହେଲେ ଅମାନିଆମାନେ ବୁଝି ନ ପାରି ନିଆଁ ଲଗାଇ ଛାଡ଼ି ଦେଉଥିବାରୁ ଏଭଳି ଅଭାବନୀୟ ଘଟଣା ଘଟୁଥିବା ପରିବେଶବିତ ତଥା ବୁଦ୍ଧିଜୀବି ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।



**ଜଳୁଛି ଜଙ୍ଗଲ**

## କଳାହାଣ୍ଡି ଜିଲ୍ଲାରେ ମାଟ୍ରିକ ପରୀକ୍ଷା

# ଶେଷ ଦିନରେ ୪୪୫ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଭବାନୀପାଟଣା, ୨।୩ (ସମିସ)**

ରାଜ୍ୟରେ ଗତ ଗୁରୁବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିଲା। ପରିପ୍ରେକ୍ଷୀରେ ପ୍ରଥମ ଦିନରେ କଳାହାଣ୍ଡି ଜିଲ୍ଲାରେ ୪୨୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ଶେଷ ଦିବସରେ ୪୪୫ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି। ତେବେ ପରୀକ୍ଷାରେ ରେଗୁଲାରରେ ୨୧, ୧୦୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦, ୬୫୯ଜଣ ଛାତ୍ରଛାତ୍ରୀ ଆଜି ପରୀକ୍ଷା ଦେଇଥିଲେ।ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଶ୍ନପତ୍ର ପହଞ୍ଚିବାଠାରୁ ଆରମ୍ଭ କରି କପି ରୋକିବାନେଇ ଅନେକ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା। କିନ୍ତୁ ଦୁଃଖର କଥା ୪୪୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବା ଶିକ୍ଷା ବିଭାଗ ପୂର୍ବରୁ ଡ୍ରପ ଆଉଟ୍ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ 'ଆସ ଆମେ ସ୍କୁଲ ଯିବା' କାର୍ଯ୍ୟକ୍ରମକୁ ମାସାଧିକ ସମୟ ଲାଗୁ କରିଥିଲେ। ଶିକ୍ଷକମାନେ ଡ୍ରପଆଉଟ୍ ଛାତ୍ର ଛାତ୍ରୀଙ୍କ ଘର ଘର ବୁଲି ଖୋଜିବା, ଅଭିଭାବକଙ୍କୁ ବୁଝାଇ ପିଲାଙ୍କୁ ସ୍କୁଲ ପଠାଇବା ପାଇଁ ପ୍ରବର୍ତ୍ତାଇଥିଲେ। ଯେଉଁ ଛାତ୍ର କିମ୍ବା ଛାତ୍ରୀ ସ୍କୁଲରେ ନାମ ଲେଖାଇବା ଲାଗି ଆସନ୍ତି ସେମାନଙ୍କୁ କପାଳରେ ଚନ୍ଦନ ଟିପା ଲଗାଇ କାନରେ ଫୁଲ ଖୁଞ୍ଚି ସ୍କୁଲକୁ ସ୍ୱାଗତ କରାଯାଇଥିଲା। କିନ୍ତୁ ଗୋଟିଏ ଦିନପରେ ଆଉ ସେ ଛାତ୍ର ଛାତ୍ରୀମାନେ ସ୍କୁଲ ବାରଣ୍ଡା ମାଡିନାହାନ୍ତି। ବାସ୍ତବତାକୁ ସରକାର ବୁଝିବା ସମୟ ଆସିଛି। ଯେଉଁ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି ସେମାନଙ୍କ ମଧ୍ୟରୁ ଦିନ ମଜୁରୀ ପାଇଁ କିଏ ବାହାରକୁ ଯାଇଛି ତ ଆଉ କିଏ କାହା ଘରେ ପେଟପାଟଣା ପାଇଁ ମୂଲ ଲାଗିଛନ୍ତି। ସେପରି ସ୍ଥିତିରେ ଅଭିଭାବକ ମଧ୍ୟ ସଚେତନ ହୋଇପାରିନାହାନ୍ତି ବୋଲି ଅନୁମାନ କରାଯାଏ। ପରିବାରର ଆର୍ଥିକ ବୋଝ ହାଲକା ହେବାପାଇଁ ଯେଉଁଠି ଛାତ୍ରଛାତ୍ରୀ ନିଜକୁ ମାନସିକ ପ୍ରସ୍ତୁତ କରିଛନ୍ତି ସେଠାରେ ସ୍କୁଲର ଚନ୍ଦନ ଲଗାଇ ସ୍ୱାଗତ ବ୍ୟବସ୍ଥା ନିରର୍ଥକ ପାଲଟିଛି। ସେ ଯାହା ହେଉ ପରବର୍ତ୍ତି ସମୟରେ ଡ୍ରପ ଆଉଟ୍ ଛାତ୍ରଙ୍କୁ ନେଇ ପ୍ରଣୟନ ହୋଇଥିବା 'ଆସ ଆମେ ସ୍କୁଲ ଯିବା' ଯୋଜନା ବିଭାଗର ଆଉଟ୍ ଅଫ ମାଇଣ୍ଡ ହୋଇଗଲା। ପରୀକ୍ଷାରେ ଶହ ଶହ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ସତ୍ତ୍ୱେ ଯେମିତି କାହାର ନିଘା ନାହିଁ। ପରୀକ୍ଷା ପରିଚାଳନା ପାଇଁ ୧୩୧୧ ଜଣ ପର୍ଯ୍ୟବେକ୍ଷକ, ୩ଟି ବିଇଓ ସ୍କ୍ୱାର୍ଡ, ସମସ୍ତ ନୋଡାଲ ସେଣ୍ଟର ଓ ପରୀକ୍ଷା କେନ୍ଦ୍ରମାନଙ୍କରେ ଏଆଇ କ୍ୟାମେରା ସିସିଟିଭି ଲଗାଯାଇଥିଲା। କପି ରୋକିବା ଓ ପ୍ରଶ୍ନପତ୍ର ପ୍ରଘଟ ରୋକିବା ପାଇଁ ଏଆଇ କ୍ୟାମେରା ଇତ୍ୟାଦି ସବୁ ଠିକ୍ ହେଲେ ପରୀକ୍ଷାରେ ଉପସ୍ଥିତି ସଂଖ୍ୟାରେ ହ୍ରାସକୁ ନେଇ କେହି ଉଦବେଗ ପ୍ରକାଶ କରିବା ଲକ୍ଷ୍ୟ କରାଯାଉନାହିଁ। କଳାହାଣ୍ଡି ଜିଲ୍ଲାରେ ୧୦୦ ଜଣ ବଛା ବଛା ଭଲ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରକାଶ ନାମକ ଆଉ ଏକ ଯୋଜନା ଅନୁଷ୍ଠିତ ହୋଇଥିଲା। ସେଥିରେ ସେମାନଙ୍କୁ ଏକ୍ସପାର୍ଟ ଶିକ୍ଷକ ସାତ ଦିନ ପାଠ ପଢ଼ିବାର କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ପରୀକ୍ଷା ଫଳ ପ୍ରକାଶ ପାଇଲେ 'ପ୍ରକାଶ'ର କେତେ ଫଳପ୍ରଦ ତାହା ଜଣାପଡ଼ିବ। ଶେଷରେ ରହିଲା ପରୀକ୍ଷା ଫଳର ଶତକଡା ହାରକୁନେଇ ଅପେକ୍ଷା। ସୁଭଦ୍ରା ଯୋଜନା ଭଳି ଶିକ୍ଷା ବିଭାଗ ନିଶ୍ଚିତରୂପେ ଗ୍ରେସ ମାର୍କ ଭାବେ ମାଗଣା ମାର୍କ ଦେଇ ସରକାର ବାହାବା ନେବେ ଏଥିରେ ସନ୍ଦେହ ନାହିଁ ବୋଲି ଅନେକ ମତ ଦେଉଛନ୍ତି।

# ନିଖିଳ ଉତ୍କଳ ସୁବର୍ଣ୍ଣଗ୍ରାହୀ ଶୁଣ୍ଡି ସମାଜର ବାର୍ଷିକ ଉତ୍ସବ

**ଗୋଲାମୁଣ୍ଡା, ୨।୩ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କଣ୍ଟାମାଳ ଗ୍ରାମରେ ନିଖିଳ ଉତ୍କଳ ସୁବର୍ଣ୍ଣଗ୍ରାହୀ ଶୁଣ୍ଡୀ ସମାଜର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁଳପତି ପୂର୍ଣ୍ଣଚନ୍ଦ୍ର ବେହେରା, ଯୋଗ ଦେଇ ଥିବା ବେଳେ ସମ୍ପାଦକ ହରିହର ବେହେରା, କଣ୍ଟାବାଞ୍ଜି, ଉପକୂଳପତି ଦସମୁ ବେହେରା, ତରଣୀସେନ ବେହେରା, ସହସମ୍ପାଦକ ପୁଲଷ୍ଟି ବେହେରା, କ୍ଷିତୀରାମ ବେହେରା, କୋଷଧକ୍ଷ ଡମ୍ବୁରୁଦଧର ବେହେରା, ଦିଗସରା ମଣ୍ଡଳ ସଭାପତି ନିମାୟୀ ଚରଣ ବେହେରା, ବ୍ରଜ କିଶୋର ବେହେରା ପ୍ରମୁଖ ମଞ୍ଚାସିନ ଥିବା ବେଳେ କଣ୍ଟାମାଳ ଆୟୋଜକ କମିଟି ତଥା ମହିଳା ମୋର୍ଚ୍ଚା ଗ୍ରାମ୍ୟକମିଟି ବାଳିପଦର୍, କଣ୍ଟାମାଳ ଗ୍ରାମ୍ୟକମିଟି ତ୍ରିଲୋଚନ ବେହେରା, ସମ୍ପାଦକ ମଦନ ବେହେରା, କେନ୍ଦ୍ର କମିଟି ସଦସ୍ୟ ରଙ୍ଗାଧର ବେହେରା ଓ ବାଳିପଦର ଗ୍ରାମ୍ୟ କମିଟି ତଥା ସଭାପତି କୁଶଧ୍ୱଜ ବେହେରା, ସମ୍ପାଦକ ଠାକୁର ବେହେରା, କେନ୍ଦ୍ର କମିଟି ସଦସ୍ୟ ଦୀନବନ୍ଧୁ ବେହେରା, ଚାପଧାରି ବେହେରା, ସିମାଞ୍ଚଲ୍ ବେହେରା, ଭୋଲେଶ୍ୱର୍ ବେହେରା ପ୍ରମୁଖ ଗ୍ରାମ୍ୟ କମିଟି ସହଯୋଗ କରିଥିଲେ। ଶେଷରେ କୁନା କୁନି ପିଲାମାନଙ୍କ ମଧ୍ୟରେ ନୃତ୍ୟ ପରିବେଷଣ ହୋଇଥିଲା।




# ଆମପାଣି ଘାଟିରେ ଓଲଟିଲା ଟ୍ରକ୍



**କୋକସରା, ୨।୩(ସମିସ):** ୨୬ ନମ୍ବର ଜାତୀୟ ରାଜପଥର କଳାହାଣ୍ଡି-ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଆମପାଣି ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଟ୍ରକ୍ ନଂ-ଏପି୧୬ଟିଜେ୧୮୭୭ଓଲଟି ପଡ଼ିଛି। ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଓ ହେଲପର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବିଜୟୱାଡାରୁ ପାଉଡର ବୋଝେଇ ଆସାମ ଅଭିମୁଖେ ଯାଉଥିବା ଟ୍ରକ୍ ସୋମବାର ଆମପାଣି ଘାଟିରାସ୍ତାର ଏକ ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଦୁର୍ଘଟଣା ଫଳରେ ଗାଡ଼ି ଆଗପଟ ଚୁରମାର ହୋଇଥିବା ବେଳେ ଡ୍ରାଇଭର ଓ ହେଲ୍ପର ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଆମପାଣି ମେଡିକାଲରେ ଚିକିତ୍ସିତ କରାଯାଉଛି। ଆମପାଣି ଥାନା ପୁଲିସ ପହଞ୍ଚି ତଦନ୍ତ କରୁଛି।

# ଦଶମ ଶ୍ରେଣୀ ଛାତ୍ରଙ୍କ ଆକସ୍ମିକ ମୃତ୍ୟୁ

**କୋକସରା, ୨।୩ (ସମିସ):** କୋକସରା ଥାନା ଲଡୁଗାଁଗ୍ରାମର ଜଣେ ଛାତ୍ରଙ୍କ ସୋମବାର ଆକସ୍ମିକ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ଡମ୍ବୁରୁଧର ମହାନନ୍ଦଙ୍କ ପୁଅ ସଲମାନ ମହାନନ୍ଦ (୧୭) ବୋଲି ଜଣାପଡ଼ିଛି। ପରିବାର ବର୍ଗଙ୍କ କହିବା ଅନୁଯାୟୀ, ସଲମାନ ଘରେଥିବା ସମୟରେ ଅସୁସ୍ଥତା ଅନୁଭବ କରିବା ପରେ ତୁରନ୍ତ ପରିବାର ଲୋକେ ତାଙ୍କୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ସଲମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଅନ୍ୟପଟେ କୋକସରା ଥାନା ପୁଲିସ ଘଟଣା ସମ୍ପର୍କରେ ଖବରପାଇ ମେଡିକାଲରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। କୋକସରା ମେଡ଼ିକାଲରେ ପୁଅର ଶବ ବ୍ୟବଚ୍ଛେଦ ହେବାକୁ ଥିବାବେଳେ ପୁଅର ମୃତ୍ୟୁକୁ ନେଇ ସନ୍ଦେହ କରି ବାପା ଡମ୍ବୁରୁଧର ତା'ର ପ୍ରକୃତ କାରଣ ଜାଣିବା ପାଇଁ ଦାବି କରିଥିଲେ। ଏହାପରେ ଭବାନୀପାଟଣା ସ୍ଥିତ ଜିଲ୍ଲା ମେଡିକାଲ କଲେଜକୁ ଶବ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ମୃତ ଛାତ୍ର ଜଣକ କୋକସରା ବଙ୍ଗୋମୁଣ୍ଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଉଥିବା ସୂଚନା ରହିଛି।

# ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚ୍‌ପିଭି ଟୀକାକରଣ

**ଧର୍ମଗଡ଼, ୨।୩(ସମିସ):** ଧର୍ମଗଡ଼ ବ୍ଲକ ପର୍ଲା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚପିଭି ଟୀକାକରଣର ଶୁଭାରମ୍ଭ ସୋମବାର ଦିନ ହୋଇଯାଇଛି। ପର୍ଲାପଞ୍ଚାୟତ ସରପଞ୍ଚ ବ୍ରିଜଲାଲ ନାଏକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ସରକାରଙ୍କ ଏହି ଯୋଜନାରେ ଦେଶର ୧୪-୧୫ବର୍ଷ ନାବାଳିକା ମାନେ ଉପକୃତ ହୋଇପାରିବେ। ଦେଶରେ ମହିଳାଙ୍କ କ୍ଷେତ୍ରରେ ଗର୍ଭାବସ୍ଥା ସମୟରେ ଗର୍ଭାଶୟ ଜନିତ କ୍ୟାନ୍ସର ଭଳି ରୋଗ ବୃଦ୍ଧି ପାଇଛି।ତାହାକୁ ରୋକିବାକୁ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରି ଟୀକା କରଣର ବ୍ୟବସ୍ଥା ହାତକୁ ନେଇଛନ୍ତି। ଧର୍ମଗଡ଼ ବ୍ଲକରେ ମୋଟ ୧୪-୧୫ବର୍ଷ ନାବାଳିକା ସଂଖ୍ୟା ୮୪୨ରହିଥିବା ବେଳେ ସମସ୍ତଙ୍କୁ ଟୀକାକରଣ କରିବା ଲକ୍ଷ ରଖାଯାଇଛି। ଉଦ୍‌ଘାଟନ ଦିବସରେ ଖବର ଲେଖା ହେବା ପର୍ଯ୍ୟନ୍ତ ୬୮ ଜଣ ନାବାଳିକାଙ୍କ ପଞ୍ଜିକୃତ ହୋଇ ଟୀକା ଦିଆଯାଇ ଥିବା ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦେବଦତ୍ତ ପଣ୍ଡା ପ୍ରକାଶ କରିଛନ୍ତି।କାର୍ଯ୍ୟକ୍ରମରେ ଡ଼ଃ ମୁକେଶ ଶବର, ଡ଼ଃ ଜ୍ଞାନ ମାଝୀ, ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଧରିତ୍ରୀ ପାଣିଗ୍ରାହୀ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦା ନନ୍ଦ ପଣ୍ଡା, ନିଳାଞ୍ଚଳ ପ୍ରଧାନ, ଆରତୀ ଡଙ୍ଗରି ପ୍ରମୁଖ ଉପସ୍ଥିତ ରହିଥିଲେ। ସେଭଳି ଟିକାକରଣରେ ଏ ଏନଏମ ଯଶୋବନ୍ତି ସାହୁ, ମଞ୍ଜୁଲତା ମହୁରିଆ, ମନୀଷା ନାୟକ, ଭକ୍ତ ଚରଣ ଭାଟି, ପୁରୁଷୋତ୍ତମ ଘିଭେଲା ପ୍ରମୁଖ ସହଯୋଗ କରିଥିଲେ।

# ବାଣିପଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼, ୨।୩ (ସମିସ):** ଲାଞ୍ଜିଗଡ଼ ବ୍ଲକ ବାତେଲିମା ପଞ୍ଚାୟତ ବାଣିପଙ୍ଗାସ୍ଥିତ ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବସନ୍ତ କୁମାର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କେକେଡିଏ ସୂର୍ଯ୍ୟକାନ୍ତ ଭୋଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାତେଲିମା ସରପଞ୍ଚ କରୁଣା ମାଝୀ, ଲାଞ୍ଜିଗଡ଼ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପାର୍ଥିବ ତାଣ୍ଡି, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ସୁଶୀ ମଣି ମାଝୀ, ଛତ୍ରପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଅରବିନ୍ଦ ପଟ୍ଟନାୟକ, ବାତେଲିମା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶୀଲ ସାହୁ, ବାତେଲିମା ସମିତି ସଭ୍ୟ ଗୋବିନ୍ଦ ନାଏକ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀଙ୍କ ପ୍ରତିନିଧି ରଘୁନାଥ ମାଝୀ, ସଦସ୍ୟ କାଳିଆ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରା ଯାଇଥିଲା। କାର୍ଯ୍ୟକ୍ରମକୁ ସ୍କୁଲ ସଂସ୍କୃତ ଶିକ୍ଷକଙ୍କ ଅନୁମତିକ୍ରମେ ଛାତ୍ରୀ ସନ୍ଧ୍ୟାରାଣୀ ମାଝୀ, ପୂଜା ମାଝୀ ଏବଂ ସରିତା ମାଝୀ ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ ବସନ୍ତ କୁମାର ମାଝୀ ବିଦ୍ୟାଳୟର ବାର୍ଷିକ ପାଠନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସ୍ମିତା ଦାସ ତୁଲାଇ ଥିବା ବେଳେ ଶିକ୍ଷକ ଗୁଣଧର ଶବର, ଶିକ୍ଷକ ସନ୍ତୋଷ ମାଝୀ, ମୁକେଶ କୁମାର ବିଶ୍ୱାଳ, ସାନେ ମାଝୀ, ଲଳିତା ମାଝୀ, କାନୁନବାଳା ମଲ୍ଲିକ, ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପୂର୍ବରୁ ବିଭିନ୍ନ ବ୍ଲକ, ଜିଲ୍ଲା, ରାଜ୍ୟ ଓ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସୁନାମ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ସନ୍ତୋଷ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।




# ଉକ୍ରେଲା ବଞ୍ଜାରା ସମାଜର ଶ୍ମଶାନ ପାଇଁ ହୋଇପାରୁନି ଜାଗା ଚିହ୍ନଟ

**କେସିଙ୍ଗା, ୨।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଉକ୍ରେଲା ପଞ୍ଚାୟତ ଅଧୀନରେ ଥିବା ଶ୍ମଶାନରେ ଡ଼ମ୍ବ ଜାତି ଓ ଗଉଡ଼ ଜାତି, ବଞ୍ଜାରା ଜାତିର ଲୋକ ମିଳିମିଶି ଶବଦାହ କରି ଆସୁଥିଲେ। ହେଲେ ବିମାନବନ୍ଦର ତିଆରି ହେବା ପରେ ସେହି ମସାଣି ଭୂମିକୁ ବିମାନବନ୍ଦର ପାଇଁ ଅକ୍ତିଆର କରିନେବା ଫଳରେ ସମସ୍ୟା ଦେଖାଦେଇଛି। ବର୍ତ୍ତମାନ ଡମ୍ବ ସମାଜ ଓ ଗଉଡ଼ ସମାଜ ପାଇଁ ଶ୍ମଶାନ ଗୃହ ତିଆରି ହେଲାଣି ହେଲେ ବଞ୍ଜାରା ସମାଜ ପାଇଁ ଆଜି ଯାଏଁ ଶବଦାହ ଗୃହ ନିର୍ମାଣ ହୋଇ ନାହିଁ। ବଞ୍ଜାରା ସମାଜର ଶ୍ମଶାନ ପାଇଁ ବ୍ଲକ ପକ୍ଷରୁ ଅର୍ଥର ବ୍ୟବସ୍ଥା କରାଯାଇଛି। ସେଥିପାଇଁ କେସିଙ୍ଗା ବିଡିଓ ଜମିର ତଦାରଖ ପାଇଁ କେସିଙ୍ଗା ବ୍ଲକ ଜିପିଓ ଓ ଉକ୍ରେଲା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀକୁ ଜାଗା ଚିହ୍ନଟ କରିବା ପାଇଁ ପଠାଇଥିଲେ ହେଲେ ବିମାନ ବନ୍ଦର ଅଧିକାରୀଙ୍କୁ ପଚାରିବାରୁ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ କଥାହୋଇ ଜାଗାଚିହ୍ନଟ କରିବା ପାଇଁ କହିଥିଲେ। ସେପଟେ ଆମେ ତଦାରଖ ପାଇଁ ଯାଇଥିବା ବ୍ଲକ ଜିପିଓଙ୍କୁ ପଚାରିବାରୁ ଶ୍ମଶାନ ତିଆରି ପାଇଁ ଜାଗା ଅଛି ହେଲେ ଚିହ୍ନଟ ହୋଇ ପାରୁନାହିଁ ଆମେ ଯଥା ଶୀଘ୍ର କେସିଙ୍ଗା ତହସିଲଦାରଙ୍କୁ ଚିଠି ଲେଖି ଜାଗାଚିହ୍ନଟ ପାଇଁ ଅନୁରୋଧ କରିବୁ।ଜାଗା ଚିହ୍ନଟ ହେବା ପରେ ତୁରନ୍ତ ବଞ୍ଜାରା ସମାଜ ପାଇଁ ବ୍ଲକ ପକ୍ଷରୁ ଶ୍ମଶାନ ତିଆରି କରାଯିବ ବୋଲି ପ୍ରକାଶ କରିଥିଲେ।

## ମଙ୍ଗଳପୁର ଉଠା ଜଳସେଚନ ପ୍ରକଳ୍ପରେ ଅଚଳାବସ୍ଥା

# ଦୁଇ ଦିନ ହେଲା ଜଳ ଯୋଗାଣ ବନ୍ଦ

**ଜୟପାଟଣା, ୨।୩(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମଙ୍ଗଳପୁର ଉଠା ଜଳସେଚନ ପ୍ରକଳ୍ପରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ଗତ ଦୁଇ ଦିନ ହେଲା ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବର୍ତ୍ତମାନ ଧାନ ରୁଆର ସମୟ ହୋଇଥିବା ବେଳେ, ପାଣି ଅଭାବରୁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୨୧ ଜାନୁୟାରୀ ୧୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱ ଏଲଏଣ୍ଡଟି ସଂସ୍ଥା ହାତରେ ରହିଥିଲା। ଗତ ଡିସେମ୍ବରରେ ୫ ବର୍ଷିଆ ଅବଧି ଶେଷ ହୋଇଥିଲେ ସୁଦ୍ଧା କାର୍ଯ୍ୟକାଳକୁ ଆଉ ୬ ମାସ ବୃଦ୍ଧି କରାଯାଇଛି। ଆଗାମୀ ୧୦ ବର୍ଷ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବାକୁ ଥିବା ବେଳେ, ହଠାତ ଜଳ ଯୋଗାଣ ବନ୍ଦ ହେବା ପଛରେ କେଉଁ ରହସ୍ୟ ରହିଛି ସାଧାରଣରେ ପ୍ରଶ୍ନ ଉଠିଛି। ବିଭାଗୀୟ ଅଧିକାରୀମାନେ ମରାମତି କାର୍ଯ୍ୟ ଚାଲିଥିବା ଦର୍ଶାଉଥିଲେ ମଧ୍ୟ ଚାଷୀମାନେ ଏହାକୁ ଗ୍ରହଣ କରିବାକୁ ନାରାଜ। କୌଣସି ବଡ଼ ଧରଣର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ଏଭଳି କରାଯାଉଛି କି ବୋଲି ସନ୍ଦେହ ପ୍ରକାଶ ପାଇଛି। ଗତ ଜାନୁଆରୀ ୭ ତାରିଖରୁ ଚଳିତ ଖରିଫ ଋତୁ ପାଇଁ ପ୍ରାୟ ୧୭ ହଜାର ହେକ୍ଟର ଜମିକୁ ଜଳ ଯୋଗାଣ ଆରମ୍ଭ ହୋଇଥିଲା। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ପ୍ରକଳ୍ପରୁ ଦୁଇ ଦିନ ପାଣି ବନ୍ଦ ହେଲେ, ତଳ ମୁଣ୍ଡରେ ଥିବା ଚାଷ ଜମିରେ ପହଞ୍ଚିବାକୁ ପ୍ରାୟ ୪ ରୁ ୫ ଦିନ ସମୟ ଲାଗିଥାଏ। ଫଳରେ ଏହି ଦୁଇ ଦିନର ଅଚଳାବସ୍ଥା ଚାଷୀଙ୍କୁ ସପ୍ତାହେ ପଛକୁ ଠେଲି ଦେଇଛି। କୋଟି କୋଟି ଟଙ୍କାର ପ୍ରକଳ୍ପ ପାଇଁ ଆଉ କୋଣସି ପ୍ରକାର ଜରୁରୀକାଳୀନ ପରିସ୍ଥିତି ପାଇଁ ବିକଳ୍ପ ବ୍ୟବସ୍ଥା ରହିଛି କିନ୍ତୁ ଏଭଳି ଅଚଳ ହୋଇଯିବା ଆଶ୍ଚର୍ଯ୍ୟ କରୁଛି ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଜରୁରୀ। ଶନିବାର ଓ ରବିବାର ଜଳ ଯୋଗାଣ ବନ୍ଦ ପରେ ସୋମବାର ସନ୍ଧ୍ୟାରେ ପାଣି ଛାଡିଥିବା ବିଭାଗୀୟ ଅଧିକାରୀ କହିଛନ୍ତି।



## ଟ୍ରେଲର ଧକ୍କାରେ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତି ଧରାଶାୟୀ

# ପୁନରୁଦ୍ଧାର କରିବାକୁ ଦାବିକଲା ବିଜେଡି

**ନୂଆପଡ଼ା, ୨।୩(ସମିସ)**

ନୂଆପଡ଼ା ଏକତା ଛକରେ ଦୀର୍ଘ ଦିନ ଧରି ଅବସ୍ଥାପିତ ଥିବା ସ୍ୱର୍ଗତ ମନ୍ତ୍ରୀ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତିକୁ ଟ୍ରେଲର ଧକ୍କା ଦେବା ଫଳରେ ଭାଙ୍ଗି ତଳେ ପଡ଼ିଯାଇଥିବା ବେଳେ ଠିକ ସମୟରେ ନୂଆପଡ଼ା ଏନ୍ଏସି ତରଫରୁ ଉଦ୍ଧାର କରି ରଖାଯାଇଛି। ସମ୍ପୃକ୍ତ ଟ୍ରକ୍‌କୁ ନୂଆପଡ଼ା ଥାନା ପୁଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛନ୍ତି। ଅନ୍ୟପଟେ ନୂଆପଡ଼ା ଜିଲ୍ଲା ବିଜେଡି ତରଫରୁ ଏହାର ପୁନଃରୁଦ୍ଧାର କରିବା ସହ ସୁରକ୍ଷିତ ଜାଗାରେ ଅବସ୍ଥାପିତ କରିବାକୁ ଦାବି କରାଯାଇଛି। ପ୍ରକାଶ ଯେ ସୋମବାର ସକାଳ ୬ଟା ସମୟରେ ବରଗଡ଼ ପଟୁ ଲୁହା ଛଡ ବୋଝେଇ ଟ୍ରେଲର ନୂଆପଡ଼ା ଦେଇ ଖଡିଆଳ ରାସ୍ତାରେ ଯାଉଥିବା ବେଳେ ଏକତା ଛକ ନିକଟରେ ଭାରସାମ୍ୟ ହରାଇ ହଠାତ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତିକୁ ଧକ୍କା ଦେଇଥିଲା। ଫଳରେ ପ୍ରତିମୂର୍ତ୍ତି ଭାଙ୍ଗି ତଳେ ପଡ଼ିଥିଲା। ସ୍ଥାନୀୟ ଲୋକେ ନୂଆପଡ଼ା ଥାନାକୁ ସୂଚନା ଦେବା ପରେ ଥାନାଧିକାରୀ ଗଙ୍ଗାଧର ମେହେର ଟ୍ରେଲରକୁ ଅଟକାଇବା ସହ ଡ୍ରାଇଭରଙ୍କୁ ଅଟକ ରଖିଥିଲେ। ଏନ୍ଏସି ତରଫରୁ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦିପ ଚନ୍ଦ୍ରକାର ଉପସ୍ଥିତ ରହି ଜେସିବି ସହାୟତାରେ ପ୍ରତିମୂର୍ତ୍ତିକୁ ପୂର୍ବବତ ଛିଡା କରିଥିଲେ। ଏହା ପରେ ଆଦିବାସୀ ସଂଘ ତରଫରୁ ଏକ ଟିମ୍ ଜିଲ୍ଲାପାଳଙ୍କୁ ଏହାର ସୁରକ୍ଷା ବ୍ୟବସ୍ଥା କରାଯିବାକୁ ଦାବି କରିଥିଲେ। ସେହିପରି ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀଙ୍କ ନେତୃତ୍ୱରେ ଏକ ଟିମ୍ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଛକରେ ସ୍ୱର୍ଗତ ମାଝୀଙ୍କ ପୂର୍ଣ୍ଣାବୟବ ନିର୍ମାଣ କରିବା ସହ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଜିଲ୍ଲାପରିଷଦ ସଭ୍ୟ ତଥା ସ୍ୱର୍ଗୀୟ ମାଝୀଙ୍କ ପୁତୁରା ଭାନୁପ୍ରତାପ ସିଂ ମାଝୀ, ସିତୁ ବୋଧନକର, ଟେକରାମ ସାହୁ, ଚୂରନ ସିଂ ମାଝୀ, ଟିଙ୍କୁ ପଣ୍ଡା ପ୍ରମୁଖ ସାମିଲ ଥିଲେ।



# ଏଲ୍‌ଟିଏମ୍ ସହାୟତାରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ମ.ରାମପୁର, ୨।୩(ସମିସ):** ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରିବା ସହ ସେମାନଙ୍କ ମଧ୍ୟରେ ଦଳୀୟ ଭାବନା, ସହଯୋଗ ମନୋଭାବ ବିକାଶ କରିବା ତଥା ଶାରୀରିକ ସୁସ୍ଥତା ଓ ସର୍ବାଙ୍ଗୀନ ଉନ୍ନତିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମଦନପୁରରାମପୁର ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।ଏଲଟିଏମ ସଂସ୍ଥା ସହାୟତା ତଥା କଳାହାଣ୍ଡି ଶିକ୍ଷା ବିଭାଗ ଓ ମହାଶକ୍ତି ଫାଉଣ୍ଡେସନର ମିଳିତ ଆୟୋଜନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ୮ଟି ସ୍କୁଲର ୫୦୦ଜଣ ଛାତ୍ରଛାତ୍ରୀଙ୍କୁ ନେଇ ୪୫ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନିତ ଅତିଥି ଭାବେ ରାମପୁର ବିଡିଓ ଶରତ କୁମାର ସେଠୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମଦନପୁରର ଅଧକ୍ଷ ସଞ୍ଜୟ ଦାସ, ମଦନପୁରରାମପୁର ସରପଞ୍ଚ ବୀଣାପାଣି ସାହୁ, ସମାଜସେବୀ ସତ୍ୟନାରାୟଣ ସାହୁ, ମହାଶକ୍ତି ଫାଉଣ୍ଡେସନର ପ୍ରତିଷ୍ଠାତା ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିବା ସହ ଉତ୍ସାହିତ କରିଥିଲେ। ମହାଶକ୍ତିର ବ୍ଲକ ସଂଯୋଜିକା ଭାଗ୍ୟଶ୍ରୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ସମୀର ପୂଜାରୀ, ସବିତା ସ୍ୱାଇଁ, ସୈରେନ୍ଦ୍ରି ସାହୁ, ଭାରତୀ ଶର୍ମା, ଖିଲାଧର ରଣା, ଗୁପ୍ତା ସୁନା ଓ ବିକାଶ ରଣା ପ୍ରମୁଖ ସହଯୋଗ କରିଥଲେ।



# ସହରତଳ ମିଳିତ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର,୨।୩(ସମିସ): ସ୍ଥାନୀୟ ବ୍ରଜନଗରଠାରେ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକର୍ତ୍ତା ଓ କୋର କମିଟି ସଦସ୍ୟଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ବାସଗୃହରେ ଉପସଭାପତି ଦେବୀ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ରହ୍ମପୁରର ଅଭିବୃଦ୍ଧି, ବିକାଶ ଓ ଉନ୍ନୟନ ନେଇ ଆଲୋଚନା କରଯାଇଥିଲା। ବ୍ରହ୍ମପୁରକୁ ସ୍ୱତନ୍ତ୍ର ଜିଲ୍ଲା ଗଠନ, ସ୍ୱୟଂଶାସିତ ଦକ୍ଷିଣଓଡ଼ିଶା ବିକାଶ ପରିଷଦ ଗଠନ, କମିଶନରେଟ୍ ପୁଲିସ ବ୍ୟବସ୍ଥା ଲାଗୁ, ରେଳପଥ, ବିମାନ ବନ୍ଦର, ବିଶ୍ୱସ୍ତରୀୟ ବସଷ୍ଟାଣ୍ଡ ଓ ଟର୍ମିନାଲ, ସୈନିକ ସ୍କୁଲ, ଏନଡିଏର ଶାଖା, ପ୍ରତିରକ୍ଷା ଶିଳ୍ପ କରିଡ଼ର, ଟେକ୍ସଟାଇଲ ପାର୍କ, ଏନଏଫଟି ପ୍ରତିଷ୍ଠାନର ଶାଖା, ଜାତୀୟ ଓ ଆନ୍ତର୍ଜାତୀୟସ୍ତରର ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ପ୍ରତିଷ୍ଠା ସର୍ବୋପରି ବ୍ରହ୍ମପୁରକୁ ଏକ ଆଇଟି ଓ ମେନୁଫେକ୍ଚରିଂ ହବ୍ ନିମନ୍ତେ ଦାବି କରାଯାଇଥିଲା। ବିଗତ ଦିନରେ କମିଶନରେଟ୍ ପୋଲିସ ଏବଂ ବ୍ରହ୍ମପୁର ରେଳଷ୍ଟେସନକୁ ବିଶ୍ୱସ୍ତରୀୟ ଷ୍ଟେସନରେ ପରିଣତ, ଶିତଳାପଲ୍ଲୀରେ ବନ୍ଦେ ଭାରତ କୋଚ କାରଖାନା, ଗୋପାଳପୁର ରେଢ଼ାଖୋଲ ଭାୟା ଭଞ୍ଜନଗର ରେଳଲାଇନ ନିର୍ମାଣ, ୫ ଓ ୬ନମ୍ବର ପ୍ଲାଟଫର୍ମ ନିର୍ମାଣ, ଏଠାରୁ ଦେଶର ପ୍ରମୁଖ ସହରକୁ ସିଧାସଳଖ ଯୋଗାଯୋଗ ନିମନ୍ତେ ନିୟମିତ ଟ୍ରେନ ଯୋଗାଇବା ତଥା ଏଠାରେ ଏକ ରେଳ ଟର୍ମିନାଲ ସ୍ଥାପନ ସମ୍ବନ୍ଧୀୟ ଯେଉଁ ଦାବୀପତ୍ର ଆରଡିସିଙ୍କ ମାଧ୍ୟମରେ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା ତାହାର ଆବଶ୍ୟକତା ରହିଛି କହି ଆରଡିସି ସରକାରଙ୍କୁ ଅବଗତ ଭିତ୍ତିକ ସୁପାରିଶ କରିଥିଲେ। ଖୁବ୍‌ଶୀଘ୍ର ରାଜ୍ୟ ସରକାର ଏହା ଉପରେ ସକାରାତ୍ମକ ପଦକ୍ଷେପ ନେବେ ଏବଂ ସାକାର ରୂପ ନେବା ପର୍ଯ୍ୟନ୍ତ କମିଟି ପକ୍ଷରୁ ପ୍ରଚେଷ୍ଟା ଓ ଉଦ୍ୟମ ଅବ୍ୟାହତ ରହିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏତଦ୍ ବ୍ୟତୀତ କମିଟିର ସଦସ୍ୟତା ଅଭିଯାନକୁ ବ୍ୟାପକ କରାଯାଇ କମିଟିର ଜନସ୍ୱାର୍ଥ କାର୍ଯ୍ୟକୁ ସବୁଠି କିଭଳି ପହଞ୍ଚା ଯାଇପାରିବ କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଉଦ୍ୟମ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ସେହିଭଳି ହୋଲି ପରେ ପଞ୍ଚାୟତ ସମ୍ପର୍କ ଅଭିଯାନ ଆରମ୍ଭ କରାଯିବ ଓ ସେଠାକାର ନିର୍ବାଚିତ ପ୍ରତିନିଧି ଓ ପ୍ରମୁଖ ବୁଦ୍ଧିଜୀବି ଏବଂ ସଚେତନ ନାଗରିକଙ୍କ ସହ ଭାବ ବିନିମୟ କରାଯାଇ ସ୍ଥାନୀୟ ସମସ୍ୟା ଓ ଲୋକଙ୍କ ଆବଶ୍ୟକତା ତଥା ଏହାର ସମାଧାନ ପନ୍ଥାକୁ ଚିହ୍ନଟ ଓ ଲିପିବଦ୍ଧ କରାଯିବ। ତଦନୁଯାୟୀ ବ୍ରହ୍ମପୁର ମହାନଗର ନିଗମରେ ନୂତନ ଭାବେ ସାମିଲ ହୋଇଥିବା ସମସ୍ତ ପଞ୍ଚାୟତରେ ଏହିଭଳି ବୈଠକ କରାଯାଇ ସମ୍ପୃକ୍ତ ଅଞ୍ଚଳର ସମସ୍ୟା ଚିହ୍ନଟ ଓ ଲୋକଙ୍କ ଅସୁବିଧା ପରଖି ଏବଂ ଏହାର ସମାଧାନ ପନ୍ଥା ଓ ବିକାଶର ଏକ ରୋଲ ମୋଡେଲ ସରକାରଙ୍କ ନିକଟରେ ଦାଖଲ କରାଯାଇ ଏହାର ବିକାଶ ନିମନ୍ତେ ସ୍ୱତନ୍ତ୍ର ଅନୁଦାନ ଅର୍ଥ ବରାଦ ଓ ଅନୁମୋଦନ ସକାଶେ ଅନୁରୋଧ କରାଯିବ। ବ୍ରହ୍ମପୁରକୁ ଏକ ଯୋଜନାବଦ୍ଧ ତଥା ଦ୍ରୁତ ଅଭିବୃଦ୍ଧିଶିଳ ଆଗ ଧାଡ଼ିର ଅତ୍ୟାଧୁନିକ ପ୍ରଗତିଶୀଳ ସହରରେ ପରିଣତ କରିବାକୁ କମିଟି ଯେଉଁ ସଙ୍କଳ୍ପ ନେଇଛି ସେଥିରେ ସମସ୍ତେ ନିଜର ଯଥା ସମ୍ଭବ ଯୋଗଦାନ, ସମର୍ଥନ ଓ ସହାୟତା ଯୋଗାଇଦେବାକୁ କମିଟି ଆହ୍ୱାନ କରିଛି। ବୈଠକରେ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ବ୍ୟତୀତ ଉପସଭାପତି ଦେବୀ ପ୍ରସାଦ ଦାସ, ସହ ସମ୍ପାଦକ ବି. ଭି. ସାଗର, ସମ୍ପାଦକ ଜୀତେନ୍ଦ୍ର କୁମାର ପାଢ଼ୀ, କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ସାଙ୍ଗଠନିକ ସମ୍ପାଦକ ଶ୍ରୀକାନ୍ତ ପଢ଼ିହାରି, ସହ ସଙ୍ଗଠନ ସମ୍ପାଦକ କେ. ସୁଦାମ ପାତ୍ର, କୋଷାଧ୍ୟକ୍ଷ ଏମ୍ ଲାବଣ୍ୟ ପାତ୍ର, ସହ କୋଷାଧ୍ୟକ୍ଷ ସୁନିଲ ପାତ୍ର, ସଂଯୋଜକ ସିଏଚ୍ ରାମକ୍ରିଷ୍ଣା ଦାସ, ସହ ସଂଯୋଜକ କାହ୍ନୁ ଚରଣ ପତି, ଉପଦେଷ୍ଟା ପ୍ରବୀଣ ପଟ୍ଟନାୟକ, କାଳିନ୍ଦୀ ଚରଣ ନାୟକ, ଯୋଗିନ୍ଦର ବହ୍ଣି, ସନ୍ତୋଷ ସାହୁ ଓ ସୁରେନ୍ଦ୍ରନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମପୁରକୁ ସ୍ୱତନ୍ତ୍ର ଜିଲ୍ଲା ଓ ଆଗଧାଡିର ବିକଶିତ ସହରରେ ପରିଣତ ପାଇଁ ଦାବି

## ବିଇଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ବୈଠକ

# ବିଦ୍ୟୁତ୍ ଓ ଜଳଯୋଗାଣ ସମସ୍ୟା ନେଇ ସମୀକ୍ଷା

ବ୍ରହ୍ମପୁର,୨।୩(ସମିସ)



ସହରରେ ଅନେକ ସମୟରେ ରକ୍ଷଣାବେକ୍ଷଣ ପାଇଁ ବିଦ୍ୟୁତ ବିଭ୍ରାଟ ଦେଖାଯାଉଥିବା ବେଳେ ଗତବର୍ଷ ଖରାଦିନରେ ଜଳସଙ୍କଟ ଦେଖାଦେଇଥିଲା। ଆଗକୁ ଖରାଦିନ ଥିବା ବେଳେ ଚଳିତ ବର୍ଷ ପୂର୍ବାପେକ୍ଷା ଅଧିକ ଖରା ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେପଟେ ସହରରେ ଉଭୟ ପାନୀୟ ଜଳଯୋଗାଣ ଓ ବିଦ୍ୟୁତ ସରବରାହ ସଂସ୍ଥା ପକ୍ଷରୁ ଜାରି ରହିଥିବା ଉନ୍ନୟନ କାର୍ଯ୍ୟ ଯୋଗୁଁ ଲୋକଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଯାହାକୁ ନେଇ ସ୍ଥାନୀୟ କର୍ପୋରେଟର ଏପରିକି ବିଇଏମ୍‌ସି କର୍ତ୍ତୃପକ୍ଷଙ୍କୁ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ଏଭଳି ସମସ୍ୟାକୁ ନେଇ ଗତ କର୍ପୋରେସନ ବୈଠକରେ ସରଗରମ ଆଲୋଚନା ହୋଇଥିଲା। ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ବିଇଏମ୍‌ସିକୁ ଉଭୟ ୱାଟ୍‌କୋ ଓ ଟାଟାପାୱାର କର୍ତ୍ତୃପକ୍ଷଙ୍କୁ ଡାକିବାକୁ କର୍ପୋରେଟରମାନେ ଅଡ଼ି ବସିଥିଲେ। ଏ ନେଇ ଏକ ପ୍ରସ୍ତାବ ମଧ୍ୟ ପାରିତ ହୋଇଥିଲା। ଯାହାଫଳରେ ବିଇଏମ୍‌ସି କମିଶନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍ ସ୍ୱତନ୍ତ୍ର ଚିଠି କରି ଉଭୟ ବିଭାଗର କର୍ତ୍ତୃପକ୍ଷଙ୍କୁ ବିଇଏମସିର ସ୍ୱତନ୍ତ୍ର ତଥା ଜରୁରୀ ବୈଠକରେ ଯୋଗ ଦେବାକୁ କହିଥିଲେ। ଏହି କ୍ରମରେ ଆଜି ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଉଭୟ ୱାଟ୍‌କୋ ମହାପ୍ରବନ୍ଧକ ଙ୍ଗ ବିକାଶ ପାଢୀ ଏବଂ ଟାଟାପାୱାରର ବରିଷ୍ଠ ଅଧିକାରୀ ତଥା ସିଓଏସ ମିଳନ୍ଦ କୁଲକର୍ଣ୍ଣି ଏବଂ ଟାଉନ ଅଧିକ୍ଷଣ ଯନ୍ତ୍ରୀ ନିଶ୍ଚିନ୍ତ ପଣ୍ଡା ଉପସ୍ଥିତ ରହି କର୍ପୋରେଟରଙ୍କ ଦ୍ୱାରା ଆଗତ ସହରର ବିଭିନ୍ନ ୱାର୍ଡର ସମସ୍ୟାର ସମାଧାନ ଦିଗରେ ନିଜନିଜର ମତ ରଖିଥିଲେ। ଖାସ କରି ଟାଟାପାୱାର ଜରିଆରେ ସହରର ବିଭିନ୍ନ ସ୍ଥାନରେ ନୂତନ ଟ୍ରାନ୍ସଫର୍ମର ଓ ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଉଥିବା ବେଳେ ପୁରୁଣା ଗୁଡିକୁ ନହଟାଇବା ଏବଂ ଏଥିପୂର୍ବରୁ ବିଇଏମସି ସହିତ ସମନ୍ୱୟ ରକ୍ଷା କରାନଯିବା ଭଳି ପ୍ରସଙ୍ଗକୁ ନେଇ ସରଗରମ ଆଲୋଚନା ହୋଇଥିଲା। ସେହିଭଳି ସହରରେ ଜାରି ରହିଥିବା ଭୂତଳ କେବୁଲିଂ କାର୍ଯ୍ୟର ମାନକୁ ନେଇ ମଧ୍ୟ ଉଠିଥିଲା ପ୍ରଶ୍ନ। ସହରର ବିଭିନ୍ନ ଗଳି ଓ କନ୍ଦିରେ ଲାଗିଥିବା ବିଦ୍ୟୁତ୍ ଖୁଣ୍ଟରେ ଘରୋଇ କେବୁଲ ସଂସ୍ଥାଗୁଡିକର କେବୁଲ ଯୋଗୁଁ ଅନେକ ସମୟରେ ଅଗ୍ନିକାଣ୍ଡ ଘଟୁଥିବାରୁ ସେଗୁଡିକୁ ତୁରନ୍ତ ହଟାଇବାକୁ କୁହାଯାଇଥିଲା। ମରାମତି ପାଇଁ ନିୟମିତ ହେଉଥିବା ବିଦ୍ୟୁତ୍ କାଟକୁ ଖରାଦିନରେ ବନ୍ଦ କରିବାକୁ ବହୁ କର୍ପୋରେଟର ଦାବି କରିଥିଲେ। ସହରରେ ବିଭିନ୍ନ ଅଞ୍ଚଳରେ ବିଇଏମସି ପକ୍ଷରୁ ନୂତନ ରାସ୍ତା ଓ ନାଳ ନିର୍ମାଣ ଓ ମରାମତି କରାଯାଇଥିବା ବେଳେ ସେଠାରେ ଉଭୟ ୱାଟକୋ ଓ ଟାଟାପାୱାର ପକ୍ଷରୁ କେବୁଲ ଓ ଖୁଣ୍ଟ ସ୍ଥାପନ କରି ରାସ୍ତା ଓ ନାଳକୁ ନଷ୍ଟ କରୁଥିବା ଅଭିଯୋଗ ହୋଇଥିଲା। ଏପରିକମି ଆଗାମୀ ଦିନରେ ସହରର ପ୍ରତ୍ୟେକ ୱାର୍ଡରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେବାକୁ ଥିବା ବେଳେ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଥିଲା। ସେହିଭଳି ଆଗକୁ ଖରାଦିନ ଆସୁଥିବା ବେଳେ ଗତ ବର୍ଷ ଭଳି ଚଳିତ ବର୍ଷ ଯେଭଳି ଜଳସଙ୍କଟ ଦେଖାନଦିଏ ସେଥିପ୍ରତି ଯତ୍ନବାନ ହେବାକୁ ୱାଟକୋ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା। ତେବେ ଏଭଳି ସମସ୍ୟା ଚଳିତ ବର୍ଷ ସୃଷ୍ଟି ହେବ ନାହିଁ ଏବଂ ଏଥିପାଇଁ ବିଭାଗ ପ୍ରସ୍ତୁତ ଥିବା ସ୍ପଷ୍ଟ କରିଛନ୍ତି ୱାଟକୋ ମହାପ୍ରବନ୍ଧକ ଙ୍ଗ ବିକାଶ ପାଢୀ। ନିକଟରେ ମୌସୁମୀ ବର୍ଷା ଯୋଗୁଁ ବ୍ରହ୍ମପୁରକୁ ଜଳଯୋଗାଣ କରୁଥିବା ସମସ୍ତ ଜଳଭଣ୍ଡାରରେ ଶତକଡା ୯୫ପ୍ରତିଶତ ଜଳଧାରଣ ରହିଛି। ସହରକୁ ଦୈନିକ ଆବଶ୍ୟକତା ଥିବା ୯୦ନିୟୁତ ଲିଟର ପାଣି ଯୋଗାଣରେ କୌଣସି ସମସ୍ୟା ରହିବ ନାହିଁ। କେବଳ ବ୍ରହ୍ମପୁର ନୁହେଁ ବରଂ ସହର ଉପକଣ୍ଠ ଛତ୍ରପୁର, ଗୋଳାବନ୍ଧ, ଆଇଆରଇ, ଆଇଜର, ଓୟୁଏଟି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ମଧ୍ୟ ଜଳଯୋଗାଣରେ କୌଣସି ସମସ୍ୟା ରହିବ ନାହିଁ ବୋଲି ଙ୍ଗ ପାଢୀ ସ୍ପଷ୍ଟ କରିଛନ୍ତି। ତେବେ ପାଇପବିଛା କାର୍ଯ୍ୟ ପାଇଁ ସୃଷ୍ଟି ହେଉଥିବା ସମସ୍ୟାକୁ ନେଇ ଆଗାମୀ ଦିନରେ ବିଇଏମସି ସହିତ ସମନ୍ୱୟ ରକ୍ଷା କରାଯାଇ କାର୍ଯ୍ୟ ଆଗକୁ ନିଆଯିବ ବୋଲି ମଧ୍ୟ ସେ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବିଭିନ୍ନ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିବା ବେଳେ ଉଭୟ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି ମେୟର ସଂଘମିତ୍ରା ଦଳେଇ। ତେବେ ୱାଟ୍‌କୋ କର୍ତ୍ତୃପକ୍ଷଙ୍କ ସହିତ ବିଇଏମ୍‌ସିର ଏକ ଟିମ ହୋଲି ଛୁଟି ପରେ ସହରର ବିଭିନ୍ନ ୱାର୍ଡ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବ ଓ ସ୍ଥାୟୀ ପ୍ରତିକାର ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



- ଯୋଗଦେଲେ 'ଟାଟାପାୱାର' ଓ 'ୱାଟ୍‌କୋ' କର୍ତ୍ତୃପକ୍ଷ
- ଖରାଦିନରେ ବିଦ୍ୟୁତ୍ ବିଭ୍ରାଟ ନ ହେବା ଉପରେ ଗୁରୁତ୍ୱ
- ପ୍ରକଳ୍ପ ପୂର୍ବରୁ ବିଇଏମ୍‌ସି ସହ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ

# 'ନିରୀହ ବନ୍ୟଜନ୍ତୁଙ୍କୁ ସ୍ମରଣକରି ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ'

ବ୍ରହ୍ମପୁର,୨।୩(ସମିସ)

ସ୍ଥାନୀୟ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଭାଗ ପକ୍ଷରୁ ସୋମବାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମଋତୁ ଆରମ୍ଭ ହୋଇଥିବା ବେଳେ ଜଙ୍ଗଲରେ ନିଆଁ ଲାଗିବା ମଧ୍ୟ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷଅନ୍ୟବର୍ଷ ତୁଳନାରେ ଏବେଠାରୁ ଅଧିକ ରୌଦ୍ରତାପ ପରିଲକ୍ଷିତ ହୋଇଥିବା ବେଳେ ଆଗକୁ ସ୍ଥିତି ଅସମ୍ଭାଳ ହେବ ବୋଲି ଆଶଙ୍କା କରାଯାଇଛି। ଜଙ୍ଗଲରେ ନିଆଁ ଲଗାଇଲେ ନିରୀହ ବନ୍ୟଜନ୍ତୁମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ବ୍ରହ୍ମପୁର ସର୍କଲରେ ୭ଟି ବନଖଣ୍ଡ ଅନ୍ତର୍ଭୁକ୍ତ। ଏହି ସବୁ ବନଖଣ୍ଡରେ ଓ ଜଙ୍ଗଲ ଆଖପାଖରେ ବସବାସ କରୁଥିବା ଜନସାଧାରଣଙ୍କୁ ନିଆଁ ନଲଗାଇବା ପାଇଁ ବ୍ରହ୍ମପୁର ସର୍କଲ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ(ଆରସିସିଏଫ) ବିଶ୍ୱନାଥ ନୀଳାମ୍ବରୀ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନିବେଦନ କରିଛନ୍ତି। ବ୍ରହ୍ମପୁର ସର୍କଲର ଘଞ୍ଚ ଜଙ୍ଗଲରେ ବିଭାଗ ପକ୍ଷରୁ ୬ହଜାର କିଲୋମିଟର ଫରେଷ୍ଟ ଫାୟାର ଲାଇନ ପ୍ରସ୍ତୁତି କରାଯାଇ ଲୋକକଳା, ବୈଠକ, ସାମାଜିକ ଗଣମାଧ୍ୟମ ଓ ଅନ୍ୟାନ୍ୟ ମାଧ୍ୟମରେ ଜନ ସଚେତନତାକୁ ବ୍ୟାପକ କରାଯାଇଛି। ଏହି ୭ଟି ବନଖଣ୍ଡ କର୍ମଚାରୀ, ବନସୁରକ୍ଷା ସମିତିର ସଦସ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଚଳିତ ବର୍ଷ ଜଙ୍ଗଲ ନିଆଁକୁ ତୁରନ୍ତ ପରାହତ କରିବା ପାଇଁ ପାଖାପାଖି ୬୦୦ଟି ବ୍ଲୋୟର, ୪୨ଟି ଯାନ, ୪୦୮ଟି ସ୍କ୍ୱାର୍ଡ ଗଠନ କରାଯାଇଛି। ଏହାସହ ସହିତ ୭ଟି ବନଖଣ୍ଡର କଣ୍ଟ୍ରୋଲ ରୁମର ଟେଲିଫୋନ ନମ୍ବର ଜାରି କରାଯାଇଛି। ଜଙ୍ଗଲରେ ନିଆଁ ଲାଗିବା ନେଇ ସୂଚନା ପାଇଲେ ତୁରନ୍ତ ଜଣାଇବାକୁ ସଚେତନ ନାଗରିକଙ୍କୁ ଶ୍ରୀନୀଳାମ୍ବରମ ଅନୁରୋଧ କରିଛନ୍ତି। ଜଙ୍ଗଲ ନିଆଁ ଜାଣିବାରେ ବିଭାଗକୁ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ(ଏସ୍‌ଏଆଇ) ଦ୍ୱାରା ପ୍ରସ୍ତୁତ ଫାୟାର ଆଲର୍ଟ ସିଷ୍ଟମ ବିଶେଷ ଉପଯୋଗୀ ସାବ୍ୟସ୍ତ ହେଉଛି। ତା ସହିତ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମୁଖ୍ୟ କାର୍ଯ୍ୟାଳୟରୁ ସାଟେଲାଇଟ ପ୍ରାପ୍ତ ସୂଚନା ପାଇବା କ୍ଷଣି ନିଆଁକୁ ଯଥାଶୀଘ୍ର ପ୍ରଶମିତ କରାଯାଉଛି। ଏଥି ସହିତ ଜିଲ୍ଲାପାଳମାନଙ୍କ ନେତୃତ୍ୱରେ ଜିଲ୍ଲା ଫାୟାର ପ୍ଲାନ ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଅଞ୍ଚଳରେ ଆବଶ୍ୟକତା ଅନୁଯାୟୀ ବିହିତ ପଦକ୍ଷେପ ନିଆଯାଉଛି। ସେପଟେ ବିଗତ ୫ବର୍ଷର ତଥ୍ୟ ଆଧାରରେ ଜଙ୍ଗଲ ନିଆଁ ପ୍ରଶମନ ପାଇଁ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି। ଏହି ୭ଟି ଡିଭିଜନରେ ବିଗତ ୫ବର୍ଷରେ ୭ହଜାରରୁ ଅଧିକ ସ୍ଥାନରେ ନିଆଁ ଲାଗିଛି। ଲୋକଙ୍କ ମଧ୍ୟରେ ସଚେତନତା ବଢୁଥିଲେ ହେଁ ଜଙ୍ଗଲରେ ନିଆଁ ଲଗିବା ଥମୁ ନାହିଁ। ଚଳିତ ବର୍ଷ ୭ଟି ବନଖଣ୍ଡର ୧୧୪ସ୍ଥାନର ନିଆଁକୁ ପ୍ରଶମିତ କରାଯାଇସାରିଛି। ସାଧାରଣତଃ ପୋଡୁଚାଷ ପାଇଁ ଜଙ୍ଗଲରେ ନିଆଁ ଲାଗିଥାଏ। ଆଦିବାସୀ ସମ୍ପ୍ରଦାୟ ତଥା ଜଙ୍ଗଲ ନିକଟସ୍ଥ ଗ୍ରାମର ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଜରିଆରେ ଗ୍ରାମବାସୀଙ୍କୁ ନିଆଁ ନଲଗାଇବା ପାଇଁ ସମ୍ମିଳନୀରେ ଅନୁରୋଧ କରାଯାଇଛି। ନିଆଁକୁ ଆୟତ୍ତ କରିବାକୁ ଯିବା ସମୟରେ ସୁରକ୍ଷିତ ପୋଷାକ ପରିଧାନ ସହିତ ବ୍ଲୋୟର ଓ ଫାୟାର ବଲ୍‌ର ସମୁଚିତ ବ୍ୟବହାର କରିବାକୁ ସମ୍ପୃକ୍ତ ସମସ୍ତଙ୍କୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ସନ୍ନି ଖୋଖର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ବିଗତ ୫ବର୍ଷର ତଥ୍ୟ ଆଧାରରେ ଜଙ୍ଗଲ ନିଆଁ ପ୍ରଶମନ ପାଇଁ ପ୍ରସ୍ତୁତ ହୋଇଛି ମାଷ୍ଟରପ୍ଲାନ

● ରଙ୍ଗର ପର୍ବ 'ହୋଲି' ପାଇଁ ଚଳଚଞ୍ଚଳ ରେଶମ ସହର

# ବିକ୍ରି ହେଉଛି ଭଳିକି ଭଳି ରଙ୍ଗ; ଅପମିଶ୍ରିତ ରଙ୍ଗକୁ ବାରଣ

ବ୍ରହ୍ମପୁର,୨।୩(ସମିସ): ଦିନକ ପରେ ରଙ୍ଗର ପର୍ବ ହୋଲି। ସହର ଠାରୁ ଆରମ୍ଭ କରି ପୁରପଲ୍ଲୀ ପର୍ଯ୍ୟନ୍ତ ହୋଲିପର୍ବ ପାଳନ ନେଇ ସମସ୍ତେ ଉତ୍କଣ୍ଠାର ସହିତ ଚାହିଁ ରହିଥିବା ବେଳେ



ଏହାକୁ ନେଇ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ସେହିଭଳି ବିଭିନ୍ନ ସାମାଜିକ ସଂଗଠନ ସମେତ ଅନ୍ୟ ଅନୁଷ୍ଠାନ ମଧ୍ୟ ହୋଲିପର୍ବକୁ ଧୁମଧାମରେ ପାଳନ କରାଯିବ। ସହର ତଥା ଗୋପାଳପୁରରେ ବଡ଼ ବଡ଼ ହୋଟେଲରେ ଏଥିପାଇଁ କରାଯାଉଛି ଭବ୍ୟ ଆୟୋଜନ। ହୋଲିକୁ ଦୃଷ୍ଟିରେ ରଖି ଗତ ଏକ ସପ୍ତାହ ଧରି ସହରର ବିଭିନ୍ନ ବଜାରରେ ସିଜିନାଲ ଷ୍ଟୋର ଗୁଡ଼ିକରେ ରଙ୍ଗ ଓ ଫଗୁ ବିକ୍ରୀ ଆରମ୍ଭ ହୋଇଯାଇଛି। ବଡ଼ବଜାର, ଭାପୁର ବଜାର ଓ ହନୁମାନ ବଜାର ସମେତ ବିଭିନ୍ନ ସିଜନାଲ ଷ୍ଟୋରରେ ଅବୀର ବିକ୍ରିବଟା ଜୋର ଧରିଛି। ବର୍ତ୍ତମାନ ସମୟରେ ବଜାରରେ ରସାୟନ ମିଶ୍ରିତ ଓ ହର୍ବାଲ ଉଭୟ କିସମର ହୋଲି ରଙ୍ଗ ବିକ୍ରୀ ହେଉଛି। ଚର୍ମରୋଗ ତଥା କେଶ, ମୁହଁ ଓ ଚକ୍ଷୁର ସୁରକ୍ଷାକୁ ଦୃଷ୍ଟିରେ ରଖି ଗ୍ରାହକ ହର୍ବାଲ ରଙ୍ଗକୁ ଅଧିକା ପସନ୍ଦ କରୁଛନ୍ତି। ବଜାରରେ ଏହାର ଚାହିଦା ଥିବା ବ୍ୟବସାୟୀ ମତ ଦେଇଛନ୍ତି। ବଜାରରେ କୃଷ୍ଣକଳା, ଲାଲ, ଗୋଲାପୀ, ହଳଦିଆ, ନାରଙ୍ଗୀ ତଥା ସବୁଜ ରଙ୍ଗର ଅବୀର ବିକ୍ରି ହେଉଥିବା ବେଳେ କିଛି ସଂଗଠନ ପକ୍ଷରୁ ଆଗୁଆ ଅଗ୍ରୀମ ମଧ୍ୟ ଦିଆସରିଛି। ଚଳିତବର୍ଷ ଅବୀର କିଲୋପ୍ରତି ୧୦୦ ରୁ ୧୬୦ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ଏଗୁଡ଼ିକ ରାୟପୁରରୁ ଆମଦାନୀ କରାଯାଉଛି। ସେହିଭଳି ହୋଲି ଅବସରରେ ବ୍ରହ୍ମପୁରରେ ପ୍ରତିବର୍ଷ କିଛି କଳା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସାମୁହିକ ହୋଲି ଉତ୍ସବ ମଧ୍ୟ ଆୟୋଜିତ ହୋଇଥାଏ। ଏଥିପାଇଁ ହୋଲିରେ ପାଇଁ ସୁରକ୍ଷା ପାଇଁ ବଜାରରେ ବିକ୍ରି ହେଉଥିବା ବିଭିନ୍ନ ଉପକରଣ ବା ସରଞ୍ଜାମ ସଂଗ୍ରହ କରିଥାନ୍ତି। ଗ୍ରାହକଙ୍କ ଆଗ୍ରହକୁ ଦେଖି ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ବାଘ, ସିଂହ, କ୍ରିସ, ସୁପରମ୍ୟାନ, ସ୍ପାଇଡ଼ର ମ୍ୟାନ ଓ ମାଙ୍କଡ଼ ଆଦିର ଫେସ ମାସ୍କ, ନିକଲି କେଶ ମାସ୍କ ଓ ବନ୍ଧୁକ ଆକୃତିର ପିଚକାରୀର ବଜାରରେ ବହୁଳ ବିକ୍ରି ହେଉଛି। ହୋଲିର ଦିନକ ପୂର୍ବରୁ ଦୋଳପୂର୍ଣ୍ଣିମା ଅବସରରେ ବିଭିନ୍ନ ସାହିରେ ମଠ ଓ ମନ୍ଦିରରେ ପାଳନ କରାଯିବ। ଏହି ଦିନ କେତେକ ସ୍ଥାନରେ ନୂତନପଞ୍ଜିକାରମ୍ଭଶୁଭାରମ୍ଭହୋଇଥାଏ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବ୍ରହ୍ମପୁର,୨।୩(ସମିସ): ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ପୌର ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀପଣ୍ଡା ବିଦ୍ୟାଳୟରେ ଦିର୍ଘ ୩୨ବର୍ଷ ଶିକ୍ଷାଦାନ ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀର ଦାୟିତ୍ୱ ବହନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିଳାଦ୍ରୀ ବିହାରୀ ଦାଶଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀପଣ୍ଡାଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର ଆଗାମୀ ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି ସମସ୍ତେ କାମନା କରିଥିଲେ।



# ଓଭରବ୍ରିଜ୍‌ରୁ ଡେଇଁ ଯୁବକ ମୃତ

ବ୍ରହ୍ମପୁର,୨।୩(ସମିସ): ଗୋପାଳପୁର ଥାନା ଖୋଡ଼ାସିଙ୍ଗି ଓଭରବ୍ରିଜରୁ ତଳକୁ ଡେଇଁ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୃତ ଯୁବକ ଜଣକ ହେଲେ ସୋରଡ଼ା ଥାନା ଅଞ୍ଚଳର ଜନ୍ ନାୟକ(୧୯)। ସୂଚନା ପ୍ରକାରେ ସୋମବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ସମୟରେ ଖୋଡ଼ାସିଙ୍ଗି ଓଭରବ୍ରିଜ୍ ଉପରୁ କୌଣସି କାରଣରୁ ଜନ୍ ହଠାତ୍ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେଖି ଗୋପାଳପୁର ପୁଲିସକୁ ଖବର ଦେବା ସହ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏ ନେଇ ଖବର ପାଇ ଗୋପାଳପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# କଳାବ୍ୟାଜ୍ ପରିଧାନ କରି ଭେଲିଡେସନ୍ ଆକ୍ଟକୁ ବିରୋଧ

ବ୍ରହ୍ମପୁର,୨।୩(ସମିସ): ସ୍ଥାନୀୟ ଏନଜିଓ ହଲରେ ଓଡିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଗଞ୍ଜାମ ଶାଖାର କାର୍ଯକାରିଣୀ ବୈଠକ ଅନୁଷ୍ଠିତ ହୋଯାଇଛି। ଜିଲ୍ଲା ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାରଙ୍କ ପେନସନ ବିରୋଧୀ ଭେଲିଡେସନ ଆକ୍ଟକୁ ବିରୋଧ କରାଯାଇଥିଲା। ସରକାର ଉକ୍ତ ବିଲ୍‌କୁ ପାରିତ କରି ଦେଶର ଲକ୍ଷାଧିକ ପେନସନ ଭୋଗୀଙ୍କ ପ୍ରାପ୍ୟକୁ ସଂକୁଚିତ କରିଥିବା ମଞ୍ଚ ଅଭିଯୋଗ କରିଛି। ତେଣୁ ଉକ୍ତ ଆକ୍ଟକୁ ତୁରନ୍ତ ବାତିଲ କରିବା ପାଇଁ ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଦେଶର ସମସ୍ତ ଜିଲ୍ଲାପାଳଙ୍କ ଜରିଆରେ ନିବେଦନ କରାଯାଇଥିଲା। କିନ୍ତୁ କୌଣସି ସୁଫଳ ନମିଳିବାରୁ ସର୍ବଭାରତୀୟ ରାଜ୍ୟ ପେନସନ ଫେଡେରେସନର ଆହ୍ୱାନ କ୍ରମେ ଚଳିତ ମାସ ୨୫ତାରିଖକୁ 'କଳା ଦିବସ' ଭାବେ ପାଳନ କରାଯାଇ କଳାବ୍ୟାଜ ପରିଧାନ ପୂର୍ବକ ପେନସନ ପ୍ରାପ୍ତ ଅବସର କର୍ମଚାରୀ ପ୍ରତିବାଦ କରିବେ। ଏନେଇ ଆସନ୍ତା ୨୫ରେ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ଶାନ୍ତିପୂର୍ଣ୍ଣ ଭାବେ ୨ଘଣ୍ଟା ପ୍ରତିକାତ୍ମକ ଧାରଣା ଦିଆଯିବାକୁ ନିଷ୍ପତି ନିଆଯାଇଛି। ଦାବି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ଦପ୍ତରକୁ ରାଜସ୍ୱ କମିଶନରଙ୍କ ଜରିଆରେ ପ୍ରେରଣ କରାଯିବ। ଭଞ୍ଜନଗର ଓ ଛତ୍ରପୁର ଠାରେ ଅବସରପ୍ରାପ୍ତ କର୍ମଚାରୀ ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ଦପ୍ତରକୁ ଦାବିପତ୍ର ପ୍ରଦାନ କରିବେ। ବୈଠକରେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ଜିଲ୍ଲା ସମ୍ପାଦକ ଅଶୋକ ଦଳାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର ପଣ୍ଡା, ସହ ସମ୍ପାଦକ ମିହିରକାନ୍ତ ମହାପାତ୍ର, ଜିଲ୍ଲା ଉପଦେଷ୍ଟା କାମରାଜୁ ମହାରଣା, ଉପସଭାପତି ସୁବାଷ ମିଶ୍ର, ସମୀର ଆଚାର୍ଯ୍ୟ, କନ୍ୟା କୁମାରୀ, ବଜେନ୍ଦ୍ର ଉପାଧ୍ୟାୟ, ଶାନ୍ତିଲତା ଦେବୀ ଓ କୁମାରସ୍ୱାମୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଖଲ୍ଲିକୋଟ କଲେଜ ଖେଳପଡ଼ିଆର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ

ବ୍ରହ୍ମପୁର,୨।୩(ସମିସ)

ସହରରେ ଖେଳପଡ଼ିଆର ଘୋର ଅଭାବ ରହିଛି। ବର୍ତ୍ତମାନ ପରିସ୍ଥିତିରେ ସର୍ବସାଧାରଣଙ୍କ ପାଇଁ କହିଲେ କେବଳ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ଉନ୍ମୁକ୍ତ ରହିଛି। ତେବେ ଏଠାରେ ମଧ୍ୟ ଅନେକ ସମସ୍ୟା ରହିଥିବା ବେଳେ ଦୀର୍ଘ ଦିନରୁ ତାହାର ସମାଧାନ ପାଇଁ ଦାବି ହୋଇଆସୁଛି। ଲୋକଙ୍କ ଦାବି ଓ ଆବଶ୍ୟକତା ଦୃଷ୍ଟିରୁ ଖେଳପଡ଼ିଆର ବିକାଶ ପାଇଁ ଆଗେଇ ଆସିଛନ୍ତି ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର। ନିଜେ ଜଣେ ଖେଳାଳି ହୋଇଥିବା ବେଳେ ନିକଟରେ ଖେଳପଡ଼ିଆ ପରିଦର୍ଶନରେ ଆସି ଲୋକଙ୍କ ଠାରୁ ଖେଳପଡ଼ିଆର ଉନ୍ନତିକରଣ ପାଇଁ କ'ଣ ଆବଶ୍ୟକତା ରହିଛି ବୁଝିଥିଲେ। ପରବର୍ତ୍ତୀ ସମୟରେ ସେଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ନିଜ ହାତପାଣ୍ଠିରୁ ୫୦ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଆଜି ଉକ୍ତ ପାଣ୍ଠିରେ ଖେଳପଡ଼ିଆ ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ କେ. ଅନୀଲ କୁମାର। ଏହି ଅବସରରେ ସ୍ଥାନୀୟ କର୍ପୋରେଟର ପ୍ରଦୀପ ଶତପଥୀ, ବିଧାୟକଙ୍କ ପ୍ରତିନିଧି ତଥା ସ୍ୱତନ୍ତ୍ର ସରକାରୀ ଓକିଲ ଅଶୋକ କୁମାର ଶୁକ୍ଳା, ବିଇଏମସି ନଗରଯନ୍ତ୍ରୀ ଙ୍ଗ ମନୋଜ ପାତ୍ରଙ୍କ ସମେତ ବହୁ ସ୍ଥାନୀୟ ଓ ବିଇଏମସି ଅଧିକାରୀ ଉପସ୍ଥିତ ଥିଲେ। ବିଧାୟକଙ୍କ ହାତପାଣ୍ଠିର ୫୦ଲକ୍ଷ ଅନୁଦାନରେ ସର୍ବସାଧାରଣଙ୍କ ପାଇଁ ପଡିଆ ଚାରିପାଖରେ ଥିବା ୱାକିଂ ଟ୍ରାକ୍‌କୁ ସିନ୍ଥେଟିକ କରାଯିବ। ଏଥି ସହିତ ପଡିଆ ମଧ୍ୟରେ ଥିବା ବିଭିନ୍ନ କୋଠା ଖାସ କରି ଶୌଚାଳୟ ଗୁଡିକର ମରାମତି ଓ ଡ୍ରେନ କାର୍ଯ୍ୟ ହାତକୁ ନିଆଯିବ ବୋଲି ଜଣାପଡ଼ିଛି। ଏଥିପାଇଁ ଆବଶ୍ୟକସ୍ଥଳେ ଅଧିକ ଆର୍ଥିକ ଅନୁଦାନ ଦିଆଯିବ ବୋଲି ଘୋଷଣା କରିଛନ୍ତି ବିଧାୟକ କେ. ଅନୀଲ କୁମାର। ସେପଟେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅନ୍ୟୁନ ୨ ମାସ ସମୟ ଲାଗିବ ବୋଲି କହିଛନ୍ତି ବିଇଏମ୍‌ସି ନଗରଯନ୍ତ୍ରୀ ମନୋଜ ପାତ୍ର। ବିଧାୟକଙ୍କ ଏହି ସହଯୋଗ ଓ ପ୍ରକଳ୍ପ ପାଇଁ ସହରବାସୀ କୃତଜ୍ଞତା ଜଣାଇଛନ୍ତି।



- ବିଧାୟକଙ୍କ ହାତପାଣ୍ଠିରୁ ଖର୍ଚ୍ଚହେବ ୫୦ଲକ୍ଷ
- ନିର୍ମାଣ ହେବ ସିନ୍ଥେଟିକ ୱାକିଂ ଟ୍ରାକ୍, ଡ୍ରେନ୍
- ୨ ମାସରେ ସରିବ ପ୍ରକଳ୍ପ କାର୍ଯ୍ୟ
- ଆବଶ୍ୟକ ହେଲେ ମିଳିବ ଅଧିକ ଅନୁଦାନ

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରାକ୍ ହୋଲି ମିଳନ ଉତ୍ସବ

ବ୍ରହ୍ମପୁର,୨।୩(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଞ୍ଜମଣ୍ଡପ ଠାରେ ହୋଲି ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହ ହୋଲି ପର୍ବ ଉତ୍ସବର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ମଞ୍ଚସୀନ ଥିଲେ। ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠି ସ୍ୱାଗତ ଭାଷଣ ପ୍ରଦାନ କରି ହୋଲି ମିଳନ ଉତ୍ସବ ସମ୍ପର୍କରେ କହିଥିଲେ। ପରେ ଛାତ୍ରଛାତ୍ରୀ ଓ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀମାନେ ନିଜ ନିଜ ଭିତରେ ଫଗୁ ଲଗାଇ, ମିଠା ବଣ୍ଟନ କରିଥିଲେ। କଣ୍ଠଶିଳ୍ପୀ ସଂଗୀତା ପାଢ଼ୀ ଏବଂ ସଞ୍ଜୟ ପାଢ଼ୀ ତଥା ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଅର୍ଥ ବିତ୍ତରକ ଅଶୋକ ଧାଙ୍ଗଡ଼ାମାଝୀ, ପରୀକ୍ଷା ନିୟନ୍ତ୍ରକ ଗଣେଶ୍ୱର ମାଝୀ, ଯୁଗ୍ମ କୁଳସଚିବ ଡ. ବାବୁଜି ସାମଲ ଓ ସହ କୁଳସଚିବ ସରୋଜ କୁମାର ଦାଶଙ୍କ ସମେତ ବହୁ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଛାତ୍ର ସ୍ୱସ୍ତିସୁନ୍ଦର ଶ୍ରୀୟା ମଞ୍ଚ ପରିଚାଳନା କରିଥିବା ବେଳେ ଡ. ମିହିର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଗଣିତ ପରୀକ୍ଷାରେ ସର୍ବାଧିକ ୯୦୦ ଛାତ୍ରଛାତ୍ରୀ ଅନୁପସ୍ଥିତ




ବାଲେଶ୍ୱର,୨ ।୩(ସମିସ)

ଗତ ୧୯ ତାରିଖ ଠାରୁ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ଆଜି ଶେଷ ହୋଇଛି । ଶେଷ ଦିବସରେ ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏହି ପରୀକ୍ଷାରେ ସର୍ବାଧିକ ୯ ଶହ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ଜଣାଯାଇଛି । ଆଜି ରେଗୁଲାର ଗଣିତ ପରୀକ୍ଷାରେ ମୋଟ ୩୦ହଜାର ୩୫୭ଜଣ ଛାତ୍ରଛାତ୍ର ପରୀକ୍ଷା ଦେଇଥିବା ବେଳେ ୭୨୨ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ମଧ୍ୟମା ପରୀକ୍ଷାରେ ୮ ୯ ୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୫୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ୧୪୪ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ଏସଓଏସସିରେ୨୭ ୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୪ଜଣ ଅନୁପସ୍ଥିତ ରହିଛନ୍ତି । ଆଜି କୌଣସି ଛାତ୍ରଛାତ୍ରୀ ଏମପିରେ ବୁକ ହୋଇ ନ ଥିବା ଜଣାଯାଇଛି । ଅନ୍ୟପଟେ ଚଳିତ ବର୍ଷ ରେଗୁଲାର ପରୀକ୍ଷାରେ ସିମୁଳିଆ ବ୍ଲକର ଆରଏନ ସରକାରୀ ବିଦ୍ୟାଳୟରେ ୧୫୫୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୫୩୧ଜଣ ପରୀକ୍ଷା ଦେଇଥିବା ବେଳେ୨୮ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ବସ୍ତା ବ୍ଲକର ଏସଏନ ହାଇସ୍କୁଲରେ୨୨୫୪ଜଣ ରେଗୁଲାର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୮୦ଜଣ ପରୀକ୍ଷା ଦେଇଥିବା ବେଳେ ୭୪ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ଖଇରା ବ୍ଲକର ଖଇରା ସରକାରୀ ହାଇସ୍କୁଲରେ ୩୬୧୪ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୫୨୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୦ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ବାହାନଗା ବ୍ଲକର ଖନ୍ତାପଡା ହାଇସ୍କୁଲରେ ୨୨୧୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୬୮ଜଣ ପରୀକ୍ଷା ଦେଇଥିବା ବେଳେ ୪୨ଜଣ ଅନୁପସ୍ଥିତ ରହିଛନ୍ତି । ରେମୁଣା ବ୍ଲକରେ ରେମୁଣା ହାଇସ୍କୁଲରେ୨୦୫୦ଜଣଛାତ୍ରଛାତ୍ରୀଙ୍କମଧ୍ୟରୁ ୨୦୦୭ଜଣ ପରୀକ୍ଷା ଦେଇଥିବା ବେଳେ ୪୩ଜଣ ଅନୁପସ୍ଥିତ ରହିଛନ୍ତି । ନୀଳଗିରି ବ୍ଲକରେ କେସି ହାଇସ୍କୁଲରେ ୨୪୬୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୩୯୮ଜଣ ପରୀକ୍ଷା ଦେଇଥିବା ବେଳେ ୬୯ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ସୋର ବ୍ଲକରେ ଏସଏନ ହାଇସ୍କୁଲରେ ୨୬୨୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୫୫୨ଜଣ ପରୀକ୍ଷା ଦେଇଥିବା ବେଳେ ୭୬ଜଣ ଅନୁପସ୍ଥିତ ରହିଛନ୍ତି । ଜଳେଶ୍ୱର ବ୍ଲକରେ ଜଳେଶ୍ୱର ସରକାରୀ ହାଇସ୍କୁଲରେ ୩୦୨୧ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୯୫୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬୯ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ଭୋଗରାଇ ବ୍ଲକରେ କମର୍ଦ୍ଦା ଜେଏନ ହାଇସ୍କୁଲରେ ୧୪୫୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ୧୪୧୯ଜଣ ପରୀକ୍ଷା ଦେଇଥିବା ବେଳେ ୩୯ଜଣ ଅନୁପସ୍ଥିତ ଥିବା ବେଳେ ଏଟସି ଏକାଡେମୀରେ ୨୧୦୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୮୨ଜଣ ପରୀକ୍ଷା ଦେଇଥିବା ବେଳେ୨୭ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ବାଲିଆପାଳ ବ୍ଲକର ଏସଆର ସରକାରୀ ହାଇସ୍କୁଲରେ ୩୧୮୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୦୯୦ଜଣ ପରୀକ୍ଷା ଦେଇଥିବା ବେଳେ ସର୍ବାଧିକ ୯୭ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ବାଲେଶ୍ୱର ସଦର ବ୍ଲକର ଜିଲ୍ଲା ସ୍କୁଲରେ ୪୫୨୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୪୫୪ଜଣ ପରୀକ୍ଷା ଦେଇଥିବା ବେଳେ ୬୮ଜଣଅନୁପସ୍ଥିତରହିଛନ୍ତି । ତେବେ ମୋଟ ଉପରେ ରେଗୁଲାର ପରୀକ୍ଷାରେ ୭୨୨, ମଧ୍ୟମା ପରୀକ୍ଷାରେ ୧୪୪ ଏବଂ ଏସଓଏସସିରେ ୩୪ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି । ଅନ୍ୟପଟେ ଦେଖିବାକୁ ଗଲେ ଆଜି ଶେଷ ପରୀକ୍ଷା ପରେ ଛାତ୍ରଛାତ୍ରୀମାନେ ଖୁସି ମନାଉଥିବା ବେଳେ ସେମାନେ ପରସ୍ପରକୁ ଅଭିର ବୋଳି ଖୁସି ମଧ୍ୟ ମନାଉଥିଲେ । ଏପରିକି ଆଜି ଗଣିତ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଭଲ କରିଥିବାରୁ ସେମାନେ ବେଶ ଖୁସିଥିବା କହିଛନ୍ତି ।

## ଗୋପାଳଙ୍କ ଲଉଡି ଖେଳ



ବାଲେଶ୍ୱର,୨ ।୩(ସମିସ): ଆସିଛି ରଙ୍ଗର ପର୍ବ ହୋଲି । ଫଗୁଣ ମାସରେ ପାଳିତ ହେଉଥିବା ଏହି ପର୍ବ ସହ ରାଧାକୃଷ୍ଣଙ୍କର ଆଧ୍ୟାତ୍ମିକ ଭାବନା ଯୋଡ଼ି ହୋଇରହିଛି । ବିଶେଷ କରି ଦୋଳ ପୂର୍ଣ୍ଣିମା ଠାରୁ ହୋଲି ଯାଏଁ ବିଭିନ୍ନ ପରମ୍ପରା ଦେଖିବାକୁ ମିଳିଥାଏ । ଏହି ପରମ୍ପରା ଭିତରୁ ଗୋପାଳମାନଙ୍କ ଲଉଡି ଖେଳ ଏକ ଅନନ୍ୟ ପରମ୍ପରା । ଗୋପାଳମାନେ ଏହି ପର୍ବକୁ ତିନିଧରି ପାଳନ କରନ୍ତି । ଏହି ସମୟରେ ଦୋଳ କଳସ ଏବଂ ଲଉଡି ଖେଳ ଆୟୋଜନ କରାଯାଇଥାଏ । ଅନ୍ୟପଟେ ଲଉଡ଼ି ଖେଳର ଏକ ବିଶେଷତ୍ୱ ରହିଛି । ପ୍ରଶ୍ନ ଉତ୍ତର ମାଧ୍ୟମରେ ଏହି ଖେଳ ହୋଇଥାଏ । ଗୋଟିଏ ଦଳ ଗୀତ ମାଧ୍ୟମରେ ଅନ୍ୟ ଦଳକୁ ପ୍ରଶ୍ନ ପଚାରିଥାଏ ଓ ଅପର ଦଳ ଗୀତ ମାଧ୍ୟମରେ ଉତର ଫେରାଇଥାଏ । ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଜି ମଧ୍ୟ ଏହି ଅନନ୍ୟ ପରମ୍ପରା ବଜାୟ ରହିଛି । ପୁରୁଷ ପୁରୁଷ ଧରି ଚଳି ଆସୁଥିବା ଏହି ସର୍ବପୁରାତନ ପରମ୍ପରାର ଛିଟା ଆଜି ମଧ୍ୟ ବାଲେଶ୍ୱରର କୋଣ ଅନୁକୋଣରେ ଦେଖିବାକୁ ମିଳିଥାଏ । ଜିଲ୍ଲାର ବିଭିନ୍ନ ଅଂଚଳରେ ଦୋଳ ସମୟରେ ଗୋପାଳ ଭାଇମାନେ ଓଗାଳ ଗାଇ ଲଉଡି ଖେଳିବା ପରମ୍ପରାକୁ ଭୁଲି ନାହାନ୍ତି । କୁହାଯାଏ ଶ୍ରୀକୃଷ୍ଣ ତାଙ୍କ ବାଲ୍ୟକାଳରେ ଗୋପଦାଣ୍ଡରେ ଗୋପାଳ ବାଳକମାନଙ୍କ ସହ ବିଭିନ୍ନ ପ୍ରକାର ଗୀତ ଗାଇ ଲଉଡି ନୃତ୍ୟ କରିଥିଲେ । ସେହିଦିନ ଠାରୁ ଏହି ପ୍ରଥା ଆଜି ଯାଏ ବଂଚି ରହି ଆସିଛି ବୋଲି ଶୁଣିବାକୁ ମିଳେ । ପରିବାରର ମୁଖ୍ୟ ଗ୍ରାମ ନିକଟ ପୋଖରୀରୁ ପାଣି ଆଣି ଘରେ କଳସ ସ୍ଥାପନ କରନ୍ତି । ଆମ୍ବକଷି ଓ ଡାଳ ଆଣି କଳସ ଉପରେ ରଖି ପୂଜା କରନ୍ତି । ଏହିତିନି ଦିନଧରି ଗୋପାଳମାନଙ୍କ ଘରେ ଶୁଦ୍ଧ ନିରାମିଷ ବ୍ୟଞ୍ଜନ ରନ୍ଧାଯାଏ । ସମସ୍ତେ ନୂଆଲୁଗା ପିନ୍ଧି ଦୋଳପୂର୍ଣ୍ଣିମା ଦିନ ସାହିର ସମସ୍ତଙ୍କ ଘରକୁ ଯାଇ ଓଗାଳ ଗାଇଥାଆନ୍ତି । ଶେଷ ଦିନ କଳସକୁ ପାଣିରେ ବିସର୍ଜନ କରାଯାଏ ।

## ଦାବିରେ ଅଟକିଛି ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା




ବାଲେଶ୍ୱର,୨।୩ (ସମିସ): ଗତ ତିନିବର୍ଷ ଧରି ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ହୋଇଆସୁଛି । ହେଲେ ଏଥିପ୍ରତି ସରକାର କର୍ଣ୍ଣପାତ କରୁନଥିବାରୁ ଚଳିତ ମାର୍ଚ୍ଚ ମାସ ୧୫ ତାରିଖ ଦିନ "ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ସମିତି'ର ଜିଲ୍ଲାସ୍ତରୀୟ ବାର୍ଷିକ ସମ୍ମିଳନୀରେ ସମସ୍ତ ବ୍ଲକ୍ ଓ ପଞ୍ଚାୟତସ୍ତରର ପ୍ରତିନିଧି ଯୋଗଦେଇ ଆଗାମୀ ଦିନରେ ଚରମ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ସମ୍ମିଳନୀ ପ୍ରସ୍ତୁତି କମିଟି ବୈଠକରେ ଆହ୍ୱାନ ଦିଆଯାଇଛି । ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମିତି ସଭାପତି ଡ. କେଶବ ଚରଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ସାଧାରଣ ସଂପାଦକ ଅଭୟ କୁମାର ମିଶ୍ର ଆଗାମୀ ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ଷ୍ଟେସନ କ୍ଲବ୍‌ରେ ଅନୁଷ୍ଠିତ ହେବ ବୋଲି ଜଣାଇଥିଲେ । ନିରଞ୍ଜନ ପରିଡ଼ା ଓ ଗିରୀଶ ଚନ୍ଦ୍ର ଦାଶ କହିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଉପରେ ଗୁରୁତ୍ୱ ଦେଉଥିବାବେଳେ ଉତ୍ତର ଓଡ଼ିଶାର କୃଷି ଓ କୃଷକର ହିତ ଦୃଷ୍ଟିରୁ କୃଷି ସଂପର୍କିତ ଏକ ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦାବି ପ୍ରତି ଗୁରୁତ୍ୱ ନ ଦେବା ଘଟଣା ଜିଲ୍ଲାବାସୀଙ୍କୁ ବିସ୍ମିତ କରିଛି । ଏହି ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ବ୍ଲକ୍ କମିଟି ପକ୍ଷରୁ ଦିଲ୍ଲୀପ ଗିରି, ମହେଶ୍ୱର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଭୋଇ, ଅଜିତ୍ କୁମାର ମହାନ୍ତିଙ୍କ ସମେତ ରମେଶ ଚନ୍ଦ୍ର ଜେନା, ଭୂପତି କୁମାର ପାତ୍ର, ଭାସ୍କର ଚନ୍ଦ୍ର ପାଢ଼ୀ, ହରନାରାୟଣ ମଡୁଆଳ, ପ୍ରଫୁଲ୍ଲ ଦାସ, ଅକ୍ଷୟ କୁମାର ତ୍ରିପାଠୀ, ଶ୍ୟାମାଚରଣ ରଣ ଦାସ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ଆସନ୍ତା ସମ୍ମିଳନୀରେ ବାଲେଶ୍ୱର ସାଂସଦ ଓ ସମସ୍ତ ବିଧାୟକ, ବ୍ଲକ୍ ଅଧ୍ୟକ୍ଷ, ସରପଞ୍ଚଙ୍କ ସମେତ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, କୃଷକ ସଂଗଠନମାନଙ୍କୁ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଶେଷରେ ସରସ୍ୱତୀ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ଆନ୍ତଃବିଶ୍ୱବିଦ୍ୟାଳୟ ଖେଳ କସରତ ଓ କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ତେଜନା ଓ ବିଶୃଙ୍ଖଳା




ବାଲେଶ୍ୱର,୨।୩(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତଃବିଶ୍ୱବିଦ୍ୟାଳୟ ଖେଳ କସରତ ଓ କ୍ରୀଡ଼ା ପ୍ରତିଯୋଗିତାର ସମାପନୀ ଉତ୍ସବରେ ଉତ୍ତେଜନା ଓ ବିଶୃଙ୍ଖଳା ବ୍ୟବହାର ଦେଖିବାକୁ ମିଳିଛି । ଏହି ପ୍ରତିଯୋଗିତାରେ ୧୫ଟି ବିଶ୍ୱବିଦ୍ୟାଳୟ ଭାଗ ନେଇଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଖେଳାଳିଙ୍କ ସହ ଆସିଥିବା କେତେକ ଟିମ ମ୍ୟାନେଜର କ୍ୟାମ୍ପସ ମଧ୍ୟରେ ଥିବା ଛାତ୍ରୀମାନଙ୍କ ପଛରେ ବୁଲି ପେଁକାଳୀ ବଜେଇବା ସହିତ ଦୁର୍ବ୍ୟବହାର କରି ଅଶାଳୀନ ମନ୍ତବ୍ୟ ଦେଇଥିବା ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଭିଯୋଗ ହୋଇଛି । ଆସିଥିବା ଅଫିସିଆଲ ସଦସ୍ୟମାନେ ମଦ୍ୟପାନ କରି ଛାତ୍ରୀମାନଙ୍କୁ ଖରାପ ବ୍ୟବହାର କରିବା ଆରମ୍ଭ କରିଦେଇଥିଲେ ମଧ୍ୟ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ, ଏହି ପାଞ୍ଚଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିନଠାରୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଟିମ ମ୍ୟାନେଜରମାନେ ଅତ୍ୟନ୍ତ ରୁକ୍ଷ ବ୍ୟବହାର କରିଆସୁଥିଲେ ଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସେମାନ ନିଜ ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ କରିନଥିଲେ । ଏଥିସହ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳକୁ ବାଲେଶ୍ୱର ରେଳଷ୍ଟେସନ ପର୍ଯ୍ୟନ୍ତ ଛାଡିବା ପାଇଁ ପୂର୍ବନିର୍ଦ୍ଧାରିତ ସମୟ ଅନୁସାରେ ସୂଚୀତ କରାଯାଇଥିଲା ଓ ସେମାନେ ଏଥିପ୍ରତି ସଂପୂର୍ଣ୍ଣ ଅବଗତ ଓ ସହମତ ଥିଲେ । କିନ୍ତୁ ଉକ୍ତ ସମୟରେ ନ ଯାଇ ବିଶ୍ୱବିଦ୍ୟାଳୟ ସମ୍ମୁଖ ଗେଟ୍ ନିକଟରେ ନିଜର ଜିନିଷପତ୍ର ନେଇ ବସି ରହିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ଏହିସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ଅଧିକାରୀ ଓ କର୍ମଚାରୀଗଣ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଟିମ ମ୍ୟାନେଜର ଓ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରି କ୍ୟାମ୍ପସ ଭିତରକୁ ଡାକି ରାତିରେ ରହିବାକୁ କହିଥିଲେ ମଧ୍ୟ ସେମାନେ ଫାଟକ ସମ୍ମୁଖରେ ବସିରହିଥିଲେ । ଅନ୍ୟପଟେ ଏହି ସବୁ ବିଶୃଙ୍ଖଳିତ ଆଚରଣକୁ ନେଇ ଘଟିଥିବା ଘଟଣାର ଭିଡ଼ିଓ ଉତ୍ତୋଳନ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି । ଯାହା ଭୁଲ ତଥ୍ୟ ସହ ଉପସ୍ଥାପନ କରାଯାଉଛି ବୋଲି ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି । ଯଦି ଏହି ଭିଡ଼ିଓକୁ ପ୍ରତ୍ୟେକ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ପ୍ରତ୍ୟାହାର ନ କରାଯାଏ ତେବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନହାନୀ ମକଦ୍ଦମା କରିବାକୁ ପ୍ରସ୍ତୁତ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ସୁବର୍ଣ୍ଣରେଖା ଛାତ୍ରୀ ନିବାସରେ ସ୍ୱାସ୍ଥ୍ୟ ଶିବିର




ବାଲେଶ୍ୱର,୨।୩ (ସମିସ): ଫକୀରମୋହନ କଲେଜ ଆଲୁମନି ତରଫରୁ ସୁବର୍ଣ୍ଣରେଖା ଛାତ୍ରୀ ନିବାସରେ ଏକସ୍ୱାସ୍ଥ୍ୟଶିବିରଅନୁଷ୍ଠିତହୋଇଯାଇଛି । ଅଧିକ୍ଷିକା ପ୍ରଫେସର ମିନତି ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୯୩ ଜଣ ଅନ୍ତେବାସୀଙ୍କ ହିମୋଗ୍ଲୋବିନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଆଲୁମ୍ନି ସଭାପତି ତଥା ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଭାତ ଚୌଧୁରୀଙ୍କ ଦ୍ୱାରା ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ହିମୋଗ୍ଲୋବିନ ରିପୋର୍ଟ ଅନୁସାରେ ମେଡ଼ିସିନ୍ ସେବନ ପାଇଁ ବ୍ୟବସ୍ଥାପକ ପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଡାକ୍ତର ସୁଧାଂଶୁ ପରିଡ଼ା, ଡାକ୍ତର ତାରାକାନ୍ତ ନନ୍ଦ, ଅନିଲ ପଟ୍ଟନାୟକ, ଅମୃତାଂଶୁ ପଟ୍ଟନାୟକ, ଦେବାଶିଷ ପାଣି, ପୀତାମ୍ବର ଦାସ, ପାର୍ଥ ସାରଥି ଆଶ, କଲ୍ୟାଣୀ ନନ୍ଦ, ତ୍ରିଲୋଚନ ନାୟକ ସହଯୋଗ କରିଥିବା ବେଳେ ବାୟୋଲୋଜିକାଲ ଇଭାଂଶ ତରଫରୁ କମ୍ପାନି ଏ.ବି.ମ. ତିବୁଲା ବିଶ୍ୱାଳ, ପ୍ରକାଶ କୁମାର ବାରିକଙ୍କ ଦ୍ୱାରା ସହାୟତା ଯୋଗାଇ ଦିଆଯାଇଥିଲା ।

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଭାଷାପକ୍ଷ ଓ କୁଟୀର ବହିମେଳାର ସପ୍ତମ ଦିବସ




ବାଲେଶ୍ୱର,୨।୩ (ସମିସ): ସଂଗଠକ ଥିଲେ ସଂଗଠନ ଥାଏ । ସଂଗଠନ ଏକ ଫୁଲ ହେଲେ କର୍ମପ୍ରବାହ ତା'ର ମହକ । ସଂଗଠନ ପାଇଁ ଉତ୍ସାହ, ଆତ୍ମପ୍ରତ୍ୟୟ ଓ ପରିବେଶ ଦରକାର । ସାହିତ୍ୟ ଗୋଟିଏ ଜାତିର ଚେତନା ହୋଇଥିବା ବେଳେ ସାହିତ୍ୟ ସଂଗଠନ ମାଧ୍ୟମରେ ଏହାର ବିକାଶ ସମ୍ଭବ ହୋଇଥାଏ । ଅନୁଷ୍ଠାନ ଚଳାଇବାକୁ ହେଲେ ଅବଧୂତଙ୍କ ପରି ସମସ୍ତଙ୍କୁ ନିଜର ଗୁରୁ ବୋଲି ମାନିବାକୁ ପଡ଼ିବ ଓ ଧ୍ରୁବ ପରି ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରିବାକୁ ପଡ଼ିବ ବୋଲି ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ଭାଷାପକ୍ଷର ସପ୍ତମ ଦିବସରେ ବକ୍ତାମାନେ ମତପ୍ରକାଶ କରିଥିଲେ । ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଚନ୍ଦ୍ରଭାଗାର ନିର୍ଦ୍ଦେଶକ କବି ଶ୍ରୀଦେବ, ପ୍ରଜାପତି ଅନୁଷ୍ଠାନର ମୁଖ୍ୟ କବି ପ୍ରଶାନ୍ତ ଦାସ, ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଯୁଗ୍ମ ସଂପାଦକ କବି ଜ୍ଞାନରନାଥ ପାତ୍ର "ଓଡ଼ିଆ ସାହିତ୍ୟ ସଂଗଠନ' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତା ଭାବେ ଅଂଶଗ୍ରହଣ କରିଥିଲେ । ଅନୁଷ୍ଠାନ ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ପ୍ରାକ୍‌କଥା ରଖିଥିଲେ । ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଆଲୋଚନାଚକ୍ରର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇତିହାସ ବିଭାଗ ପକ୍ଷରୁ ଆଲୋଚନାଚକ୍ର




ବାଲେଶ୍ୱର,୨।୩ (ସମିସ): ବରୁଣ ସିଂ ଶ୍ରୀ ଜଗନ୍ନାଥ ଏଜୁକେଶନାଲ ଫାଉଣ୍ଡେସନ ମହାବିଦ୍ୟାଳୟଇତିହାସ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । ଏହି ଅବସରରେ 'ଭାରତୀୟ ଶିକ୍ଷାର ବିକାଶ: ଚାର୍ଟର୍ ଆଇନରୁ ରାଷ୍ଟ୍ରୀୟ ଶିକ୍ଷା ନୀତି୨୦୨୦ ପର୍ଯ୍ୟନ୍ତ' ଶୀର୍ଷକରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ମୁଖ୍ୟ ଅଧ୍ୟକ୍ଷ ନିରଞ୍ଜନ ବେହେରା ସଂରକ୍ଷକ ଭାବେ ଉପସ୍ଥିତ ଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟ, ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ସହାୟକ ପ୍ରଫେସର, ଡ଼. ଶିଖାଶ୍ରୀ ରାୟ ମୁଖ୍ୟ ଅତିଥି ଓ ଶାନ୍ତିଗୋପାଳ ଜାନା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କିପରି ଗୁରୁକୁଳ ପ୍ରଣାଳୀ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ଜଡିତ ସେବିଷୟରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ପ୍ରତିଷ୍ଠାତା ମାର୍କଣ୍ଡ ସେଠୀ ଅତିଥି ପ୍ରତ୍ରୋତ୍ସାହକ ଭାବେ ଉପସ୍ଥିତ ଥିଲେ । ଇତିହାସ ବିଭାଗ ବିଭାଗ ଅଧ୍ୟାପକ କାର୍ଯ୍ୟକ୍ରମର ସଂଯୋଜକ ଥିଲେ ଇତିହାସ ବିଭାଗ ଅଧ୍ୟାପକ ଶାନ୍ତନୁ କୁମାର ପତି । କାର୍ଯ୍ୟକ୍ରମ ପରିଚାଳନା ଇତିହାସ ବିଭାଗର ଅଧ୍ୟାପକ ବିକାଶ ନାୟକ କରିଥିଲେ । ଇଂରାଜୀ ବିଭାଗର ଅଧ୍ୟାପକ ଡ଼. ଶଶୀକାନ୍ତ ମହାନ୍ତି ଅତିଥିମାନଙ୍କ ପରିଚୟ ଦେଇଥିଲେ । ଶେଷରେ ଓଡ଼ିଆ ବିଭାଗ ଅଧ୍ୟାପକ କୈଳାଶ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଣି ବିଭାଗର ଚଢ଼ଉ, ପଥର ଜବତ

ସୋର,୨।୩ (ସମିସ): ସୋର ଥାନା ବାଗୁଡ଼ି ପଥର ଖାଦାନରେ ବେଆଇନ ପଥର ଲୁଟ ହେଉଥିବାବେଳେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଜବତ ପଥରକୁ ନିଲାମ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ପଥର ଚୋରିରେ ରୋକ ଲଗାଇବାକୁ ଖାଦାନ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିଲେ ମଧ୍ୟ ମାଫିଆମାନେ ଏହାକୁ ଖାତିର ନକରି କୋଟି କୋଟି ଟଙ୍କାର ପଥର ଲୁଟ୍ କରୁଛନ୍ତି । ଆଜି ପଥର ଚାଲାଣ ହେଉଥିବାର ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ, ସମ୍ବିତ କୁମାର ମଣି ଖାଦାନରେ ଚଢ଼ଉ କରିଥିଲେ । ଏହି ସମୟରେ ୪୭ ନମ୍ବର କ୍ୱାରିରୁ ହଜାରେ କ୍ୟୁବି ମିଟର ପଥର ଜବତ କରିଥିଲେ । ଅପରାହ୍ଣରେ ସୋର ତହସିଲଦାରଙ୍କ ଉପସ୍ଥିତିରେ ଜବତ ପଥରକୁ ୪ ଲକ୍ଷ ୭୪ ହଜାର ୩୦୯ ଟଙ୍କାରେ ନିଲାମ କରିଛନ୍ତି ।

## ଶିଖରପୁରରେ ନାଲି ଇଟାଭାଟି ପ୍ରଦୂଷଣ, ଗ୍ରାମବାସୀ କଲବଲ




ଜଳେଶ୍ୱର, ୨।୩ (ସମିସ) : ଜଳେଶ୍ୱର ତହସିଲ ଅଧିନ ଶିଖରପୁର ପଂଚାୟତର ସେହି ଗାଁରେ ରହିଛି ନାଲି ଇଟାଭାଟି । ବାଘାବଳୀ ଓଟି ରୋଡରୁ ରାଇବଣିଆ ଯାଏ ଯାଇଥିବା ରାସ୍ତାର ଗାଁ ନିକଟରେ ୬ଟି ଇଟାଭାଟିରୁ ରାତିଦିନ କଳାଧୂଆଁ ସମଗ୍ର ଅଂଚଳକୁ ପ୍ରଭାବିତ କରୁଛି । ଇଟାଭାଟିକୁ ଲାଗି ଏକ ଆରୋଗ୍ୟ କେନ୍ଦ୍ର ଓ ମାତ୍ର ୨୦୦ ମିଟର ଦୂରରେ ବିଦ୍ୟାଳୟ ରହିଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ନାହିଁ । ଏସ୍. ଏସ୍.ବିବି, ତାରା, ଗୀତା, ତିଲକ୍ସ, ସୁପର, ଏନ୍ ରାଧା ପ୍ରଭୃତି ୬ଟି ଇଟାଭାଟିର ମାଲିକମାନେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ହାତମୁଠାରେ ରଖି ଏପରି ବେଆଇନ୍ କାର୍ଯ୍ୟ କରି ଚାଲିଥିଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ । ଜନବସତି ନିକଟରେ ଭାଟିଗୁଡିକ କାର୍ଯ୍ୟ କରୁଥିବାରୁ ଲୋକମାନେ ବିଭିନ୍ନ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରୁଛନ୍ତି । ଗାଁର ଉତ୍ତରପଟେ ଇଟାଭାଟି ଓ ଦକ୍ଷିଣପଟେ ସୁବର୍ଣ୍ଣରେଖା ନଦିରୁ ବାଲି ଉତ୍ତୋଳନ ଯୋଗୁଁ ଅଧିକ ପ୍ରଦୂଷଣ ହେଉଥିବାରୁ ଏହାର ପ୍ରତିକାର ଲାଗି ଆଜି ଚିନ୍ମୟ ଦାସ, ଦିବାକର ଦାସ, ଚକ୍ରଧର ଦାସ, ଜ୍ୟୋସ୍ନା ବେହେରାଙ୍କ ସହିତ ବହୁ ଗ୍ରାମବାସୀ ଜିଲାପାଳ, ପ୍ରଦୋଷଣା ଚେୟାରମ୍ୟାନ, ତହସିଲଦାର, ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ବ୍ୟାସକବିଙ୍କ ଜନ୍ମସ୍ଥାନ

ବାଲେଶ୍ୱର,୨।୩(ସମିସ)

**ଐତିହ୍ୟ ଗ୍ରାମ ବିକାଶ ପାଇଁ ଖର୍ଚ୍ଚ ହେବ ୧୫ କୋଟି**

ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ବାଲେଶ୍ୱର ସହର ମଲ୍ଲିକାଶପୁରରେ ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥାନ ସାମିଲ ହୋଇଛି । ଏହି ଯୋଜନାରେ ଐତିହ୍ୟ ଗ୍ରାମ ବିକାଶ ପାଇଁ ଖର୍ଚ୍ଚ ହେବ ୧୫ କୋଟି ବୋଲି ଜଣାପଡିଛି । ତେବେ ଫକୀରମୋହନଙ୍କ ଜନ୍ମସ୍ଥାନ ତଥା ଶାନ୍ତିକାନନ ବିକାଶ ପାଇଁ ପୂର୍ବରୁ ମଧ୍ୟ ଅର୍ଥ ଆସିଛି ହେଲେ ଏହାର କାମ ହୋଇପାରିନାହିଁ । ତେବେ ଏହି ଯୋଜନାର କାମ କେବେ ଆରମ୍ଭ ହୋଇ ସଫଳ ରୂପ ନେଉଛି ତାହା ଦେଖିବାକୁ ବାକି ରହିଲା ।

ସୂଚନାଯୋଗ୍ୟ, ଓଡିଶାର ମହାପୁରୁଷମାନଙ୍କ ସ୍ମୃତିରେ ଐତିହ୍ୟ ଗ୍ରାମ ଯୋଜନା ଘୋଷଣା କରାଯାଇଥିଲା । ମହାପୁରୁଷମାନଙ୍କ ଜନ୍ମସ୍ଥାନର ବିକାଶ ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ରଖାଯାଇଥିଲା । ଏହି ଯୋଜନା ଅଧିନରେ ବାଲେଶ୍ୱରର ବରପୁତ୍ର କଥାସମ୍ରାଟ ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥାନ ମଲ୍ଲିକାଶପୁର ଗ୍ରାମକୁ ଐତିହ୍ୟ ଗ୍ରାମ ଭାବେ ଘୋଷଣା କରାଯାଇଛି । ସମ୍ପ୍ରତି ସରକାରଙ୍କ ପକ୍ଷରୁ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥାନ ମଲ୍ଲିକାଶପୁର ଗ୍ରାମକୁ ସାମିଲ କରାଯାଇ ଯୋଜନାରେ ହେବାକୁ ଥିବା ଉନ୍ନତିମୂଳକ ପ୍ରକ୍ରିୟା ଯୋଜନା କରାଯାଇଛି । ଓଡ଼ିଶାର-ସାମାଜିକ-ସାଂସ୍କୃତିକ-ସାହିତ୍ୟିକ ପରିବେଶକୁ ଗଢ଼ି ତୋଳିଥିବା ପ୍ରତିଷ୍ଠିତ ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ ଏବଂ ମହାନ୍ ବ୍ୟକ୍ତିତ୍ୱଙ୍କ ଅବଦାନ ପରପିଢିକୁ ପ୍ରେରିତ ଓ ଅନୁପ୍ରାଣିତ ତଥା ସେମାନଙ୍କର ସ୍ମୃତିକୁ ଉଜ୍ଜୀବିତ କରି ରଖିବାର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର "ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା' ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ନିମନ୍ତେ ସର୍ବାଧିକ ୩୪୫ କୋଟି ଟଙ୍କା ଖର୍ଚ୍ଚ ହେବ । ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ନିମନ୍ତେ ଆବଶ୍ୟକତା ଅନୁଯାୟୀ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ । ଓଡିଆ ଭାଷାର ତ୍ରାଣକର୍ତ୍ତା ଭାବେ ପରିଚିତ ବରପୁତ୍ର ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥାନ ମଲ୍ଲିକାଶପୁରକୁ "ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ର ପ୍ରଥମ ପର୍ଯ୍ୟାୟରେ ସ୍ଥାନିତ କରାଯାଇଛି । ଏହି ଯୋଜନା ଅଧୀନରେ ବରପୁତ୍ରଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକାଶ କରାଯିବ । ସେଠାରେ ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଂଚ, ଶିଶୁ ଉଦ୍ୟାନ ସ୍ଥାପନ ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ବିକାଶ କରାଯିବ । ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଓ ସ୍ମାରକୀ ସ୍ଥାପନ କରାଯିବ । ସ୍ଥାନୀୟ ଜୀବିକାକୁ ପ୍ରୋତ୍ସାହନ ଦେବା ପାଇଁ ସେହି ଅଂଚଳର ପ୍ରସିଦ୍ଧ ବ୍ୟଞ୍ଜନ, ହସ୍ତକଳା ଓ ହସ୍ତଶିଳ୍ପ ଉତ୍ପାଦ ପ୍ରଭୃତିର ବିକ୍ରୟ କେନ୍ଦ୍ର ସ୍ଥାପନ କରାଯିବ । ବରପୁତ୍ରଙ୍କ ଜୀବନୀ ଉପରେ ବିଭିନ୍ନ ସମ୍ମିଳନୀ, ଚର୍ଚ୍ଚା, ଆଲୋଚନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ସେମାନଙ୍କର ଆଦର୍ଶ, ପ୍ରେରଣା ଓ ମୂଲ୍ୟବୋଧର ପ୍ରଚାର ପ୍ରସାର କରାଯିବ । ତେବେ ଏହି ପ୍ରସଙ୍ଗ ନିକଟ ବଜେଟ ଅଧିବେଶନରେ ମଧ୍ୟ ଉଠିଥିଲା ।

# ହୋଲି ପାଇଁ ଉତ୍ସବ ମୁଖର ପଟ୍ଟାମୁଣ୍ଡାଇ



**ପଟ୍ଟାମୁଣ୍ଡାଇ,୨।୩(ସମିସ):** ପବିତ୍ର ହୋଲି ଉତ୍ସବ ପାଇଁ ପଟ୍ଟାମୁଣ୍ଡାଇ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇପଡିଛି। ଗାଁ ଗାଁରେ ହୋଲି ଉତ୍ସବ। ପଟ୍ଟାମୁଣ୍ଡାଇ ସହରଠାରୁ ଆରମ୍ଭ କରି ବିଭିନ୍ନ ଗ୍ରାମାଞ୍ଚଳରେ ଅପୂର୍ବ ସାଜସଜ୍ଜାରେ ସଜ୍ଜିତ ବିଭିନ୍ନ ଦେବାଦେବୀଙ୍କ ବିମାନ ବୁଲିବା ଦେଖାଯାଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ନିଆରା ଢଙ୍ଗରେ ହୋଲି ଉତ୍ସବ ପାଳନ କରାଯାଉଛି। ହୋଲି ଉତ୍ସବ ପାଇଁ ଦେଶ ଓ ରାଜ୍ୟ ବାହାରେ ଥିବା ଲୋକେ ଗାଁକୁ ଫେରି ହୋଲି ଉତ୍ସବ ମନାଉଥିବାରୁ ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳ ଉତ୍ସବ ମୁଖର ହୋଇପଡିଛି। ହୋଲି ଉତ୍ସବ ଉପଲକ୍ଷେ ବିଭିନ୍ନ ଦେବାଦେବୀଙ୍କ ବିମାନ ପଟ୍ଟାମୁଣ୍ଡାଇର ବିଭିନ୍ନ ଅନୁଷ୍ଠାନ ଓ ଅଫିସରେ ପହଞ୍ଚି ଭୋଗ ଖାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଆଜି ଦିନ ତମାମ ବିଭିନ୍ନ ଦେବାଦେବୀଙ୍କ ବିମାନ ସହର ସାରା ବୁଲୁଥିବାର ଦେଖାଯାଇଛି। ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ସହର କେନ୍ଦ୍ର ସ୍ଥଳରେ ଥିବା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ପଟ୍ଟାମୁଣ୍ଡାଇ ରାଧାରମଣ ମଠର ସୁସଜ୍ଜିତ ପ୍ରଭୁ ରାଧାରମଣଙ୍କ ବିମାନ ପହଞ୍ଚିଥିଲା ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଓ କର୍ମଚାରୀ ଭକ୍ତି ଓ ଶ୍ରଦ୍ଧାର ସହିତ ପ୍ରଭୁଙ୍କ ବିମାନକୁ ସ୍ୱାଗତ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ଯୁବ ସମାଜସେବୀ ମିଟୁ ମନୋଜ ନାୟକ, କାଉନସିଲର ପ୍ରଶାନ୍ତ ବାରିକ, ଅଭୟ ଜେନା, ସରକାରୀ ଓକିଲ ଶିଶିର ମଲିକ ଓ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟକାରୀ ସଭାପତି ଅମ୍ବୁଜ ଭୂଷଣ ନାୟକ ପ୍ରମୁଖ ପ୍ରଭୁ ରାଧାରମଣଙ୍କ ବିମାନକୁ ସ୍ୱାଗତ କରି ପୂଜାର୍ଚ୍ଚନା କରିଥିଲେ।

# ଶେଷ ହେଲା କନିକା ଦୋଳ ମେଳଣ



ରାଜକନିକା,୨।୩(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ୍‌ରେ ତଥାକଥିତ ୬ ଶହ ବର୍ଷର କନିକା ରାଜମେଳଣ ଆଜି ସୋମବାର ଶେଷ ହୋଇଛି। ଫଗୁ ଦଶମୀଠାରୁ ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ମେଳା ରାଜକନିକାର ବିଭିନ୍ନ ସ୍ଥାନରେ ହେବାକୁ ଥିବାବେଳେ ମଙ୍ଗଳବାର ଚନ୍ଦ୍ରଗ୍ରହଣ ଥିବାରୁ ଏହା ଆଗୁଆ ଗୋଟିଏ ଦିନ ପୂର୍ବରୁ ଶେଷ ହୋଇଛି। ପାଞ୍ଚଦିନ ଧରି ଚାଲିଥିବା ଏହି ମେଳଣର ପ୍ରଥମ ଉତ୍ସବ କାଳିକାପୁର, ଦ୍ୱିତୀୟ ଆୟତନ, ତୃତୀୟ ଦେଉଳି ଓ ଚତୁର୍ଥ ଗିରିଆ ଆଦି ମେଳଣ ଉତ୍ସବ ପରେ ପଞ୍ଚମ ଦିବସରେ କନିକାର ଏହି ପ୍ରସିଦ୍ଧ ଶେଷ ମେଳଣ ଉତ୍ସବ ରାଜବାଟି ସମ୍ମୁଖ ପଡିଆରେ ରାଜ ମେଳଣ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ପଡ଼ୋଶୀ ଜିଲ୍ଲା ଯାଜପୁର ଓ ଭଦ୍ରକଠାରୁ ଆରମ୍ଭ କରି ଆଳି, ପଟ୍ଟାମୁଣ୍ଡାଇ, ରାଜନଗର ଓ ଚାନ୍ଦବାଲି ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଆଜି ମେଳଣରେ ଭାଗ ନେଇଥିଲେ। ଏହି ମେଳଣରେ କନିକା ରାଜା ଓ ରାଣୀ ହଜାର ହଜାର ଶ୍ରଦ୍ଧାଳୁଙ୍କ ସହ ରଙ୍ଗ ଅବିରରେ ଫଗୁ ଖେଳି ସମସ୍ତଙ୍କୁ ଶୁଭ କାମନା ଜଣାଇଥିଲେ। ୫୦ରୁ ଅଧିକ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ସୁସଜ୍ଜିତ ବିମାନରେ ଧାଡ଼ି ଧାଡ଼ି ହୋଇ ମେଳଣ ପଡ଼ିଆକୁ ଶୋଭାଯାତ୍ରାରେ ଆସି ଭକ୍ତଙ୍କୁ ଦର୍ଶନ ଦେବା ସହ ପୁରାତନ ହୁରୀ ଗୀତ ତାଳେ ତାଳେ ଘଣ୍ଟ ଘଣ୍ଟା, ହୁଳହୁଳି, କାହାଳୀ, ଝାଞ୍ଜ ମୃଦଙ୍ଗ ସହିତ ନାଚ ଗୀତରେ ଫାଟି ପଡ଼ିଥିଲା ମେଳଣ ପଡ଼ିଆ। କୃଷ୍ଣ ଭଜନ ଗାଇ ଗାଇ ରାଧାକୃଷ୍ଣଙ୍କୁ ଭକ୍ତି ନିବେଦନ କରଥିଲେ ଶ୍ରଦ୍ଧାଳୁ ଓ ଭକ୍ତ। ଭକ୍ତ ଓ ଭଗବାନଙ୍କ ଏହି ମହାମିଳନ ପର୍ବ ଜାତି, ଧର୍ମ, ବର୍ଣ୍ଣ ଓ ଦଳମତ ନିର୍ବିଶେଷରେ ଭେଦଭାବ ଭୁଲି ମେଳଣ ପଡ଼ିଆରେ ଏକତ୍ରିତ ହୋଇ ଭାତୃଭାବ ଭାଇଚାରାରେ ପରସ୍ପରକୁ ରଙ୍ଗ ଅବିରରେ ଫଗୁ ଖେଳି ପରସ୍ପର ମଧ୍ୟରେ କୋଳାଗ୍ରତ ହୋଇ ଉତ୍ସବ ପାଳନ କରିଥିଲେ। ମେଳଣ ସରିବା ପରେ ପୂର୍ବ ପରମ୍ପରା ଅନୁଯାୟୀ ମେଳଣ ଶେଷ ହେବା ପରେ ପୂଜାପାଠ କରି ମେଣ୍ଢା ଗୁହାଳ ପୋଡ଼ିଥା'ନ୍ତି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ସଜାଗରେ ମେଳଣ ଉତ୍ସବ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିଲା।

# ନିଶା ନିବାରଣ ଅଭିଯାନର ରାଜକନିକା ଶାଖା ସମ୍ପାଦକଙ୍କ ପରଲୋକ



**ରାଜକନିକା,୨।୩(ସମିସ):** ରାଜକନିକା ବ୍ଲକ୍‌ରେ ଜଣାଶୁଣା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଓ ନିଶା ନିବାରଣ ଅଭିଯାନର ଆଗୁଆ ସୈନିକ କୈଳାସ ଚନ୍ଦ୍ର ମଲିକ(୭୨)ଙ୍କ ଆଜି ସକାଳେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ରାଜକନିକାରେ ଶୋକର ଛାୟା ଖେଳିଯାଇଛି। ଆଳି ଓ ରାଜକନିକା ମେଡିକାଲରେ କର୍ମମୟ ଜୀବନରୁ ଅବସର ନେବା ପରେ ସମାଜରୁ ନିଶା ହଟାଇବାକୁ ବ୍ୟାପକ ଜନସଚେତନତା କରିବାକୁ ସେ ଆପ୍ରାଣ ଉଦ୍ୟମ କରିଆସୁଥିଲେ। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଦସ୍ୟ ଥାଇ ରାଜକନିକା ଶାଖାର ସମ୍ପାଦକ ଥିବା କୈଳାସ ଦୁଇ ମାସ ଧରି ଲିଭର ସଂକ୍ରମଣଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାରେ ଥିବାବେଳେ ଆଜି ସକାଳେ ପରଲୋକ ହୋଇଥଲା। ତାଙ୍କ ମୃତ ଶରୀରକୁ କଟକରୁ ଜନ୍ମମାଟି ରାଜକନିକାକୁ ଆଣିବା ବାଟରେ ଅଚ୍ୟୁତପୁରଠାରେ ନିଶା ନିବାରଣ ରାଜକନିକା ଓ ଆଳି ଶାଖାର ସଦସ୍ୟ ଶେଷ ଦର୍ଶନ କରିବା ପରେ ନହୁଲିଆ ଗୃହ ସହ ନିଜ ଗାଁ ମକୁନ୍ଦପୁରକୁ ନିଆଯାଇଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିବାବେଳେ ପୁତୁରା ବିକାଶ ମୁଖାଗ୍ନି ଦେଇଥିଲେ।

● ସ୍କୁଲ ସାମ୍ନାରେ ବାଲି ଆସ୍ତରଣ

# ପାଦେ ପାଦେ ବିପଦ



**ଓଳାଭର,୨।୩(ସମିସ):** ସର୍ବସାଧାରଣ ରାସ୍ତାରେ ବାଲି ଠୁଳ କରିବା ଓ ପରଦା ନ ଘୋଡ଼ାଇ ସାମଗ୍ରୀ ପରିବହନ କରିବା ଉପରେ ପ୍ରଶାସନ ନିଷେଧାଜ୍ଞା ଜାରି କରିଛି। ତେବେ ନିୟମକ ବେଖାତିର କରି ଗାଡ଼ି ଚାଳକ ସାମଗ୍ରୀ ପରିବହନ କରୁଛନ୍ତି। ବାଲି ବୋଝେଇ ଗାଡ଼ି ସରକାରୀ ନିୟମ ମାନୁ ନ ଥିବାରୁ ଗାଡ଼ିରୁ ବାଲି ପଡ଼ି ରାସ୍ତାରେ ବାଲିର ଆସ୍ତରଣ ସୃଷ୍ଟି ହେଉଛି। ଯାହାକି ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ରାଜକନିକା-କଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ନମତରା ସିହୋପଡାରେ ଏହା ଦେଖିବାକୁ ମିଳିଛି। ତେଣୁ ଅମାନିଆ ଗାଡ଼ି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି। ଏନମତରା ଗାଁ ଭିତର ଏକ ରାସ୍ତାରେ ପଡିଛି ବାଲିର ଆସ୍ତରଣ। ପାଖରେ ପିଲାଙ୍କ ସ୍କୁଲ। ଏହି ରାସ୍ତାର ଉଭୟ ପାଶ୍ୱର୍ରେ ଜନବସତି ରହିଛି। ଖରସ୍ରୋତା ନଦୀରୁ ଦୈନନ୍ଦିନ ଶହ ଶହ ହାଇୱାରେ ବାଲି ପରିବହନ ହେଉଛି। ଏସବୁ ଗାଡ଼ିରୁ ବାଲି ପଡ଼ି ରାସ୍ତାରେ ବାଲିର ଆସ୍ତରଣ ସୃଷ୍ଟି ହୋଇଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି କରୁଛି। କେବଳ ନମତରା ଗାଁ ରାସ୍ତା ନୁହେଁ; ଦେଉଳତରା, ବରିପଡା, ସିହୋପଡା, ପେଗରପଡା, ଓଳାଭର ପ୍ରମୁଖ ରାସ୍ତାରେ ବି ବାଲିର ଆସ୍ତରଣ ଯୋଗୁଁ ଯାତାୟତରେ ବାଧା ଉପୁଜୁଛି। ପ୍ରଶାସନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଧର୍ମପ୍ରାଣ ମହିଳାଙ୍କ ପରଲୋକ



**ମହାକାଳପଡ଼ା,୨।୩(ସମିସ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ପଞ୍ଚାୟତ ବାରଡାଙ୍ଗ ଗ୍ରାମର ଧର୍ମପ୍ରାଣ ମହିଳା ସତ୍ୟଭାମା ରାଉତଙ୍କ ଆଜି ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୨ ବର୍ଷ ବୟସ ହୋଇଥିଲା। ସେ ଜଣେ ଅଲେଖ ଧର୍ମାବଲମ୍ବୀ ଓ ଧାର୍ମିକ ଚେତା ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସାନପୁଅ ବିଚିତ୍ର ରାଉତ, ବୋହୂ ମାଳତୀ ଓ ସୁକାନ୍ତୀ ରାଉତ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ସାନପୁଅ ମୁଖାଗ୍ନି ଦେଇଥିଲେ। ତାଙ୍କର ପରଲୋକରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ରାଜନଗର ଚାଷୀଙ୍କ ମୃତ୍ୟୁ ଘଟଣା

# ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଗିରଫ ଦାବିରେ ବିକ୍ଷୋଭ



**କେନ୍ଦ୍ରାପଡ଼ା,୨।୩(ସମିସ):** ଓଡ଼ିଶା କୃଷକ ସଭା କେନ୍ଦ୍ରାପଡ଼ା ଜିଲ୍ଲା କମିଟି ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଜନଗର ବ୍ଲକର ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁକୁ ବ୍ୟବସ୍ଥାଗତ ହତ୍ୟା ବୋଲି ଅଭିଯୋଗ କରାଯାଇଛି। ସଂଗଠନ ପକ୍ଷରୁ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଦାୟୀଙ୍କୁ ତୁରନ୍ତ ଗିରଫ କରିବା ଦାବି କରାଯାଇଛି। ରାଜନଗର ବ୍ଲକ ଅନ୍ତର୍ଗତ ଡାଙ୍ଗମାଳ ସେବା ସମବାୟ ସମିତି, ଈଶ୍ୱରପୁର ଅଧୀନ ଜୁଣଗଡି ଗ୍ରାମର ଚାଷୀ ତ୍ରିଲୋଚନ ନାୟକ ମଣ୍ଡିରେ ଧାନ ବିକ୍ରି ସମସ୍ୟାରେ ଦୀର୍ଘଦିନ ଧରି ପୀଡିତ ଥିଲେ। ମାସ ମାସ ଧରି ମଣ୍ଡିରେ ଧାନ ପଡ଼ି ରହିବା ପରେ ଶେଷ ମୁହୂର୍ତ୍ତରେ ତାଙ୍କୁ ମଣ୍ଡିଠୁ ପ୍ରାୟ ୩୦ କିମି ଦୂରରେ ଥିବା ରାମଚଣ୍ଡୀ ରାଇସ ମିଲକୁ ଧାନ ଦେବାକୁ ବାଧ କରାଯାଇଥିଲା। ସେଠାରେ ଚାରିଦିନ ଧରି ଧାନ ଭର୍ତ୍ତି ଟ୍ରାକ୍ଟର ପଡି ରହିଥିବା ସହ ଅସୁବିଧାଜନକ ପରିସ୍ଥିତିରେ ରହିବାକୁ ପଡିଥିଲା ବୋଲି ସଂଗଠନ ଅଭିଯୋଗ କରିଛି। ଘଟଣା ପରେ ଘରକୁ ଫେରିବାର କିଛି ସମୟ ପରେ ତାଙ୍କ ଛାତିରେ ଯନ୍ତ୍ରଣା ଆରମ୍ଭ ହୋଇ ମୃତ୍ୟୁ ଘଟିଥିବା ଦାବି କରାଯାଇଛି। ସଂଗଠନ ଏହାକୁ ସାଧାରଣ ମୃତ୍ୟୁ ନୁହେଁ ବୋଲି ଦାବି କରି ସରକାରୀ ମଣ୍ଡି ବ୍ୟବସ୍ଥାର ଅବ୍ୟବସ୍ଥାକୁ ଦାୟୀ କରିଛି। ପ୍ରତିଦିନ ଟ୍ରାକ୍ଟର ଭଡା ବାବଦରେ ଚାରି ହଜାର ଟଙ୍କା ଦେବାକୁ ପଡୁଥିବାରୁ ଚାଷୀ ଅର୍ଥନୈତିକ ଚାପରେ ଥିଲେ ବୋଲି ଅଭିଯୋଗ ହୋଇଛି। ଓଡ଼ିଶା କୃଷକ ସଭା ଜିଲ୍ଲା କମିଟି ସମ୍ପୃକ୍ତ ସମବାୟ ସମିତି ସମ୍ପାଦକ ଓ ରାଇସ ମିଲ ମାଲିକଙ୍କୁ ତୁରନ୍ତ ଗିରଫ, ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ମୃତକଙ୍କ ପୁଅକୁ ସରକାରୀ ଚାକିରି, ସମଗ୍ର ଜିଲ୍ଲାରେ ଧାନ କିଣାରେ ଅବ୍ୟବସ୍ଥା ଦୂର କରି ଟୋକନ ଅବଧି ମଧ୍ୟରେ ସମସ୍ତ ଧାନ କ୍ରୟ ଆଦି ଦାବି କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସରୋଜ କୁମାର ଖିଲାର ଦାବିପତ୍ର ଗ୍ରହଣ କରିଥିଲେ। ରାଜ୍ୟ କମିଟି ସଭ୍ୟ ନରୋତ୍ତମ ପାର୍ଥସାରଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ସମ୍ପାଦକ ଗୟାଧର ଧଳ, ବିଜୟ ଦାସ, ଜଗତ ଜୀବନ ଦାସ, ଭୀମସେନ ବେହେରା, ମାଧବ ଦାସ, ରତ୍ନଞ୍ଜୟ ମଲ୍ଲିକ ଓ ଅନ୍ୟାନ୍ୟ ନେତା ବକ୍ତବ୍ୟ ରଖିଥିଲେ। ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ଜିଲ୍ଲା ସଭାପତି କାଳିପ୍ରସାଦ ନାୟକ। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଜିଲ୍ଲା ବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଗାରଡ଼ପୁରରେ ଗୋମାତା ପୂଜା

**ରାଜକନିକା,୨।୩(ସମିସ):** ଚାଷୀ ପରିବାର ସହ ଯୋଡି ହୋଇରହିଥିବା ଗୋଚାଷକୁ ବଢ଼ାଇବା ଲକ୍ଷ୍ୟ ନେଇ କାଟଣାର ଗାରଡ଼ପୁର ଗାଁରେ ଗୋମାତା ପୂଜା ଉତ୍ସବ ପାଳିତ ହୋଇଆସୁଛି। ପ୍ରତିବର୍ଷ ଫାଲଗୁନି ପୂର୍ଣ୍ଣିମା ଦିନ ସେ ଅଞ୍ଚଳରେ ଗୋ ଚାଷୀଙ୍କୁ ନିମନ୍ତ୍ରଣ କରି ତାଙ୍କ ଦୁଧିଆଳୀ ଗାଈ ଓ ବାଛୁରୀଙ୍କୁ ପୂଜାର୍ଚ୍ଚନା କରିବା ସହ ସେମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଦୀର୍ଘ ୪୪ ବର୍ଷ ଧରି ଏହି ଗୋମାତା ପୂଜାକୁ ବେଶ ପାରମ୍ପରିକ ଭାବେ ପାଳନ କରାଯାଉଛି। ରାଜକନିକା ବ୍ଲକ କାଟଣାବଣିଆ ପଞ୍ଚାୟତର ଗାରଡ଼ପୁର ଗୋମାତା ପଡିଆରେ ୧୦୮ ଦୁଧିଆଳୀ ଗାଈ ଓ ବାଛୁରୀଙ୍କୁ ବନ୍ଦାପନା କରି ଗାରଡ଼ପୁର ଗୋମାତା ପୂଜା କମିଟି ଓ ଗ୍ରାମବାସୀ ପରମ୍ପରା ବଜାୟ ରଖିଛନ୍ତି। କାଟଣା ଅଞ୍ଚଳରେ ଭଗିଆ ବାବା ଅବସ୍ଥାନ କରିବା ସହ ମଠ କରି ରହିବା ଓ ଗୋମାତାଙ୍କୁ ପୂଜା କରିବାର ଧାରା ଦେଖି ପ୍ରତିବର୍ଷ ଏହି ପୂଜା ଜାରି ରଖିଥିଲେ। ସାଧୁଙ୍କ ଏହି ଉଦ୍ଦେଶ୍ୟ ବେଶ ଗ୍ରହଣୀୟ ହେବା ପରେ ଗାରଡ଼ପୁର ଗ୍ରାମବାସୀ ଏକ କମିଟି ଗଠନ କରି ନିୟମିତ ଆଜିର ଦିନରେ ପୂଜା କରିଆସୁଛନ୍ତି। ଆଜି ଅପରାହ୍ନରେ କମିଟି ପକ୍ଷରୁ ୧୦୮ ଗୋଚାଷୀଙ୍କୁ ନିମନ୍ତ୍ରଣ କରି ସେମାନଙ୍କ ଗାଈଙ୍କୁ ବନ୍ଦାପନା କରିବା, ମାଳ ପିନ୍ଧାଇ, ସିନ୍ଦୁର ଦେଇ ଖାଦ୍ୟ ପ୍ରଦାନ କରାଯିବା ସହ ପ୍ରତ୍ୟେକ ଚାଷୀଙ୍କୁ ଗୋମାତାଙ୍କ ଫଟୋଚିତ୍ର ଉତ୍ତରୀୟ ପ୍ରଦାନ କରାଯାଇଛି। ଆଜିର ଗୋମାତା ପୂଜା ପାଇଁ ବିଶ୍ୱନାଥପୁର, ମଦରଙ୍ଗାପାଟ, ଗାରଡ଼ପୁର, ଧାମରା, ଖଣ୍ଡାଇତା, ପାଣ୍ଡରକୋଲି, ଡାଏଣିଗିରି, ପତରପୁର, କାଟଣା, ଝାଡ଼ମାଳ, ସିଙ୍ଗିରି, ବାଜପୁର ଆଦି ଗ୍ରାମର ଗୋ ଚାଷୀ ନିଜ ନିଜର ଗୋମାତାଙ୍କୁ ନେଇ ସମବେତ ହେବା ଗୋଚାଷ ପାଇଁ ଉତ୍ସାହିତ କରିବ।

# ଶିକ୍ଷାବିତ ଆଦିକନ୍ଦ ବେହେରାଙ୍କ ପରଲୋକ

**ଗୋବିନ୍ଦପୁର,୨।୩(ସମିସ):** ଆଳି ବ୍ଲକ୍ ଅନ୍ତର୍ଗତ ଏରଡଙ୍ଗ ପଞ୍ଚାୟତ ନାଟରା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆଦିକନ୍ଦ ବେହେରାଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ସେ କୁସୁମି ଜନକଲ୍ୟାଣ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରି ଅବସର ଗ୍ରହଣ କରିଥିଲେ। ଜଣେ ଆଦର୍ଶ ଶିକ୍ଷକ, କର୍ତ୍ତବ୍ୟ ନିଷ୍ଠ, ଛାତ୍ର ବତ୍ସଳ ଶିକ୍ଷକ ଭାବେ ଆଳି ଧୋୟାଞ୍ଚଳରେ ପରିଚିତ ଥିଲେ। ତାଙ୍କ ମରଶରୀର ନିଜ କର୍ମସ୍ଥଳ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟକୁ ନିଆଯାଇଥିଲା। ଶିକ୍ଷକ, ଶିକ୍ଷୟିତ୍ରୀ, ଅବସରପ୍ରାପ୍ତ ଶିକ୍ଷକ, ପୁରାତନ ଛାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ ସାହୁ, ମୁରଲୀଧର ସାହୁ, ଅଭିନ୍ନ ରାୟ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମହେଶ୍ୱର ନନ୍ଦ, ପ୍ରାକ୍ତନ ସରପଞ୍ଚ ପୁରୁଷୋତ୍ତମ ପଲାଇ, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ପ୍ରଧାନଶିକ୍ଷକ ସଞ୍ଜୟ ସାମଲ ଶୋକ ପ୍ରକାଶ କରିଛନ୍ତି।

# ଯୋରରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ରାଜନଗର,୨।୩(ସମିସ):** ରାଜନଗର ଥାନା ଅନ୍ତର୍ଗତ ବନ୍ଧପଡ଼ା ଗ୍ରାମର ବାଉରୀ ବନ୍ଧୁ ଦାସ ଯୋରରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ଆଜି ଦିନ ପ୍ରାୟ ୧୨ଟା ସମୟରେ ଗାଁ ପାଖ ଯୋରକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ସମୟରେ ଗୋଡ଼ ଖସିଯାଇଥିଲା। ପହଁରା ଜାଣି ନ ଥିବାରୁ ବୁଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

● ବାଲିପାଟଣାରେ ଅଗ୍ନିକାଣ୍ଡ

# ଜଳିଗଲା ୫ ବଖରା ଘର, ୩ ପାଳଗଦା



**ପଟ୍ଟାମୁଣ୍ଡାଇ,୨।୩(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଲିପାଟଣା ପଞ୍ଚାୟତର ବାଲିପାଟଣା ଗ୍ରାମରେ ଗତକାଲି ରାତି ୧୨. ୩୦ ମିନିଟ ସମୟରେ ଅଗ୍ନିକାଣ୍ଡ ଘଟି ଶଙ୍କର୍ଷଣ ନାୟକଙ୍କ ୨ ବଖରା ଛାଳ ଘର, ଗୋଟିଏ ପାଳ ଗଦା, ଜନାର୍ଦ୍ଦନ ନାୟକଙ୍କ ୨ ବଖରା ଛାଳ ଘର, ଗୋଟିଏ ପାଳ ଗଦା ପୋଡି ପାଉଁଶ ହୋଇଯାଇଥିବାବେଳେ କହ୍ନେଇ ନାୟକଙ୍କ ଗୋଟିଏ ଛାଳ ଘର, ୧ ପାଳ ଗଦା ଓ ୭ଟି ସାଇକଲ ପୋଡି ନଷ୍ଟ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ୫ ବଖରା ଘର ସହ ଆସବାବପତ୍ର, ୩ ପାଳ ଗଦା ପୋଡ଼ିଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ଅଟକଳରୁ ଜଣାପଡିଛି। ବିଳମ୍ବିତ ରାତିରେ ଖବର ପାଇ ପଟ୍ଟାମୁଣ୍ଡାଇ ଦମକଳ କେନ୍ଦ୍ରର ଅଗ୍ନିଶମ ଅଧିକାରୀ ଗଗନ ବିହାରୀ ମହାନ୍ତି କର୍ମଚାରୀଙ୍କ ସହିତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ସନାତନ ଧର୍ମ ସମ୍ମିଳନୀ ଉଦଯାପିତ



**ରାଜନଗର,୨।୩(ସମିସ):** ରାଜନଗର ବ୍ଲକ୍ ଗୁପ୍ତି ଓ ବନବିହାରୀପୁର ମଧ୍ୟସ୍ଥଳୀରେ ଚାଲିଥିବା ୫୬ତମ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ ଉଦଯାପିତ ହୋଇଛି। ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ଆନୁକୂଲ୍ୟରେ ଏହି ସନାତନ ଧର୍ମ ସମ୍ମିଳନୀ ଆରମ୍ଭ ହୋଇଥିଲା। ଏହି ଧର୍ମ ସମିଳନୀରେ ପ୍ରତ୍ୟେକ ଦିନ ଠାକୁର ଅଭିରାମ ପରମହଂସ ଦେବଙ୍କ ମଙ୍ଗଳ ଆଳତୀ, ଶ୍ରୀବିଷ୍ଣୁ ସହସ୍ରନାମ, ପ୍ରଭାତ କୀର୍ତ୍ତନ ସହିତ ସନ୍ଧ୍ୟା ଆଳତୀ କରାଯାଇଥିଲା। ଶାନ୍ତି ଆନନ୍ଦା ଶ୍ରମର ସାଧୁସନ୍ଥଙ୍କ ସହିତ ଭାରତର ବହୁ ସାଧୁସନ୍ଥ ଯୋଗଦେଇ ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ଆଶୀର୍ବଚନ ପ୍ରଦାନ କରିଥିଲେ। ଧର୍ମ ସମିଳନୀକୁ ସେବକ ଅଭୟ ବାବା, ରାଜନଗର ଭକ୍ତ ଗୋଷ୍ଠୀ ସଭାପତି ଦିବାକର ପରିଡା, ସମ୍ପାଦକ ଗୋଲେଖ ରାଉତ, ଅଭିରାମ ମହାନ୍ତି, ଯାମିନୀକାନ୍ତ ସାହୁ, ଦୁଃଶାସନ ନାୟକ, ଜାମିନୀ ବିଶ୍ୱାଳଙ୍କ ସମେତ ଗୁପ୍ତି ପଞ୍ଚାୟତର ଅଧିବାସୀ ପ୍ରମୁଖ ପରିଚାଳନା କରିଥିଲେ।

# ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ

**ଗରଦପୁର,୨।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକ୍ ଅନ୍ତର୍ଗତ ହରିଦାସପୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ, ଅଭିଭାବକ ଓ ଅତିଥିଙ୍କ ଉପସ୍ଥିତିରେ ସଭା ପରିସର ଉତ୍ସବମୁଖର ହୋଇଉଠିଥିଲା। ମୁଖ୍ୟଅତିଥି ଭାବେ ଅଞ୍ଚଳ ଶିକ୍ଷାଧିକାରୀ ଗତିକୃଷ୍ଣ ଦାସ ଶିକ୍ଷା ସହ ନୈତିକ ମୂଲ୍ୟବୋଧର ଆବଶ୍ୟକତା ଉପରେ ଉଦ୍‌ବୋଧନ ଦେଇଥିଲେ। ସମ୍ପଦ କେନ୍ଦ୍ର ସମନ୍ୱୟକାରୀ ରତ୍ନାକର ମାହାଲି ମୁଖ୍ୟବକ୍ତା ଭାବେ ମାଆମାନଙ୍କୁ ଶିଶୁଙ୍କ ପାଠପଢ଼ା ଓ ଶିଷ୍ଟାଚାରର ଉନ୍ନତି ପାଇଁ ସଚେତନ ହେବାକୁ ଆହ୍ୱାନ କରିଥିଲେ। ସଭାରେ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ପ୍ରବେଶ ସୂଚନା ଘୋଷଣା କରାଯାଇଥିଲା। ଶିଶୁଙ୍କ ପାଇଁ ନିଶୁଳ୍କ ଓ ବାଧତାମୂଳକ ଶିକ୍ଷାର ଅଧିକାର ଅଧିନିୟମ ୨୦୦୯ ଅନୁଯାୟୀ ପ୍ରଥମ ଶ୍ରେଣୀରେ ୨୫ ଶତାଂଶ ସ୍ଥାନ ଆର୍ଥିକ ଦୁର୍ବଳ ବର୍ଗ ପାଇଁ ସଂରକ୍ଷିତ ରହିଛି। ଏହି ବର୍ଗର ଛାତ୍ରଛାତ୍ରୀ ନିଶୁଳ୍କ ଶିକ୍ଷା ପାଇବେ ବୋଲି ଜଣାଯାଇଛି। ପରେ କୁନି କୁନି ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୪ଟି ଅଭିଯୋଗର ତୁରନ୍ତ ସମାଧାନ



କେନ୍ଦ୍ରାପଡ଼ା/ରାଜନଗର,୨।୩(ସମିସ)

ରାଜନଗର ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୨୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୧୧୫ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଅଭିଯୋଗ ଥିଲା। ଏହାର ଶୁଣାଣି କରାଯାଇ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ମୋଟ ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ଅନୁମୋଦନ କରାଯାଇଥିବାବେଳେ ୧୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।

ଆଜି ଶିବିରରେ ଜିଲ୍ଲାପାଳ ରଘୁରାମ. ଆର. ଆୟର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପଞ୍ଜିକୃତ ଅଭିଯୋଗର ଶୀଘ୍ର ଓ ସଠିକ୍ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ଭାବେ ପୂର୍ବତନ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଥିବା ଅଭିଯୋଗର ଅବସ୍ଥା ନେଇ ସମୀକ୍ଷା କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା, ବିଡିଓ, ତହସିଲଦାର ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ୯ ମାର୍ଚ୍ଚରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ, ୧୬ ମାର୍ଚ୍ଚରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୨୩ ତାରିଖରେ ରାଜକନିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ୩୦ରେ ମାର୍ଶାଘାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଜରାୟୁ ଗ୍ରୀବା କର୍କଟ ପ୍ରତିରୋଧ ଟିକାକରଣ ଆରମ୍ଭ



**ରାଜନଗର,୨।୩(ସମିସ):** ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରାୟୁ ଗ୍ରୀବା କର୍କଟ ପ୍ରତିରୋଧ ପାଇଁ ଟିକାକାରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟର ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ମନୋରଞ୍ଜନ ରାଉତଳ ଯୋଗଦେଇ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ତହସିଲଦାର ଯୀଶୁକୃଷ୍ଣ ଦାସ, ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ରାଉତ, ବିଡିଓ ଅଶୋକ ମହାନ୍ତି, ସିଡିପିଓ ଦୀପାଳୀ ମିଶ୍ର ପ୍ରମୁଖ ଯୋଗ ଦେଇ ୧୪ରୁ ୧୫ ବର୍ଷ ବୟସର କିଶୋରୀ ଏହି ଟୀକା ନେଲେ, ସେମାନେ ଆଗାମୀ ଦିନରେ ଜରାୟୁ ଗ୍ରୀବା କର୍କଟ ରୋଗକୁ ପ୍ରତିହତ କରିପାରିବେ ବୋଲି କହିଥିଲେ। ଯେଉଁ କିଶୋରୀ ୧ ମାର୍ଚ୍ଚ ୨୦୧୧ରୁ ୧ ଜୁନ ୨୦୧୨ ମଧ୍ୟରେ ଜନ୍ମ ହୋଇଥିବେ, ସେମାନେ ଏହି ଟୀକା ନେବାକୁ ଯୋଗ୍ୟ ଅଟନ୍ତି। ଏହି ଅଭିଯାନ ଆସନ୍ତା ୩ ମାସ ଧରି ଚାଲିବ ବୋଲି ସୂଚନା ଦେଇଛନ୍ତି। ଆଜି ଗୋଟିଏ ଦିନରେ ୧୭ ଜଣ କିଶୋରୀ ଏହି ଟୀକା ନେଇଛନ୍ତି। ଏହି ଟିକାକରଣ କାର୍ଯ୍ୟକ୍ରମ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଅଧୀନରେ ଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାୟକ୍ରମେ ପ୍ରଦାନ କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡଃ ରଶ୍ମିରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଓ ଆଶାକର୍ମୀ ସହଯୋଗ କରିଥିଲେ।

## ଶ୍ରୀକ୍ଷେତ୍ର ସିଟି

୨/୩/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୭,୫୬,୧୭୦/- ସୁନା:୦୨.୩୦୦ ଗ୍ରାମ୍ ରୁପା: ୧୨.୦୦୦ ଗ୍ରାମ୍



# ମେଣ୍ଢାପୋଡ଼ି ନୀତି ସମ୍ପନ୍ନ; ଆଜି ମହାପ୍ରଭୁଙ୍କ ସୁନାବେଶ



**ପୁରୀ, ୨।୩ (ସମିସ):** ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ସୋମବାର ମହାପ୍ରଭୁଙ୍କ ଅଗ୍ନି ଉତ୍ସବ ବା ମେଣ୍ଢାପୋଡ଼ି ନୀତି ସମ୍ପନ୍ନ ହୋଇଛି। ମଙ୍ଗଳବାର ପବିତ୍ର ଦୋଳପୂର୍ଣ୍ଣିମା। ଶ୍ରୀମନ୍ଦିର ରତ୍ନସିଂହାସନରେ ବିରାଜିତ ଚତୁର୍ଦ୍ଧାବିଗ୍ରହଙ୍କ ଦୁର୍ଲ୍ଲଭ ସୁନାବେଶ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

ସୋମବାର ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସରିବା ପରେ ତିନିବାଡ଼ରେ ମଇଲମ ହୋଇଥିଲା। ପାଳିଆ ମେକାପ ଭଣ୍ଡାରଘରୁ ଚନ୍ଦନ ବିଜେ କରାଇବା ପରେ ପୁଷ୍ପାଳକ ସେବକ ସର୍ବାଙ୍ଗ ଲାଗି କରାଇଥିଲେ। ଏହାପରେ ଚାଚେରୀ ବେଶ ନିମନ୍ତେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣୀ ଘରେ ପଡ଼ିଥିବା ଖଟଶେଯ ଉପରକୁ ବିଜେ କରିଥିଲେ। ତିନିବାଡ଼ରେ ଚାଚେରୀ ବେଶ ବଢ଼ି ମାଳଫୁଲ ଏବଂ କର୍ପୂର ଲାଗି ହୋଇଥିଲା। ପାଳିଆ ପଡ଼ିଆରୀ ଚାଚେରୀ ଭୋଗ ଡାକି ଯାଇଥିଲେ। ଚାଚେରୀ ଭୋଗ ଉଠିଲା ପରେ ଦକ୍ଷିଣୀଘର ଭୋଗ ସରି ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଭିତରକୁ ବିଜେ କରିଥିଲେ। ଏହାପରେ ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥିଲେ। ପଣ୍ଡା ପଞ୍ଚୋପଚାରରେ ଭୋଗ କରିଥିଲେ। ପଣ୍ଡା, ପତି, ମୁଦିରସ୍ତ ଘଟୁଆରି ଘରଠାରୁ ଘଣ୍ଟ, ଛତା, କାହାଳି ସହ ଚନ୍ଦନ, ଫଗୁ ବିଜେ କରାଇ ଆଣି ଶ୍ରୀଅଙ୍ଗ ଲାଗି କରାଇଥିଲେ। ସିଂହାସନ ତଳେ ମୁଦିରସ୍ତ ତିନିବାଡ଼ରେ ଝିମିରି ଫଗୁ ଅଞ୍ଜଳି କରିବା ସହ ଶ୍ରୀଅଙ୍ଗରେ ଚନ୍ଦନ ଫଗୁମଣି ଲାଗି କରିଥିଲେ। ପଣ୍ଡା ଆଜ୍ଞାମାଳ ଦେଲା ପରେ ମହାଜନେ ଠାକୁରଙ୍କୁ ହାତରେ ଜୟ ବିଜୟ ଦ୍ୱାର, ମୁକ୍ତିମଣ୍ଡପ ଦେଇ ଲକ୍ଷ୍ମୀ ମନ୍ଦିରଠାରେ ପଲଙ୍କରେ ବିଜେ କରାଇଥିଲେ। ଏହାପରେ ଲକ୍ଷ୍ମୀନାରାୟଣଙ୍କ ହୋରି ଫଗୁଖେଳ ହୋଇଥିଲା। ପ୍ରସାଦ ଲାଗି ହୋଇ ବନ୍ଦାପନା ପରେ ମହାଜନେ ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀଙ୍କୁ ପଲଙ୍କରୁ ଆଣି ବିମାନରେ ବିଜେ କରାଇଥିଲେ। ବିମାନରେ ଠାକୁର ସିଂହଦ୍ୱାର ଦେଇ ଦୋଳବେଦୀସ୍ଥିତ ଅଗ୍ନି ଉତ୍ସବକୁ ବିଜେ କରିଥିଲେ। ସେଠାରେ ପୂଜାପଣ୍ଡା ସାମନ୍ତ ହୋମ କରିଥିଲେ। ହୋମ ବଢ଼ିବା ପରେ ପ୍ରସାଦ ଲାଗି ଏବଂ ଶୀତଳ ଭୋଗ ମଣୋହି ହୋଇ ଚାମର ଆଲଟ ହୋଇଥିଲା। ଏହାପରେ ଅଗ୍ନି ଘରେ ନିଆଁ ଲଗାଯାଇଥିଲା। ଅଗ୍ନିଘର ଚତୁଃପାର୍ଶ୍ୱରେ ଠାକୁର ବିମାନରେ ସାତଥର ପ୍ରଦକ୍ଷଣ କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

ଅନ୍ୟପକ୍ଷରେ ଦୋଳ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ମଙ୍ଗଳବାର ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିକାନ୍ତି ନିର୍ଘଣ୍ଟ କରାଯାଇଛି। ଗ୍ରହଣ ଲାଗିବା ପରେ ମହାପ୍ରଭୁଙ୍କର ମଇଲମ ଓ ଗ୍ରହଣ ମହାସ୍ନାନ ନୀତି କରାଯିବ। ଏହାପରେ ଅନ୍ୟାନ୍ୟ ନୀତି ପରେ ସନ୍ଧ୍ୟା ସାଢ଼େ ୬ଟାରେ ଗ୍ରହଣ ଭୋଗ ହେବ। ୭ଟାରେ ମଇଲମ ପରେ ରାତି ୮ ରୁ ସାଢ଼େ ୯ଟା ମଧ୍ୟରେ ମହାପ୍ରଭୁଙ୍କ ସୁନାବେଶ ବା ରାଜାଧିରାଜ ବେଶ ଅନୁଷ୍ଠିତ କରାଯିବାକୁ ନୀତି ନିର୍ଘଣ୍ଟ ହୋଇଛି।

## କାର୍ଯ୍ୟରେ ଯୋଗଦେଲେ ଶ୍ରୀମନ୍ଦିରର ନୂଆ ନୀତି ପ୍ରଶାସକ

**ପୁରୀ,୨।୩(ସମିସ):** ଶ୍ରୀମନ୍ଦିର ନୀତି ପ୍ରଶାସକ ଭାବେ ଫେବୃଆରୀ ୨୮ ତାରିଖ ଦିନ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି। ପୂର୍ବତନ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କଠାରୁ ଶ୍ରୀ ପୃଷ୍ଟି ଏହି ଦାୟିତ୍ୱ ଗ୍ରହଣ କରିଥିଲେ। ରବିବାର ବିଧିବଦ୍ଧ ଭାବେ ଶ୍ରୀ ପୃଷ୍ଟି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିବାବେଳେ ପୂଜାପାଠ କରିଥିଲେ। ନୂତନ ନୀତି ପ୍ରଶାସକଙ୍କୁ ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ସ୍ୱାଗତ କରିଥିଲେ। ଶ୍ରୀମନ୍ଦିରର ସମସ୍ତ ସେବାୟତ ଓ କର୍ମଚାରୀଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷାକରି ଆଗାମୀ ଦିନରେ ମହାପ୍ରଭୁଙ୍କ ନୀତି କାର୍ଯ୍ୟ ଶୃଙ୍ଖଳିତ ଓ ସମୟ ଅନୁସାରେ ସମ୍ପାଦନ ପାଇଁ ଚେଷ୍ଟା କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି।

## ଅବସର ଦିନ ୭ ଜଣଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ



**ପୁରୀ,୨।୩(ସମିସ):** ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଥିବା ୭ ଜଣ କର୍ମଚାରୀ ଫେବୃଆରୀ ମାସରେ ଅବସର ନେଇଥିବାରୁ ଜିଲ୍ଲା ଶିକ୍ଷାଧିକାରୀ ଦୀପକ ପାଢ଼ୀ ମାସର ଶେଷ ଦିବସରେ ସେମାନଙ୍କର ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନ କରିଛନ୍ତି। ଏହାଦ୍ୱାରା ଜିଲ୍ଲାର ସମସ୍ତ କର୍ମଚାରୀଙ୍କ ମଧ୍ୟରେ ଆନନ୍ଦ ସୃଷ୍ଟି କରିବା ସହିତ ଶିକ୍ଷାଧିକାରୀଙ୍କୁ ପ୍ରଶଂସା କରିଛନ୍ତି। ଅବସର ଗ୍ରହଣ କରିଥିବା ଶିକ୍ଷକ ଓ କର୍ମଚାରୀମାନେ ହେଲେ ସୁରେନ୍ଦ୍ର କୁମାର ଦଳାଇ (ପ୍ରଧାନଶିକ୍ଷକ), ନାରାୟଣ କର (ହିନ୍ଦୀ ଶିକ୍ଷକ), ନିର୍ମଳ କୁମାରୀ ନାୟକ (ସହକାରୀ ଶିକ୍ଷକ), ଅଭିମନ୍ୟୁ ଜେନା (ଚତୁର୍ଥ ଶ୍ରେଣୀ କର୍ମଚାରୀ), ସହଦେବ ପରିଡ଼ା (ଚତୁର୍ଥ ଶ୍ରେଣୀ କର୍ମଚାରୀ), ପ୍ରଭାକର ନାୟକ (ଚତୁର୍ଥ ଶ୍ରେଣୀ କର୍ମଚାରୀ), ସୁଦର୍ଶନ ଲେଙ୍କା (ଚତୁର୍ଥ ଶ୍ରେଣୀ କର୍ମଚାରୀ)।

## ବନ୍ଧୁକ ଦେଖାଇ ଦାଦାବଟି ଆଦାୟ; ଅଭିଯୁକ୍ତ ଗିରଫ

**ପୁରୀ,୨।୩(ସମିସ):** ବାସେଳୀ ସାହି ସୋଲାଖିଆ ବରଗଛ ନିକଟରେ ରବିବାର ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ବନ୍ଧୁକ ଦେଖାଇ ଦାଦାବଟି ଆଦାୟ କରୁଥିବା ଜଣେ କୁଖ୍ୟାତ ଅପରାଧୀକୁ ଗିରଫ କରିଛି ଟାଉନ ଥାନା ପୁଲିସ। ଅଭିଯୁକ୍ତ ହେଲେ ଗୁଡ଼ିଆସାହିର ନୃସିଂହ ସୁବୁଦ୍ଧି (୪୩)। ପୁଲିସ ନୃସିଂହଙ୍କୁ ଗିରଫ କରିଥିବାବେଳେ ତା'ଠାରୁ ଗୋଟିଏ ଦେଶୀ ବନ୍ଧୁକ, ବାଇକ୍, ମୋବାଇଲ ଓ ନଗଦ ୧୭ ହଜାର ୪୦୦ ଟଙ୍କା ଜବତ କରିଛି। ଟାଉନ୍ ଥାନା ପୁଲିସ ଏହି ଘଟଣାକୁ ନେଇ ମାମଲା ରୁଜୁ କରିବା ସହ ନୃସିଂହକୁ କୋର୍ଟ ଚାଲାଣ କରିଛି। ସୋମବାର ଟାଉନ୍ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସ୍‌ପି ରଶ୍ମୀରଞ୍ଜନ ମହାପାତ୍ର ଏହି ସୂଚନା ପ୍ରଦାନ କରିଥିବାବେଳେ ପୁରୀରେ ଏପରି ଅପରାଧିକ ଘଟଣା ଘଟାଉଥିବା ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି କହିଛନ୍ତି।

### ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

## ଗୁମୁଟ ଉପରକୁ ଚଢ଼ିଗଲେ ଭକ୍ତ

**ପୁରୀ,୨।୩(ସମିସ):** ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ଉଠିଲା ପ୍ରଶ୍ନ। ଭ୍ୟାନିଟି ବ୍ୟାଗ୍ ମାଙ୍କଡ଼ ନେଇଯିବାରୁ ସିଂହଦ୍ୱାର ଗୁମୁଟ ଉପରକୁ ଚଢ଼ିଯାଇଥିଲେ ଜଣେ ଭକ୍ତ। ସୋମବାର ସନ୍ଧ୍ୟାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଜଣେ ଭକ୍ତଙ୍କ ଭ୍ୟାନିଟି ବ୍ୟାଗ୍ ମାଙ୍କଡ଼ ନେଇଯାଇ ସିଂହଦ୍ୱାର ଗୁମୁଟ ଉପରକୁ ଚାଲିଯାଇଥିଲା। ପରେ ସମ୍ପୃକ୍ତ ଭକ୍ତ ଜଣକ ଗୁମୁଟ ଉପରକୁ ଚଢ଼ି ମାଙ୍କଡ଼ ନିକଟରୁ ଭ୍ୟାନିଟି ବ୍ୟାଗ୍ ଆଣିବା ପାଇଁ ଉଦ୍ୟମ କରି ସଫଳ ହୋଇ ନ ଥିଲେ। ମାଙ୍କଡ଼ଟି ସେଠାରୁ ପଳାଇ ଯାଇଥିଲା। ପରବର୍ତ୍ତୀ ସମୟରେ ସେଠାରେ ଉପସ୍ଥିତ ଥିବା ସୁରକ୍ଷା କର୍ମୀଙ୍କର ନଜର ପଡ଼ିଥିଲା ସେହି ଭକ୍ତଙ୍କ ଉପରେ। ତାଙ୍କୁ ତଳକୁ ଓହ୍ଲାଇ ଆସିବା ପାଇଁ କହିଥିଲେ। ଭକ୍ତ ଜଣକ ମଧ୍ୟ ଓହ୍ଲାଇ ଆସିଥିଲେ। ତେବେ ଏଠାରେ ପ୍ରଶ୍ନ ଉଠୁଛି ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଭେଦ କରି ଭ୍ୟାନିଟି ବ୍ୟାଗ୍ ଉଦ୍ଧାର ପାଇଁ ଭକ୍ତ ଜଣକ ଗୁମୁଟ ଉପରକୁ କିଭଳି ଚଢ଼ିଗଲେ? ସେ ଚଢ଼ିବାବେଳେ ସେଠାରେ ଉପସ୍ଥିତ ଥିବା ସୁରକ୍ଷା କର୍ମୀ ଜାଣିପାରିଲେ ନାହିଁ କିପରି? ଯଦି ଜାଣିଥିଲେ କାହିଁକି ବାରଣ କରି ନ ଥିଲେ? ୨୦୨୨ ମେ' ୨ ତାରିଖରେ ସିଂହଦ୍ୱାର ଗୁମୁଟରୁ ଡେଇଁ ଜୀବନ ହାରିଥିଲେ ଜଣେ କିନ୍ନର। ଆତ୍ମହତ୍ୟା କରିଥିବା କିନ୍ନର ଥିଲେ ନିମାପଡ଼ା ଗଡ଼ଇଟପୋଖରୀର ବଳରାମ ରାଉତ। ସୋମବାର ଗୁମୁଟ ଉପରେ ଚଢ଼ିଥିବା ଭକ୍ତଙ୍କର ଯଦି କୌଣସି ଅଘଟଣ ଘଟିଥାଆନ୍ତା ଏଥିପାଇଁ କିଏ ଦାୟୀ ରହିଥା'ନ୍ତା ବୋଲି ପ୍ରଶ୍ନ ଉଠିଛି।

## ପରିକ୍ରମା ପ୍ରକଳ୍ପ ଭିତରେ ଅନ୍ୟ ରାଜ୍ୟର ତମ୍ବୁ

**ପୁରୀ,୨।୩(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପଶ୍ଚିମଦ୍ୱାର ନିକଟରେ ଟେଣ୍ଟ। ସବୁଠୁ ବଡ଼ କଥା ହେଉଛି ଏହା ଭିତରେ

### ବାନ୍ଧିଲା କିଏ ? ଅନୁମତି ଦେଲା କିଏ ?



ଟେଣ୍ଟ କରି ଚୌକି ପକାଇ ପୂଜାର୍ଚ୍ଚନା କରୁଥିଲେ କିଏ? ସେହିପରି ପରିକ୍ରମା ମାର୍ଗ ଭିତରେ ସେମାନଙ୍କୁ ଏଭଳି ଆୟୋଜନ ପାଇଁ ଅନୁମତି ଦେଇଥିଲେ କିଏ? ଏହାକୁ ନେଇ ସମସ୍ତଙ୍କ ମନରେ ପ୍ରଶ୍ନ ଉଠିଥିବାବେଳେ ସୁରକ୍ଷା କର୍ମଚାରୀଙ୍କ ଦାୟିତ୍ୱହୀନତା ପଦାରେ ପଡ଼ିଛି।

ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ସହିତ ଭକ୍ତଙ୍କୁ ଅତ୍ୟାବଶ୍ୟକ ସେବା ସୁବିଧା ପ୍ରଦାନ ଲକ୍ଷ୍ୟରେ ପରିକ୍ରମା ପ୍ରକଳ୍ପ କରାଯାଇଛି। ଏହା ଭିତରେ ଯେପରି କୌଣସି ପ୍ରକାର ବେନିୟମ କାର୍ଯ୍ୟ ନ ହୁଏ ସେଥିଲାଗି ପରିକ୍ରମା ମାର୍ଗ ଭିତରେ ବହୁ ସଂଖ୍ୟାରେ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ହେଲେ ସୋମବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ପରିକ୍ରମା ପ୍ରକଳ୍ପ ପଶ୍ଚିମଦ୍ୱାର ନିକଟରେ କପଡ଼ା ବନ୍ଧାଯାଇ ଟେଣ୍ଟ ରୂପ ଦିଆଯାଇଥିଲା। ସେଠାରେ ବହୁ ଚେୟାର ପକାଯାଇଥିବା ବେଳେ କିଛି ଲୋକ ଚା' ପିଉଥିଲେ ଏପରିକି ଗପସପ ମଧ୍ୟ ହେଉଥିଲେ। ଏଥିସହ ପୂଜାପାଠ କରୁଥିଲେ। ଏମାନେ ବାହାର ରାଜ୍ୟରୁ ଆସି ଏଭଳି କରୁଥିବା ଚର୍ଚ୍ଚା ହେଉଛି। କିନ୍ତୁ ବଡ଼ କଥା ହେଉଛି ଏମାନଙ୍କୁ ପରିକ୍ରମା ପ୍ରକଳ୍ପ ଭିତରେ ଟେଣ୍ଟ ବାନ୍ଧି ଚୌକି ପକାଇ ପୂଜାର୍ଚ୍ଚନା କରିବା ଲାଗି ଅନୁମତି ଦେଇଥିଲା କିଏ? କାହା ସାହସରେ ସେମାନେ ଏଭଳି କରୁଥିଲେ। ତେବେ ବିଳମ୍ବରେ ସୁରକ୍ଷା କର୍ମଚାରୀମାନେ ଜାଣିବା ପରେ ପହଞ୍ଚି ଘେରାଯାଇଥିବା ତାଙ୍କ କପଡ଼ା ଖୋଲାଖୋଲି କରିବା ସହ ପରିକ୍ରମା ମାର୍ଗ ଭିତରେ ଏଭଳି ନ କରିବାକୁ କହିଥିଲେ। ସମ୍ପୃକ୍ତ ଭକ୍ତମାନେ ଗୁଜରାଟରୁ ଆସିଥିବା ଜଣାପଡ଼ିଛି।

## ପୁରୀ ସଦରରେ 'ନିର୍ମାଲ୍ୟ'ର ବୃକ୍ଷରୋପଣ



**ପୁରୀ,୨।୩(ସମିସ):** ଓଡ଼ିଶାର ଅନନ୍ୟ ଅନୁଷ୍ଠାନ 'ନିର୍ମାଲ୍ୟ' ପକ୍ଷରୁ ପୁରୀ ସଦରର ଗ୍ରାମାଞ୍ଚଳରେ ବୃକ୍ଷରୋପଣ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ଡ. ବିଶ୍ୱନାଥ ମିଶ୍ରଙ୍କ ନେତୃତ୍ୱରେ ଢୋଲ-କାଳିଆକେରା, ବାଙ୍ଗୁରୁବା, ନହଡିଆ, ଅଳସଣା ଓ ବାଲିପଡ଼ାରେ କଦମ୍ବ, ବଉଳ, ଚାନ୍ଦିନୀ ଚମ୍ପା, କର୍ପୂର ତୁଳସୀ ସହ ବିଭିନ୍ନ ମନ୍ଦିରରେ ଚନ୍ଦନ ବୃକ୍ଷ ଲଗାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ବଦ୍ରି ମିଶ୍ର, କୃପାସିନ୍ଧୁ ମିଶ୍ର, ମନୋଜ ରଥ, ହେକ୍ଟର ମିଶ୍ର, ସତ୍ୟ ଦାଶ, ଦୁଷ୍ମନ୍ତ ସାହୁ, ବିଶ୍ୱରୁଦ୍ର ମିଶ୍ର, ପ୍ରଫେସର ବିଶ୍ୱରଞ୍ଜନ ପତି, ଡ. ସୁଶାନ୍ତ ଶତପଥୀ, ନିରଞ୍ଜନ ମିଶ୍ର, ରାଜେଶ ମହାନ୍ତି, ଭବାନୀ ସାହୁ, ବିଜୟକୃଷ୍ଣ ଦାସ, ହେମନ୍ତ ନାୟକ, ଅଧ୍ୟାପକ ରୁଦ୍ର ମିଶ୍ର ସହଯୋଗ କରିଥିଲେ। ଆସନ୍ତା ବର୍ଷା ଋତୁରେ ବିଭିନ୍ନ ଗ୍ରାମର ଶିକ୍ଷାନୁଷ୍ଠାନରେ ବୃକ୍ଷରୋପଣ କରାଯିବ ବୋଲି ନିର୍ମାଲ୍ୟ ସମ୍ପାଦକ ଡ. ମିଶ୍ର ଜଣାଇଛନ୍ତି।

## ପୁରୁଣା ସ୍ମୃତିକୁ ମନେ ପକାଇଲେ ଛାତ୍ରଛାତ୍ରୀ

**ପୁରୀ,୨।୩(ସମିସ):** ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିରର ୨୦୧୪ ବ୍ୟାଚ୍‌ର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ପୁରାତନ ଛାତ୍ରମାନେ ବିଦ୍ୟାଳୟକୁ ଯାଇ ବର୍ତ୍ତମାନର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସାକ୍ଷାତ୍ କରିଥିଲେ। ଏଥିସହ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ପରୀକ୍ଷାରେ କିପରି ଭଲ ପ୍ରଦର୍ଶନ କରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସ୍କୁଲ ଦିନରେ ସେମାନଙ୍କ ଅନୁଭୂତିକୁ ନୂତନ ଛାତ୍ରଛାତ୍ରୀଙ୍କୁ ବଖାଣିଥିଲେ। ଏହାପରେ ବାବା ବେଲେଶ୍ୱରଙ୍କ ଦର୍ଶନ କରିଥିଲେ। ଏହି ବନ୍ଧୁ ମିଳନରେ ଓପିଏସ୍ ଅଧିକାରୀ ପଙ୍କଜ ମାଝୀ, ସାମ୍ବାଦିକ ବିଶାଳ ମହାନ୍ତି, ଯୁବ ସାମ୍ବାଦିକ ଦୀପକ କୁମାର ମହାରଣା, ସମାଜସେବୀ ସ୍ମୃତିଧର ସାହୁ, ପ୍ରଶାନ୍ତ କୁମାର ପ୍ରଧାନ, ପ୍ରିୟରଞ୍ଜନ ସିଠ, ରାଜେଶ ପାତ୍ର ପ୍ରମୁଖ ସାମିଲ୍ ଥିଲେ।

### ● ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

## ୭୪ ଅଭିଯୋଗରୁ ୬୩ ବ୍ୟକ୍ତିଗତ



**ପୁରୀ,୨।୩(ସମିସ):** ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୭୪ଟି ଅଭିଯୋଗ ମିଳିଥିଲା। ସେଥିରୁ ୬୩ଟି ବ୍ୟକ୍ତିଗତ, ୮ଟି ଗ୍ରାମ ସମ୍ବନ୍ଧୀୟ ଓ ୩ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍‌କ୍ଷଣାତ ୭ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ପୁରୀ ତହସିଲ୍‌ଦାର ଅଭିଷେକ ଦାଶ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୯ ତାରିଖରେ ଅସ୍ତରଙ୍ଗ ବ୍ଲକ୍ ସମ୍ମିଳନୀ ଗୃହରେ, ୧୬ରେ ପିପିଲି ବ୍ଲକ୍ ସମ୍ମିଳନୀ ଗୃହରେ, ୨୩ରେ ଡେଲାଙ୍ଗ ବ୍ଲକ୍ ସମ୍ମିଳନୀ ଗୃହରେ ଓ ୩୦ରେ ଗୋପ ବ୍ଲକ୍ ସମ୍ମିଳନୀ ଗୃହରେ ପୂର୍ବାହ୍ଣ ୧୦ଟାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ।

### କଳିଙ୍ଗ ସ୍ମାର୍ଟ ସ୍କୁଲର ବାର୍ଷିକ ଉତ୍ସବ

## କେଦାର ମିଶ୍ରଙ୍କୁ କଳିଙ୍ଗ କଳା ସଂସ୍କୃତି ସମ୍ମାନ



ହେମନ୍ତ ନାୟକଙ୍କୁ କଳିଙ୍ଗ ଗଣମାଧ୍ୟମ ସମ୍ମାନ

**ପୁରୀ,୨।୩(ସମିସ):** କ୍ଷେତ୍ରମୋହନ ଫାଉଣ୍ଡେସନ ଆନୁକୂଲ୍ୟରେ ରବିବାର କଳିଙ୍ଗ ସ୍ମାର୍ଟ ସ୍କୁଲ ଓ ପ୍ରିମିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ଷ୍ଟଡିଜ୍‌ର ଅଷ୍ଟମ ବାର୍ଷିକ ଉତ୍ସବ ଭୋଳାନାଥ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରିନ୍ସପାଲ୍ ପ୍ରଜ୍ଞାଶୁଭମିତା ପ୍ରତିହାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଲାୟନ୍ ସଞ୍ଜୟ କୁମାର ପ୍ରଧାନ ବାର୍ଷିକ ବିବରଣୀ ଓ ସ୍କୁଲର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ସିଦ୍ଧାର୍ଥ ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କ ଉପରେ ଅଭିଭାବକମାନେ ସେମାନଙ୍କ ଇଚ୍ଛାର ବୋଝ ଲଦି ଦେବା ଉଚିତ୍ ନୁହେଁ ବୋଲି ପରାମର୍ଶ ଦେଇଥିଲେ। ମୋ ପିଲା ଡାକ୍ତର ହେବ, ବୈଜ୍ଞାନିକ ହେବ, ଇଞ୍ଜିନିୟର ହେବ ଏଭଳି ମନୋବୃତ୍ତି ନ ରଖି ପିଲାର ଇଚ୍ଛାକୁ ବୁଝି ସେ କିପରି ଭଲ ମଣିଷଟିଏ ହେବ ସେ ଦିଗରେ ପ୍ରତ୍ୟେକ ଅଭିଭାବକ ଚେଷ୍ଟା କରନ୍ତୁ। ଛୋଟବେଳୁ ଏଭଳି ଚିନ୍ତାଧାରା ରଖି ପିଲାଙ୍କୁ ବଢ଼ାଇଥିବା ମାଆ-ବାପା ଦିନେ ନା ଦିନେ ତାଙ୍କ ପିଲା ପାଇଁ ଗର୍ବିତ ହେବେ। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ସେଠୀ ୩ଟି ଉଦାହରଣ ଦେଇ କୁନିକୁନି ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ ରଥ କହିଥିଲେ, ଯୁବଗୋଷ୍ଠୀ ଆଜି ପଥଭ୍ରଷ୍ଟ। ପିଲାଙ୍କୁ ଗଢ଼ିବା ଆଜି ପ୍ରତ୍ୟେକ ମା' ବାପାଙ୍କ ପାଇଁ ଏକ ଆହ୍ୱାନ ପାଲଟିଛି। ଅଭିଭାବକମାନେ ଛୋଟବେଳୁ ପିଲାଙ୍କୁ ଏଭଳି ଶିକ୍ଷା ଦିଅନ୍ତୁ ଯେ, ବଡ଼ ହେଲେ ସେମାନଙ୍କୁ ବୃଦ୍ଧାଶ୍ରମକୁ ଯିବାକୁ ପଡ଼ିବ ନାହିଁ। ସମାଜସେବୀ ଚକ୍ରଧର ମହାପାତ୍ର ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଓଡ଼ିଶାର ଲୋକପ୍ରିୟ ଅଭିନେତା କେଦାର ମିଶ୍ରଙ୍କୁ କଳିଙ୍ଗ କଳା ଓ ସଂସ୍କୃତି ସମ୍ମାନ, ଦ ବେଲ୍ ଏକଲବ୍ୟ ପାଠଶାଳାର ଗୁରୁ ଉମେଶ ଚନ୍ଦ୍ର ଦାସଙ୍କୁ କଳିଙ୍ଗ ଗୁରୁ ସମ୍ମାନ, ସମାଜସେବୀ ସଞ୍ଜୀବ ସାହୁଙ୍କୁ କଳିଙ୍ଗ ସେବା ସମ୍ମାନ, 'ସକାଳ' ଖବରକାଗଜର ପୁରୀ ଜିଲ୍ଲା ପ୍ରତିନିଧି ହେମନ୍ତ କୁମାର ନାୟକଙ୍କୁ 'କଳିଙ୍ଗ ଗଣମାଧ୍ୟମ ସମ୍ମାନ' ଏବଂ ସାମାଜିକ ଅନୁଷ୍ଠାନ ହାପିନେସ୍ ଫାଉଣ୍ଡେସନକୁ କଳିଙ୍ଗ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ବିଚାରକ ଭାବେ ଲୋକନାଥ ସୁବୁଦ୍ଧି, ସୁରଜିତ ମହାପାତ୍ର, ସସ୍ମିତା ଜେନା ଓ ଲୋପାମୁଦ୍ରା କରଙ୍କୁ ସମ୍ମାନିତ କରାଯାଇଥିଲା। ପୃଥ୍ୱୀରାଜ ଜେନା ମଞ୍ଚ ସଂଯୋଜନା କରିଥିବାବେଳେ ଅନୁଷ୍ଠାନ ତରଫରୁ ସୁକାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବକୁ ବିଦ୍ୟାଳୟର ସମ୍ପାଦକ ଅନିଲ କୁମାର ସାହୁ, ସାଗରିକା ପ୍ରଧାନ, ଜ୍ଞାନଜ୍ୟୋତି ସିଂ, ଐଶ୍ୱର୍ଯ୍ୟା ମହାନ୍ତି, ଲିପ୍ସା ମହାନ୍ତି, ସନ୍ଧ୍ୟାରାଣୀ ବାରିକ, ବିଶ୍ୱଜିତା ମିଶ୍ର, ମନ୍ଦାକିନୀ ପରିଡ଼ା, ଶୁଭସ୍ମିତା ପ୍ରଧାନ, ବିପ୍ଳବ କିଶୋର ରଥ, ବିପିନ ଭୋଇ ଓ କମ୍ପ୍ୟୁଟର ଇନ୍‌ଷ୍ଟିଚ୍ୟୁଟର ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସେମାନଙ୍କ ମା'ମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଶ୍ରୀମନ୍ଦିର ପରିସର ପାଇବ ନୂଆ ରୂପ

**ପୁରୀ,୨।୩(ସମିସ):** ଶ୍ରୀମନ୍ଦିର ପରିସର ପାଇବ ନୂଆ ରୂପ। ସମସ୍ତ ପାର୍ଶ୍ୱର୍ ମନ୍ଦିରର ମରାମତି ଓ ଉନ୍ନତୀକରଣ କରାଯିବ। ଜଗମୋହନ, ନାଟମଣ୍ଡପ, ଭୋଗମଣ୍ଡପ, ଆନନ୍ଦ ବଜାରଠୁ ନେଇ ମେଘନାଦ ପାଚେରିକୁ ଏହି ପ୍ରକଳ୍ପରେ ସାମିଲ୍ କରାଯିବ। ପ୍ରାଥମିକ ଭାବେ ଏଥିଲାଗି ୨୦ କୋଟିର ବଜେଟ ବ୍ୟବସ୍ଥା ହୋଇଛି। ଏହି ପ୍ରକଳ୍ପରେ ଶ୍ରୀମନ୍ଦିର ପରିସରରେ ଐତିହ୍ୟକୁ ଗୁରୁତ୍ୱ ପୂର୍ବକ ଉନ୍ନତୀକରଣ କରାଯିବ। ଏଥିପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ଅନୁବନ୍ଧିତ ସ୍ଥପତି ତଥା ଆର୍କିଟେକ୍ଟ ଓ ପରାମର୍ଶଦାତା ନିୟୋଜିତ ହୋଇଛନ୍ତି। ଖୁବ୍‌ଶୀଘ୍ର ଏନେଇ ଟେଣ୍ଡର ହେବ। ଶ୍ରୀମନ୍ଦିର ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ କରାଯିବ ବୋଲି ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଏହି ପ୍ରକଳ୍ପରେ ଶ୍ରୀମନ୍ଦିର ପରିସରସ୍ଥ ଐତିହ୍ୟକୁ ସୁରକ୍ଷିତ ଓ ସୌନ୍ଦର୍ଯ୍ୟକରଣ ପାଇଁ କାର୍ଯ୍ୟ କରାଯିବ। ପରିଚାଳନା କମିଟିର ଅନୁମୋଦନ କ୍ରମେ ଏ ବାବଦ ଖର୍ଚ୍ଚ ରାଶି ଶ୍ରୀମନ୍ଦିର ପ୍ରଶାସନ ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ ହେବାକୁ ନିଷ୍ପତ୍ତି ହୋଇଛି। ଏଥିସହ ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ଜମିଜମାର ସୁରକ୍ଷା ଓ ସୁପରିଚାଳନା ସମ୍ପର୍କରେ ଆଲୋଚନା ହୋଇଛି। ୟୁନିଫର୍ମ ପଲିସି ବା ସମାନ ନୀତିର ସଂଶୋଧନକୁ ଅପେକ୍ଷା କରାଯାଇଛି। ସେହିପରି ଗୁଣ୍ଡିଚା ମନ୍ଦିର ନାଟମଣ୍ଡପରେ ଏସି ଲଗାଯିବ। ଗୁଣ୍ଡିଚା ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟ ସରିବା ପରେ ଭକ୍ତଙ୍କ ପାଇଁ ଖୋଲାଯିବ ବୋଲି ପରିଚାଳନା କମିଟିରେ ନିଷ୍ପତ୍ତି ହୋଇଥିବା ଡ. ପାଢ଼ୀ କହିଛନ୍ତି। ସେହିପରି ମହାପ୍ରଭୁଙ୍କ ପାଇଁ ନିର୍ମିତ ହୋଇଛି ନୂଆ ରତ୍ନପଲଙ୍କ। ରୁପାରେ ଆଚ୍ଛାଦିତ ଏହି ପଲଙ୍କ ସଂସ୍କାର କରାଯିବ। ପୂଜାପଣ୍ଡା ନିଯୋଗ, ଦେଉଳ ପୁରୋହିତ, ରାଜ ପୁରୋହିତ ଓ ଅନ୍ୟ ସେବକ ପ୍ରତିନିଧିଙ୍କ ପରାମର୍ଶ ନେବା ପରେ ଏହାର ବ୍ୟବହାର ନେଇ ସ୍ଥିର କରାଯିବ। ଭଲ ତିଥି ଦେଖି ମହାପ୍ରଭୁଙ୍କ କାର୍ଯ୍ୟରେ ଏହି ପଲଙ୍କ ବ୍ୟବହାର କରାଯିବ ବୋଲି ଡ. ପାଢ଼ୀ ସୂଚନା ଦେଇଛନ୍ତି।

# ଏଥର ଶ୍ରୀମନ୍ଦିରର ବଳକା ବଜେଟ ଅଟକଳ



**ପୁରୀ,୨।୩(ସମିସ):** ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ଶ୍ରୀମନ୍ଦିର ପାଇଁ ୪୫୪ କୋଟି ଟଙ୍କାର ବଜେଟ ଅଟକଳ ହୋଇଛି। ସୋମବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ବଜେଟ ଉପସ୍ଥାପନ କରାଯାଇଛି। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଚଳିତ ବର୍ଷର ରାଜସ୍ୱ ଆୟ ୪୫୪ କୋଟିରେ ପହଞ୍ଚିବ। ଏହି ବଜେଟରୁ ୨୦୨୬-୨୭ ବର୍ଷ ୩୭୨ କୋଟି ଟଙ୍କା ବ୍ୟୟ ଆକଳନ କରାଯାଇଛି। ଅର୍ଥାତ୍ ୨୦୨୬-୨୭ ଆର୍ଥିକ ବର୍ଷରେ ପ୍ରାୟ ୮୨ କୋଟିର ବଳକା ବଜେଟ ପ୍ରସ୍ତୁତ ହୋଇଛି। ପରିଚାଳନା କମିଟିରେ ଏହି ଆୟବ୍ୟୟ ଉପସ୍ଥାପନ କରାଯାଇ ଅନୁମୋଦିତ ହୋଇଛି। ଚଳିତ ବର୍ଷ ଆୟ ଅନୁକୂଳ ୨୦୨୬-୨୭ ବର୍ଷ ପାଇଁ ବ୍ୟୟ ଅଟକଳ କରାଯାଇଛି। ଏହି ବ୍ୟୟରେ ରାଜସ୍ୱରୁ ମିଳିଥିବା ସୁଧ ଆୟ ସାମିଲ୍ ଅଛି। ଏଥିସହ ଚଳିତ ଆର୍ଥିକ ବର୍ଷ ସୁଦ୍ଧା ଶ୍ରୀମନ୍ଦିର କର୍ପସ ପାଣ୍ଠି ୧୬୦୦ କୋଟିରେ ପହଞ୍ଚିଛି। କର୍ପସ ପାଣ୍ଠି ବୃଦ୍ଧି ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ପୁରୀ ଏବଂ ପୁରୀ ବାହାରେ ଅନ୍ୟ ଜିଲ୍ଲାରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ଯେତେ ସବୁ ଜମିଜମା ରହିଛି ତା'ର ସୁପରିଚାଳନା ଉପରେ ସେବକ ପ୍ରତିନିଧି ଓ ପରିଚାଳନା କମିଟି ସଦସ୍ୟମାନେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଯେଉଁଠି ମହାପ୍ରଭୁଙ୍କ ନାମରେ ଜମି ରହିଛି, ତା'ର ବିକ୍ରିବଟା ଯେଉଁଠାରେ ସୁବିଧାରେ ହୋଇପାରିବ ସେନେଇ ଗୁରୁତ୍ୱ ଦିଆଯିବ। ଏହି ବିକ୍ରିଲବ୍ଧ ଅର୍ଥକୁ କର୍ପସ ପାଣ୍ଠିରେ ରଖାଯିବ ବୋଲି ଡ. ପାଢ଼ୀ କହିଛନ୍ତି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ସେବକ ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ।

## ୫୪ତମ ରାଜ୍ୟ ପୁଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା

# ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ପଣ୍ଡା ଚାମ୍ପିଅନ

ଜଗତସିଂହପୁର,୨।୩(ସମିସ)

ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବୈରୀ ଠାରେ ଗତ ଫେବୃଆରୀ ୨୬ଠାରୁ ଆରମ୍ଭ ହୋଇଥିବା ୫୪ତମ ରାଜ୍ୟ ପୁଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ମାର୍ଚ୍ଚ ୧ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ରିଭଲଭର/ପିସ୍ତଲ ବିଭାଗରେ ଶ୍ରେଷ୍ଠ ରିଭଲଭର ମ୍ୟାନ୍ ଟ୍ରଫି ଏବଂ ଷ୍ଟେନଗନ ବିଭାଗରେ ଶ୍ରେଷ୍ଠ ଷ୍ଟେନ ଶୁଟର ଭାବେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଏସ୍‌ଓଜି, ଭୁବନେଶ୍ୱରର ରାଇଫଲ, ରିଭଲଭର ଓ ଷ୍ଟେନଗନ ବିଭାଗରେ ସର୍ବାଧିକ ଅଙ୍କ ହାସଲ କରି ମାନସ ରଞ୍ଜନ ଚାମ୍ପିୟନସିପ୍ ଟ୍ରଫି ହାସଲ କରିଛନ୍ତି। ମାନସ ପୂର୍ବରୁ ମଧ୍ୟ ରାଜ୍ୟ ତଥା ରାଷ୍ଟ୍ରୀୟ ସ୍ତରରେ ଅନୁଷ୍ଠିତ ବନ୍ଧୁକ ଚାଳନା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିବା ସହିତ ପୁରସ୍କୃତ ହୋଇଛନ୍ତି। ମାନସ ରଞ୍ଜନ ହେଉଛନ୍ତି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋପାଳ ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ମହେନ୍ଦ୍ର କୁମାର ପଣ୍ଡା ଓ ମିନତୀ ପଣ୍ଡାଙ୍କ ସୁପୁତ୍ର ଏବଂ ଜିଲ୍ଲା ସଦର ମହକୁମାରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡାଙ୍କ ଭାଇ। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ଓ ଦଳମାନଙ୍କୁ ଟ୍ରଫି ଓ ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ବନ୍ଧୁକ ଚାଳନା କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡିଶା ପୁଲିସର ଏକ ସୁନାମ ରହିଛି। ଭଲ ଅଭ୍ୟାସ ଜାରି ରଖି ଭବିଷ୍ୟତରେ ସର୍ବଭାରତୀୟ ପୁଲିସ ପ୍ରତିଯୋଗିତାରେ ଅଧିକ ସଫଳତା ହାସଲ କରିବାକୁ ମୁଖ୍ୟଅତିଥି ସଞ୍ଜୟ କୁମାର ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ପୁଲିସ ଜିଲ୍ଲା, ବାଟାଲିୟନ ଓ ପ୍ରତିଷ୍ଠାନରୁ ୧୬ଟି ଦଳ ଓ ୨୬୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମୁଦାୟ ତିନୋଟି ବିଭାଗ ଯଥା ରାଇଫଲ, ରିଭଲଭର / ପିସ୍ତଲ ଓ କାର୍ବାଇନ / ଷ୍ଟେନଗନ ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ରାଜେଶ କୁମାର, ଆଇଜିପି (ଏସ୍‌ଏପି) ଗଜଭିୟେ ସତୀଶ କୁମାର, କମାଣ୍ଡାଣ୍ଟ ପିଟିଆଇ ବୈରୀ ଅଶୋକ କୁମାର ଦେହୁରୀ, ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡା ଅଧିକାରୀ ନୀଳମାଧବ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।



## ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

ଜଗତସିଂହପୁର,୨।୩(ସମିସ): ଜଗତସିଂହପୁର ଜିଲ୍ଲାର ନାଉଗାଁ ଥାନା ଅଞ୍ଚଳରେ ଗତ ୨୦୨୪ ମସିହା ଜୁନ ମାସରେ ସଂଗଠିତ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ଅଦାଲତ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ତପନ କୁମାର ପାଲଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଗତ ୨୦୨୪ ମସିହା ଜୁନ ମାସରେ ନାଉଗାଁ ଥାନା ଅଞ୍ଚଳର ଜଣେ ୧୩ ବର୍ଷୀୟ ନାବାଳିକାକୁ ମଧୁପୁର ଗ୍ରାମର ସ୍ମୃତିରଞ୍ଜନ ମୁଦୁଲି ନିଜ ଘରକୁ ଡାକିଆଣି ଦୁଷ୍କର୍ମ କରିଥିଲା। ପରବର୍ତ୍ତୀ ସମୟରେ ନାବାଳିକା ଜଣକ ଗର୍ଭବତୀ ହେବାରୁ ଜଗତସିଂହପୁର ସହରର ଏକ ନର୍ସିଂହୋମରେ ପରିବାର ଲୋକେ ଗର୍ଭପାତ କରାଇଥିଲେ। ନାବାଳିକାର ମା' ଘଟଣା ସମ୍ପର୍କରେ ନାଉଗାଁ ଥାନାରେ ଏତଲା ଦେବାପରେ ପୁଲିସ ଅଭିଯୁକ୍ତ ସ୍ମୃତିରଞ୍ଜନକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମୋଟ ୨୯ ଜଣଙ୍କ ଠାରୁ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିବା ପରେ ଜଗତସିଂହପୁର ସ୍ୱତନ୍ତ୍ର ପୋକ୍ସ କୋର୍ଟ ବିଚାରପତି ଅଭିଯୁକ୍ତ ସ୍ମୃତିରଞ୍ଜନ ମୁଦୁଲିକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଆଦେଶ କରିଛନ୍ତି କୋର୍ଟ। ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ କୋର୍ଟ ଆଦେଶ କରିଛନ୍ତି। ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଓକିଲ ରଞ୍ଜିତ ସ୍ୱାଇଁ ମାମଲା ପରିଚାଳନା କରୁଥିବା ବେଳେ ଡିଡିପି ବିରେନ କୁମାର ପଣ୍ଡା ଏବଂ ଏଡିପି ଗୋଲଖ ନାୟକ ମାମଲାର ତଦାରଖ କରିଥିଲେ।

## ଓଡ଼ିଶା ଦିବସ ଓ 'କଲ୍ଲୋଳ' ପ୍ରସ୍ତୁତି ବୈଠକ

ଜଗତସିଂହପୁର,୨।୩(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଓଡ଼ିଶା ଦିବସ ଏବଂ ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ସାଂସଦ ବିଭୁପ୍ରସାଦ ତରାଇ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଏବଂ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ମଞ୍ଚାସୀନ ଥିଲେ। ପ୍ରଥମେ ଓଡ଼ିଶା ଦିବସ ପାଳନର କାର୍ଯ୍ୟସୂଚୀ ପାଠ କରଯାଇଥିଲା। ଏହାପରେ ଆସନ୍ତା ଏପ୍ରିଲ୍ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲା ମହୋତ୍ସବ କଲ୍ଲୋଳର ପ୍ରସ୍ତୁତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। 'ଆଦିପତ୍ର' ସ୍ମରଣିକା ନିମନ୍ତେ ଲେଖାଗୁଡ଼ିକ ଜଗତସିଂହପୁର ଜିଲ୍ଲାର ଭାବି ଭବିଷ୍ୟତ ସମ୍ବଳିତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲା ମହୋତ୍ସବର ସ୍ଥାନ ନିରୂପଣ, ଅତିଥି ଚୟନ, କାର୍ଯ୍ୟ ସମ୍ପାଦନ ନିମନ୍ତେ ବିଭିନ୍ନ କମିଟି ଗଠନ ତଥା କମିଟି ସଦସ୍ୟ ମନୋନୟନ, ଆୟବ୍ୟୟ ହିସାବ, ୫ ଦିନର କାର୍ଯ୍ୟସୂଚୀ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ମହାବିଦ୍ୟାଳୟ ସ୍ତରରେ ସ୍ୱପ୍ନର ଜଗତସିଂହପୁର ବିଷୟବସ୍ତୁ ଆଧାରିତ ପ୍ରଦର୍ଶନୀ ଆୟୋଜନ କରାଯିବ ବୋଲି ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଥିଲେ। ବ୍ଲକ୍ ଓ ପୌର ପରିଷଦ ସ୍ତରରେ ମାର୍ଚ୍ଚ ୨୩ ଏବଂ ଜିଲ୍ଲା ସ୍ତରରେ ୨୫ ତାରିଖରେ ଏହି ସମସ୍ତ ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ବୈଠକରେ ସ୍ଥିର ହୋଇଥିଲା। ଜିଲ୍ଲା ସସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା କାର୍ଯ୍ୟ ସୂଚୀ ଅନୁଯାୟୀ ବୈଠକକୁ ଆଗେଇ ନେଇଥିଲେ।

## କଂଗ୍ରେସ କର୍ମୀ ସମ୍ମିଳନୀ

ବାଲିକୁଦା,୨।୩(ସମିସ): ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ କଂଗ୍ରେସ ପକ୍ଷରୁ ବରଦିଆ ସ୍ଥିତ ମା' ନଳକଣି ପୀଠରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗରାଜ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ କଂଗ୍ରେସ ଉପସଭାପତି ତଥା ପ୍ରାକ୍ତନ ବାଲିକୁଦା ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଗୁଲି ଦଳାଇ, ଅଖନ ମହାନ୍ତି, ଦୀପକ ନାୟକ, ପାଗଲ ଦଳାଇ, ଗଡିଆ ଦଳାଇ, ରବି କାଣ୍ଡି, ଅଶୋକ ନାୟକ, ନିର୍ମଳ ସେଠୀ, କାର୍ତ୍ତିକ ମହାରଣା, ପିଲୁ ପରିଡା, କ୍ଷେତ୍ରମୋହନ ଦାସ, ଲିଟୁ ବେହେରା, ସାହାଜି ମଳିକ, ଅଜୟ ସେନାପତି, ପ୍ରମୋଦ ଶତପଥୀ, ସୁଦର୍ଶନ ଜେନା, ବାବୁଲି ନାୟକ, ଶ୍ୟାମ ପଲାଉରୀ ପ୍ରମୁଖ ସାମିଲ ହୋଇଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

ବିରିଡ଼ି,୨।୩(ସମିସ): ସ୍ଥାନୀୟ ସୋମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜୁଲତା ରାଉତରାୟଙ୍କୁ ଆଜି ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ କଟକ ଜିଲ୍ଲା ପରିଷଦ ଉପସଭାପତି ସୁଭଦ୍ରା ଦାସ, ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷ ସତ୍ୟ ଜେନା, ସରପଞ୍ଚ ପିତାମ୍ବର ଦାସ, ସମିତି ସଭ୍ୟା କୁନି ଭୋଇ, ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଶାନ୍ତ ପରିଡ଼ା, ଗାଁ ସଭାପତି ଦୁର୍ଗା ପ୍ରସାଦ ରାଉତ, ସିଆର୍‌ସିସି ଅର୍ପିତା ମିଶ୍ର, ଶେଖ୍ ସିରାଜଉଲ୍ଲା, ଶେଖ୍ ଅବ୍ଦୁଲ ବୁରହାନ, ଶିକ୍ଷକ ଫକିର କୁମାର ଖଟାଇ, ଅମୀୟ କୁମାର ବିଶ୍ୱାଳ, ବିଜୟ କୁମାର ମିଶ୍ର, ସାବିତ୍ରୀ ବେହେରା, କାଞ୍ଚନ ବାଳା ରାଉଳ, ଗୁରୁବାଲା ନାୟକ, ପ୍ରେମାନନ୍ଦ ସେଠୀ, ସମୀର ଜେନା ପ୍ରମୁଖ ଯୋଗଦେଇଥିଲେ।

## କୋଲଡିଆରେ ଗାୟତ୍ରୀ ଯଜ୍ଞ

ପାରାଦୀପ, ୨।୩ (ସମିସ) : ପାରାଦୀପ ଉପକଣ୍ଠ ବିଶ୍ୱାଳ ପଞ୍ଚାୟତ କୋଲଡିଆ ଗ୍ରାମରେ ଗାୟତ୍ରୀ ଯଜ୍ଞ ଆୟୋଜିତ ହୋଇଯାଇଛି। ଇଂ. ଧୀରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ କୋଲଡିଆ ମା' ବୁଢ଼ୀଜାଗୁଳେଇ ପିଠରେ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଦୀପ୍ତ କୁମାର ମହାନ୍ତି, ପ୍ରସନ୍ନ କୁମାର ରାଉତରାୟ, ଦେବଗୁରୁ ନାୟକ, ସନ୍ତୋଷ ସାହୁ, ପ୍ରଦୀପ ବୋସ, ଉମେଶ ବହଳିଆ ସିଂଘ, ଦେବପ୍ରସାଦ ବହଳିଆ ସିଂଘ, ଶେଫାଳି ଲେଙ୍କା ଓ ହରେକୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଐତିହ୍ୟ ପଦଯାତ୍ରାର ମନ୍ଦିର ପରିଦର୍ଶନ



ଜଗତସିଂହପୁର,୨।୩(ସମିସ): "ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ତ୍ରୟୋଦଶତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଐତିହ୍ୟାନୁରାଗୀ ବନ୍ଧୁମାନେ ଜଗତସିଂହପୁର ସହର ଉପକଣ୍ଠ ଡିହସାହି ନିକଟ କଲ୍ୟାଣପୁର ଗ୍ରାମରେ ଥିବା ବହୁ ପ୍ରାଚୀନ "ନାଗାର୍ଜୁନ ମନ୍ଦିର ଏବଂ କାଦୁଅପଡ଼ାରେ ଥିବା ଜନାର୍ଦ୍ଦନ ବିଷ୍ଣୁ ମନ୍ଦିର' ପରିଦର୍ଶନରେ କରିଥିଲେ। କଲ୍ୟାଣପୁର ଗ୍ରାମର ନାଗାର୍ଜୁନ ପୀଠରେ ଥିବା ଦୁଇଟି ପ୍ରାଚୀନ ମୂର୍ତ୍ତି ସିଧାସଳଖ ଭାବେ ବୌଦ୍ଧ ଧର୍ମ ସହ ଜଡ଼ିତ। ଏହି ମୂର୍ତ୍ତି ଦ୍ୱୟ ହେଉଛନ୍ତି ବୋଧିସତ୍ତ୍ୱ ମଞ୍ଜୁଶ୍ରୀ ଓ ଗୌତମ ବୁଦ୍ଧଙ୍କ ସ୍ୱର୍ଗରୁ ଧରାବତରଣ ମୂର୍ତ୍ତି। ସେହିପରି କାଦୁଅପଡ଼ାରେ ଏକ ଆଧୁନିକ ମନ୍ଦିରରେ ଏକ ପ୍ରାଚୀନ ବିଷ୍ଣୁ ବିଗ୍ରହ ପୂଜା ପାଉଛନ୍ତି। ଏହି ବିଷ୍ଣୁ ପ୍ରତିମାଙ୍କ ଗଠନ ଓ କାରୁକାର୍ଯ୍ୟକୁ ଅନୁଧ୍ୟାନ କଲେ, ଏହା ଯେ ଏକ ସୋମବଂଶୀ ଶାସନକାଳର ବିଗ୍ରହ ବୋଲି ପ୍ରତୀୟମାନ ହୁଏ। ଏହି ପ୍ରାଚୀନ ବିଗ୍ରହଙ୍କ ଇତିବୃତି ବିଷୟରେ ଐତିହ୍ୟପ୍ରେମୀଗଣ ଆଲୋଚନା କରିଥିଲେ। ଜଗତସିଂହପୁର, କଟକ ତଥା ଭୁବନେଶ୍ୱରରୁ ପ୍ରାୟ ୨୫ ଜଣ ଐତିହ୍ୟାନୁରାଗୀ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ସଂଯୋଜକ ଶ୍ରୀକାନ୍ତ ସିଂହ, ଅନୁଷ୍ଠାନର ବୟୋଜ୍ୟେଷ୍ଠ ସଦସ୍ୟ ଅଧ୍ୟାପକ ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ପ୍ରମୁଖ ସଦସ୍ୟ ତ୍ରିଲୋଚନ ସ୍ୱାଇଁ, ସମ୍ବିତ ସିଂହ, ଦେବାଶିଷ ପାତ୍ର, ଦିନେଶ ସ୍ୱାଇଁ, ରତିରଞ୍ଜନ ପଣ୍ଡା, ବିକାଶ ସ୍ୱାଇଁ, ହୃଦାନନ୍ଦ ବେହେରା, ଶୁଭମ, ସୌରଭ ଆଦି କାର୍ଯ୍ୟକର୍ତ୍ତାମାନେ ଆଜିର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ।

## ପାରାଦୀପ ଜଗନ୍ନାଥ ମନ୍ଦିରରେ ପହଞ୍ଚିଲେ ଦାରୁବିଗ୍ରହ



ପାରାଦୀପ, ୨।୩ (ସମିସ) : ବନ୍ଦର ସହର ପାରାଦୀପ ମଧୁବନସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଦୀର୍ଘ ଦିନ ଧରି ଜଗନ୍ନାଥଙ୍କ ରୀତିନିତି ଅନୁଯାୟୀ ପୂଜାର୍ଚ୍ଚନା ଚାଲି ଆସୁଛି। ମନ୍ଦିର ପ୍ରତିଷ୍ଠା ହେବା ଦିନରୁ ମହାପ୍ରଭୂଙ୍କ ଶ୍ରୀବିଗ୍ରହରେ ପରିବର୍ତ୍ତନ ହୋଇ ନଥିଲା। ଶ୍ରୀବିଗ୍ରହମାନଙ୍କର ସ୍ଥିତି ଦିନକୁ ଦିନ ଖରାପ ହେଉଥିଲା। ବିଶେଷ ଭାବରେ ଶ୍ରୀଜିଉମାନଙ୍କର ସ୍ନାନ ଯାତ୍ରା, ଗୁଣ୍ଡିଚା, ବାହୁଡ଼ା ଓ ନୀଳାଦ୍ରି ବିଜେ ସମୟରେ ଦାରୁଙ୍କୁ ନବା ଆଣିବା ସମନୟରେ ବହୁ ଅସୁବିଧା ହେଉଥିଲା। ଏହାକୁ ଦେଖି ପାରାଦୀପ ଜଗନ୍ନାଥ ସମାଜ ଓ ପାରାଦୀପ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୈଠକରେ ବିଗ୍ରହମାନଙ୍କୁ ପରିବର୍ତ୍ତନ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ପୁରୀ ଶ୍ରୀମନ୍ଦିର ପରାମର୍ଶ କ୍ରମେ ଦଶପଲ୍ଲାରୁ ଦାରୁ ସଂଗ୍ରହ ପାଇଁ ନିର୍ଦ୍ଦେଶ ମିଳିଥିଲା। ଏହି ନିର୍ଦ୍ଦେଶ ପାଇବା ପରେ ଗତ ୨୮ ତାରିଖରେ ପାରାଦୀପରୁ ସେବାୟତମାନେ ଦଶପଲ୍ଲାରେ ପହଞ୍ଚିଥିଲେ। ସେଠାରେ ଇଙ୍ଗପଣ୍ଡାଙ୍କ ଦ୍ୱାରା ସ୍ଥାନ ସୂଚି, ପୂଜାବିଧି ଆରମ୍ଭ ହୋଇଥିଲା। ମାର୍ଚ୍ଚ ୧ ତାରିଖ ରବିବାର ଦିନ ହୋମଯଜ୍ଞ ସମାପନ ହେବା ପରେ ଦାରୁଚ୍ଛେଦନ କରାଯାଇଥିଲା। ସୋମବାର ଦିନ ପୂର୍ବାହ୍ନରେ ଦାରୁ ବିଗ୍ରହ ପାରାଦୀପରେ ପହଞ୍ଚିଥିଲେ। ପାରାଦୀପ ମାଉସୀମା' ମନ୍ଦିର ନିକଟରେ ଦାରୁ ପହଞ୍ଚିବା ପରେ ଭଜନ, କୀର୍ତ୍ତନ ସହିତ ସେବାୟତମାନେ ଜଗନ୍ନାଥ ମନ୍ଦିରକୁ ବାହାରିଥିଲେ। ବାଟରେ ଜଗନ୍ନାଥ ସମାଜର ଅଧ୍ୟକ୍ଷ ତଥା ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ଶ୍ରୀଦାରୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ଶ୍ରୀଦାରୁ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଭକ୍ତ ଓ ସେବାୟତମାନେ ଶ୍ରୀଦାରୁଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ଆସନ୍ତା ନବକଳେବର ସମୟରେ ପାରାଦୀପ ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କ ବିଗ୍ରହ ପ୍ରତିଷ୍ଠା କରାଯିବା ବୋଲି ବରିଷ୍ଠ ସେବାୟତ ତଥା ପାରାଦୀପ ବନ୍ଦର ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ନିମାଇଁ ଚରଣ ରାଉତ, ମୃତ୍ୟୁଞ୍ଜୟ ମିଶ୍ର, ପ୍ରଶାନ୍ତ କୁମାର ମହାରଣା, ଅମୀୟ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବିଦ୍ୟାଧରପୁରରେ ନୂତନ ହାଟ ଶୁଭାରମ୍ଭ




ରଘୁନାଥପୁର,୨।୩(ସମିସ): ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ସରପଞ୍ଚ ସାହେଦା ତବସୁମ ଓ ସମିତିସଭ୍ୟା ସାଗରିକା ତରାଇଙ୍କ ପ୍ରଚେଷ୍ଟାରେ କଟକ ପାରାଦୀପ ରାଜ୍ୟ ରାଜପଥ ନୂଆପଡା ଠାରେ ଏକ ନୂତନ ହାଟର ଶୁଭାରମ୍ଭ ହୋଇଯାଇଛି। ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ନୂତନ ହାଟର ଶୁଭ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାଂସଦ ପ୍ରତିନିଧି ଆଇନଜୀବୀ ଗଗନ ଦାଶ, ଯୁବନେତା ପ୍ରକାଶ ଦଳାଇ, ପ୍ରଭଞ୍ଜନ ଦାସ, ଛପଡ଼ା ସରପଞ୍ଚଙ୍କ ପ୍ରତିନିଧି ନିରାକାର ଖୁଣ୍ଟିଆ, ସାମାଜିକ କର୍ମୀ ରହିମ ଖାଁ ଓ ଅଜୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସପ୍ତାହକୁ ଦୁଇଦିନ ସୋମବାର ଓ ଗୁରୁବାର ହାଟ ଚାଲିବା ପାଇଁ ସ୍ଥିର ହୋଇଥିବା ସରପଞ୍ଚ ତବସୁମ ପ୍ରକାଶ କରିଛନ୍ତି। ସଞ୍ଜୟ ଖୁଣ୍ଟିଆ, ବିନୁରି ଖୁଣ୍ଟିଆ, ମନୋଜ ମଲ୍ଲିକ, ସୁବ୍ରତ ନାୟକଙ୍କ ସହ ସମସ୍ତ ୱାର୍ଡସଭ୍ୟ ଏଥିରେ ସହଯୋଗ କରିଥିଲେ।

## ବଡ ଜିଙ୍ଗଲ ରାଧାକୃଷ୍ଣ ମନ୍ଦିରରେ ଦୋଳ ଉତ୍ସବ




ତିର୍ତ୍ତୋଲ,୨।୩(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର ଶଙ୍ଖେସର ପଞ୍ଚାୟତ ବଡଜିଙ୍ଗଲ ଗ୍ରାମରେ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ରାଧାକୃଷ୍ଣ ମନ୍ଦିର ସେବା ପରିଷଦ ପକ୍ଷରୁ ପବିତ୍ର ଫଗୁ ଦଶମୀ ଠାରୁ ଦୋଳ ଉତ୍ସବର ଶୁଭାରମ୍ଭ ହୋଇଛି। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଦୋଳ ବିମାନରେ ସୁସଜ୍ଜିତ ହୋଇ ଗ୍ରାମରେ ଘରକୁ ଘର ବୁଲି ଭୋଗ ଖାଇବା ସହ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଗୋପାଳ ସମ୍ପ୍ରଦାୟ ପକ୍ଷରୁ ଲଉଡି ଖେଳ ଓ ଦହି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ କରାଯାଇଛି। ପଞ୍ଚୁ ଦୋଳ ଦିନ ଏହି ଉତ୍ସବ ସମାପନ ହେବ। ଏହି ଉତ୍ସବକୁ ଶରତ ଚନ୍ଦ୍ର ଦାସ, ବାବୁନା ଦାସ, ବସନ୍ତ ଦାସ, ବାବାଜୀ ଦାସ, ରଞ୍ଜନ ଦାସ, ଅଶୋକ ଦାସ, ଅଭୟ ପଲାଇ, ହେମନ୍ତ ଦାସ, ଶିବ ଚରଣ ଦାସ, ଗୋବିନ୍ଦ ଚନ୍ଦ୍ର ଦାସ, ଧୀରେନ୍ଦ୍ର ଦାସ, ସୁରେନ୍ଦ୍ର ଦାସ, ନିମାଇଁ ଦାସ, ବାବୁ ଦାସ, ସମୀର ଦାସ ପ୍ରମୁଖ ପରିଚାଳନା କରୁଛନ୍ତି।

## ବନ୍ଦର କ୍ୱାଟରରୁ କବାଟ ଝରକା ତାଡ଼ି ନେଲେ



ପାରାଦୀପ,୨।୩(ସମିସ): ପାରାଦୀପ ବନ୍ଦର ସହରାଞ୍ଚଳରେ ମାତିଛି ଭିନ୍ନ ଏକ ଚୋର। ଦିନ ଦ୍ୱିପ୍ରହରରେ ଆଖି ଦେଖାଇ ତାଡ଼ି ନେଉଛି କବାଟ, ଝରକା, ଗ୍ରିଲ। ଯିଏ ପ୍ରତିବାଦ କରୁଛି ତାକୁ ଆକ୍ରମଣ କରିବାକୁ ଗୋଡାଉଛି। ଯଦି କେହି ଏ ନେଇ ପୁଲିସକୁ ଅଭିଯୋଗ କରୁଛି, ତେବେ ପୁଲିସ ପାଖରୁ ଉତ୍ତର ମିଳୁଛି ସେ ଏକ ପାଗଳ। ବାସ୍ ଅଭିଯୋଗ କରିବାକୁ ଯାଇଥିବା ଲୋକଟି ନିଜ କାନମୁଣ୍ଡ ଆଉଁସି ଫେରିବା ସାର ହେଉଛି। ଏହିଭଳି ଘଟଣା ଦେଖିବାକୁ ମିଳିଛି ପାରାଦୀପର ବଡ଼ପଡ଼ିଆ, ନୂଆବଜାର ଅଞ୍ଚଳରେ। ଜଣେ ଯୁବକ ପାରାଦୀପର ବିଭିନ୍ନ ସ୍ଥାନରେ ରହିଥିବା କିଛି ପୁରୁଣା କ୍ୱାଟରରୁ ଦୈନନ୍ଦିନ କବାଟ, ଝରକା ଚୋରି ହୋଇଥିବା ଦେଖିବାକୁ ମିଳିଥିବା ବେଳେ ନୂଆବଜାର ଅଞ୍ଚଳରେ ରହିଥିବା ଏକ ପୁରୁଣା କ୍ୱାଟରରୁ ଦିନ ଦ୍ୱିପ୍ରହରରେ କବାଟ ଝରକା ତାଡୁଥିବା ବେଳେ କିଛି ଲୋକଙ୍କ ନଜରକୁ ଆସିଥିଲା। ଯାହାକୁ ନେଇ କିଛି ଯୁବକ ପାରାଦୀପ ଆଦର୍ଶ ଥାନା ପୁଲିସକୁ ଜଣାଇଥିଲେ ମଧ୍ୟ ସେ ଏକ ପାଗଳ ବୋଲି ପୁଲିସ ତରଫରୁ ଉତ୍ତର ମିଳିବା ପରେ ଯୁବକ ମାନେ ଚୁପ ରହିଥିବା କହିଛନ୍ତି। ଏପରିକି ବିଭିନ୍ନ ଗ୍ୟାରେଜ, ଦୋକାନ, ବଜାର ଅଞ୍ଚଳରେ ବାହାରେ ରହୁଥିବା ଜିନିଷ ବିଶେଷ କରି ଲୌହ ସାମଗ୍ରୀକୁ ଚୋରିକରି ଅନାୟାସରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ନୂଆବଜାର ଅଞ୍ଚଳରେ ଫାଙ୍କା ରହିଥିବା ପୁରୁଣା ବି ଟାଇପ୍ ଘରେ କୌଣସି କ୍ୱାଟରରେ କବାଟ ଝରକା ଓ ଅନାନ୍ୟ ସାମଗ୍ରୀ ନାହିଁ।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର




ଜଗତସିଂହପୁର/ରଘୁନାଥପୁର, ୨।୩(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଉପରିସ୍ଥ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୫୩ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୭ଟି ଏବଂଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୮ ଟି, ଆବାସ ଯୋଜନା ସମ୍ପର୍କୀୟ ୧୦ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୫ଟି, ପୋଲିସ୍ ସହାୟତା ପାଇବା ପାଇଁ ୨ଟି, ପେନସନ ପାଇବା ପାଇଁ ୫ଟି ଏବଂ ଅନ୍ୟାନ୍ୟ ୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥପୁର ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରଘୁନାଥପୁର ରାଜଲକ୍ଷ୍ମୀ ନାୟକ, ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

### ବସୁଧା ଯୋଜନା ଅନିୟମିତତା ପ୍ରତିବାଦ

# ବିଭାଗୀୟ କାର୍ଯ୍ୟାଳୟ ଘେରଉ କଲା କଂଗ୍ରେସ

ଜଗତସିଂହପୁର/ରଘୁନାଥପୁର,୨।୩(ସମିସ):

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ଏବଂ ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକଙ୍କ ଉପସ୍ଥିତିରେ ପାଣି ପାଇପ୍ ବିଛାଇବା ପାଇଁ ଖୋଳାଯାଇଥିବା ରାସ୍ତାର ମରାମତି ଓ ବସୁଧା ଯୋଜନାରେ ହୋଇଥିବା ଅନିୟମିତତାର ପ୍ରତିବାଦ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ସଭାପତିତ୍ୱରେ କଂଗ୍ରେସ କର୍ମୀ ମାନେ ମଦନ ମୋହନ ମଠଠାରୁ ଏକ ଶୋଭାଯାତ୍ରାରେ ରଘୁନାଥପୁର ସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ଘେରଉ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ରଘୁନାଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଣି ପାଇପ ବିଛାଇବା ପାଇଁ ଯେଉଁ ରାସ୍ତା ଖୋଳାଯାଇଥିଲା ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ମରାମତି କରାଯାଇ ପାରିଲାନାହିଁ। ଅନେକ ପଞ୍ଚାୟତରେ ବସୁଧା ଯୋଜନାରେ ହୋଇଥିବା ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ନିମ୍ନମାନର ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ହେଉଥିବା କଂଗ୍ରେସ ନେତୃବୃନ୍ଦ ଉପଖଣ୍ଡ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଉପଖଣ୍ଡ ଅଧିକାରୀଙ୍କୁ ଏକ ନୀରିକ୍ଷଣ ଟିମ୍ ଗଠନ କରି ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ୟର ତୁରନ୍ତ ସମାଧାନ କରାନଗଲେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟି ମୁଖପାତ୍ର ସର୍ବେଶ୍ୱର ପଣ୍ଡା, ସମ୍ପାଦକ ମାନସ ଗୋଚ୍ଛାୟତ, ସମ୍ପାଦିକା ବସନ୍ତ ନାୟକ, କାର୍ଯ୍ୟକାରୀ ସଦସ୍ୟ କାଳନ୍ଦୀ ମହାନ୍ତି, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ପ୍ରତ୍ୟୁଷ ନାୟକ, ନାରାୟଣ ନାୟକ, ବସନ୍ତ ଦାଶ, ବସନ୍ତ ସ୍ୱାଇଁ, ତ୍ରିଲୋଚନ ମହାରଣା, ସୁବାସ ରାଟସିଂହ, ଶିବ ପ୍ରସାଦ ସାହୁ, ପ୍ରଦୀପ ନାୟକ, ପ୍ରତାପ ସ୍ୱାଇଁ, ବିଭୁ ରଞ୍ଜନ ସ୍ୱାଇଁ, ସାରଦା ଜେନା, ପରକ୍ଷିତ ନାୟକ, ସୁଧାଂଶୁ ବିଶ୍ୱାଳ, ବ୍ରଜକିଶୋର ମଲ୍ଲିକ, ଅଜୟ ସ୍ୱାଇଁ, ବରାଗୋଳ ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ, ପୁରୁଣାବସନ୍ତ ସମିତିସଭ୍ୟ ପ୍ରତାପ ସ୍ୱାଇଁ, ସୌମ୍ୟସ୍ୱପ୍ନ ସରିତ ରାଟସିଂ, ତପନ କୁମାର ନାୟକ, ହରେକୃଷ୍ଣ ଖଟୁଆ, ସାଇ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

